# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୫/୨୦୨୧ (୧୬ ପୃଷ୍ଠା) | Bhubaneswar, Thursday, April 15/2021 | ★★★★★★

୪୭ଶ ଭାଗ ୧୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**କ୍ଷମା ମାଗିଲେ କିଙ୍ଗ୍ ଖାନ**

ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଗତ ମ୍ୟାଚରେ ବିଜୟ ଦ୍ୱାରଦେଶରୁ ଫେରିବାକୁ ନେଇ ନିରାଶ ହେବା ସହ ଦଳର ପ୍ରଶଂସକଙ୍କୁ କ୍ଷମା ମାଗିଛନ୍ତି ଶାହାରୁଖ ଖାନ। ୧୪

୧୬ **ଶିଳାନନ୍ଦଙ୍କ ଗୋଲରେ ଭାରତ ବିଜୟୀ**

ବୁଏନ୍ସ ଆରିଜଠାରେ ବୁଧବାର ଅନୁଷ୍ଠିତ ହକି ମ୍ୟାଚରେ ଓଡ଼ିଶାର ଶିଳାନନ୍ଦ ଲାକ୍ରା ଗୋଲ ଦେଇଥିବାବେଳେ ଭାରତ ୪-୨ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି।



# ଇଡ୍‌କୋର ଟାଟା ପ୍ରୀତି



**ଅନିଲ ଦାସ**

**ଭୁବନେଶ୍ୱର, ୧୪।୪**

ଓଡ଼ିଶାରେ ଶିଳ୍ପାୟନ କରାଯାଇ ନିଯୁକ୍ତି ପରିମାଣରେ ବୃଦ୍ଧି କରାଯିବ ବୋଲି ସରକାର ଅନେକ ବର୍ଷ ଧରି କହି ଆସୁଛନ୍ତି । ସେହି ଲକ୍ଷ୍ୟକୁ ହାସଲ କରିବା ପାଇଁ ରାଜ୍ୟର ପାଣିଠାରୁ ଖଣି ପର୍ଯ୍ୟନ୍ତ ସବୁକିଛି ଶିଳ୍ପପତିଙ୍କୁ ଭେଟି ସ୍ୱରୂପ ଦିଆଯାଉଛି। ଏହି କାର୍ଯ୍ୟରେ ଅତ୍ୟଧିକ ସୁବିଧା ଯୋଗାଇ ଦେଉଥିବା ବାବୁମାନଙ୍କ କାର୍ଯ୍ୟକଳାପ ଏବେ ରାଜ୍ୟବାସୀଙ୍କ ଆଶାକୁ ଧ୍ୱଂସକରି ଦେଉଛି। ଅଳ୍ପ ଅର୍ଥରେ ବହୁମୂଲ୍ୟ ଜମିକୁ ଘରୋଇ କମ୍ପାନୀକୁ ଟେକି ଦିଆଯାଉଛି। ନିକଟରେ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି।

ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ଗଞ୍ଜାମ ଜିଲା ଗୋପାଳପୁରଠାରେ ଏକ ଇସ୍ପାତ କାରଖାନା କରିବା ପାଇଁ ୧୯୯୫ ଅଗଷ୍ଟ ୨୮ରେ ଟାଟା କମ୍ପାନୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିଲା। ଚୁକ୍ତି ଅନୁଯାୟୀ ଏହି ପ୍ରକଳ୍ପରେ ୧୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ସହ ରାଜ୍ୟର ୧ ହଜାର ଜଣଙ୍କୁ ନିଯୁକ୍ତି ଦେବା ନେଇ ଟାଟା ପ୍ରତିଶ୍ରୁତି ଦେଇଥିଲା । ଏହି ପ୍ରକଳ୍ପ ସକାଶେ ତତ୍କାଳୀନ ଗଞ୍ଜାମ ଜିଲାପାଳ ୧୯୯୬ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଇଡ୍‌କୋକୁ ୫୩୭.୮୨ ଏକର ସରକାରୀ ଜମି ହସ୍ତାନ୍ତର କରିଥିଲେ। ସର୍ତ୍ତ ଥିଲା ଯଦି ଧାର୍ଯ୍ୟ ପ୍ରକଳ୍ପ ପାଇଁ ଏହି ଜମି ବ୍ୟବହାର ନ ହୁଏ, ତେବେ ତାହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଫେରିଯିବ । ଏଥିପାଇଁ ୬ ମାସ ମଧ୍ୟରେ ଟାଟା କମ୍ପାନୀ ସହ ଇଡ୍‌କୋ ଲିଜ୍ ଚୁକ୍ତି କରିବ। ଲିଜ୍ ଚୁକ୍ତି ନ କରି ଶିଳ୍ପାଞ୍ଚଳ ଭିତ୍ତିଭୂମି ଉନ୍ନୟନ ନିଗମ(ଇଡ୍‌କୋ) ୧୯୯୬ ସେପ୍ଟେମ୍ବରରୁ ୧୯୯୭ ଜାନୁୟାରୀ ମଧ୍ୟରେ ଉକ୍ତ ଜମିକୁ ଏକର ପିଛା ମାତ୍ର ୭୫ ହଜାର ଟଙ୍କାରେ ଟାଟା କମ୍ପାନୀକୁ ହସ୍ତାନ୍ତର କରିଥିଲା। ତେବେ ଦିଆଯାଇଥିବା ସେହି ଜମିକୁ ଟାଟା ନିର୍ଦ୍ଧାରିତ ଲକ୍ଷ୍ୟ ପାଇଁ ବ୍ୟବହାର କରି ନ ଥିଲା। ଦୀର୍ଘ ୬ ବର୍ଷ କାଳ ଜମିକୁ ନିଜ କବ୍‌ଜାରେ ରଖିବା ପରେ ଟାଟା ଇସ୍ପାତ କାରଖାନା ପରିବର୍ତ୍ତେ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ(ଏସ୍‌ଇଜେଡ୍) କରିବାକୁ ୨୦୦୨ ଅଗଷ୍ଟରେ ରାଜ୍ୟ ସରକାରଙ୍କୁ ଆଉ ଏକ ପ୍ରସ୍ତାବ ଦେଇଥିଲା। ଏହି ପ୍ରସ୍ତାବ ପାଇବା ପରେ ୨୦୦୩ରେ ରାଜ୍ୟ ସରକାର ଇସ୍ପାତ କାରଖାନା ପାଇଁ ହୋଇଥିବା ଚୁକ୍ତିକୁ ବାତିଲ କରିଥିଲେ। ଆଶ୍ଚର୍ଯ୍ୟର କଥା ଯେ ଏତେଦିନ ଯାଏ ଜମି ଅବ୍ୟବହୃତ ହୋଇ ପଡ଼ିଥିଲେ ମଧ୍ୟ ଇଡ୍‌କୋ କର୍ତ୍ତୃପକ୍ଷ ଟାଟା ଉପରେ କୌଣସି ଚାପ ପକାଇ ନ ଥିଲେ। ଅନ୍ୟପକ୍ଷରେ ପୂର୍ବ ଚୁକ୍ତି ଅନୁଯାୟୀ ଟାଟାକୁ ଦିଆଯାଇଥିବା ଜମିକୁ ମଧ୍ୟ ଫେରାଇ ଆଣିବାକୁ ସାହସ କରି ନ ଥିଲେ। ମୂଳ ଚୁକ୍ତି ଅନୁଯାୟୀ ଉକ୍ତ ଜମି ରାଜସ୍ୱ ବିଭାଗକୁ ଫେରିବା କଥା, ମାତ୍ର ତାହା କରାଗଲା ନାହିଁ। ଇଡ୍‌କୋ ମୁଖ୍ୟ ଏଥିପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଟାଟାର ବୋଲକରା ଭାବରେ ଇଡ୍‌କୋ ସବୁ ଅନିୟମିତତାରେ ସକ୍ରିୟ ସହଯୋଗୀ ହୋଇଯାଇଛି। ଟାଟା ଏବେ ମଧ୍ୟ ଜମିକୁ କେଉଁଭଳି ଭାବେ ବ୍ୟବହାର କରିବ ତା'ର ଉଦ୍ଦେଶ୍ୟ ଜଣାଉନାହିଁ। ସିଏଜି ରିପୋର୍ଟ ଅନୁଯାୟୀ ସେହି ଜମି ଦର ଏକର ପିଛା ୨ରୁ ୪ ଲକ୍ଷରେ ପହଞ୍ଚିଥିବା ବେଳେ ଇଡ୍‌କୋ ୨୦୧୪ ଡିସେମ୍ବରରୁ ୨୦୧୮ ଜାନୁୟାରୀ ମଧ୍ୟରେ ସେହି ପୁରୁଣା ଦର(ଏକର ପିଛା ୭୫ ହଜାର ଟଙ୍କା)ରେ ଟାଟାକୁ ବିକ୍ରି କରିଛି। ଫଳରେ ରାଜ୍ୟ ସରକାରଙ୍କ ୧୫.୬୫ କୋଟି ଟଙ୍କା କ୍ଷତି ହୋଇଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ଇଡ୍‌କୋ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି।

ଟାଟା ଭଳି ଘରୋଇ କମ୍ପାନୀକୁ ଯେତେବେଳେ ଲାଭ ମିଳେ ସେଥିରୁ ଅଧାରୁ ଅଧିକ ବାବୁମାନଙ୍କୁ ପ୍ରଦାନ କରାଯାଏ ବୋଲି କମ୍ପାନୀର ଜଣେ ଅଧିକାରୀ ଧରିତ୍ରୀକୁ କହିଛନ୍ତି ।

# ପିପିଲି ଉପନିର୍ବାଚନ ସ୍ଥଗିତ

## ଭୋଟ୍ ପୂର୍ବରୁ ଅଜିତଙ୍କ ପରଲୋକ

- ୮ ଦିନ ଚିକିତ୍ସା ପରେ ଶେଷ ନିଃଶ୍ୱାସ ତ୍ୟାଗକଲେ
- କୋଭିଡ୍ ନିମୋନିଆ ସାଜିଲା କାଳ
- ଶୋକବ୍ୟକ୍ତ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ
- କୋଭିଡ୍ ନିୟମରେ ଅନ୍ତିମ ସଂସ୍କାର
- ଆଜି କଂଗ୍ରେସ ଭବନରେ ଶୋକସଭା



ଅଜିତ ମଙ୍ଗରାଜ

**ଭୁବନେଶ୍ୱର, (ବ୍ୟୁରୋ)/ ପୁରୀ ଅଫିସ୍, ୧୪।୪**

ଶେଷରେ ଥମିଯାଇଛି ବହୁ ପ୍ରତୀକ୍ଷିତ ପିପିଲି ଉପନିର୍ବାଚନର ହାଇପ୍ରୋଫାଇଲ୍ ପ୍ରଚାର। ଭୋଟ ଗ୍ରହଣର ୩ ଦିନ ପୂର୍ବରୁ ଚର୍ଚ୍ଚିତ ଆସନର ମତଦାନକୁ ସ୍ଥଗିତ ରଖାଯାଇଛି। କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ଅକାଳ ବିୟୋଗ ପରେ ପୁରୀ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ପ୍ରଦୀପ କୁମାର ସାହୁ ଉପନିର୍ବାଚନ ସ୍ଥଗିତ ରଖାଯିବା ନେଇ ବୁଧବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ସ୍ଥଗିତ ସମ୍ପର୍କିତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | **ଘାତକ କୋଲେଷ୍ଟ୍ରଲ**

# ସିବିଏସ୍‌ଇ ଦଶମ ପରୀକ୍ଷା ବାତିଲ

**ନୂଆଦିଲ୍ଲୀ, ୧୪।୪**

ଦେଶବ୍ୟାପୀ କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ସିବିଏସ୍‌ଇ(କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ) ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ କରିବାକୁ କେନ୍ଦ୍ର ସରକାର ବୁଧବାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଓ ଉଚ୍ଚ ପଦାଧିକାରୀମାନଙ୍କ ବୈଠକ ପରେ

## ଦ୍ୱାଦଶ ବୋର୍ଡ ପରୀକ୍ଷା ସ୍ଥଗିତ



ଉପରୋକ୍ତ ଘୋଷଣା କରାଯାଇଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ପରୀକ୍ଷା ନିଷ୍ପତ୍ତିର ପୁନର୍ବିଚାର କରିବା ଲାଗି ଅଭିଭାବକ, ଛାତ୍ରୀଛାତ୍ର, ରାଜନେତା ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ବୁଧବାର ଘୋଷଣା ଫଳରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରଭାବିତ ହେବେ। ଦ୍ୱାଦଶ ବୋର୍ଡ ପରୀକ୍ଷା ମେ' ୪ରୁ ଜୁନ୍ ୧୪ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ ସ୍ଥଗିତ ରଖାଯାଇଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିଶଙ୍କ ଟୁଇଟ୍ କରିଛନ୍ତି। ପରବର୍ତ୍ତୀ ପରୀକ୍ଷା କାର୍ଯ୍ୟସୂଚୀ ସମ୍ପର୍କରେ ଜୁନ୍ ୧ରେ ☞ପୃଷ୍ଠା-୪

# ହାଇଦର ଖସିଲେ, ଅଯୋଗ୍ୟ ବସିଛନ୍ତି ମୁଣ୍ଡରେ

**ଓଁକାର ମିଶ୍ର**

**ଭୁବନେଶ୍ୱର, ୧୪।୪**

ମହାରାଷ୍ଟ୍ର, ତାମିଲନାଡୁ, ବିହାର ଭଳି ଓଡ଼ିଶାରେ ବହୁ କୁଖ୍ୟାତ ଅପରାଧୀ ନାହାନ୍ତି। ଆମ ରାଜ୍ୟରେ ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ମାତ୍ର ହାତଗଣତି ୮ରୁ ୧୦ଜଣ କୁଖ୍ୟାତ ଅପରାଧୀ ଅଛନ୍ତି। ସେମାନଙ୍କ ଆପରାଧିକ କାର୍ଯ୍ୟକଳାପ ରୋକିବାକୁ ରାଜ୍ୟରେ ୨୦୧୨ରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗଠନ କରାଯାଇଥିଲା। ଲକ୍ଷ୍ୟ ଥିଲା ରାଜ୍ୟରେ ଘଟୁଥିବା ସଂଗଠିତ ଅପରାଧକୁ ରୋକିବା। ହେଲେ କେତେଜଣ ଲୋକଙ୍କୁ ନଜରରେ ରଖିବାରେ ଏସ୍‌ଟିଏଫ୍ ବିଫଳ ହୋଇଛି। କଟକ ବଡ଼ ଡାକ୍ତରଖାନାରୁ ଶେଖ୍ ହାଇଦର ଫେରାର ହେବା ଘଟଣାରୁ ଏହା ସ୍ପଷ୍ଟ ହେଉଛି ଯେ, ଏସ୍‌ଟିଏଫ୍ ଏନେଇ କୌଣସି ଗୁରୁତ୍ୱ ଦେଉ ନାହିଁ। କେବଳ ତଳତଳିଆ କନଷ୍ଟେବଲଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ବଡ଼ବଡ଼ିଆ ଅଧିକାରୀ ଖସି ଯାଉଛନ୍ତି। ଗତ ଜାନୁୟାରୀରୁ ମାର୍ଚ୍ଚ ୨୩ ମଧ୍ୟରେ ସମ୍ବଲପୁରରୁ ହାଇଦର ୩ଥର ଏସ୍‌ସିବିକୁ ଚିକିତ୍ସା ପାଇଁ ଆସିଥିଲେ। ହେଲେ ଏନେଇ ଏସ୍‌ସିବି ମେଡିକାଲ ପରିସରରେ ଥିବା ଫାଣ୍ଡିକୁ କୌଣସି ସୂଚନା ଦିଆଯାଇ ନାହିଁ କିମ୍ବା ହସ୍ପିଟାଲ ନିକଟରେ ଥିବା ମଙ୍ଗଳାବାଗ ଥାନା ଅଧିକାରୀଙ୍କ ପାଖରେ ମଧ୍ୟ କିଛି ଖବର ନ ଥିଲା। ଏଠାରେ ପ୍ରଶ୍ନ ଉଠୁଛି, ଏସ୍‌ସିବି ପରିସରରେ ଫାଣ୍ଡି ଖୋଲାଯିବାର ଉଦ୍ଦେଶ୍ୟ କ'ଣ ରହିଲା। ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜଙ୍କୁ ଏନେଇ ପଚାରିବାରେ କହୁଛନ୍ତି, ହାଇଦର ଖସିପଳାଇବା ଘଟଣା ତାଙ୍କ କାର୍ଯ୍ୟକ୍ଷେତ୍ରର ବାହାରେ। ଏଥିପାଇଁ ଜେଲ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୋଲିସ ଦାୟୀ। ଅନ୍ୟ ସଂଗଠିତ ଅପରାଧ ଉପରେ ଏସ୍‌ଟିଏଫ୍‌ର ନଜର ରହିଛି ବୋଲି କହିଛନ୍ତି। ହେଲେ ବାସ୍ତବରେ ହାଇଦର ଭଳି କୁଖ୍ୟାତ ଅପରାଧୀଙ୍କ ସମସ୍ତ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ଏସ୍‌ଟିଏଫ୍ ଗଠନର ମୂଳ ଲକ୍ଷ୍ୟ। ଏସ୍‌ଟିଏଫ୍ ଏହାର କାର୍ଯ୍ୟ ଠିକ୍‌ଭାବେ କରୁ ନ ଥିବାରୁ କେବଳ ହାଇଦର ଫେରାର ଘଟଣା ନୁହେଁ, ରାଜ୍ୟରେ ଡି' ବ୍ରଦର୍ସ, ମହମ୍ମଦ ସକିଲ, ଟିଟୋଙ୍କ ଭଳି କୁଖ୍ୟାତ ଅପରାଧୀ ଜେଲରେ ଥାଇ ସୁଦ୍ଧା ସେମାନଙ୍କ ଆପରାଧିକ କାର୍ଯ୍ୟକଳାପକୁ ବିନା ବାଧାରେ ଚଳାଇ ପାରୁଛନ୍ତି। ସେମାନଙ୍କ ଇଙ୍ଗିତରେ ରାଜ୍ୟର ବିଭିନ୍ନ ସ୍ଥାନରେ ହତ୍ୟା, ଦାଦାବଟି, ଟେଣ୍ଡର ଫିକ୍ସିଂ, ଚୋରା ବନ୍ଧୁକ କାରବାର, ନିଶାଦ୍ରବ୍ୟ ଚାଲାଣ ଆଦି ଅପରାଧ ☞ପୃଷ୍ଠା-୪






ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ



ଶେଖ୍ ହାଇଦର




**ହସ୍ପିଟାଲରୁ ୩୨୦ ଡୋଜ୍ ଟିକା ଚୋରି**

ରାଜସ୍ଥାନର ଜୟପୁରସ୍ଥିତ କନ୍ୱାଟିୟା ହସ୍ପିଟାଲରୁ ବୁଧବାର ୩୨୦ ଡୋଜ୍ କୋଭାକ୍ସିନ ଟିକା ଚୋରି ହୋଇଯାଇଛି। କୋଲ୍ଡ ଷ୍ଟୋରେଜ୍‌ରୁ ଏହି ଭାକ୍ସିନ୍‌କୁ ଟିକାକରଣ କେନ୍ଦ୍ରକୁ ନେଲାବେଳେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏତଲା ଦାଏର ହୋଇଛି। ଘଟଣାର ତଦନ୍ତ କରାଯାଉଥିବା ମୁଖ୍ୟ ମେଡିକାଲ ଅଫିସର ନରୋତ୍ତମ ଶର୍ମା କହିଛନ୍ତି। ରାଜ୍ୟରେ କୋଭିଡ୍ ଟିକା ନିଅଣ୍ଟକୁ ନେଇ ଗତ ସପ୍ତାହରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କେନ୍ଦ୍ରକୁ ସମାଲୋଚନା କରିଥିଲେ।

## ସଂକ୍ଷେପରେ

### ଅଭିନେତ୍ରୀ ପର୍ଣ୍ଣୋ ମିତ୍ରଙ୍କ ଗାଡ଼ିକୁ ଆକ୍ରମଣ



**ବାରନଗର, ୧୪।୪:** ଭାଜପା ନେତ୍ରୀ ତଥା ପଶ୍ଚିମବଙ୍ଗର ଜଣାଶୁଣା ଅଭିନେତ୍ରୀ ପର୍ଣ୍ଣୋ ମିତ୍ରଙ୍କ ଗାଡ଼ି ଉପରେ ବୁଧବାର ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ବାରନଗରରୁ ପ୍ରାର୍ଥୀ ହୋଇଥିବା ପର୍ଣ୍ଣୋ ନିର୍ବାଚନୀ ପ୍ରଚାର କରୁଥିବାବେଳେ ଟିଏମ୍‌ସି କର୍ମୀମାନେ ତାଙ୍କ ଗାଡ଼ି ଉପରେ ଆକ୍ରମଣ କରିଥିବା ସେ କହିଛନ୍ତି। ଏ ନେଇ ଭାଜପା ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି।

### ଇସିଙ୍କ କାର୍ଯ୍ୟାନୁଷ୍ଠାନ ବେଆଇନ: ଟିଏମ୍‌ସି

**କୋଲକାତା, ୧୪।୪:** ନିର୍ବାଚନ କମିଶନ (ଇସି) ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିରୋଧରେ ଏହାର କାର୍ଯ୍ୟାନୁଷ୍ଠାନ ବେଆଇନ ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ବୁଧବାର ଟିଏମ୍‌ସି ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ଏହା ଜଣାଇଛି। ଟିଏମ୍‌ସି ଏବଂ ଭାଜପାର ଅଭିଯୋଗ ଉପରେ ନିର୍ବାଚନ ଆୟୋଗ ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ଦୁଇ ପୃଷ୍ଠାର ପତ୍ରରେ ମମତା ବାନାର୍ଜୀଙ୍କ ଦଳ ଅଭିଯୋଗ କରିଛି। ସମ୍ବିଧାନ ଅନୁଯାୟୀ ନିର୍ବାଚନ କମିଶନ ଏକ ସ୍ୱାଧୀନ ତଥା ନିରପେକ୍ଷ ଅନୁଷ୍ଠାନ। ତେବେ ପଶ୍ଚିମବଙ୍ଗରେ ଏହାର କାର୍ଯ୍ୟ କରିବାର ଢଙ୍ଗ ନିନ୍ଦନୀୟ ବୋଲି ଟିଏମ୍‌ସି କହିଛି। ଚଳିତ ନିର୍ବାଚନରେ ଏହା ପକ୍ଷପାତ ମନୋବୃତ୍ତି ପୋଷଣ କରିବା ସହ ଭାଜପା ସପକ୍ଷରେ ନିଷ୍ପତ୍ତି ନେଉଛି। ଇସିଙ୍କ ଏଭଳି ବେଆଇନ କାର୍ଯ୍ୟର ଉପଯୁକ୍ତ ଜବାବ ପଶ୍ଚିମବଙ୍ଗର ଜନସାଧାରଣ ଦେବେ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି।

### ପୂର୍ବତନ ଇସି କ୍ରିଷ୍ଣମୂର୍ତ୍ତିଙ୍କ ପରଲୋକ



**ନୂଆଦିଲ୍ଲୀ, ୧୪।୪:** ପୂର୍ବତନ ନିର୍ବାଚନ କମିଶନର (ଇସି) ଜି.ଭି.ଜି. କ୍ରିଷ୍ଣମୂର୍ତ୍ତିଙ୍କର ବୁଧବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଭାରତୀୟ ଆଇନ ସେବା ଅଧିକାରୀ କ୍ରିଷ୍ଣମୂର୍ତ୍ତି ୧୯୯୩ ଅକ୍ଟୋବରରେ ନିର୍ବାଚନ କମିଶନର ଭାବେ ନିଯୁକ୍ତ ହୋଇଥିଲେ। ଲୋଧି ରୋଡ଼ସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ହାଇତି ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



**ପୋର୍ଟ- ଅଉ-ପ୍ରିନ୍ସ, ୧୪।୪ :** ହାଇତି ପ୍ରଧାନମନ୍ତ୍ରୀ ଯୋସେଫ୍ ଜୌଟ୍ ତାଙ୍କ ପଦରୁ ଇସ୍ତଫା ଦେଇଥିବା ବୁଧବାର ଘୋଷଣା କରିଛନ୍ତି। ଦେଶରେ ଅପହରଣ, ହତ୍ୟାକାଣ୍ଡ ଅନିୟନ୍ତ୍ରିତ ଭାବେ ବଢ଼ି ଚାଲିଥିବାବେଳେ ଏହି କାରଣରୁ ସେ ତାଙ୍କ ପଦ ଛାଡ଼ିଥିବା କୁହାଯାଉଛି। ତେବେ ଇସ୍ତଫାପତ୍ରରେ ସେ କୌଣସି ନିର୍ଦ୍ଦିଷ୍ଟ କାରଣ ଉଲ୍ଲେଖ କରିନାହାନ୍ତି। ମାର୍ଚ୍ଚ ୨୦୨୦ରେ ଯୋସେଫ ହାଇତି ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ। ପୂର୍ବରୁ ମଧ୍ୟ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ ହେଁ ରାଷ୍ଟ୍ରପତି ଜୋଭେନେଲ ମୌସେ ତାହାକୁ ଅନୁମୋଦନ କରି ନ ଥିଲେ। ଜୌଟ୍‌ଙ୍କ ପରେ ରାଷ୍ଟ୍ରପତି ନୂଆ ପ୍ରଧାନମନ୍ତ୍ରୀ ଭାବେ କ୍ଲାଉଡ୍ ଯୋସେଫଙ୍କୁ ମନୋନୀତ କରିଛନ୍ତି।

# ମହାରାଷ୍ଟ୍ର ରାସ୍ତାରେ ୟୁପି, ଛତିଶଗଡ଼

## ଦେଶରେ ୧,୮୪,୩୭୨ ଛୁଇଁଲା ଦୈନିକ ସଂକ୍ରମଣ

**ମୁମ୍ବାଇ/ନୂଆଦିଲ୍ଲୀ,୧୪।୪**



କରୋନା ଭାଇରସ୍ ପୁଣି ଭାଙ୍ଗିଛି ନୂଆ ମାମଲାର ଦୈନିକ ରେକର୍ଡ। ଭାରତରେ ଦୈନିକ ସଂକ୍ରମଣ ୧,୮୪,୩୭୨ ଛୁଇଁଛି। ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୩୮,୭୩,୮୨୫ରେ ପହଞ୍ଚିଛି। ଏହାସହ ସକ୍ରିୟ ମାମଲା ୧୩ ଲକ୍ଷ ଟପିଛି। ବୁଧବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମହାରାଷ୍ଟ୍ରରେ କ୍ରମବର୍ଦ୍ଧିଷ୍ଣୁ ସଂକ୍ରମିତଙ୍କ ସଂଖ୍ୟାକୁ ଦେଖି ମହାବିକାଶ ଅଘାଡ଼ି ସରକାର ବୁଧବାର ରାତି ୮ଟାରୁ ୧୫ ଦିନିଆ 'ଜନତା କର୍ଫ୍ୟୁ' ଜାରି କରିଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ କୋଭିଡ୍ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ମହାରାଷ୍ଟ୍ର ପରେ ସଂକ୍ରମଣରେ ଉତ୍ତରପ୍ରଦେଶ (ୟୁପି) ଆଗରେ ଥିବାବେଳେ ମୃତ୍ୟୁସଂଖ୍ୟାରେ ଛତିଶଗଡ଼ ଆଗୁଆ ରହିଛି। ଏହି ଦୁଇ ରାଜ୍ୟ ସମେତ କର୍ଣ୍ଣାଟକ ଓ କେରଳ ମଧ୍ୟ ଚିନ୍ତାବୃଦ୍ଧିର କାରଣ ପାଲଟିଛି। ଦେଶରେ ଗତ ୨୪ ଘଣ୍ଟାରେ ୧,୦୧,୦୦୬ ସକ୍ରିୟ ମାମଲା ବୃଦ୍ଧିପାଇ ୧୩,୬୫,୭୦୪ରେ ପହଞ୍ଚିଛି, ଯାହାକି ମୋଟ ସଂକ୍ରମିତ ସଂଖ୍ୟାର ୯.୮୪%। ସକ୍ରିୟ ମାମଲାର ୬୮.୧୬% କେବଳ ଏହି ୫ ରାଜ୍ୟରେ ରହିଛି। ମହାରାଷ୍ଟ୍ରରେ (୫,୬୬,୨୭୮), ଛତିଶଗଡ଼ (୯୮,୮୫୬), ଉତ୍ତରପ୍ରଦେଶ (୮୧,୫୭୬), କର୍ଣ୍ଣାଟକ (୭୬,୦୦୪) ଓ କେରଳ (୪୭,୯୧୪) ରହିଛି। ଦୈନିକ ସଂକ୍ରମଣକୁ ଦେଖିଲେ ମହାରାଷ୍ଟ୍ର (୬୦,୨୧୨) ପଛକୁ ୟୁପି (୧୭,୯୬୩) ଓ ଛତିଶଗଡ଼ (୧୫,୧୨୧) ରହିଛି। ଇତିମଧ୍ୟରେ କୋଭିଡ୍-୧୯ ମୁକାବିଲା କ୍ଷେତ୍ରରେ ଭାରତକୁ ଆଉ ଏକ ସଫଳତା ମିଳିଛି। ଦେଶରେ ବୁଧବାର ସୁଦ୍ଧା ୨୬ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୪,୧୧,୭୫୮ ଜଣଙ୍କ ପରୀକ୍ଷା କରାଯାଇଛି। ଦୈନିକ ପରୀକ୍ଷା କ୍ଷମତା ୧୫ ଲକ୍ଷକୁ ବୃଦ୍ଧି କରାଯାଇଥିବା ମନ୍ତ୍ରଣାଳୟ କହିଛି। ସେହିପରି ଭାରତରେ ୨୪ ଘଣ୍ଟାରେ ୮୨,୩୩୯ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଏହାକୁ ମିଶାଇ ଦେଶର ମୋଟ ଆରୋଗ୍ୟଙ୍କ ସଂଖ୍ୟା ୧,୨୩,୩୬,୦୩୬ରେ ପହଞ୍ଚିଛି। ଦୁଃଖର କଥା ହେଉଛି ଦିନକରେ ୧,୦୨୭ ସଂକ୍ରମିତଙ୍କ ଜୀବନ ନେଇଛି କରୋନା ମହାମାରୀ। ମୃତକଙ୍କ ମଧ୍ୟରୁ ୮୬.୦୮% କେବଳ ୧୦ ରାଜ୍ୟର। ମହାରାଷ୍ଟ୍ରରେ ସର୍ବାଧିକ ୨୮୧ ଜଣଙ୍କ ଜୀବନ ଯାଇଥିବାବେଳେ ଛତିଶଗଡ଼ରେ ୧୫୬ ସଂକ୍ରମିତ ପ୍ରାଣ ହରାଇଛନ୍ତି। ଅନ୍ୟପକ୍ଷେ ବୁଧବାର ସୁଦ୍ଧା ଦେଶର ୧୧ କୋଟି ଲୋକଙ୍କୁ ଟିକା ଦିଆଯାଇଛି। ଏହାର ୬୦.୧୬% କେବଳ ମହାରାଷ୍ଟ୍ର, ରାଜସ୍ଥାନ, ୟୁପି, ଗୁଜରାଟ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ କେରଳରେ ଦିଆଯାଇଛି।



## ୩ ରାଜ୍ୟରେ ଅକ୍ସିଜେନ ସଙ୍କଟ

ସାରା ଦେଶ ପାଇଁ ଚିନ୍ତାର କାରଣ ସାଜିଥିବା ସବୁଠୁ ଧନୀ ରାଜ୍ୟ ମହାରାଷ୍ଟ୍ରରେ ଏବେ ମେଡିକାଲ୍ ଗ୍ରେଡ୍ ଅକ୍ସିଜେନ ସଙ୍କଟ ଦେଖାଦେଇଛି। କୋଭିଡ୍-୧୯ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ଅକ୍ସିଜେନ ଜରୁରୀ ହୋଇପଡ଼ିଛି। କେନ୍ଦ୍ର ସରକାର ବାୟୁସେନା ସହାୟତାରେ ଆକ୍ରାନ୍ତଙ୍କ ପାଇଁ ଅକ୍ସିଜେନ ପଠାନ୍ତୁ ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଅନୁରୋଧ କରିଥିଲେ। ଅକ୍ସିଜେନ ପାଇଁ ମହାରାଷ୍ଟ୍ର ସରକାର ଛତିଶଗଡ଼, ମଧ୍ୟପ୍ରଦେଶ ଓ ଗୁଜରାଟକୁ ମଧ୍ୟ ଅନୁରୋଧ କରିଥିଲେ। କିନ୍ତୁ ପଡ଼ୋଶୀ ରାଜ୍ୟଗୁଡ଼ିକର ଅବସ୍ଥା ମଧ୍ୟ ଭଲ ନ ଥିବାରୁ ଅକ୍ସିଜେନ ଦେବାକୁ ସେମାନେ ମନା କରିଦେଇଥିଲେ। ତେଣୁ ଏବେ ଅକ୍ସିଜେନ ଅପଚୟ ରୋକିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ମହାରାଷ୍ଟ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ ବୁଧବାର ପ୍ରକାଶ କରିଛନ୍ତି। ମହାରାଷ୍ଟ୍ର ଦୈନିକ ୧,୨୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଉତ୍ପାଦନ କରୁଛି, ଯାହାକି କରୋନା ରୋଗୀଙ୍କ ଚିକିତ୍ସାରେ ବ୍ୟବହୃତ ହେଉଛି। ଦୈନିକ ଚାହିଦା ୧୫୦୦ରୁ ୧୬୦୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇବ ବୋଲି ଖାଦ୍ୟ ଓ ଡ୍ରଗ୍ ପ୍ରଶାସନ ମନ୍ତ୍ରୀ ରାଜେନ୍ଦ୍ର ସିନ୍‌ଗ୍ନେ କହିଛନ୍ତି। ସେହିପରି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ରାଜ୍ୟରେ କୋଭିଡ୍ ରୋଗୀଙ୍କ ଚିକିତ୍ସା ଲାଗି ଆବଶ୍ୟକ ଅକ୍ସିଜେନ ପରିବହନ ପାଇଁ ରେଲୱେକୁ ଅନୁରୋଧ କରିଛନ୍ତି।

## ଜେସିବି ଖୋଳୁଛି କବର




କୋଭିଡ୍-୧୯ ଭୂତାଣୁର ଦ୍ୱିତୀୟ ଲହର ସୁରଟକୁ ଗୁଜରାଟର ଏପିସେଣ୍ଟରରେ ପରିଣତ କରିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ ମଙ୍ଗଳବାର ୨୨ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କିନ୍ତୁ ସ୍ଥାନୀୟ ଅଧିକାରୀ ଓ ଅନ୍ୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ପ୍ରକୃତ ମୃତ୍ୟୁ ସଂଖ୍ୟା ଅଧିକ। ସୁରଟ ସ୍ଥିତି ଏପରି ହୋଇଛି ଯେ ରୋଗୀଙ୍କ ମୃତଦେହ ପୋତିବା ପାଇଁ ଲୋକେ କବର ଖୋଳିପାରୁ ନାହାନ୍ତି। ଫଳରେ ଜେସିବି ମେଶିନରେ ସମାଧି ପାଇଁ ଗାତ ଖୋଳି ରଖାଯାଉଛି। ପରେ ମୃତଦେହଗୁଡ଼ିକୁ ସେଠାକୁ ଅଣାଯାଉଛି। ମହାନଗର ନିଗମ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳିତ ଶ୍ମଶାନଗୁଡ଼ିକରେ ୨୪ ଘଣ୍ଟା ଶେଷକୃତ୍ୟ ସମ୍ପନ୍ନ କରାଯାଉଛି। ଆମେ ପୂର୍ବରୁ ଦିନକୁ ୩୦ ମୃତଦେହ ଦାହ କରୁଥିଲୁ। କିନ୍ତୁ ଏବେ ଏହି ସଂଖ୍ୟା ୯୫କୁ ଛୁଇଁଲାଣି ବୋଲି ଏକ ଶବଦାହ ସ୍ଥଳର ମ୍ୟାନେଜର ପ୍ରଶାନ୍ତ କବ୍ରାୱାଲା କହିଛନ୍ତି।

### ମୃତ୍ୟୁସଂଖ୍ୟା ଲୁଚାଉଛି ମଧ୍ୟପ୍ରଦେଶ

ମଧ୍ୟପ୍ରଦେଶ ରାଜଧାନୀ ଭୋପାଳସ୍ଥିତ ଭଡଭଡା ଶ୍ମଶାନରେ ଶବଦାହ ଶେଷ ହେଉନାହିଁ। ରାସ୍ତାକଡ଼ ଆମ୍ବୁଲାନ୍ସରେ ଧାଡ଼ି ଧାଡ଼ି କରି ରଖାଯାଇଛି ମୃତଦେହଗୁଡ଼ିକୁ। ଦିନକୁ ୫୦ରୁ ଊର୍ଦ୍ଧ୍ୱ ଶବ ଆସୁଥିବାରୁ ସତ୍କାର ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଲୋକଙ୍କ ମନରେ ୧୯୮୪ ଭୋପାଳ ଗ୍ୟାସ୍ ଟ୍ରାଜେଡିର ସ୍ମୃତି ଉଜ୍ଜୀବିତ ହୋଇଯାଉଛି। ନିଜ ଭାଇଙ୍କ ମୃତଦେହ ନେଇ ଆସିଥିବା ବି.ଏନ୍. ପାଣ୍ଡେ ସେତେବେଳର ସ୍ମୃତିକୁ ମନେପକାଇ କହିଛନ୍ତି, ମୁଁ ନବମ ଶ୍ରେଣୀରେ ପଢୁଥିଲି। ଗ୍ୟାସ୍ ଟ୍ରାଜେଡି ପରେ ଏପରି ଦୃଶ୍ୟ ଦେଖି ନ ଥିଲି। ଇତିମଧ୍ୟରେ ଶିବରାଜ ସିଂ ଚୌହାନ ସରକାର କୋଭିଡ୍-୧୯ ସଂକ୍ରମିତଙ୍କ ପ୍ରକୃତ ମୃତ୍ୟୁସଂଖ୍ୟା ଲୁଚାଉଥିବା ଅଭିଯୋଗ ଆସିବାରେ ଲାଗିଛି।

## ୟୁପିରେ ଲାଗିପାରେ ସମ୍ପୂର୍ଣ୍ଣ ଲକ୍‌ଡାଉନ

ୟୁପିରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୨-୩ ସପ୍ତାହ ପାଇଁ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଜାରି କରିବା ପାଇଁ ଆହ୍ଲାବାଦ ହାଇକୋର୍ଟ ଯୋଗୀ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଅଯୋଧ୍ୟାକୁ ଯିବା ପାଇଁ ଚାହୁଁଥିବା ଶ୍ରଦ୍ଧାଳୁଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଥିବା ଜରୁରୀ। ଅଯୋଧ୍ୟା ସୀମା ସିଲ୍ କରାଯିବ। ଏପ୍ରିଲ ୨୧ ରାମନବମୀ ଦିନ ରାମ ଜନ୍ମଭୂମିରେ କୌଣସି ଧର୍ମୀୟ ସମାଗମକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲାପାଳ ଅନୁଜ ଝା କହିଛନ୍ତି। ବାରାଣସୀ ଡିଭିଜନାଲ କମିଶନର ଦୀପକ ଅଗ୍ରୱାଲ ସମସ୍ତ ଭକ୍ତ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଚଳିତ ମାସ ଶେଷ ଯାଏ ଏହି ପବିତ୍ର ସହରକୁ ନ ଆସିବା ପାଇଁ ଅନୁରୋଧ କରିଛନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପ୍ରକାଶ ଯେ ଯୋଗୀ ପଶ୍ଚିମବଙ୍ଗ ଯାଇ ଭାଜପା ପାଇଁ ଧୂଆଁଧାର ପ୍ରଚାର ଚଳାଇଥିଲେ।

### କେରଳରେ ପଜିଟିଭ୍ ହାର ୧୩.୪୫%

କେରଳରେ ବୁଧବାର ନୂଆ ୮,୭୭୮ ମାମଲା ସାମ୍ନାକୁ ଆସିଛି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ୪୧ ଜଣ ସ୍ୱାସ୍ଥ୍ୟକର୍ମୀ। ଏହାସହ ରାଜ୍ୟରେ ପଜିଟିଭିଟି ରେଟ୍ ୧୩.୪୫%କୁ ବଢ଼ିଛି। ଏର୍ନାକୁଲମ୍, କୋଝିକୋଡ୍, ମଲ୍ଲାପୁରମ୍, କୋଟ୍ଟାୟମ୍ ଓ କନ୍ନୁରରେ ସର୍ବାଧିକ ସଂକ୍ରମିତ ରହିଥିବା ଜଣାପଡ଼ିଛି। ସେହିପରି ୨୪ ଘଣ୍ଟା ମଧ୍ୟରେ ୨୨ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ରାଜ୍ୟର ମୋଟ ମୃତ୍ୟୁ ସଂଖ୍ୟା ୪,୮୩୬ ଛୁଇଁଛି।

### କର୍ଣ୍ଣାଟକରେ ୧୩,୦୦୦ ଟପିଲା ମୃତ୍ୟୁସଂଖ୍ୟା

କର୍ଣ୍ଣାଟକରେ ମଙ୍ଗଳବାର ୮,୭୭୮ ନୂଆ ମାମଲା ସହ ୬୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଫଳରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦,୮୩,୬୪୭ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୧୩,୦୦୦ ଟପିଛି। ସକ୍ରିୟ ମାମଲା ସଂଖ୍ୟା ୭୮,୬୧୭ରେ ପହଞ୍ଚିଥିବାବେଳେ ୪୭୪ ଜଣ ଆଇସିୟୁରେ ଅଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ରାଜ୍ୟର ମୋଟ ସଂକ୍ରମିତଙ୍କ ମଧ୍ୟରୁ ୬୦% କେବଳ ବେଙ୍ଗାଲୁରୁରେ ଥିବା ଜଣାପଡ଼ିଛି।

## କୋଭିଡ୍‌ରେ ଅବସରପ୍ରାପ୍ତ ଯବାନଙ୍କ ମୃତ୍ୟୁ

**ପାଟନା, ୧୪।୪**

**ମନ୍ତ୍ରୀଙ୍କ ଗସ୍ତ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ବ୍ୟସ୍ତ**

ବିହାରର ନାଳନ୍ଦା ମେଡିକାଲ କଲେଜ ଓ ହସ୍ପିଟାଲ (ଏନ୍‌ଏମ୍‌ସିଏଚ୍)କୁ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳ ପାଣ୍ଡେ ଗସ୍ତରେ ଆସିବାକୁ ଥିବାରୁ କର୍ମଚାରୀମାନେ ପ୍ରସ୍ତୁତିରେ ବ୍ୟସ୍ତ ଥିଲେ। ଫଳରେ କରୋନା ସଂକ୍ରମିତ ଜଣେ ଅବସରପ୍ରାପ୍ତ ଯବାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇପାରିଲା ନାହିଁ। ସେ ଆସିଥିବା ଗାଡ଼ିରେ ଦୀର୍ଘ ଦେଢ଼ ଘଣ୍ଟା ଅପେକ୍ଷା କରିବା ପରେ ଶେଷରେ ଆଖିବୁଜିଥିଲେ। ପରିବାର ସଦସ୍ୟଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ତାଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ଆଡମିଟ୍ କଲେନାହିଁ ବୋଲି ଅଭିଯୋଗ ହୋଇଛି।

ଅବସରପ୍ରାପ୍ତ ଯବାନ ବିନୋଦ ସିଂଙ୍କ ଘର ଲଖିସରାଇ। କିଛିଦିନ ପୂର୍ବରୁ ସେ କରୋନା ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କୁ ରାଜଧାନୀକୁ ରିଫର କରାଯାଇଥିଲା। ସୋମବାର ସେ ପାଟନାସ୍ଥିତ ଏମ୍ସରେ ପହଞ୍ଚିଥିଲେ ହେଁ ଶଯ୍ୟା ଅଭାବରୁ ସେଠାରେ ଆଡମିଶନ ହୋଇପାରି ନ ଥିଲା। ଫଳରେ ସେଦିନ ଏକ ନର୍ସିଂ ହୋମ୍‌ରେ ଭର୍ତ୍ତି କରାଯାଇ ତା ପରଦିନ ତାଙ୍କୁ ଏନ୍‌ଏମ୍‌ସିଏଚ୍‌କୁ ନିଆଯାଇଥିଲା ବୋଲି ମୃତ ଯବାନଙ୍କ ପୁଅ ଅଭିମନ୍ୟୁ କହିଛନ୍ତି।

### ଝାଡ଼ଖଣ୍ଡର ୪ ନମୁନାରେ ଡବଲ ଭାରିଏଣ୍ଟ

**ରାଞ୍ଚି, ୧୪।୪:** ଝାଡ଼ଖଣ୍ଡରେ କରୋନା ସଂକ୍ରମିତ ୪ ଜଣଙ୍କ ନମୁନାରେ ଭୂତାଣୁର ଡବଲ ଭାରିଏଣ୍ଟ ମିଳିଛି। ଝାଡ଼ଖଣ୍ଡରୁ ମୋଟ ୫୨ ନମୁନା ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସକୁ ପରୀକ୍ଷା ପାଇଁ ଆସିଥିଲା। ସେଥିରୁ ୩୯ଟିର ଜିନୋକ ସିକ୍ୱେନ୍ସ କରାଯାଇଥିଲା। ୯ଟି ନମୁନାରେ ବ୍ରିଟେନ ଭାରିଏଣ୍ଟ ଏବଂ ୪ଟିରେ ଡବଲ ମ୍ୟୁଟାଣ୍ଟ ଭାରିଏଣ୍ଟ ରହିଥିବା ଜଣାପଡ଼ିଛି।

## 'କୁମ୍ଭମେଳା ବନ୍ଦ ନେଇ ନିର୍ଦ୍ଦେଶ ନାହିଁ'

**ହରିଦ୍ୱାର, ୧୪।୪:** କରୋନା ଭୂତାଣୁର ସୁପରସ୍ପ୍ରେଡର ପାଲଟିଥିବା ଉତ୍ତରାଖଣ୍ଡର ହରିଦ୍ୱାର କୁମ୍ଭମେଳା ଏପ୍ରିଲ ୩୦ ପର୍ଯ୍ୟନ୍ତ ଜାରି ରହିବ। ଏହାକୁ ବନ୍ଦ କରିବା ନେଇ କେନ୍ଦ୍ର ପକ୍ଷରୁ କୌଣସି ନିର୍ଦ୍ଦେଶନାମା ଆସି ନ ଥିବା ହରିଦ୍ୱାର ଜିଲା ମାଜିଷ୍ଟ୍ରେଟ ତଥା କୁମ୍ଭମେଳା ଅଫିସର ଦୀପକ ରାୱତ କହିଛନ୍ତି। ଅନ୍ୟପକ୍ଷରେ ମେଳାରେ ସାମିଲ ହୋଇଥିବା ଲୋକଙ୍କ ମଧ୍ୟରୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୪୮ ଘଣ୍ଟା ମଧ୍ୟରେ ମେଳାରୁ ୧ ହଜାରରୁ ଊର୍ଦ୍ଧ୍ୱ କରୋନା ସଂକ୍ରମିତ ହୋଇଛନ୍ତି। ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ପ୍ରାୟ ୩ ହଜାରରେ ପହଞ୍ଚିଛି। ବୁଧବାର ଅପରାହ୍ନ ୨ଟା ସୁଦ୍ଧା ୯,୪୩,୪୫୨ ଜଣ ବୁଡ଼ ପକାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଉତ୍ତରାଖଣ୍ଡରେ ଦୈନିକ ସଂକ୍ରମଣରେ ନୂଆ ରେକର୍ଡ କରିଛି। ମଙ୍ଗଳବାର ମୋଟ ୧୯୨୫ ଜଣଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଛି।

## ହିଂସ୍ର ହେଉଛି ଇସ୍‌ଲାମୀୟ ଆନ୍ଦୋଳନ

**ଇସ୍‌ଲାମାବାଦ/ଲାହୋର, ୧୪।୪**

- **ଅର୍ଦ୍ଧସାମରିକ ବଳ ମୁତୟନ କଲା ପାକିସ୍ତାନ**
- **ଟିଏଲ୍‌ପିକୁ ବେଆଇନ ଘୋଷଣା ନିଷ୍ପତ୍ତି**

ଇସ୍‌ଲାମୀୟ ନେତାଙ୍କ ଗିରଫଦାରି ପ୍ରତିବାଦରେ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଆନ୍ଦୋଳନ କ୍ରମଶଃ ହିଂସ୍ର ହେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ଲାଗି ପାକ୍ ସରକାର ଅର୍ଦ୍ଧସାମରିକ ବଳକୁ ନିୟୋଜିତ କରିଛନ୍ତି। ଏଥିସହିତ ହିଂସାକାଣ୍ଡ ପାଇଁ ଦାୟୀ କଟୋରପନ୍ଥୀ ଇସ୍‌ଲାମୀୟ ସଂଗଠନ ତେହରିକ୍-ଇ-ଲାବାଇକ୍ ପାକିସ୍ତାନ (ଟିଏଲ୍‌ପି)କୁ ଆତଙ୍କବାଦ ଆଇନ ଅନୁଯାୟୀ ବେଆଇନ ଘୋଷଣା କରିବାକୁ ଇସ୍‌ଲାମାବାଦ ନିଷ୍ପତ୍ତି ନେଇଛି। ଲାହୋରରେ ମଙ୍ଗଳବାର ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟି ୨ ପୋଲିସ ଅଧିକାରୀ ନିହତ ହେବା ସହ ୩୦୦ରୁ ଊର୍ଦ୍ଧ୍ୱ ପୋଲିସ ଆହତ ହୋଇଥିଲେ।

ଗତ ସୋମବାର ଇସ୍‌ଲାମୀୟ ନେତା ସାଦ୍ ରିଜ୍‌ଭିଙ୍କୁ ଲାହୋରରୁ ଗିରଫ କରାଯାଇଥିଲା। ଏହାର ପ୍ରତିବାଦରେ ଟିଏଲ୍‌ପି ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଇସ୍‌ଲାମ ଧର୍ମକୁ ଅପମାନିତ କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ଟିଏଲ୍‌ପି ଅଭିଯୋଗ କରିଥିଲା। ବିକ୍ଷୋଭକାରୀ ଟିଏଲ୍‌ପି ସମର୍ଥକମାନଙ୍କୁ ଘଉଡାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା।

## ମୌସୁମୀକୁ ସକ୍ରିୟ କରୁଛି ବିଶ୍ୱ ତାପନ

**ନୂଆଦିଲ୍ଲୀ, ୧୪।୪(ପି.ଟି.)**



ଜଳବାୟୁ ପରିବର୍ତ୍ତନ ଭାରତରେ ମୌସୁମୀକୁ ଅଧିକ ସକ୍ରିୟ କରିବା ସହ ବର୍ଷାରେ ଅନିୟମିତତା ଦେଖାଦେବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଦେଶର ୧୩୦ କୋଟି ଲୋକଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ, ଅର୍ଥନୀତି, ଖାଦ୍ୟ ବ୍ୟବସ୍ଥା ଓ କୃଷିକୁ ଏହା ଗଭୀର ଭାବେ ପ୍ରଭାବିତ କରିବ ବୋଲି 'ଆର୍ଥ ସିଷ୍ଟମ୍ ଡାଇନାମିକ୍ସ' ପତ୍ରିକାରେ ପ୍ରକାଶିତ ଅଧ୍ୟୟନରେ ଉଲ୍ଲେଖ କରାଯାଇଛି। ଏଥିରେ ସାରା ବିଶ୍ୱର ୩୦ରୁ ଊର୍ଦ୍ଧ୍ୱ ନୂଆ ଜଳବାୟୁ ମଡେଲକୁ ତୁଳନା କରାଯାଇଛି।

ଅଧ୍ୟୟନ ଅନୁଯାୟୀ ପ୍ରତି ୧ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ବୃଦ୍ଧି ମୌସୁମୀ ବର୍ଷାକୁ ୫% ବଢ଼ାଇପାରେ। ଜର୍ମାନୀର ପଟ୍ସଡାମ-ଇନ୍‌ଷ୍ଟିଚ୍ୟୁଟ ଫର୍ କ୍ଲାଇମେଟ ଇମ୍ପାକ୍ଟ ରିସର୍ଚ୍ଚର ଅଞ୍ଜା କାଟ୍‌ଜେନବର୍ଜର ଏହି ସୂଚନା ଦେଇଛନ୍ତି। ବିଶ୍ୱ ତାପନ ବଢ଼ୁଥିବାରୁ ଭାରତରେ ମୌସୁମୀ ବୃଷ୍ଟିପାତ ବଢ଼ିଛି। ଏକବିଂଶ ଶତାବ୍ଦୀରେ ମୌସୁମୀ ଗତିବିଧିକୁ ଉତ୍ତାପୀକରଣ ନିୟନ୍ତ୍ରଣ କରିବ ବୋଲି କାଟ୍‌ଜେନବର୍ଜର କହିଛନ୍ତି। ଚାଷ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ପାଣି ଆବଶ୍ୟକ। ତେବେ ପରବର୍ତ୍ତୀ ସମୟରେ ଅତ୍ୟଧିକ ବର୍ଷା କ୍ଷତିକାରକ ବୋଲି ଜର୍ମାନୀ ଗବେଷକ ଜୁଲିଆ ପୋଙ୍ଗ୍ରାଜ୍ କହିଛନ୍ତି। ଅଶୀ ଦଶକରୁ ସବୁଜ ଗୃହ ବାଷ୍ପଜନିତ ଉତ୍ତାପୀକରଣ ମୌସୁମୀକୁ ପ୍ରଭାବିତ କରିବା ଆରମ୍ଭ କରିଥିଲା। ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପରିଣତି ଅଧିକରୁ ଅଧିକ ଅନୁଭୂତ ହେବାରେ ଲାଗିଛି। ଅନିୟମିତ ବର୍ଷା ଦେଶର କୃଷି ଓ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଛି ବୋଲି ଆମେରିକାର କଲମ୍ବିଆ ୟୁନିଭର୍ସିଟିର ଗବେଷକ ଆଣ୍ଡେର୍ସ ଲେଭେରମାନ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୮୬,୧୭,୬୪୬ | ୨୯,୭୯,୦୯୫ | ୧୧,୧୩,୯୧,୧୪୩ |
| ଭାରତ | ୧,୪୦,୭୦,୮୫୧ | ୧,୭୩,୧୫୧ | ୧,୨୪,୨୬,୧୨୨ |
| ଓଡ଼ିଶା | ୩,୫୫,୩୫୩ | ୧୯୩୩(+୫୩) | ୩,୪୧,୭୩୩ |

ବୁଧବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଦିନକରେ ୨ ହଜାର ଟପିଲା

■ ୨୪ ଘଣ୍ଟାରେ ୨,୨୬୭ କରୋନା ପଜିଟିଭ୍, ୩ ମୃତ
■ ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୪୫୮ ଚିହ୍ନଟ
■ ଦ୍ୱିତୀୟରେ ଖୋର୍ଦ୍ଧା
■ ସମ୍ବଲପୁରରେ ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୪।୪ (ବ୍ୟୁରୋ)

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ବ୍ୟାପିବାରେ ଲାଗିଛି। ପ୍ରତ୍ୟେକ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ଏହା ଦୁଇ ହଜାର ଅତିକ୍ରମ କରିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୨,୨୬୭ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୩ଜଣଙ୍କ ମୃତ୍ୟୁ ଘଟିଛି। ସଂକ୍ରମିତଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍‌ରୁ ୧୩୧୪ଜଣ ଥିବାବେଳେ ୯୫୩ ଲୋକାଲ କେସ୍ ରହିଛି।



ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୪୫୮ ସଂକ୍ରମିତ ଚିହ୍ନଟ ହୋଇଥିବାବେଳ ଖୋର୍ଦ୍ଧାରୁ ୩୪୮ ଚିହ୍ନଟ ହୋଇଛନ୍ତି। ସେହିପରି ବରଗଡ଼ରେ ୧୨୦, କଟକରେ ୧୧୭, ନବରଙ୍ଗପୁରରେ ୧୦୪, ନୂଆପଡାରେ ୧୦୪, ସମ୍ବଲପୁରରେ ୧୨୦, ଅନୁଗୋଳରେ ୪୮, ବାଲେଶ୍ୱରରେ ୬୭, ଭଦ୍ରକରେ ୨୮, ବଲାଙ୍ଗୀରରେ ୯୩, ଦେବଗଡ଼ରେ ୧୨, ଢେଙ୍କାନାଳରେ ୫, ଗଜପତିରେ ୩୧, ଗଞ୍ଜାମରେ ୭୦, ଜଗତ୍‌ସିଂହପୁରରେ ୩୫, ଜୟପୁରରେ ୫୨, ଝାରସୁଗୁଡ଼ାରେ ୫୫, କଳାହାଣ୍ଡିରେ ୩୪, କନ୍ଧମାଳରେ ୧୨, କେନ୍ଦ୍ରାପଡ଼ାରେ ୧୨, କେନ୍ଦୁଝରରେ ୫୫, କୋରାପୁଟରେ ୧୨, ମାଲକାନଗିରିରେ ୨, ମୟୂରଭଞ୍ଜରେ ୬୦, ନୟାଗଡରେ ୧୯, ପୁରୀରେ ୭୦, ରାୟଗଡ଼ାରେ ୨୭, ସୋନପୁରରେ ୧୬ ଓ ଷ୍ଟେଟ୍ ପୁଲ୍‌ରୁ ୮୧ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ଖୋର୍ଦ୍ଧା ଓ ସୁନ୍ଦରଗଡ ରେଡ୍ ଜୋନରେ ସାମିଲ ହୋଇଥିବାବେଳେ ସଂକ୍ରମଣକୁ ଦେଖି ଆଉ ୫ଟି ଜିଲା ସମ୍ବଲପୁର, ବରଗଡ, କଳାହାଣ୍ଡି, ନୂଆପଡା ଓ କଟକକୁ ୟେଲୋ ଜୋନ୍‌ରେ ସାମିଲ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୫୨୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ରାଜ୍ୟରେ ୧୨,୨୪୪ ଜଣ କରୋନା ଆକ୍ରାନ୍ତ ସକ୍ରିୟ ଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ ଗତ ୨୪ ଘଣ୍ଟାରେ ୩୩,୨୫୧ ସାମ୍ପଲ ପରୀକ୍ଷା କରାଯାଇଥିଲା। ପଡ଼ୋଶୀ ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶରେ କରୋନା ସଂକ୍ରମଣର ବ୍ୟାପକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୦ଟି ଜିଲାରେ ରାତ୍ର କର୍ଫ୍ୟୁ(ରାତି ୧୦ରୁ ସକାଳ ୫ଟା ପର୍ଯ୍ୟନ୍ତ) ଲାଗୁ କରିଛନ୍ତି। ଏପରି କି ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସମ୍ବଲପୁର ଗସ୍ତ କରି କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ଏପରି କି ବରଗଡ଼, ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲା ପ୍ରଶାସନ ଆଲୋଚନା କରି ସଂକ୍ରମଣ ରୋକିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନୂଆପଡ଼ା ଜିଲା ପ୍ରଶାସନ ସିନାପଲି ଗ୍ରାମ ପଞ୍ଚାୟତକୁ ବୁଧବାରଠାରୁ ୪ଦିନ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଛନ୍ତି।

## ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ




ଭୁବନେଶ୍ୱର, ୧୪।୪(ବ୍ୟୁରୋ): ମହାବିଷୁବ ସଂକ୍ରାନ୍ତି ଓ ପବିତ୍ର ଉତ୍କଳୀୟ ନବବର୍ଷ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ବର୍ଷ ସମସ୍ତଙ୍କ ମନସ୍କାମନା ପୂରଣ ସହ ଉତ୍ତମ ସ୍ୱାସ୍ଥ୍ୟ ଓ ସୁଖ ସମୃଦ୍ଧି କାମନା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ ଟୁଇଟ୍ କରି ଓଡ଼ିଆ ନବବର୍ଷ ଏବଂ ମହା ବିଷୁବ ସଂକ୍ରାନ୍ତି ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଭରି ଦିଅନ୍ତୁ ବୋଲି ଶାହ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଟୱିଟ୍ କରି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଜଗନ୍ନାଥଙ୍କ ଅପାର କରୁଣାରୁ ଏହି କଠିନ ସମୟ ଶୀଘ୍ର ଦୂର ହେବା ସହ ସମସ୍ତଙ୍କ ଜୀବନ ସୁଖ, ସମୃଦ୍ଧିରେ ଭରିଯାଉ ବୋଲି ସେ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସାରା ଦେଶ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ଓଡ଼ିଆ ଭଉଣୀ, ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଆଜିଠୁ ମହାପ୍ରଭୁ ଜଗନ୍ନାଥଙ୍କ ଆଦେଶ ଅନୁସାରେ ନୂତନ ପାଞ୍ଜିର ଗଣନା ଆରମ୍ଭ ହୁଏ। ଆଜି ହନୁମାନ ଜୟନ୍ତୀର ମଧ ପବିତ୍ର ଅବସର। ହିନ୍ଦୁ ପରମ୍ପରାରେ ଏଥିପାଇଁ ଲୋକଙ୍କ ଅଖଣ୍ଡ ଶ୍ରଦ୍ଧା ରହିଛି। ଉତ୍କଳୀୟ ନବବର୍ଷ ନୂଆ ସୁଯୋଗ ଓ ନୂଆ ସମ୍ଭାବନା ନେଇ ଆସୁ ଏବଂ ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ ବୋଲି ସେ କହିଛନ୍ତି।

# କ୍ୟାନ୍‌ସର ହସ୍ପିଟାଲ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

■ ଚିକିତ୍ସା କ୍ଷେତ୍ରରେ ଏକ ଐତିହାସିକ ମୁହୂର୍ତ୍ତ: ମୁଖ୍ୟମନ୍ତ୍ରୀ
■ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ରାଜ୍ୟ ସରକାର ଦୁଇଟି କର୍କଟ ରୋଗ ଚିକିତ୍ସା କେନ୍ଦ୍ର ପାଇଁ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ପ୍ରଥମ ଏମ୍‌ଓୟୁ ବାଗ୍‌ଚୀ ଶ୍ରୀ ଶଙ୍କର କ୍ୟାନ୍‌ସର ହସ୍ପିଟାଲ ଓ ଗବେଷଣା ପ୍ରତିଷ୍ଠାନ ପାଇଁ ରାଜ୍ୟ ସରକାର, ସୁସ୍ମିତା ବାଗ୍‌ଚୀ ଏବଂ ଶଙ୍କର କ୍ୟାନ୍‌ସର ଫାଉଣ୍ଡେଶନ ମଧ୍ୟରେ କରାଯାଇଛି। ସେହିପରି ଦ୍ୱିତୀୟ ଏମ୍‌ଓୟୁ ବାଗ୍‌ଚୀ-କରୁଣାଶ୍ରୟ ପାଲିଏଟିଭ କେୟାର ସେଣ୍ଟର ପାଇଁ ରାଜ୍ୟ ସରକାର, ସୁସ୍ମିତା ବାଗ୍‌ଚୀ ଏବଂ କରୁଣାଶ୍ରୟ ହସ୍‌ପିସ ଟ୍ରଷ୍ଟ ମଧ୍ୟରେ ସ୍ୱାକ୍ଷର କରାଯାଇଛି। ବୁଧବାର ସନ୍ଧ୍ୟାରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି। ଏମ୍‌ଓୟୁ ସ୍ୱାକ୍ଷରକୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଚିକିତ୍ସା କ୍ଷେତ୍ରରେ ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଛନ୍ତି। ଏଥିପାଇଁ ସେ ସୁସ୍ମିତା ବାଗ୍‌ଚୀ ଏବଂ ସୁବ୍ରତ ବାଗ୍‌ଚୀଙ୍କୁ ହସ୍ପିଟାଲ ନିର୍ମାଣ ପାଇଁ ୩୪୦ କୋଟି ଟଙ୍କାର ଅବଦାନ ଲାଗି ଅଭିନନ୍ଦନ ଜଣାଇଛନ୍ତି। ବାଗ୍‌ଚୀ ଦମ୍ପତିଙ୍କ ଏହି ମହାନ୍ କାର୍ଯ୍ୟ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ଶ୍ରୀ ଶଙ୍କର କ୍ୟାନ୍‌ସର ହସ୍ପିଟାଲ ଓ ଗବେଷଣା ପ୍ରତିଷ୍ଠାନ ଏବଂ ପାଲିଏଟିଭ କେୟାର ସେଣ୍ଟରକୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ ସରକାର ହସ୍ପିଟାଲ ନିର୍ମାଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉକ୍ତ ହସ୍ପିଟାଲ ୨୦୨୪ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଏଥିସହିତ ମୋ ସ୍କୁଲ ଅଭିଯାନ ଓ ମିଶନ ଶକ୍ତି କାର୍ଯ୍ୟରେ ସ୍ୱେଚ୍ଛାକୃତ ଭାବେ ସହାୟତା କରୁଥିବାରୁ ମୁଖ୍ୟମନ୍ତ୍ରୀ ବାଗ୍‌ଚୀ ଦମ୍ପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେମାନଙ୍କର ବଦାନ୍ୟତା ଓ ସେବା ମନୋଭାବ ପୁଣି ଥରେ ଚିକିତ୍ସା କ୍ଷେତ୍ରରେ ପରିଲକ୍ଷିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ଶଙ୍କର କ୍ୟାନ୍‌ସର ହସ୍ପିଟାଲ ଓ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ଓ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀନାଥ ବି.ଏସ ମୁଖ୍ୟମନ୍ତ୍ରୀ ଏବଂ ବାଗ୍‌ଚୀ ଦମ୍ପତିଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। କର୍କଟ ରୋଗ ଚିକିତ୍ସା ଏକ ବ୍ୟୟବହୁଳ। ସମସ୍ତ ବର୍ଗର ଲୋକଙ୍କୁ ହସ୍ପିଟାଲ ଏକାପ୍ରକାର ସୁବିଧା ଯୋଗାଇବ ବୋଲି ସେ କହିଛନ୍ତି। ଏହି ଅବସରରେ କରୁଣାଶ୍ରୟ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ କିଶୋର ଏସ. ରାଓ କହିଛନ୍ତି, ଗରିବ ଲୋକମାନେ କର୍କଟରେ ପୀଡ଼ିତ ହେଲେ ସବୁ ଦିଗରୁ ବେସାହାରା ହୋଇଯାଆନ୍ତି। ଏଭଳି କ୍ଷେତ୍ରରେ ଏହି ଚିକିତ୍ସା କେନ୍ଦ୍ର ମୁମୂର୍ଷୁ ରୋଗୀଙ୍କ ଭାବାବେଗ ଓ ମନସ୍ତାତ୍ତ୍ୱିକ ଦିଗରେ ସେବା ଯୋଗାଇବ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଏଚପିଜିଆଇସି ନିର୍ଦ୍ଦେଶକ ଲଳାଟେନ୍ଦୁ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ପ୍ରମୁଖ ଯୋଗ ଦେଇଥିଲେ।



କ୍ୟାନ୍‌ସର ହସ୍ପିଟାଲ୍ ପାଇଁ ଏମ୍‌ଓୟୁ ସ୍ୱାକ୍ଷର ବେଳେ ଉପସ୍ଥିତ ବରିଷ୍ଠ ପଦାଧିକାରୀ।

# ୪୭ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ




ଆମ୍ବୁଲାନ୍ସ ସେବା ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

■ ଓଡ଼ିଆ ନବବର୍ଷରେ ଉପହାର ଦେଲେ ମୁଖ୍ୟମନ୍ତ୍ରୀ
■ ଗୁରୁତର ରୋଗୀଙ୍କୁ ମିଳିବ ଜରୁରୀ ସହାୟତା
■ ୬୨ ଲକ୍ଷ ଲୋକଙ୍କୁ ମିଳିଛି ଆମ୍ବୁଲାନ୍ସ ସେବା
■ ଲୋକଙ୍କ ସହଯୋଗରେ କୋଭିଡ୍ ଦ୍ୱିତୀୟ ଲହରକୁ ହରାଇ ପାରିବା

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲ ମୋଡରେ ଗୁରୁତର ରୋଗୀଙ୍କ ପରିବହନ ପାଇଁ ୪୭ଟି ଲାଇଫ ସପୋର୍ଟ ଆମ୍ବୁଲାନ୍ସର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉନ୍ନତମାନର ଜୀବନ ସୁରକ୍ଷା ବ୍ୟବସ୍ଥା ଥିବା ଏହି ଆମ୍ବୁଲାନ୍ସ ରୋଗୀମାନଙ୍କୁ ନେବା ଆଣିବାରେ ବିଶେଷ ସହାୟକ ହେବ। ରାଜ୍ୟବାସୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ କୋଭିଡ-୧୯ର ଦ୍ୱିତୀୟ ଲହର ସଂକ୍ରମଣକୁ ଗତ ବର୍ଷ ଭଳି ଲୋକମାନଙ୍କ ସହଯୋଗରେ ହରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ, କୋଭିଡର ଦ୍ୱିତୀୟ ଲହର ସଂକ୍ରମଣକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ରୋଗୀଙ୍କୁ ହସ୍ପିଟାଲ ନେବା ଲାଗି ଉନ୍ନତମାନର ଜୀବନ ସୁରକ୍ଷା ବ୍ୟବସ୍ଥା ଥିବା ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଆମ୍ବୁଲାନ୍ସ ପାଇଁ ଏମ୍‌ପି ଲ୍ୟାଡ, ସିଏସ୍‌ଆର, ଡିଏମ୍‌ଏଫ ଏବଂ ଓଏମ୍‌ବିଏଡିସିରୁ ଅର୍ଥ ବ୍ୟୟ ବରାଦ କରାଯାଇଛି। ୪୭ଟି ଆମ୍ବୁଲାନ୍ସ ମଧ୍ୟରୁ ୨୮ଟି ୧୦୮ ଜରୁରୀକାଳୀନ ସେବାରେ ନିୟୋଜିତ ହେବ ଏବଂ ୧୯ଟି ଗୁରୁତର ରୋଗୀମାନଙ୍କୁ ଜରୁରୀକାଳୀନ ସେବା ଯୋଗାଇ ଦେବାକୁ ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟବହାର କରାଯିବ।

ଉଲ୍ଲେଖନୀୟ, ୨୦୧୩ ମାର୍ଚ୍ଚ ୫ରୁ ରାଜ୍ୟରେ ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି। ରାଜ୍ୟରେ ଚାଲୁଥିବା ୫୯୬ ଆମ୍ବୁଲାନ୍ସ ମଧ୍ୟରୁ ୫୪୦ରେ ଅତ୍ୟାବଶ୍ୟକ ଜୀବନ ସୁରକ୍ଷା ବ୍ୟବସ୍ଥା ଥିବା ବେଳେ ୫୬ଟିରେ ଅତି ଉନ୍ନତମାନର ଲାଇଫ ସପୋର୍ଟ ସିଷ୍ଟମ ରହିଛି। ଏହାକୁ ମିଶାଇ ଅତି ଉନ୍ନତମାନର ଲାଇଫ ସପୋର୍ଟ ସିଷ୍ଟମ ଥିବା ଆମ୍ବୁଲାନ୍ସ ସଂଖ୍ୟା ୧୦୩ରେ ପହଞ୍ଚିଛି। ଏହି ସବୁ ଆମ୍ବୁଲାନ୍ସ ୩୦ ଜିଲାରେ ଉନ୍ନତମାନର ଜରୁରୀ ସେବା ମାଗଣାରେ ଯୋଗାଇ ଦେଉଛି। ସେହିପରି ୨୦୧୪ ଜୁଲାଇ ୧୪ରୁ ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କ ପରିବହନ ସକାଶେ ରାଜ୍ୟରେ ୫୦୦ ଜନନୀ ଏକ୍ସପ୍ରେସ କାମ କରୁଛି। ଏହାଦ୍ୱାରା ଗର୍ଭବତୀ ମହିଳା ଓ ଶିଶୁଙ୍କୁ ମାଗଣାରେ ହସ୍ପିଟାଲକୁ ନେବା ଆଣିବା କରାଯାଉଛି। ରାଜ୍ୟର ୬୨ ଲକ୍ଷ ଲୋକ ୧୦୮ ଆମ୍ବୁଲାନ୍ସ ସେବା ଓ ଜନନୀ ଏକ୍ସପ୍ରେସ ଦ୍ୱାରା ଉପକୃତ ହେଉଛନ୍ତି। ଏଥିସହିତ କେନ୍ଦ୍ରାପଡା, କଳାହାଣ୍ଡି, କୋରାପୁଟ ଏବଂ ମାଲକାନଗିରି ଜିଲାରେ ନଦୀ ଅଞ୍ଚଳରେ ରହୁଥିବା ରୋଗୀ ଓ ଆହତଙ୍କୁ ସେବା ଯୋଗାଇ ଦେବାକୁ ୬ଟି ବୋଟ ଆମ୍ବୁଲାନ୍ସ କାର୍ଯ୍ୟ କରୁଛି।

## ଶାସନ କେନାଲରେ ଘାଇ, ଜଳ ପ୍ରବାହ ବନ୍ଦ

**ସମ୍ବଲପୁର,୧୪।୪(ବ୍ୟୁରୋ):** ସମ୍ବଲପୁର ଶାସନ ମୁଖ୍ୟ କେନାଲର ଭାଲୁବାହାଲ ଗ୍ରାମ ନିକଟରେ ବୁଧବାର ପ୍ରାୟ ୪ ମିଟର ଲମ୍ବ ଓ ୨ ଫୁଟ ଉଚ୍ଚତାର ଘାଇ ସୃଷ୍ଟି ହୋଇଛି। ପୁରଣା ୱାଲ ୭.୭ କି.ମି. ସ୍ଥାନରେ ଏଭଳି ଘଟଣା ଘଟିଛି। ଫଳରେ କେନାଲରେ ଜଳ ପ୍ରବାହ ବନ୍ଦ କରି ଦିଆଯାଇଥିଲା। ଏହା ଜଣାପଡିବା ପରେ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାମ ଜାରି ରହିଛି। ରାତିରେ ଲାଇଟ୍ ଲଗାଇ ମାଟି ଓ ପଥର ପ୍ୟାକିଂ କରାଯାଉଛି। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ସଫେଇ କାମ ଠିକ୍ ଭାବେ ହୋଇ ନ ଥିବାରୁ ଏଭଳି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରମୋଦ ପଣ୍ଡା କହିଛନ୍ତି, ପୁରୁଣା ୱାଲ ରହିଥିଲା। ମାଟି ଓ ପଥର ଥିବାରୁ ଘାଇ ସୃଷ୍ଟି ହୋଇଛି। ମରାମତି କାମ ଚାଲିଥିବାରୁ ଗୋଟିଏ ଦିନ ପାଣି ବନ୍ଦ କରାଯାଇଛି। ଗୁରୁବାର ପାଣି ଛଡାଯିବ।

# ଦୁଇଦିନ ଝଡ଼ବର୍ଷା

**୧୮ରୁ ବଢ଼ିବ ତାତି**

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ଗତ କିଛିଦିନ ହେବ ରାଜ୍ୟରେ ତାତିର ପ୍ରକୋପ ନାହିଁ। ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହୁଛି। ଆସନ୍ତା ୩ ଦିନ ଯାଏ ତାତି ବଢ଼ିବ ନାହିଁ। ୧୫ ଏବଂ ୧୬ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏପରିକି କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ୧୫ ତାରିଖରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା, ଗଜପତି ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ସମ୍ଭାବନା ରହିଛି। ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବ। ଏହି ସମୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ସେହିପରି ୧୬ ତାରିଖରେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୧୮ ତାରିଖରୁ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ବୃଦ୍ଧିପାଇବ। ୨୨ ତାରିଖ ବେଳକୁ ପାରଦ ଉପରମୁହାଁ ହୋଇ ୪୦ ଡିଗ୍ରୀ ସେଲ୍‌ସିୟସ୍‌କୁ ଟପିଯିବ। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ମଧ ତାତି ବୃଦ୍ଧିପାଇବ ବୋଲି ଅନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୨.୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୦, ଅନୁଗୋଳ ୩୯.୭, ନୟାଗଡ଼ ୩୯, ତାଳଚେର ୩୯.୧ ଏବଂ ସୁନ୍ଦରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।






**ଆଜିର ମନ୍ତବ୍ୟ**

"ଘୃଣା, ହିଂସା, ଜାତି ଏବଂ ଧର୍ମ ଆଧାରରେ ଲୋକଙ୍କୁ ବିଭାଜନ କରିବା ବ୍ୟତୀତ ଭାଜପା ପାଖରେ ଦେବାକୁ ଆଉ କିଛି ନାହିଁ -ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ୟୁଭାନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଷ୍ଟବାଙ୍କୀ ଖୋଳଇ ମାଟି**
**ମୁଣ୍ଡ ତିନିଟା ଛ' ଟା ଆଖି।**

ବିଲ ବା ଜମିରେ ହଳ କରୁଥିବା ଚାଷୀ ଓ ଦୁଇଟି ବଳଦ। ଏ ପରିସ୍ଥିତିରେ ଚାଷୀ ଓ ଦୁଇ ବଳଦଙ୍କ ମୁଣ୍ଡ ଓ ଗୋଡ଼ ସଂଖ୍ୟା ଯଥାକ୍ରମେ ତିନି ଓ ଦଶ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅରାନ୍ଧୁଣୀ ହାତେ ପଡ଼ି**
**ରୋହିମାଛ କାନ୍ଦେ,**
**ନ ଜାଣେ ରାନ୍ଧୁଣୀ ମତେ**
**କେମିତିକା ରାନ୍ଧେ।**

ରୋଷେଇ ଏକ କଳା। ଠିକ୍ ଭାଗ ମାପ ରଖି ରୋଷେଇ କଲେ ଖାଦ୍ୟ ରୁଚିକର ତଥା ସ୍ୱାଦିଷ୍ଟ ଲାଗିଥାଏ। ପରନ୍ତୁ ଏଥିରେ ବ୍ୟତିକ୍ରମ ଘଟିଲେ ସବୁ ଶ୍ରମ ଅକାରଣ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଅନିଲ ଦେଶମୁଖଙ୍କୁ ୮ ଘଣ୍ଟା ସିବିଆଇ ଜେରା


ଅନିଲ ଦେଶମୁଖ

**ମୁମ୍ବାଇ, ୧୪।୪**

ଉଦ୍ୟୋଗପତି ମୁକେଶ ଅମ୍ବାନୀଙ୍କ ମୁମ୍ବାଇସ୍ଥିତ ବାସଭବନ ଆଗରେ ବିସ୍ଫୋରକ ଭର୍ତ୍ତି ଗାଡ଼ି ରଖାଯିବା ଘଟଣାରେ ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ବୁଧବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ୮ ଘଣ୍ଟା ଜେରା କରିଛି। ଏଥିପାଇଁ ସୋମବାର ତାଙ୍କୁ ନୋଟିସ୍ କରାଯାଇଥିଲା।

ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂ ତାଙ୍କ ବିରୋଧରେ ଆଣିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଦେଶମୁଖଙ୍କୁ ପଚରାଉଚରା କରାଯାଇଛି। ତେବେ ପରମବୀରଙ୍କ ଅଭିଯୋଗ ମିଥ୍ୟା। ରାଜ୍ୟର ମହାବିକାଶ ଅଘାଡ଼ି ସରକାରଙ୍କୁ ବଦନାମ ପାଇଁ ଉଦ୍ୟମ କରାଯାଉଥିବା ନେଇ ଦେଶମୁଖ ଜେରାବେଳେ ପ୍ରକାଶ କରିଥିବା ଜଣାପଡିଛି। ଏନ୍‌ସିପିର ବରିଷ୍ଠ ନେତା ଦେଶମୁଖ ପୂର୍ବାହ୍ନ ପ୍ରାୟ ୧୦ଟାରେ ସାଣ୍ଟାକ୍ରୁଜ୍‌ସ୍ଥିତ ଡିଆର୍‌ଡିଓର ଗେଷ୍ଟ ହାଉସ୍‌ଠାରେ ପହଞ୍ଚିଥିଲେ। ସେଠାରେ ସିବିଆଇ ଅଧିକାରୀମାନେ ସନ୍ଧ୍ୟା ପ୍ରାୟ ୬ଟା ପର୍ଯ୍ୟନ୍ତ ତାଙ୍କୁ ପଚରାଉଚରା କରିଥିଲେ। ବିଭିନ୍ନ ବାର୍, ରେଷ୍ଟୁରାଣ୍ଟରୁ ମାସିକ ୧୦୦ କୋଟି ଟଙ୍କା ବଟି ଆଦାୟ ପାଇଁ ଦେଶମୁଖ ନିଲମ୍ବିତ ପୋଲିସ ଅଧିକାରୀ ସଚିନ ୱାଜେଙ୍କ ସମେତ ମୁମ୍ବାଇ ପୋଲିସକୁ ଟାର୍ଗେଟ ଦେଇଥିଲେ ବୋଲି ପରମବୀର ଅଭିଯୋଗ ଆଣିଥିଲେ।

# କରୋନାରେ ୨ ପ୍ରବାସୀ ଶ୍ରମିକ ମୃତ

**ରାଜକନିକା,୧୪।୪(ଡି.ଏନ.ଏ.)**

ରାଜକନିକା ବ୍ଲକ ଅଧୀନ ନମତରା ପଟଣା ଗ୍ରାମର ୨ ପ୍ରବାସୀ ଶ୍ରମିକଙ୍କ କରୋନାରେ ମୃତ୍ୟୁ ଘଟିଛି। ଅମିତ ବେହେରା(୪୦) ନାମକ ଜଣେ ପ୍ରବାସୀ ଶ୍ରମିକ ଗତ ୧୨ ତାରିଖରେ ଗୁଜୁରାଟରେ ପ୍ରାଣ ହରାଇଛନ୍ତି। ଅମିତ ଗୁଜରାଟର ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସେହିପରି କଣ୍ଡିଆ ଗ୍ରାମରେ ଚନ୍ଦ୍ରଭାନୁ ନାୟକ(୫୨)ଙ୍କ ମଙ୍ଗଳବାର ମହାରାଷ୍ଟ୍ରର ନାସିକଠାରେ କରୋନରେ ମୃତ୍ୟୁ ଘଟିଛି। ଗତବର୍ଷ କରୋନା ସମୟରେ ସେ ଗାଁକୁ ଫେରି ଆସିଥିଲେ। ସ୍ଥିତିରେ ସୁଧାର ଆସିବା ପରେ ସେ ପୁଣି ଥରେ କର୍ମକ୍ଷେତ୍ରକୁ ଫେରିଥିଲେ।


ହନୁମାନ ଜୟନ୍ତୀ ଅବସରରେ ବୁଧବାର ଶ୍ରୀକ୍ଷେତ୍ରର ବିଭିନ୍ନ ମହାବୀର ମନ୍ଦିର ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରୁ ଆଜ୍ଞାମାଳ ନିଆଯାଉଛି।

## ପ୍ରଥମ ପୃଷ୍ଠାରୁ...

### ପିପିଲି ଉପନିର୍ବାଚନ ...

ରିପୋର୍ଟ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁଶୀଲ କୁମାର ଲୋହାନି ଏବଂ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପାଖକୁ ପଠାଯାଇଥିବା ପ୍ରଦୀପ କହିଛନ୍ତି।

ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ପରଲୋକ ପରେ ଏହି ଆସନରେ ଏପ୍ରିଲ ୧୭ରେ ଉପନିର୍ବାଚନ ହେବାର ଥିଲା। ବିଜେଡି, ଭାଜପା ଏବଂ କଂଗ୍ରେସ ସମେତ ଅନ୍ୟ ଦଳର ପ୍ରାର୍ଥୀମାନେ ଜୋର୍‌ଦାର ପ୍ରଚାର ଚଳାଇଥିଲେ। ହେଲେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଅଜିତ ମଙ୍ଗରାଜଙ୍କ ବୁଧବାର ଅପରାହ୍ନରେ ପରଲୋକ ଘଟିଛି। ୫୨ ବର୍ଷୀୟ ଅଜିତ କିଛିଦିନ ହେବ କରୋନାରେ ସଂକ୍ରମିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କୋଭିଡ୍ ଆକ୍ରାନ୍ତ ହେବାପରେ ଅଜିତଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବା ସହ ସେ ଗୁରୁତର ହୋଇପଡ଼ିଥିଲେ। ଶେଷରେ ନିର୍ବାଚନୀ ଯୁଦ୍ଧ ଲଢ଼ିବା ପୂର୍ବରୁ ଜୀବନ ଯୁଦ୍ଧରେ ହାରିଗଲେ ଅଜିତ। ଗୁରୁବାର ସକାଳ ୮ଟାରେ କଂଗ୍ରେସ ଭବନରେ ଏହି ଦିବଙ୍ଗତ ନେତାଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ଲାଗି ଦଳ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

ଗତ ୬ ତାରିଖରେ ଅଜିତ ଅସୁସ୍ଥ ଅନୁଭବ କରିଥିଲେ। ଏହାସତ୍ତ୍ୱେ ସେ ୭ ତାରିଖରେ ନିଜ ଗାଁ ମୋଟରି ଅଙ୍କୋଇକୁ ନିର୍ବାଚନ ପ୍ରଚାର ଲାଗି ଯାଉଥିଲେ। ଯିବାବେଳେ ତଳେ ପଡ଼ିଯିବାରୁ ତାଙ୍କୁ ସଙ୍ଗେସଙ୍ଗେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୭ ତାରିଖରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଆଡ୍‌ମିଟ୍ କରାଯାଇଥିଲା। ୯ ତାରିଖରେ ତାଙ୍କର କୋଭିଡ୍ ପଜିଟିଭ ରିପୋର୍ଟ ଆସିଥିଲା। ସେ କୋଭିଡ୍ ନିମୋନିଆରେ ପୀଡ଼ିତ ଥିଲେ। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀଙ୍କ ଦେହାନ୍ତ ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନି କହିଛନ୍ତି, ଜିଲା ରିଟର୍ନିଂ ଅଫିସରଙ୍କ ରିପୋର୍ଟ ଆସିବା ପରେ ନିର୍ବାଚନ କମିଶନଙ୍କ ନିକଟକୁ ପଠାଯିବ। ପରେ ସାନି ନିର୍ବାଚନ ନେଇ ତାରିଖ ଘୋଷଣା କରାଯିବ। ଅନ୍ୟପକ୍ଷରେ ପୋଲିଂ ଅଫିସର ଓ କର୍ମଚାରୀମାନଙ୍କୁ ବୁଥ୍‌କୁ ନ ଆସିବା ପାଇଁ କୁହାଯାଇଛି।

ଅଜିତଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ସନ୍ଧ୍ୟାରେ ଅଜିତଙ୍କ ପାର୍ଥିବ ଶରୀର କୋଭିଡ୍ କଟକଣା ଭିତରେ ଅଣାଯାଇ ସତ୍ୟନଗର ଶ୍ମଶାନରେ ଦାହ କରାଯାଇଛି। ହସ୍ପିଟାଲରୁ ତାଙ୍କ ପ୍ରାର୍ଥିବ ଶରୀର ଶ୍ମଶାନକୁ ନିଆଯିବା ସମୟରେ ଶତାଧିକ କଂଗ୍ରେସ ନେତା, କର୍ମୀ ଏବଂ ସମର୍ଥକ ଶେଷଦର୍ଶନ କରିଥିଲେ। କଂଗ୍ରେସ ପ୍ରାର୍ଥୀଙ୍କ ଦେହାନ୍ତ ଖବର ପାଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଟୁଇଟ୍ କରି ଗଭୀର ଶୋକ ବ୍ୟକ୍ତ କରିବା ସହିତ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହସ୍ପିଟାଲ ପରିସରକୁ ଯାଇ ଅଜିତଙ୍କ ପରିବାର ଲୋକଙ୍କୁ ଭେଟିବା ସହ ସମବେଦନା ଜଣାଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ରାଜନୈତିକ ଜୀବନରେ ତାଙ୍କ ଅବଦାନ ସ୍ମରଣୀୟ ହୋଇରହିବ। ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଅଜିତଙ୍କ ବିୟୋଗ ଅତ୍ୟନ୍ତ ଦୁଃଖଦାୟକ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ପୁରୀ ଜିଲା କଂଗ୍ରେସ ସଭାପତି ତଥା ପିପିଲି ପ୍ରାର୍ଥୀ ଅଜିତଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଅଜିତ ଜଣେ ନିର୍ଭୀକ, ସଚ୍ଚୋଟ ଏବଂ ଟାଣୁଆ ନେତା ଭାବେ ଜିଲାରେ ସର୍ବଜନାଦୃତ ହୋଇପାରିଥିଲେ। ତାଙ୍କ ବିୟୋଗ ପୁରୀ ଜିଲା ପାଇଁ ଅପୂରଣୀୟ କ୍ଷତି। ତାଙ୍କ ପରିବାରବର୍ଗଙ୍କୁ ପ୍ରଭୁ ଜଗନ୍ନାଥ ଅସୀମ ଧୈର୍ଯ୍ୟ ଦିଅନ୍ତୁ ବୋଲି ନିରଞ୍ଜନ କହିଛନ୍ତି। ବିଜେଡି ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀ କହିଛନ୍ତି, 'ଅଜିତଙ୍କ ଅକାଳ ବିୟୋଗରେ ମୁଁ ଦୁଃଖିତ ଓ ମର୍ମାହତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭଗବାନ ଧୈର୍ଯ୍ୟ ପ୍ରଦାନ କରନ୍ତୁ। ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।'

### ସିବିଏସ୍‌ଇ ଦଶମ ...

ନିଷ୍ପତ୍ତି ନିଆଯିବ ଏବଂ ପରୀକ୍ଷାର ୧୫ ଦିନ ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ଜଣାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ୧୦ମ ବୋର୍ଡ ପରୀକ୍ଷା ବାତିଲ ହୋଇଥିବାରୁ ବୋର୍ଡ ଦ୍ୱାରା ପ୍ରସ୍ତୁତ ମାପଦଣ୍ଡ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ଫଳାଫଳ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିରେ ଯେଉଁ ଛାତ୍ରଛାତ୍ରୀ ଅସନ୍ତୁଷ୍ଟ ହେବେ ସେମାନେ ପରବର୍ତ୍ତୀ ସମୟରେ ପରୀକ୍ଷା ଦେଇପାରିବେ। ଚଳିତ ବର୍ଷ ୨୧.୫ ଲକ୍ଷ ଛାତ୍ରଛାତ୍ରୀ ସିବିଏସ୍‌ଇ ଦଶମ ଏବଂ ୧୪ ଲକ୍ଷ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ତେବେ ଆଇସିଏସ୍‌ଇ (ଇଣ୍ଡିଆନ ସାର୍ଟିଫିକେଟ ଅଫ୍ ସେକେଣ୍ଡାରି ଏଜୁକେଶନ) ବୋର୍ଡ ପରୀକ୍ଷା ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇନାହିଁ।

ସିବିଏସ୍‌ଇ ବୋର୍ଡ ପରୀକ୍ଷା ସମ୍ପର୍କରେ ସରକାରଙ୍କ ନିଷ୍ପତ୍ତିକୁ ନେଇ ସ୍କୁଲ ପ୍ରିନ୍ସିପାଲ ଏବଂ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦଶମ ଶ୍ରେଣୀ ପିଲାମାନଙ୍କ ପାଇଁ ଗ୍ରେଡ୍ ପ୍ରସ୍ତୁତ କଲାବେଳେ ସ୍ୱଚ୍ଛ ମାନଦଣ୍ଡ ଅନୁସରଣ କରାଯିବା ସହ ଦ୍ୱାଦଶ ପରୀକ୍ଷା ପାଇଁ ତୁରନ୍ତ କାର୍ଯ୍ୟସୂଚୀ ଘୋଷଣା ହେବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସମେତ ବିରୋଧୀ ଦଳଗୁଡ଼ିକ ସ୍ୱାଗତ କରିଛନ୍ତି। ଯାହାହେଉ ସରକାର ଦଶମ ଶ୍ରେଣୀ ପରୀକ୍ଷା ବାତିଲ କରିଛନ୍ତି। ଏହା ଜାଣି ଖୁସି ଲାଗୁଛି। ଦ୍ୱାଦଶ ଶ୍ରେଣୀ ପାଇଁ ମଧ୍ୟ ଖୁବ୍‌ଶୀଘ୍ର ଅନୁରୂପ ନିଷ୍ପତ୍ତି ନିଆଯାଉ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟୁଇଟ୍ କରିଛନ୍ତି। ସେହିପରି ଦିଲ୍ଲୀ ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ମଧ୍ୟ ଟୁଇଟ୍ କରି କେନ୍ଦ୍ରକୁ ଧନ୍ୟବାଦ ଜଣାଇଛନ୍ତି। ଆଭ୍ୟନ୍ତରୀଣ ସମୀକ୍ଷା ଆଧାରରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଉପର କ୍ଲାସ୍‌କୁ ଉନ୍ନୀତ କରିବା ପାଇଁ ସିସୋଡିଆ ଅନୁରୋଧ କରିଛନ୍ତି।

### ହାଇଦର ଖସିଲେ, ଅଯୋଗ୍ୟ ...

ଘଟିଚାଲିଛି। ଓଡ଼ିଶା ପୋଲିସର ସବୁଠୁ ଦକ୍ଷ ତଦନ୍ତକାରୀ ତଥା ଗୋଇନ୍ଦା ସଂସ୍ଥା କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ୟୁନିଟ୍ ହେଉଛି ଏସ୍‌ଟିଏଫ୍। ସଂଗଠିତ ଅପରାଧ ରୋକିବା ପାଇଁ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବା ଏହାର ମୂଳ ଲକ୍ଷ୍ୟ ଥିଲା। ଏହାର ମୁଖ୍ୟଭାବେ ଅତିରିକ୍ତ ଡିଜି ପାହ୍ୟାର ଜଣେ ଅଧିକାରୀ ଥିବାବେଳେ ତାଙ୍କ ତଳକୁ ଯଥାକ୍ରମେ ଜଣେ ଆଇଜି, ଜଣେ ଏସ୍‌ପି, ଡେପୁଟି ଏସ୍‌ପି, ଲ' ଅଫିସର, ଇନ୍ସପେକ୍ଟର, ସବ୍ ଇନ୍ସପେକ୍ଟର, ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ହାବିଲ୍‌ଦାର ଏବଂ କନଷ୍ଟେବଳ ପଦବୀର ଅନେକ କର୍ମଚାରୀ ରହିଛନ୍ତି। ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ଗୋଇନ୍ଦା ତଥ୍ୟ ଯୋଗାଡ କରିବା, ଅନ୍ୟ ରାଜ୍ୟ ଓ ସରକାରୀ ଏଜେନ୍ସିର ସ୍ୱତନ୍ତ୍ର ଟାସ୍କଫୋର୍ସ ସହିତ ସମନ୍ୱୟ ରକ୍ଷା କରି ଗ୍ୟାଙ୍ଗଗୁଡିକର ଆପରାଧିକ ଗତିବିଧି ଓ କାର୍ଯ୍ୟକଳାପ ଉପରେ ନଜର ରଖିବା। ରାଜ୍ୟରେ ସଂଗଠିତ ଅପରାଧର ସମୀକ୍ଷା ଓ ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରିବା ସହ ଆନ୍ତଃଜିଲା ଅପରାଧୀ ଗୋଷ୍ଠୀକୁ ଧରିବା ଏସ୍‌ଟିଏଫ୍‌ର ପ୍ରମୁଖ ଦାୟିତ୍ୱ। ତେବେ ରାଜ୍ୟରେ ବର୍ତ୍ତମାନର ବଡ଼ ଅପରାଧୀ ଗୋଷ୍ଠୀର କାର୍ଯ୍ୟକଳାପ ଓ ଆପରାଧିକ ସ୍ଥିତିକୁ ତର୍ଜମା କଲେ ଏସ୍‌ଟିଏଫ୍‌ର ଢିଲାପଣ ବାରି ହୋଇପଡୁଛି। ସଂଗଠିତ ଅପରାଧ ତଥା ଯୋଜନା ସମ୍ପର୍କରେ ଏସ୍‌ଟିଏଫ୍ ନିକଟରେ କୌଣସି ତଥ୍ୟ ରହୁନାହିଁ, ଯାହାର ସୁଯୋଗ ନେଇ ହାଇଦର ଏସ୍‌ସିବିରୁ ଖସିଯିବାରେ ସଫଳ ହୋଇପାରିଲେ। ଏପରି କି ହାଇଦର ଫେରାର ହେବାର ୫ ଦିନ ବିତିଯାଇଥିଲେ ମଧ୍ୟ ସେ କେଉଁଆଡ଼େ ଗଲେ, ଏବେ କେଉଁଠି ଅଛନ୍ତି ସେନେଇ ତଦନ୍ତ କରୁଥିବା କଟକ-ଭୁବନେଶ୍ୱର କମିଶନରେଟ୍ ପୋଲିସ ଅନ୍ଧାରରେ ବାଡ଼ି ବୁଲାଉଥିବାବେଳେ ଏସ୍‌ଟିଏଫ୍ ଅତି ଚତୁରତାର ସହ ନିଜ ଦାୟିତ୍ୱରୁ ଓହରି ଯାଇଛି। ଏଥିରୁ ପ୍ରମାଣିତ ହେଉଛି ଯେ, ଓଡ଼ିଶା ପୋଲିସର ଦୁର୍ବଳତା ଯୋଗୁ ରାଜ୍ୟବ୍ୟାପୀ ଅପରାଧ ବୃଦ୍ଧି ପାଉଛି।


## classifieds Everyday
0674-2580101, 2549302

**real estate**
**SALE**

Plot for Sale, 2000sqft (10nos) per sqft-1800 Yellowzone infront of Tata ariana, Vipul Garden Backside Ghatikia Mouza-sankarpur, BBSR. Water & Electricity available 30' Road NH-5 to 1km Contact: 7381564227. D-20497

2/3BHK flat at Bhubaneswar booking open, Discfount offer, limited period upto 5,00,000/-. 9040744989. D-70836

Demarcated residential Plot at Sundargram (Dadhi College Front), Balianta, Rangabazar, Madanpur (GEC Front), Ranasinghpur (AIIMS), Malipada, Janala. Contact: 7978209813, 9777955594. D-70822

Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952. D-70830

Bhubaneswar Jaydev Vihar ଛକରେ Sqft. 5000/-ରେ ଘରବାରି Plot ମିଳୁଛି। Owner - 9090963952. D-70832

ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254. D-70826

ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ - 9937111658, 7381029351 (limited plots). D-70816

Bhubaneswar ସୁନ୍ଦରପଦା, କାଟେଣୀ ପାଖରେ ଘରବାଡ଼ି ପ୍ଲଟ 1200 Sqft. 18,00,000/-, 7,50,000/- କିଣି ଘର କରନ୍ତୁ। Liza - 7749020933. D-70833

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**GENERAL SALE**

Masala unit for sale latest grinding & packaging machinery for immediate sale. Contact: 9861096613, 9437032460. D-20503

**healthcare**

Monalisa massage club : All types body massage with hiprofile smart lady rooms service available 9708545108. D-20491

Ayurvedic full body massage by experienced (M/F) therapist. 9861193818, 8018656899. D-59986

Zen SPA positively health benefits with experts therapeutic genuinely massage. 7205084157. D-70585

Swarna SPA newly open positively health benefits with expert therapist. 9556978408. D-70584

New opening Saikrupa Panchakarma and Spa jointpain, fullbody massage, 8984068077. D-65915

**astrology**

ଜଗନ୍ନାଥ ଆଷ୍ଟ୍ରୋରେ ମାତ୍ର ୫ଘଣ୍ଟାରେ ସମସ୍ତ ପ୍ରକାର ପାରିବାରିକ/ ବ୍ୟବସାୟିକ ସମାଧାନ। 7894677450. D-59987

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଶନି ଓ ମଙ୍ଗଳ ଷଡ଼ାଷ୍ଟକ ହେତୁ କର୍ମକ୍ଷେତ୍ରରେ ବିବାଦଗ୍ରସ୍ତ ହୋଇପାରନ୍ତି। ବନ୍ଧୁଙ୍କ ସହ ଗୁରୁଦ୍ୱାର ଆଲୋଚନା ଅଧାରୁ ଅଟକିଯାଇପାରେ। ରାଜନୈତିକ, ଆନୁଷ୍ଠାନିକ ତଥା ସାଂଗଠନିକ ସ୍ଥିତି ମଜଭୁତ ରହିବ। ଶୁକ୍ରଙ୍କ ପ୍ରଭାବରେ ଅନ୍ୟମାନଙ୍କୁ ଆପ୍ୟାୟିତ କରି ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅକ୍ଷୁଣ୍ଣ ରଖିବାରେ ସମର୍ଥ ହେବେ।

**ବୃଷ**
ଆଜି ମୁଖଭାବରେ ମଙ୍ଗଳ ଥିବାରୁ ଆପଣଙ୍କ ରୋକ୍‌ଠୋକ୍ କଥା ବନ୍ଧୁସମ୍ପର୍କକୁ ହ୍ରାସ କରିବ। ରୋହିଣୀ ପାଇଁ ନିଜ ଲୋକ ବିରୋଧ କରୁଥିଲେ ମଧ୍ୟ ଶୁଭେଚ୍ଛୁମାନେ ସୁହାଇଲା ଭଳି କଥା କହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ଆଇନ ଓ ରାଜନୈତିକ ସଂଗଠନର ପ୍ରଚେଷ୍ଟା ଭଲରେ ଚାଲିବ।

**ମିଥୁନ**
ଏକାଦଶରେ ରବିଙ୍କ ସହ ଶୁକ୍ର ଥିବାରୁ କଥା ଓ କାମରେ ସନ୍ତୁଷ୍ଟ କରାଇ ବନ୍ଧୁଙ୍କୁ ଆପଣେଇ ନେବେ। ବିଭିନ୍ନ ଯୋଜନା କ୍ଷେତ୍ରରେ ସମସ୍ୟା ସମାଧାନପୂର୍ବକ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପରିବାରରେ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ରାଜନୀତି କ୍ଷେତ୍ରରେ ତଥା ସାଂଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କର୍କଟ**
ଆଜି ପାପଗ୍ରହଯୁକ୍ତ ଚନ୍ଦ୍ରଜନିତ ସ୍ୱାସ୍ଥ୍ୟ, ଯାତ୍ରା, ବ୍ୟବସାୟ ଓ କିଛି ନୂତନ କାମ ସମ୍ପର୍କରେ ଦୁଶ୍ଚିନ୍ତା ଦେଖାଦେବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଯୋଜନାଗୁଡ଼ିକୁ ବିଫଳ କରିବ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଲାଭ କରିବେ। ପ୍ରତିଯୋଗିତା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ରାଦିରେ ଉନ୍ନତ ଫଳ ପାଇବେ।

**ସିଂହ**
ଭାଗ୍ୟସ୍ଥ ରବି ହେତୁ ଆପଣଙ୍କ ସକାଶେ ଆଜି ପ୍ରତ୍ୟେକ କ୍ଷେତ୍ର ଅନୁକୂଳ। ଜମିଜମା କ୍ରୟବିକ୍ରୟ,ନିର୍ମାଣାଧୀନ କାମ, ଆମଦାନୀ କାରବାର,ବିଦେଶ ଯାତ୍ରା,ପ୍ରଶାସନିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ। ଯାତ୍ରାରେ ଅସାବଧାନତା ହେତୁକ ଧନହାନିର ଆଶଙ୍କା ରହିଛି। ନିଜର କାର୍ଯ୍ୟଦକ୍ଷତାକୁ ନେଇ ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**କନ୍ୟା**
ବୁଧଙ୍କ ଦୁର୍ବଳତା ହେତୁ ବିଭିନ୍ନ ସମସ୍ୟା ମଧ୍ୟରେ କର୍ମକ୍ଷେତ୍ର ଅଶାନ୍ତ ରହିପାରେ। ବିରୋଧୀଙ୍କ ଦ୍ୱାରା ହଠାତ୍ କୌଣସି ଗୁଜବ ମନକୁ ଚହଲାଇ ଦେବାର ଆଶଙ୍କା ରହିଛି। ସାମାଜିକ ସ୍ତରରେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା**
ଶୁକ୍ର ଓ ମଙ୍ଗଳ ତୃତୀୟ ଏକାଦଶସ୍ଥ ଯୋଗୁ ଆଜି ଆପଣ ପ୍ରତିଦ୍ୱନ୍ଦ୍ୱିତା କଲେ ଲାଭ କିଛି ହେବନି। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିବା ହେତୁ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ଆତ୍ମୀୟଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ବିଛା**
ଅଷ୍ଟମସ୍ଥ ରାଶ୍ୟାଧିପତି ନୀଚାଭିମୁଖୀ ହେତୁ ଭଲ ବଦଳରେ ସମସ୍ୟାବହୁଳତା ଧୈର୍ଯ୍ୟଚ୍ୟୁତି ଘଟାଇପାରେ। ଅନୁରାଧା ନକ୍ଷତ୍ର ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ପଡ଼ୋଶୀଙ୍କ ନିମନ୍ତ୍ରଣ କ୍ରମେ ମନୋରଞ୍ଜନରେ ଆଗ୍ରହ ପ୍ରକାଶ କରିପାରନ୍ତି। ଅଫିସିଆଲି କାମ ସକାଶେ ଅପରାହ୍ନରେ ଟେନ୍‌ସନ୍ ବଢ଼ିପାରେ।

**ଧନୁ**
ପାପଗ୍ରହ ମଧ୍ୟସ୍ଥ ବୃହସ୍ପତିଙ୍କ ଯୋଗୁ ଆପଣଙ୍କ ପାଇଁ ସମୟର ପ୍ରତିକୂଳ ବାତାବରଣ ଲାଗିରହିବ। ସାମାଜିକ ସ୍ତରରେ ନିଜକୁ ନ ସୁଧାରିଲେ ଅସୁବିଧାର ସମ୍ମୁଖୀନ ହେବେ। ଅଭାବ ନ ଥିଲେ ମଧ୍ୟ କୌଣସି ବ୍ୟକ୍ତିର ପରୋକ୍ଷ ମନ୍ତ୍ରଣା ମାନସିକ ସୁସ୍ଥତାକୁ ନଷ୍ଟ କରିବ। ଅବଶ୍ୟ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର**
ଶୁକ୍ରଙ୍କ ପ୍ରଭାବରୁ ବନ୍ଧୁଙ୍କ କଥା ମାନି କାମ କଲେ ଉପକୃତ ହେବେ। ବ୍ୟବସାୟ, ପରିବହନ, ପ୍ରଶାସନ, ପ୍ରକାଶନ, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାମ ପାଇଁ ପ୍ରକୃଷ୍ଟ ଦିବସ। ଶ୍ରବଣା ନକ୍ଷତ୍ରର ବହୁତ ମାନସିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବୃଦ୍ଧି ପାଇପାରେ। ଧାର କରଜ କରି କାମ ତୁଲାଇ ନେବେ ସିନା ସମ୍ପର୍କୀୟ ସାହାଯ୍ୟ କରିବେନି।

**କୁମ୍ଭ**
ଉଚ୍ଚସ୍ଥ ରବି ଓ ରାଶିସ୍ଥ ବୃହସ୍ପତି ଯୋଗୁ ପ୍ରତ୍ୟେକ କାମ ସମ୍ପନ୍ନ କଲେ ହେଁ ଟେନ୍‌ସନ୍ ଜମା ଛାଡିବ ନାହିଁ। ନୂତନ ଜିନିଷ କ୍ରୟ ପାଇଁ ମନ ବଳାଇ ପାରନ୍ତି। ଅବଶ୍ୟ ଉଦାରତାଗୁଣ ସକାଶେ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ।

**ମୀନ**
ବୁଧଙ୍କ ପ୍ରଭାବରେ ଆପଣଙ୍କ ଚିନ୍ତାଧାରା ଭଲ ହେଲେ ମଧ୍ୟ ସତ କହି ସମସ୍ୟାକୁ ଡାକି ଆଣିବେ। ଅବଶ୍ୟ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଦେଖେଇ ଶିଖେଇ ବହୁତ କଥା କହିପାରନ୍ତି। କେତେକ କ୍ଷେତ୍ରରେ ବିବାଦୀୟ ଘଟଣା କିଛିଏ ଜଟିଳ ଆଡ଼କୁ ଗତି କରିବ। ବ୍ୟବସାୟର ଲାଭ ଅର୍ଥ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବିନିଯୋଗ କରିପାରନ୍ତି।

ଆଜି ଚୈତ୍ର ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ, ଗୁରୁବାର, ବଙ୍ଗଳା ନବବର୍ଷ, ଏପ୍ରିଲ ୧୫ ତାରିଖ, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟଶ୍ରାଦ୍ଧ, ଦିବା ଘ.୦୫।୩୨ ଗତେ ଘ.୦୭।୧୨ ମଧ୍ୟେ, ଘ.୧୦।୩୨ ଗତେ ଘ.୦୧।୦୧ ମଧ୍ୟେ ଅମୃତବେଳା। ରାତ୍ରି ଘ.୦୨।୨୭ ଗତେ ଘ.୦୩।୧୩ ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୧।୨୦ଗତେ ଘ.୦୨।୫୩ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ଦଳିଦେଲା ହାତୀ

**ବରଗଡ଼ ଅଫିସ୍, ୧୪।୪:** ବରଗଡ଼ ଜିଲା ଘେଁସ ବନ ବିଭାଗ ଅଧୀନ ଖଲିଆମୁଣ୍ଡା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ମହୁଲ ଗୋଟାଉଥିବା ବେଳେ ଗୋଟିଏ ହାତୀ ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ଦଳି ଦେଇଛି। ମୃତକ ହେଲେ ଖଲିଆମୁଣ୍ଡା ଗ୍ରାମର ଦେବେନ୍ଦ୍ର ବଢ଼େଇ(୫୫)। ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପ୍ରକାଶ ଯେ, ସକାଳ ପ୍ରାୟ ୬ଟା ବେଳେ ଦେବେନ୍ଦ୍ର ଓ ତାଙ୍କ ସ୍ତ୍ରୀ ରେବତୀ ନିଜ କ୍ଷେତରେ ମହୁଲ ଗୋଟାଉ ଥିବାବେଳେ ଗୋଟିଏ ହାତୀ ସେଠାକୁ ଆସିବା ଦେଖି ଦୌଡ଼ି ପଳାଉଥିଲେ। ଦେବେନ୍ଦ୍ର ହାତୀ ହାବୁଡ଼ରେ ପଡ଼ିଯାଇଥିଲେ ଏବଂ ସେଠାରେ ହାତୀ ତାଙ୍କୁ ଦଳି ଦେଇଥିଲା। ରେବତୀ କୌଶଳକ୍ରମେ ସେଠାରୁ ଖସି ଯାଇଥିଲେ। ଉକ୍ତ ହାତୀ ଫସଲ ନଷ୍ଟ କରିବା ସହିତ ଗୋଟିଏ ଗାଈକୁ ମଧ୍ୟ ମାରି ଦେଇଛି। ଖବର ପାଇ ଘେଁସ ରେଞ୍ଜର ଗଜେନ୍ଦ୍ର ଏଣ୍ଡଜା ସ୍କ୍ୱାଡ୍ ସହିତ ମୃତକଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଅନୁକମ୍ପାମୂଳକ ରାଶି ପ୍ରଦାନ କରିଛନ୍ତି।

### ଫ୍ଲାଏଓଭର ତଳେ ଶିକ୍ଷାଦାନ



**ନୂଆଦିଲ୍ଲୀ, ୧୪।୪:** ଗଣିତରେ ସ୍ନାତକଧାରୀ ଉତ୍ତରପ୍ରଦେଶର ସତ୍ୟେନ୍ଦ୍ର ପାଲ ଏବେ ବସ୍ତି ପିଲାଙ୍କ ଗୁରୁ ପାଲଟିଛନ୍ତି। ଏଥିପାଇଁ ତାଙ୍କୁ ଦରକାର ପଡ଼ିନି ଶ୍ରେଣୀ କୋଠରି କି ଇଣ୍ଟରନେଟ। ପୂର୍ବଦିଲ୍ଲୀର ଏକ ଫ୍ଲାଏଓଭରକୁ ଛାତ କରି ଏହା ତଳେ କେବଳ ୨ଟି ହ୍ୱାଇଟ୍ ବୋର୍ଡ ବ୍ୟବହାର କରି ସେ ବିନା ଶୁଳ୍କରେ ଗରିବ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ସୋସିଆଲ ମିଡିଆରେ ସତ୍ୟେନ୍ଦ୍ରଙ୍କ ଏଭଳି ମହତ କାର୍ଯ୍ୟ ଟ୍ରେଣ୍ଡ ପାଲଟିଥିବାବେଳେ ଚାରିଆଡ଼ୁ ତାଙ୍କ ନିକଟକୁ ଛୁଟିଛି ପ୍ରଶଂସାର ସୁଅ। ୨୦୧୫ରୁ ସତ୍ୟେନ୍ଦ୍ର ଏଭଳି କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ଛୋଟ ପିଲାଙ୍କୁ ମୁକ୍ତ ଭାବେ ବାହାରେ ଶିକ୍ଷାଦାନ କରିବା ବିପଦପୂର୍ଣ୍ଣ ଭାବି କିଛି ଦିନ ଏଥିରୁ ଦୂରେଇ ରହିଥିଲେ। ହେଲେ ଅନେକ ମାତାପିତାଙ୍କ ଅନୁରୋଧ କ୍ରମେ ସେ ପୁଣି ଥରେ ଗରିବ ପିଲାଙ୍କୁ ଶିକ୍ଷାଦାନ ଆରମ୍ଭ କରିଥିବା ସତ୍ୟେନ୍ଦ୍ର କହିଛନ୍ତି।

# ସିଲ୍‌ଭର ସିଟି ବୋଟ୍ କ୍ଲବ ଲୋକାର୍ପିତ






ସିଲ୍‌ଭର ସିଟି ବୋଟ୍ କ୍ଲବକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରୁଛନ୍ତି।

- ପର୍ଯ୍ୟଟକଙ୍କ ପାଇଁ ଭ୍ୟୁ ପଏଣ୍ଟ
- ଓଟିଡିସି ପକ୍ଷରୁ ରେଷ୍ଟୁରାଣ୍ଟ ବ୍ୟବସ୍ଥା

**କଟକ ଅଫିସ, ୧୪।୪**

କଟକ ମାତାମଠସ୍ଥିତ ସିଲ୍‌ଭର ସିଟି ବୋଟ୍ କ୍ଲବ ବୁଧବାର ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଲୋକାର୍ପଣ କରି କହିଛନ୍ତି, ଜଳରାଶି ଅନ୍ତର୍ଭୁକ୍ତ ରାଜ୍ୟର ପର୍ଯ୍ୟଟନ ସମ୍ଭାବନାକୁ ସଂଯୋଗ କରିବା ପାଇଁ ଆମେ ଚିହ୍ନଟ କରିଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ଭିତ୍ତିଭୂମିର ବିକାଶ କରୁଛୁ। ମହାନଦୀର ଏହି ମନୋଜ୍ଞ ପରିବେଶରେ ମନୋରଞ୍ଜନ ଓ ଦୁଃସାହସିକ ଜଳକ୍ରୀଡା ଭିତ୍ତିକ ପର୍ଯ୍ୟଟନ ହବ୍ ପ୍ରତିଷ୍ଠା କରିବାରେ ସହାୟତା ହେବ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ସୁବାସ ସିଂ ଯୋଗଦେଇ ସିଲ୍‌ଭର ସିଟି ବୋଟ୍ କ୍ଲବରେ ରାତି ରହଣି ପାଇଁ ଅତିରିକ୍ତ ଗୃହ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ବିଭିନ୍ନ କୋଣରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ସାମୁଦ୍ରିକ ସଂଗ୍ରହାଳୟକୁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଅନ୍ତର୍ଭୁକ୍ତ କରିବା ସହ ନିକଟସ୍ଥ ଅନ୍ୟ ପର୍ଯ୍ୟଟନ ସ୍ଥଳିଗୁଡିକ ଅନୁସନ୍ଧାନ କରି ଭିତ୍ତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି, ଏହି ପ୍ରକଳ୍ପ ଏକାଧିକ ଜଳକ୍ରୀଡ଼ା ଅପରେଟର ଓ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହିତ କରିବ। କଟକ ତଥା ନିକଟବର୍ତ୍ତୀ ଜିଲାଗୁଡିକରେ ଜଳଭିତ୍ତିକ ପର୍ଯ୍ୟଟନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ଏହା ତିଆରି ହୋଇଛି। ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ ଯୋଗଦେଇ ରାଜ୍ୟରେ ନିର୍ଦ୍ଦିଷ୍ଟ ପର୍ଯ୍ୟଟନ ସ୍ଥଳିର ବିକାଶ ରଣନୀତି ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଓଟିଡିସି ଚେୟାରମ୍ୟାନ୍ ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ପର୍ଯ୍ୟଟକମାନଙ୍କୁ ମହାନଦୀରେ ଦୁଃସାହସିକ ଜଳକ୍ରୀଡା ସହ ମନୋରଞ୍ଜନ ସୁବିଧା ଯୋଗାଇ ଦେବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଏଠାରେ ୱାଟର ସ୍ପୋର୍ଟ୍ସ ପାର୍କ ହୋଇଛି। ପର୍ଯ୍ୟଟକମାନେ ମହାନଦୀର ମନୋରଞ୍ଜନ ଦୃଶ୍ୟକୁ ଉପଭୋଗ କରିବା ନିମନ୍ତେ ଏକ ଭ୍ୟୁ ପଏଣ୍ଟ ଓ ସ୍ମୃତିକୁ ସାଇତି ରଖିବା ପାଇଁ ସେଲ୍‌ଫି ଜୋନ୍ କରାଯାଇଛି। ଏଠାରେ ଜେଟ୍ ସ୍କି, ଫ୍ଲୋଟିଂ କାଫେ, ଟଏଲେଟ୍ କମ୍ପ୍ଲେକ୍ସ, ରେଷ୍ଟୁରାଣ୍ଟ, ପାର୍କିଂ ସ୍ଥାନ ଆଦି ରହିଛି। ସେହିପରି ଏହି ସ୍ଥାନରେ ସ୍ପିଡ୍ ବୋଟ୍, ଡେ କ୍ରୁଜ୍, ବାନାନା ବୋଟ, ଇନଫ୍ଲେଟେବୁଲ୍ ବୋଟ୍, ୱାଟର ସ୍କୁଟର, ଫ୍ଲୋଟିଂ କାଫେ, କାୟାକ, କାନୋଇ, ପେଡାଲ୍ ବୋଟ୍, ସ୍କୁବା ଡାଇଭିଂ ବ୍ୟବସ୍ଥା ରହିଛି। ଏଥିସହ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଓଟିଡିସି ପକ୍ଷରୁ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି।

# ବିବାହ ପାଇଁ ରାଜି ନ ହେବାରୁ ନାବାଳିକାଙ୍କୁ ଚେଙ୍କ

**ବରୀ, ୧୪।୪ (ଡି.ଏନ.ଏ.)**

- ଯୁବକଙ୍କ ବାପା ଅଟକ

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନାବାଳିକାଙ୍କୁ ବିବାହ ପାଇଁ କହି ଜଣେ ଯୁବକ ବିଫଳ ହେବା ପରେ ତାଙ୍କୁ ଚେଙ୍କ ଦେଇ ଲହୁଲୁହାଣ କରିଛନ୍ତି। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏନେଇ ନାବାଳିକାଙ୍କ ମା'ଥାନାରେ ଅଭିଯୋଗ କରିବା ପରେ ପୋଲିସ ଯୁବକଙ୍କ ବାପାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏନେଇ ଥାନାରେ ମାମଲା (ନଂ.୭୭/୨୧) ରୁଜୁ ହୋଇଛି।

ସୂଚନା ଅନୁସାରେ, ଏହି ଥାନା ଅଧୀନ ଅଟିରା ଗ୍ରାମର ଦେବେନ୍ଦ୍ର ଜେନା(୨୮) ସମ୍ପୃକ୍ତ ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିଲେ। ତେଣୁ ଅନେକ ସମୟରେ ନାବାଳିକାଙ୍କୁ ବିବାହ କରିବାକୁ ଜିଦ୍ ଧରୁଥିଲେ। ମଙ୍ଗଳବାର ରାତି ପ୍ରାୟ ୭ଟାରେ ନାବାଳିକାଙ୍କୁ ବିବାହ କରିବାକୁ ଚାପ ପକାଇଥିଲେ। ଏପରି କି ଯୁବକଙ୍କ ମା'ବାପା ମଧ୍ୟ ନାବାଳିକାଙ୍କୁ ରାଜି କରାଇବାକୁ ଉଦ୍ୟମ କରିଥିଲେ। ହେଲେ ଏଥିରେ ନାବାଳିକା ରାଜି ହୋଇ ନ ଥିଲେ। ତେଣୁ କୌଣସି ଉପାୟ ନ ପାଇ ଦେବେନ୍ଦ୍ର ନାବାଳିକାଙ୍କୁ ମନାଇବା ପାଇଁ ଏକ ପିତ୍ତଳ ଖଡ଼ିକା ଗରମ କରି ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଚେଙ୍କ ଦେଇଥିଲେ। ଫଳରେ ନାବାଳିକା ଗୁରୁତର ହୋଇପଡ଼ିଥିଲେ। ଏଥିରେ ଦେବେନ୍ଦ୍ରଙ୍କୁ ତାଙ୍କ ମା'ବାପା ସହଯୋଗ କରିଥିଲେ ବୋଲି ନାବାଳିକାଙ୍କ ମା' ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ସମ୍ପର୍କରେ ଥାନା ଅଧିକାରୀ ଅଜୟ କୁମାର ଜେନା କହିଛନ୍ତି, ଅଭିଯୋଗର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବୃଦ୍ଧଙ୍କୁ ଚପଲମାଳ ପିନ୍ଧାଇ ଗାଁ ବୁଲାଇଲେ

**ବଲାଙ୍ଗୀର ଅଫିସ, ୧୪।୪**

- ବ୍ରାହ୍ମଣୀଡୁଙ୍ଗୁରିରେ କଙ୍ଗାରୁକୋର୍ଟ
- ଭିଡିଓ ଭାଇରାଲ ପରେ ଜଣାପଡ଼ିଲା ଘଟଣା

ବଲାଙ୍ଗୀର ସଦର ଥାନା ବ୍ରାହ୍ମଣୀଡୁଙ୍ଗୁରି ଗାଁର ଜଣେ ବୃଦ୍ଧଙ୍କୁ ଚପଲମାଳ ପିନ୍ଧାଇ ପଡ଼ାରେ ବୁଲାଇବା ଘଟଣାର ଭିଡିଓ ଭାଇରାଲ ହୋଇଛି। ଏହି ଘଟଣାରେ ପୋଲିସ ସଦାନନ୍ଦ ଛତ୍ରିଆ (୫୦)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୨୫/୨୧) ରୁଜୁ ହୋଇଛି।

ବ୍ରାହ୍ମଣୀଡୁଙ୍ଗୁରି ଗାଁର ସୁବିନ୍ କୁଅଁର (୬୫)ଙ୍କ ଦେହରେ ଚୂନ ଲଗାଇ ଚପଲମାଳ ପିନ୍ଧାଇ ଓ ତାଙ୍କ ହାତକୁ ଏକ ରଶିରେ ବାନ୍ଧି ଗତ ୧୧ ତାରିଖରେ ଗାଁରେ ବୁଲାଯାଇଥିଲା। ସୁବିନ୍ ତାଙ୍କ ପଡ଼ାର ସଦାନନ୍ଦ ଛତ୍ରିଆଙ୍କ ଘରେ ପଶି ତାଙ୍କ ଦିଅଁ ଓ ପୂଜା ସାମଗ୍ରୀକୁ ପିଙ୍ଗାଫୋପଡ଼ା କରିବା ସହ ପୂଜାଦୀପ ନେଇ ପଳାଇ ଆସିଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ଗାଁରେ କେତେକ ଲୋକ କଙ୍ଗାରୁକୋର୍ଟରେ ଫଇସଲା କରି ସୁବିନ୍‌ଙ୍କୁ ଶୁଣାଇଥିବା ଶାସ୍ତି ମୁତାବକ ତାଙ୍କ ବେକରେ ଚପଲମାଳ ପିନ୍ଧାଇ ଅଭିଯୁକ୍ତ ଛତ୍ରିଆ ବୁଲାଇଥିଲେ। ଉକ୍ତ ଘଟଣାକୁ ମୋବାଇଲରେ ରେକର୍ଡିଂ କରି ଅନ୍ୟ କେତେକ ଭାଇରାଲ କରିଥିଲେ। ଭିଡିଓ ଭାଇରାଲ ପରେ ସୁବିନ୍‌ଙ୍କ ଝିଅ ସଦର ଥାନାରେ ଅଭିଯୋଗ କରିଥିଲେ।



ଉତ୍ତରପ୍ରଦେଶରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଥିବା ବେଳେ ପ୍ରାୟଗରାଜରେ ବସ୍‌ରେ ଚଢୁଛନ୍ତି ଘରମୁହାଁ ପ୍ରବାସୀ।

# 'ଏସ୍-୪୦୦ ଚୁକ୍ତିକୁ ନେଇ ରୁଷିଆ, ଭାରତ ପ୍ରତିବଦ୍ଧ'

**ନୂଆଦିଲ୍ଲୀ, ୧୪।୪:** ଏସ୍-୪୦୦ ମିସାଇଲ ଚୁକ୍ତି ଅନୁସାରେ ଧାର୍ଯ୍ୟ ସମୟ ସୀମା ଏବଂ ଅନ୍ୟାନ୍ୟ ଦାୟିତ୍ୱ ନିର୍ବାହ ନିମନ୍ତେ ଉଭୟ ଭାରତ ଓ ରୁଷିଆ ପ୍ରତିବଦ୍ଧ ବୋଲି ରୁଷ୍ ରାଷ୍ଟ୍ରଦୂତ ନିକୋଲେ କୁଦାଶେଭ ବୁଧବାର କହିଛନ୍ତି। ରୁଷିଆଠାରୁ ଏହି ଯୁଦ୍ଧାସ୍ତ୍ର କ୍ରୟ ଉପରେ ଆମେରିକା ଭାରତ ଉପରେ କଟକଣା ଲଗାଇପାରେ ବୋଲି କୁହାଯାଉଥିବାବେଳେ ରୁଷିଆ ରାଷ୍ଟ୍ରଦୂତ ଏହି ମନ୍ତବ୍ୟ ଦେଇଛନ୍ତି। ଦ୍ୱିପାକ୍ଷିକ କଟକଣା ଅନୁଚିତ ଏବଂ ବେଆଇନ ହୋଇଥିବାରୁ ଭାରତ ଏବଂ ରୁଷିଆ ଏହାକୁ ମାନ୍ୟତା ଦେବେନାହିଁ। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ଲଏଡ୍ ଅଷ୍ଟିନ୍ ଭାରତ ଆସିଥିବାବେଳେ ଏସ୍-୪୦୦ କ୍ରୟ ଉପରେ କଟକଣା ନେଇ ରାଜନାଥ ସିଂଙ୍କ ସହ କୌଣସି ଚର୍ଚ୍ଚା ହୋଇ ନ ଥିବା କହିଥିଲେ।

# ୯/୧୧ ସୁଦ୍ଧା ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର

## ଶାନ୍ତି ଆଲୋଚନାକୁ ଭାରତ ଆମନ୍ତ୍ରିତ



**ଜାତିସଂଘ, ୧୪।୪(ଆଇଏଏନ୍‌ଏସ୍)**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ଲାଗି ସେପ୍ଟେମ୍ବର ୧୧ ସମୟସୀମା ଧାର୍ଯ୍ୟ କରିଛନ୍ତି। କାତାରରେ ତାଲିବାନ, ଆଫଗାନ ସରକାରଙ୍କ ମଧ୍ୟରେ ବୁଝାମଣା ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଜାତିସଂଘ ପକ୍ଷରୁ ତୁର୍କୀରେ ପରବର୍ତ୍ତୀ ବୈଠକ ଡକାଯାଇଛି। ଏହି ଶାନ୍ତି ଆଲୋଚନାରେ ଭାଗ ନେବା ଲାଗି ଭାରତକୁ ଆମନ୍ତ୍ରଣ କରାଯାଇଛି।

ମେ' ୧ ସୁଦ୍ଧା ସୈନ୍ୟ ପ୍ରତ୍ୟାହାର ପାଇଁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାରିଖ ଧାର୍ଯ୍ୟ କରିଥିଲେ। ତେବେ ଆଲୋଚନାରେ ଅଗ୍ରଗତି ହୋଇପାରୁ ନ ଥିବାରୁ ରାଷ୍ଟ୍ରପତି ବାଇଡେନ୍ ସାନି ତାରିଖ ଘୋଷଣା କରିଛନ୍ତି। ଇସ୍ତାନବୁଲ୍‌ଠାରେ ଏପ୍ରିଲ ୨୪ରୁ ଶାନ୍ତି ଆଲୋଚନା ଅନୁଷ୍ଠିତ ହେବ। ଏଥିରେ ଭାରତ, ଚାଇନା, ରୁଷିଆ, ପାକିସ୍ତାନ, ଇରାନ ଏବଂ ଆମେରିକାର ବହିର୍ବ୍ୟାପାର ମନ୍ତ୍ରୀ ଓ ରାଷ୍ଟ୍ରଦୂତମାନେ ଯୋଗଦେବେ।

# ଆଇଏନ୍‌ସି ଟିଭି ଲଞ୍ଚ୍ କଲା କଂଗ୍ରେସ

**ନୂଆଦିଲ୍ଲୀ, ୧୪।୪:** ଡ. ଭୀମରାଓ ଆମ୍ବେଡ୍‌କରଙ୍କ ଜନ୍ମବାର୍ଷିକୀ ଅବସରରେ ବୁଧବାର କଂଗ୍ରେସ ଦଳ ପକ୍ଷରୁ ଆଇଏନ୍‌ସି ଟିଭି ନାମରେ ଏକ ଡିଜିଟାଲ ମିଡିଆ ପ୍ଲାଟ୍‌ଫର୍ମର ଶୁଭାରମ୍ଭ ହୋଇଛି। କଂଗ୍ରେସର ସ୍ୱର ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ଡିଜିଟାଲ ମିଡିଆ ପ୍ଲାଟଫର୍ମର ଉଦ୍ଦେଶ୍ୟ। ଏହି ପ୍ଲାଟଫର୍ମ ୟୁଟ୍ୟୁବ୍‌ରେ ଉପଲବ୍ଧ ହେବ। ମୁଖ୍ୟସ୍ରୋତରେ ଥିବା ଗଣମାଧ୍ୟମଗୁଡ଼ିକ ବିରୋଧୀ ଦଳ ପ୍ରତି ପାତରଅନ୍ତର ମନୋଭାବ ପ୍ରଦର୍ଶନ କରୁଥିବା କଂଗ୍ରେସ ଦୀର୍ଘବର୍ଷ ହେବ ଅଭିଯୋଗ କରିଆସୁଥିଲା। ତେବେ ଉକ୍ତ ଟିଭି କିପରି ଲକ୍ଷ୍ୟ ପୂରଣ କରିବ ତାକୁ ନେଇ ଦଳୀୟ ନେତାମାନେ ସନ୍ଦିହାନ ଅଛନ୍ତି। କଂଗ୍ରେସ ମୁଖ୍ୟାଳୟରେ ଟିଭି ଲଞ୍ଚ୍ ଅବସରରେ ଦଳୀୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି, ଏପ୍ରିଲ ୨୪ ଜାତୀୟ ପଞ୍ଚାୟତିରାଜ ଦିବସରୁ ଆଇଏନ୍‌ସି ଟିଭି ଶୋ' ପ୍ରସାରଣ ଆରମ୍ଭ ହେବ। ପ୍ରତ୍ୟହ ଏହା ଅନ୍ୟୂନ ୮ ଘଣ୍ଟା ଲାଇଭ୍ କାର୍ଯ୍ୟକ୍ରମ ପ୍ରସାରଣ କରିବ ବୋଲି ସେ କହିଛନ୍ତି। ଡିଜିଟାଲ ମିଡିଆ ପ୍ଲାଟଫର୍ମ ଶୁଭାରମ୍ଭ ଅବସରରେ କଂଗ୍ରେସ ମୁଖ୍ୟାଳୟରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ତଥା ଏଆଇସିସି ସାଧାରଣ ସମ୍ପାଦକ ମଲ୍ଲିକାର୍ଜୁନ ଖାର୍ଗେ, ଏନ୍‌ଏସ୍‌ୟୁଆଇ ଅଧ୍ୟକ୍ଷ ନୀରଜ କୁନ୍ଦନ, ମହିଳା କଂଗ୍ରେସ ଅଧ୍ୟକ୍ଷା ସସ୍ମିତା ଦେବ ପ୍ରମୁଖ ଉପସ୍ଥିତ ଥିଲେ।

# କାଟଛାଣ୍ଟ ହେବ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ

**ନୂଆଦିଲ୍ଲୀ/ଲଣ୍ଡନ, ୧୪।୪(ଆଇଏଏନ୍‌ଏସ୍)**



ଭାରତରେ କରୋନା ସଂକ୍ରମଣର ଦ୍ୱିତୀୟ ଲହରର ଭୟାବହତାକୁ ଦୃଷ୍ଟିରେ ରଖି ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ତାଙ୍କ ନୂଆଦିଲ୍ଲୀ ଗସ୍ତକୁ କାଟଛାଣ୍ଟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୬ରେ ଜନ୍‌ସନ ଭାରତ ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ୟୁରୋପୀୟ ସଂଘରୁ ବ୍ରିଟେନ ଓହରିବା ପରେ ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ବୃଦ୍ଧି କରିବା ଆଶା କରାଯାଉଛି। ଆମେରିକା ପରେ ଭାରତ ହେଉଛି ବ୍ରିଟେନରେ ଦ୍ୱିତୀୟ ସର୍ବାଧିକ ନିବେଶକ। ବ୍ରେକ୍‌ଜିଟ ପରେ ବ୍ରିଟେନ ଏହାର ଅର୍ଥନୀତି ଓ ସୁରକ୍ଷା ପାଇଁ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଉପରେ ଗୁରୁତ୍ୱ ଦେଉଛି। ଜନ୍‌ସନ ଭାରତ ଗସ୍ତ ଅବସରରେ ନୂଆଦିଲ୍ଲୀ ବ୍ୟତୀତ ମୁମ୍ବାଇ, ପୁଣେ, ବେଙ୍ଗାଲୁରୁ ଓ ଚେନ୍ନାଇ ଭ୍ରମଣରେ ଯିବେ ବୋଲି ପୂର୍ବରୁ ସୂଚନା ଦେଇଥିଲେ। ତେବେ କରୋନା ପାଇଁ ଭାରତ ସରକାରଙ୍କ ସହ କଥା ହୋଇ ତାଙ୍କ ଗସ୍ତକୁ ସଂକ୍ଷିପ୍ତ କରିଥିବା ଜଣେ ମୁଖପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office, Burla-768017

**NOTICE INVITING TENDER**

**Tender Enquiry No.: TPCODM/AO/O/W052**

TP Western Odisha Distribution Limited invites tenders (2part bidding) from eligible vendors for the following package :

**Scope of Tender:**
**Meter Reading, Bill Distribution and Payment Collection.**

For detailed tender document, please visit Tender section on website **https://www.tatapower.com** and **www.tpwesternodisha.com.** Further details for participating in tender is given in the tender document.

Interested bidders to submit Tender Participation Fee and Authorization Letter through email before **22nd April 2021, 1500Hrs**, after which link from e-Tender system shall be shared. All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

**Sd/- Chief Contracts & Stores**

**Bhubaneswar Smart City Limited**
Block-1, 5th Floor, BMC-Bhawani Mall
Saheed Nagar, Bhubaneswar-751007
E-mailId:bbsr.bscl@gov.in,CIN:U74990OR2016PLC020016
Telephone-0674-2548428, Fax: 0674-2540811

No.1143/BSCL/01/2021 Date: 13.04.2021

**Request for Proposal (RFP) to provide vehicles on monthly hiring basis to Bhubaneswar Smart City Limited (BSCL), Bhubaneswar**

M/s. Bhubaneswar Smart City Limited (BSCL), Bhubaneswar invites sealed proposals from registered and experienced Travel Agenceis to provide different types of vehicles on monthly hiring basis for an initial period of one year to Bhubaneswar Smart City Limited, Bhubaneswar. The details of Terms of Reference (ToR) can be downloaded from the website of BSCL i.e. www.smartcitybhubaneswar.gov.in. Interested agencies may submit their proposal in a sealed cover superscribing as "RFP to provide vehicles on monthly hiring basis to BSCL" with advertisement number and date to the General Manager (Admin.), Bhubaneswar Smart City Limited, 5th Floor, Block-1, BMC Bhawani Mall, Saheed Nagar, Bhubaneswar-751007 through Speed Post/ Registered Post/ Courier services only, which should reach on or before 11.00 A.M. on 26.04.2021 positively and the same will be opened at 3.00 P.M. on the same day. Proposal received after the due date and time shall be rejected. The undersigned reserves the right to reject any or all the tender without assigning any reason thereof.

By order
**Sd./- General Manager (Administration)**
**Bhubaneswar Smart City Limited**

**ADMISSION NOTICE**

**[COMMON ENTRANCE TEST (CET-2021) FOR ADMISSION AT]**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
OLATPUR, P.O.- BAIROI, DIST.-CUTTACK- 754010 (ODISHA), Tel.: 0671-2805347, 9438568953, 9937755426
E-mail: svnirtarcetpget2021@gmail.com; Website: www.svnirtar.nic.in

**NATIONAL INSTITUTE FOR LOCOMOTOR DISABILITIES (DIVYANGJAN), KOLKATA (NILD)**
B.T. ROAD, BON-HOOGHLY, KOLKATA-700090
Tel.: 033-25310279, Fax: 033-25318379, Website: www.niohkol.nic.in

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Muttukadu, Kovalam Post Chennai- 603112
Tel.: 044-27472113, 27472046, Website: www.niepmd.tn.nic.in

(All above Institutes under DEPwDS (DIVYANGJAN), Ministry of Social Justice and Empowerment, Govt. of India)

Applications are invited from the candidates on prescribed form to appear a Common Entrance Test (CET)-2021 for admission into following professional degree courses:

1. **Bachelor of Physiotherapy (BPT)**
2. **Bachelor of Occupational Therapy (BOT)**
3. **Bachelor in Prosthetics & Orthotics (BPO)**

**Eligibility**: 10+2 Science with English as compulsory subject.

**POST GRADUATE ENTRANCE TEST (PGET-2021) FOR ADMISSION AT SVNIRTAR**

Applications are invited from the candidates on prescribed form to appear a Post Graduate Entrance Test (PGET)-2021 for admission into following Post Graduate courses:

1. **Master of Physiotherapy (MPT)**
2. **Master of Occupational Therapy (MOT)**
3. **Master in Prosthetics and Orthotics (MPO)**

**Eligibility:** Degree in BPT/B.Sc. (PT) for MPT course, Degree in BOT/B.Sc. (OT) for MOT course and Degree in BPO/B.Sc. (P&O) for MPO course.

Starting of online publication of Information Brochure and Application forms on website: 15.04.2021.
**Closing date for online receipt of Application Form: 15.06.2021.**
**Date of Entrance Test: 18.07.2021.**
For details log on to : www.svnirtar.nic.in, Email: svnirtarcetpget2021@gmail.com

**CHAIRMAN, CET & PGET-2021**

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। –ଶ୍ରୀଅରବିନ୍ଦ



# ଘାତକ କୋଲେଷ୍ଟରଲ



ମାନେକା ଗାନ୍ଧୀ

ମାଂସ ତଥା ଚର୍ବି(ଫ୍ୟାଟ୍) ଭଳି ପଦାର୍ଥ କୋଲେଷ୍ଟରଲ ଆମ ଶରୀରର ସବୁ କୋଷିକାରେ ମିଳିଥାଏ। ଶରୀରରେ ଭିଟାମିନ ଡି', ହର୍ମୋନ ତିଆରି କରିବା ଲାଗି ଏହା ଦରକାର ହୁଏ ଓ ଖାଦ୍ୟ ହଜମ କରିବା ଲାଗି ଆବଶ୍ୟକ ତତ୍ତ୍ୱ ଯୋଗାଇଥାଏ। ଏହା ମୁଖ୍ୟତଃ ଦୁଇଟି ଉତ୍ସରୁ ମିଳିଥାଏ। ଶରୀର ପାଇଁ ଆବଶ୍ୟକ ସମସ୍ତ ପ୍ରକାର କୋଲେଷ୍ଟରଲ ଲିଭର ଯୋଗାଏ। ଅପରପକ୍ଷରେ ଶରୀର ଆବଶ୍ୟକ କରୁନଥିବା କୋଲେଷ୍ଟରଲ ପ୍ରାଣିଜ ଖାଦ୍ୟରୁ ଆସିଥାଏ। ଶରୀରରେ ଆବଶ୍ୟକତାଠାରୁ ଅଧିକ କୋଲେଷ୍ଟରଲ ରହିଲେ ତାହା ହାର୍ଟ ଡିଜିଜ୍ କିମ୍ବା ହାର୍ଟ ଆଟାକ୍ର କାରଣ ହୋଇଥାଏ। କୋଲେଷ୍ଟରଲ ବୃଦ୍ଧି ପାଇଲେ ତାହା ଧମନୀକୁ ସଙ୍କୁଚିତ କରିଦିଏ। ଏହାଦ୍ୱାରା ହାର୍ଟକୁ ରକ୍ତପ୍ରବାହ ବାଧାପ୍ରାପ୍ତ ହୁଏ। ବହୁ ସମୟରେ ଶରୀରରେ କୋଲେଷ୍ଟରଲ ସ୍ତର ଅଧିକ ରହିଥିଲେ ମଧ୍ୟ ପ୍ରଥମ ହାର୍ଟ ଆଟାକ୍ ନ ହେବା ଯାଏ ତାହା ସହଜରେ ଜଣାପଡ଼େନାହିଁ। ଅତ୍ୟଧିକ ଓଜନ ମଧ୍ୟ ଏକ ସମସ୍ୟା । କାରଣ ତୁମେ ଯେଉଁ ଖାଦ୍ୟ ଗ୍ରହଣ କରିଥାଅ ତାହା କୋଲେଷ୍ଟରଲ ବୃଦ୍ଧି କରିବା ସହ ଓଜନ ମଧ୍ୟ ବଢ଼ାଇଥାଏ। କିଛି କୋଲେଷ୍ଟରଲ ଲିଭର ଏବଂ ଗଲ୍‌ବ୍ଲାଡରରେ ଜମି ରହେ। କିନ୍ତୁ ଅଧିକ କୋଲେଷ୍ଟରଲ ଜମାଟ ବାନ୍ଧେ ଫ୍ୟାଟ ସେଲ୍ ବା କୋଷିକାରେ, ଯାହାକୁ କୁହାଯାଏ ଆଡିପୋସାଇଟ୍। ଶରୀରରେ ଏହା ଅତ୍ୟଧିକ ଜମାଟ ବାନ୍ଧିଲେ ଫ୍ୟାଟ ସେଲ୍ ଫୁଲିଯାଏ ଓ ଓଜନ ବୃଦ୍ଧି ପାଇଥାଏ। ଅତ୍ୟଧିକ ଫ୍ୟାଟ୍(ଚର୍ବିଜାତୀୟ) କିମ୍ବା କାର୍ବୋହାଇଡ୍ରେଟ ଯୁକ୍ତ ଖାଦ୍ୟ ଖାଇବା ଯୋଗୁ ଶରୀରରେ କୋଲେଷ୍ଟରଲ ସ୍ତର ମଧ୍ୟ ଅଧିକ ବଢ଼ିଯାଏ।

ଦୁଇ ପ୍ରକାର କୋଲେଷ୍ଟରଲ ରହିଛି। ହାଇ ଡେନ୍‌ସିଟି ଲିପୋପ୍ରୋଟିନ(ଏଚ୍‌ଡିଏଲ୍) ଶରୀର ପାଇଁ ଭଲ। ଏହା ଶରୀରରୁ କ୍ଷତିକାରକ କୋଲେଷ୍ଟରଲ ନିଷ୍କାସନ କରି ହାର୍ଟ ଆଟାକ୍ ଏବଂ ଷ୍ଟ୍ରୋକ୍‌ରୁ ରକ୍ଷା କରେ। ଲୋ ଡେନ୍‌ସିଟି ଲିପୋପ୍ରୋଟିନ (ଏଲ୍‌ଡିଏଲ୍) ଏକ କ୍ଷତିକାରକ କୋଲେଷ୍ଟରଲ। ଏହା ରକ୍ତ ପ୍ରବାହରେ ବାଧା ଦିଏ। ଷ୍ଟ୍ରୋକ୍ ଓ ହାର୍ଟ ଆଟାକ୍‌ର କାରଣ ହୋଇଥାଏ। ଏଲ୍‌ଡିଏଲ୍ ଲିଭରରୁ କୋଲେଷ୍ଟରଲକୁ ଶରୀରର ସବୁଆଡ଼େ ରହିଥିବା ସେଲ୍‌କୁ ନେଇଥାଏ । ଶରୀରରେ ଅତ୍ୟଧିକ ଏଲ୍‌ଡିଏଲ ରହିଲେ ଏହା ଧମନୀର ଭିତର ପାଖରେ ଅଠାଭଳି ଲାଗି ରହେ ଓ ଧୀରେ ଧୀରେ ଜମାଟ ବାନ୍ଧି ଚର୍ବିଭଳି ପଦାର୍ଥ (ଆଥେରୋମା) ସୃଷ୍ଟି କରେ। ଏହି ପ୍ରକ୍ରିୟାକୁ କୁହାଯାଏ ଆଥେରୋସ୍କ୍ଲେରୋସିସ୍।

କୋଲେଷ୍ଟରଲ ଆନିମଲ ଫୁଡ୍, ମାଂସ, ଦୁଗ୍ଧ, ଲହୁଣି ଓ ଛେନାରୁ ମିଳିଥାଏ। ସାଚୁରେଟେଡ ଏବଂ ଟ୍ରାନ୍ସ ଫ୍ୟାଟ୍ ରକ୍ତରେ କୋଲେଷ୍ଟରଲ ବୃଦ୍ଧି କରିଥାଏ । ମାଂସ, ଦୁଗ୍ଧଜାତୀୟ ଖାଦ୍ୟ, ଚକୋଲେଟ, ବିସ୍କୁଟ୍ ଏବଂ ପପକର୍ନ, କୃତ୍ରିମ ଲହୁଣି, ଅତ୍ୟଧିକ ତେଲଭାଜି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ମୁଖ୍ୟତଃ ଜଙ୍କ୍‌ଫୁଡରୁ ସାଚ୍ୟୁରେଟେଡ ଫ୍ୟାଟ୍ ମିଳିଥାଏ। ଫ୍ରାଏଡ୍ ଏବଂ ପ୍ରୋସେସ୍‌ଡ ଫୁଡ୍ ଓ ଜଙ୍କ୍‌ଫୁଡରୁ ଟ୍ରାନ୍ସଫ୍ୟାଟ୍ ମିଳେ। ବୟସ୍କମାନଙ୍କ ପାଇଁ କୋଲେଷ୍ଟରଲ ସ୍ତର ୨୦୦ ମିଲିଗ୍ରାମ ପର୍ ଡେସିଲିଟର (ଏମ୍‌ଜି/ଡିଏଲ୍) ରହିଲେ ଏହା ସ୍ୱାସ୍ଥ୍ୟ ପାଇଁ ଭଲ। ୨୦୦–୨୩୯ ଏମ୍‌ଜି/ଡିଏଲ୍ ମଧ୍ୟରେ ରହିଲେ ଚଳିବ। କିନ୍ତୁ ୨୪୦ ଏମ୍‌ଜି/ଡିଏଲ୍ କିମ୍ବା ଏହାଠାରୁ ଅଧିକ କ୍ଷତିକାରକ। ଏଲ୍‌ଡିଏଲ୍ କୋଲେଷ୍ଟରଲ ସ୍ତର ୧୦୦ ଏମ୍‌ଜି/ଡିଏଲ୍‌ରୁ କମ୍ ରହିବା ଉଚିତ। ତେବେ କଥା ହେଉଛି, କୋଲେଷ୍ଟରଲ ସ୍ତର ଉଚ୍ଚ ରହିଥିଲେ ନିର୍ଦ୍ଦିଷ୍ଟ ଭାବେ ତାହାର କୌଣସି ଲକ୍ଷଣ ପ୍ରକାଶ ପାଏ ନାହିଁ। ଏଣୁ ଏହା ଜାଣିବାକୁ ହେଲେ ତୁମକୁ ପରୀକ୍ଷା କରିବା ଉଚିତ। କୋଲେଷ୍ଟରଲ ଶରୀରରେ ଲୁଚି ରହି ଘାତକ ସାଜେ। ଏହା ଚରମ ସୀମାରେ ନ ପହଞ୍ଚିବା ଯାଏଁ ଆମେ ଜାଣିପାରୁନାହୁଁ। ବିଶେଷ କରି କୋଲେଷ୍ଟରଲ ବୃଦ୍ଧି ହେଲେ ଅନେକଙ୍କ ଆଖି ଚାରିପାଖ ତ୍ୱଚାରେ କୋମଳ, ହଳଦିଆ ରଙ୍ଗର ମାଂସ ବୃଦ୍ଧି କିମ୍ବା ଦାଗ ଦେଖାଯାଏ। ଏହାକୁ ଜାଙ୍ଥୋମାସ କୁହାଯାଏ। ବାମ ପାର୍ଶ୍ୱ ଛାତିରେ ଯନ୍ତ୍ରଣା, ଚାପ ପ୍ରକାଶ ପାଏ, ମୁଣ୍ଡ ବୁଲାଇବା,ଚାଲିବାରେ ଅସନ୍ତୁଳନ, କଥା ଅସ୍ପଷ୍ଟ ରହିବା କିମ୍ବା ଆଣ୍ଠୁତଳେ ଯନ୍ତ୍ରଣା ଅନୁଭବ ହେବା ଭଳି ଲକ୍ଷଣ ମଧ୍ୟରୁ ଯେ କୌଣସି ଗୋଟିଏ ଥିଲେ ଶରୀରରେ ଅଧିକ କୋଲେଷ୍ଟରଲ ରହିଛି ବୋଲି ଜଣାଯାଏ।

କୋଲେଷ୍ଟରଲ ସ୍ତର କମାଇବାକୁ ହେଲେ ମାଂସ ଖାଇବା ଓ କ୍ଷୀର ପିଇବା ବନ୍ଦ କର। ଘିଅ, ଲହୁଣି ଏବଂ ପନିର ଖାଇବା ଛାଡ଼। ସାମୁଦ୍ରିକ କଙ୍କଡ଼ା, ଚିଙ୍ଗୁଡ଼ି ଖାଅନାହିଁ। ଧୂମପାନ କର ନାହିଁ। ନିୟମିତ ବ୍ୟାୟାମ କର। ମଇଦା ଭଳି ରିଫାଇନ୍‌ଡ ଶସ୍ୟଜାତୀୟ ଖାଦ୍ୟ ଖାଇବା କମାଇଦିଅ। କୋଲେଷ୍ଟରଲ ଅଧିକ ରହିଥିଲେ ଆଳୁ, ପାଉଁରୁଟି, ଅରୁଆ ଭାତ ଓ ପ୍ରୋସେସ୍‌ଡ ସୁଗାର ଠାରୁ ଦୂରେଇ ରହିବା ଦରକାର। ଫ୍ରାଏଡ୍ ଫୁଡ୍ ଏବଂ ସାଚ୍ୟୁରେଟେଡ୍ ଫ୍ୟାଟ୍ ଜାତୀୟ ଖାଦ୍ୟ ଠାରୁ ଦୂରେଇ ରୁହ । ଫଳ, ପରିବା ଏବଂ ଶସ୍ୟଜାତୀୟ ଖାଦ୍ୟ ପ୍ରତିଦିନ ଖାଇବା ଉଚିତ। କେଉଁ ସବୁ ଖାଦ୍ୟ କୋଲେଷ୍ଟରଲ ହ୍ରସ କରିବାରେ ପ୍ରମୁଖ ଭୂମିକା ନିଏ ସେ ସମ୍ପର୍କରେ ହାର୍ଭାର୍ଡ ହେଲ୍‌ଥ ଏକ ଉପାଦେୟ ରିପୋର୍ଟରେ ପ୍ରକାଶ କରିଛି। ଏଥି ମଧ୍ୟରେ ରହିଛି ଓଟ୍, ବାର୍ଲି, ଶସ୍ୟଜାତୀୟ ଖାଦ୍ୟ, ବିନ୍, ବାଇଗଣ ଓ ଭେଣ୍ଡି, ବିଭିନ୍ନ ପ୍ରକାର କୋଳି, ଭେଜିଟେବଲ ଅଏଲ୍ (କାନୋଲା ଓ ସନ୍‌ଫ୍ଲାୱାର), ଫଳ(ମୁଖ୍ୟତଃ ସେଓ,ଅଙ୍ଗୁର, ଷ୍ଟ୍ରବେରି ଓ କଣ୍ଟାଜାତୀୟ ଫଳ), ସୋୟା ଏବଂ ସୋୟାଜାତୀୟ ଖାଦ୍ୟ । ଦିନକୁ ଅଧା କିମ୍ବା ଗୋଟିଏ କପ୍ ରନ୍ଧା ଓଟ୍‌ମିଲ ୫ରୁ ୮% କୋଲେଷ୍ଟରଲ କମାଇପାରିବ। ଓଟ୍‌ମିଲରୁ ଶରୀର ପାଇଁ ଉପକାରୀ ଦ୍ରବଣୀୟ ଓ ଅଦ୍ରବଣୀୟ ଫାଇବର୍ ବା ତନ୍ତୁ ମିଳିଥାଏ। ଜୁନ୍ ୨୦୨୦ ଇମ୍ପେରିଆଲ କଲେଜ ଲଣ୍ଡନର ଗବେଷକ ମାଜିଦ ଇଜାତି ଏବଂ ତାଙ୍କ ସାଥୀମାନଙ୍କ ଦ୍ୱାରା କରାଯାଇଥିବା ଗବେଷଣା ସମ୍ପର୍କିତ ରିପୋର୍ଟ ନେଚର ଜର୍ନାଲରେ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ଯେ, ଉଚ୍ଚ ଆୟକାରୀ ଦେଶ, ବିଶେଷକରି ୟୁରୋପୀୟ ଦେଶଗୁଡ଼ିକରେ ୧୯୮୦ରୁ କୋଲେଷ୍ଟରଲ ସ୍ତର କମିଯାଇଥିବାବେଳେ ଏସିଆର ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ଏହା ଅତ୍ୟଧିକ ବୃଦ୍ଧି ପାଇଥିଲା। ମୁଖ୍ୟତଃ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ଏବେ କୋଲେଷ୍ଟରଲ ସ୍ତର ବୃଦ୍ଧିରେ ଢ଼େର ଆଗରେ ରହିଛନ୍ତି। ଆନିମଲ ଫୁଡ୍, ରିଫାଇନ୍‌ଡ କାର୍ବୋହାଇଡ୍ରେଟ(ମଇଦା) ଏବଂ ପାମ୍ ଅଏଲ୍ କୋଲେଷ୍ଟରଲ ବୃଦ୍ଧିର ମୁଖ୍ୟ କାରଣ ରହିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ କୋଲେଷ୍ଟରଲଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ହାର୍ଟ ଆଟାକ୍ ଏବଂ ଷ୍ଟ୍ରୋକ୍‌ର ଆଶଙ୍କା ରହିଥିବା ଏହି ଗବେଷଣାରୁ ପୁନଃ ନିର୍ଦ୍ଧାରିତ ହୋଇପାରିଛି।

୧୯୮୦ରୁ ୨୦୧୮ ଯାଏ କୋଲେଷ୍ଟରଲ ସ୍ତରର ବୈଶ୍ୱିକ ଟ୍ରେଣ୍ଡ୍ ଆକଳନ କରିବା ଲାଗି ପାଖାପାଖି ୧୦୦୦ ଗବେଷକ ୧୦୨.୬ ମିଲିୟନ ବୟସ୍କଙ୍କୁ ନେଇ ଗବେଷଣା କରିଥିଲେ। ବେଲ୍‌ଜିୟମ, ସ୍ୱିଡେନ, ସ୍ୱିଜରଲାଣ୍ଡ (ମାଂସ ଓ ଦୁଗ୍ଧ ଜାତୀୟ ଖାଦ୍ୟର କେନ୍ଦ୍ର) ଏବଂ ଆଇସ୍‌ଲାଣ୍ଡରେ ଉଚ୍ଚ ସ୍ତରରେ ଥିବା କୋଲେଷ୍ଟରଲ ଶୀଘ୍ର ହ୍ରାସ ପାଇଥିବା ଏହି ରିପୋର୍ଟରେ ପ୍ରକାଶ କରାଯାଇଥିଲା । ବ୍ରିଟିଶ ହାର୍ଟ ଫାଉଣ୍ଡେଶନ ମତରେ, ଇଂଲଣ୍ଡରେ ଏଲ୍‌ଡିଏଲ୍ ସ୍ତର ମଧ୍ୟ ଖୁବ୍ ହ୍ରାସ ପାଇଛି। ୧୯୮୦ରେ କୋଲେଷ୍ଟରଲ ସ୍ତର ସବୁଠୁ କମ୍ ରହିଥିଲା ଚାଇନାରେ । କିନ୍ତୁ ୨୦୧୮ରେ ଏହା ସର୍ବାଧିକ ସ୍ତରରେ ପହଞ୍ଚିଥିଲା। ଭାରତ, ମାଲେସିଆ, ଫିଲିପାଇନ୍ସ ଏବଂ ଥାଇଲାଣ୍ଡ ଏହି ସ୍ତର କମାଇ ପାରିନାହାନ୍ତି। ୧୯୮୦ରେ ବିଶ୍ୱର କୋଲେଷ୍ଟରଲ ସ୍ତର ତାଲିକାରେ ଅଷ୍ଟ୍ରେଲୀୟ ମହିଳାମାନେ ସବୁଠୁ ଉଚ୍ଚ ୩୨ତମ ସ୍ଥାନରେ ରହିଥିଲେ। ଏବେ ସେମାନେ ୧୪୬ତମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲୀୟ ପୁରୁଷମାନେ ସେତେବେଳର ୩୧ତମ ସ୍ଥାନରୁ ଆସି ପହଞ୍ଚିଛନ୍ତି ୧୧୬ରେ।

ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିଶନର ରିସର୍ଚ୍ଚ ପେପର୍‌ର ଲେଖକ ଡ.ଅଭୁଲା ଲକ୍ଷ୍ମୈହା କହିଛନ୍ତି ଯେ, ୧୯୮୦ରେ ବିଶ୍ୱରେ ଭାରତୀୟ ପୁରୁଷମାନଙ୍କର ଏଲ୍‌ଡିଏଲ୍ କୋଲେଷ୍ଟରଲ ସ୍ତର ୧୨୮ ର୍‍ୟାଙ୍କରେ ରହିଥିଲା ଓ ୨୦୧୮ରେ ମଧ୍ୟ ସେହି ର୍‍ୟାଙ୍କରେ ରହିଛି । ମହିଳାମାନେ ବୈଶ୍ୱିକ ର୍‍ୟାଙ୍କରେ ଏବେ ୧୩୯ ତମ ସ୍ଥାନରେ ରହିଛନ୍ତି। ଡାଇବେଟିସ ଔଷଧ ଯଥା ପ୍ରୋଜେଷ୍ଟିନ, ଆନାବୋଲିକ ଷ୍ଟିରଏଡ ଏବଂ କୋର୍ଟିକୋଷ୍ଟିରଏଡ ଏଲ୍‌ଡିଏଲ କୋଲେଷ୍ଟରଲ ବୃଦ୍ଧି କରେ ଏବଂ ଏଚ୍‌ଡିଏଲ କୋଲେଷ୍ଟରଲ ହ୍ରାସ କରିଥାଏ। ଭାରତରେ ଷ୍ଟିରଏଡର ବହୁଳ ବ୍ୟବହାର ହୋଇଥାଏ। ଏହାକୁ ସିଧାସଳଖ ଗ୍ରହଣ ନ କରି କୁକୁଡ଼ାଙ୍କୁ ଦିଆଯାଉଥିବା ଷ୍ଟିରଏଡ୍‌କୁ ଆମେ ଖାଦ୍ୟ ମାଧ୍ୟମରେ ଗ୍ରହଣ କରିଥାଉ। ଏସିଆର ପ୍ରତ୍ୟେକ ଦେଶରେ ମାଂସ କିମ୍ବା ଚିକେନ ଓ କ୍ଷୀରର ଅଧିକ ମୂଲ୍ୟ ଖାଇବାରେ ବାଧା ଦେଇ ପାରିନାହିଁ । ଏଣୁ ଲେଖକ ପରାମର୍ଶ ଦେଇଛନ୍ତି ଯେ, କୋଲେଷ୍ଟରଲ ସ୍ତର କମାଇବା ପାଇଁ କେଉଁ ଖାଦ୍ୟ ଗ୍ରହଣ କରିବ, ସେଥିପାଇଁ ତୁମର ତଥା ପରିବାର ସଦସ୍ୟଙ୍କ ଜୀବନର ମୂଲ୍ୟକୁ ବିଚାରକୁ ନେଇ ତୁମକୁ ହିଁ ନିଷ୍ପତ୍ତି ନେବାକୁ ପଡ଼ିବ।

Email: gandhim@nic.in

## ଏଇ ଭାରତରେ

ଜୈବିକ ଚାଷ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଭଲ ବୋଲି ଦୃଢ଼ବୋଧ କରିଛନ୍ତି ଦିଲ୍ଲୀର ଇରିନ ଗୁପ୍ତା। ସେ ତାଙ୍କ ଘର ବଗିଚାରେ ୬୦ ପ୍ରକାର ପରିବା ଫଳାଉଛନ୍ତି। ପୁରୁଣା କଣ୍ଟେନରଗୁଡ଼ିକରେ ହିଁ ସେ ଚାଷ କରୁଛନ୍ତି। ଇରିନଙ୍କ ବୟସ ୬୦ । ୨୦୧୪ରେ ସେ ତାଙ୍କ ଘର ଅଗଣାରେ ପ୍ରଥମେ ଏହି ଚାଷ ଆରମ୍ଭ କରିଥିଲେ। ପୁରୁଣା ପ୍ଲାଷ୍ଟିକ କ୍ରେଟ୍, ଥର୍ମୋକୁଲ ବକ୍ସ, ପେଣ୍ଟ ବକ୍ସରେ ୧,୧୦୦ ବର୍ଗଫୁଟ ଜାଗାରେ ପରିବା ଚାଷ କରୁଛନ୍ତି। କେବଳ ପରିବା ନୁହେଁ ସେ ମଧ୍ୟ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଲଗାଇଛନ୍ତି। ଏହି କାର୍ଯ୍ୟରେ ଇରିନଙ୍କୁ ତାଙ୍କ ମା' ସହଯୋଗ କରୁଛନ୍ତି। ସେ କିଷାନ କେରଳ ନାମକ ଏକ ମାଲାୟଲମ ଟେଲିଭିଜନ ଶୋ'ଦେଖି ଚାଷ ସମ୍ପର୍କିତ ତଥ୍ୟ ସଂଗ୍ରହ କରି ତାହାକୁ ଉପଯୋଗ କରିଛନ୍ତି। ବଗିଚାରୁ ଜହ୍ନି, ଲାଉ, କଲରା, ଛଚିନ୍ଦ୍ରା, କାକୁଡ଼ି, ବିନ୍ସ, ମାଟିଆଳୁ ସମେତ ୪୦ ପ୍ରକାର ପରିବା ଉତ୍ପାଦନ ହେଉଛି। ସେ ଋତୁ ଅନୁଯାୟୀ ସବୁ ପରିବା ଚାଷ କରୁଛନ୍ତି। ସପୁରି ଓ ଅଙ୍ଗୁର ବି ଚାଷ ହେଉଛି ତାଙ୍କ ବଗିଚାରେ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଏପ୍ରିଲ ୧୯୯୬

- ୟୁରୋପୀୟ ୟୁନିୟନର ପଞ୍ଚମ ସଦସ୍ୟ ରାଷ୍ଟ୍ର ଭାବେ ଇଂଲଣ୍ଡ ସର୍ବିୟା ଓ ମୋଣ୍ଟେନପ୍ରୋ ଥିବା ୟୁଗୋସ୍ଲୋଭିଆକୁ ସ୍ୱୀକୃତି ପ୍ରଦାନ କରିଛି।
- ମହାରାଷ୍ଟ୍ରର ରୟତ ଶିକ୍ଷଣ ଅନୁଷ୍ଠାନକୁ 'ବାବା ସାହେବ ଭୀମରାଓ ଆମ୍ବେଦକର ଜାତୀୟ ପୁରସ୍କାର' ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦାନ।
- ଜୋହାନ୍‌ସବର୍ଗଠାରେ ବହୁଦେଶୀୟ ଫିଲ୍ମ ମେକିଂ ଅଫ୍ ଗାନ୍ଧୀର ବିଶ୍ୱ ପ୍ରିମିୟର ଅନୁଷ୍ଠିତ ହୋଇଯାଇଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 6 | 1 | | | | | | 3 |
| | | | | | | | | 7 |
| | | | 9 | | | | 4 | |
| 7 | 2 | | | | | | | 5 |
| | | 5 | 4 | | | | | 2 |
| | | 8 | | | | | | 6 |
| | | | 6 | | | | 1 | |
| 8 | | 9 | 1 | | 2 | | 7 | |
| | | 7 | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 1 | 5 | 8 | 6 | 7 | 9 |
| 6 | 8 | 9 | 7 | 2 | 4 | 5 | 1 | 3 |
| 7 | 1 | 5 | 6 | 9 | 3 | 8 | 4 | 2 |
| 9 | 5 | 1 | 2 | 4 | 6 | 7 | 3 | 8 |
| 8 | 7 | 4 | 9 | 3 | 5 | 2 | 6 | 1 |
| 2 | 3 | 6 | 8 | 1 | 7 | 9 | 5 | 4 |
| 5 | 9 | 2 | 3 | 6 | 1 | 4 | 8 | 7 |
| 3 | 6 | 8 | 4 | 7 | 2 | 1 | 9 | 5 |
| 1 | 4 | 7 | 5 | 8 | 9 | 3 | 2 | 6 |

ଗତକାଲିର ଉତ୍ତର

# କ୍ଷେତକୁ ଖାଇଲା ବାଡ଼



ହରିଶଙ୍କର ମିଶ୍ର

ଦୁର୍ନୀତିରେ ଲିପ୍ତ ସରକାରୀ ଅଧିକାରୀ ରାଜ୍ୟ ପ୍ରଗତିର ବାଧକ। ମାତ୍ର କ୍ଷେତକୁ ଖାଉଥିବା ବାଡ଼ ପରି ସରକାରୀ ଅର୍ଥର ବାଟମାରଣା ବା ଦୁରୁପଯୋଗ ଭିନ୍ନ ଭାବରେ ପରିଚାଳନା କରି ଯେଉଁ ଅଧିକାରୀମାନେ ସରକାରଙ୍କୁ କୁହେଳିକା ମଧ୍ୟରେ ରଖିପାରନ୍ତି ସେମାନେ ରାଜ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ସେପରି ଉଚ୍ଚ ପଦବୀର ଅଧିକାରୀ ପଦପ୍ରଯୁକ୍ତ କ୍ଷମତାରେ କିଛି ବ୍ୟକ୍ତି ବା ଗୋଷ୍ଠୀଙ୍କ ସ୍ୱାର୍ଥ ପାଇଁ ସରକାରୀ ଅର୍ଥ ଓ ଆଭିମୁଖ୍ୟକୁ ଜଳାଞ୍ଜଳି ଦେଇପାରନ୍ତି ତାହା ଅବିଶ୍ୱସନୀୟ ହେଲେ ବି ସତ୍ୟ। ରାଜ୍ୟର ଲୋକାଲ ଫଣ୍ଡ ଅଡିଟ ବ୍ୟବସ୍ଥା ତା'ର ଅନ୍ୟତମ ଶ୍ରେଷ୍ଠ ନମୁନା। ଦେଶ ସ୍ୱାଧୀନ ହେବା ପରେ ରାଜ୍ୟର ଦେବୋତ୍ତର, ମ୍ୟୁନିସିପାଲିଟି, ବିଶ୍ୱବିଦ୍ୟାଳୟ, ବିବିଧ ବୋର୍ଡର ଅଡିଟ ପାଇଁ ଓଡ଼ିଶା ଲୋକାଲ ଫଣ୍ଡ ଅଡିଟ ନିୟମ ୧୯୪୮ ପ୍ରଣୟନ ହୋଇ ୧୯୫୨ ମସିହାରୁ କାର୍ଯ୍ୟକାରୀ ହୋଇଥିଲା। ସମୟକ୍ରମେ ରାଜ୍ୟର ବ୍ଲକ ଓ ୧୯୭୮ ମସିହାରୁ ସମସ୍ତ ସାହାଯ୍ୟ ପ୍ରାପ୍ତ ଶିକ୍ଷାନୁଷ୍ଠାନ ଏହା ଅଧୀନକୁ ଆସିବାରୁ ରାଜ୍ୟର ପ୍ରତ୍ୟେକ ଜିଲାରେ ଅଡିଟ ଅଫିସ ଖୋଲାଗଲା। ଓଡ଼ିଶା ଅଧସ୍ତନ ଅର୍ଥ ସେବା ପଦବୀ ଭୁକ୍ତ ଏଇ ସଂସ୍ଥାର ଅଡିଟରମାନେ ରାଜ୍ୟ ଅର୍ଥ ବିଭାଗ ଅଧୀନରେ କାର୍ଯ୍ୟ କରୁଥିଲେ। ଦେବୋତ୍ତର ଅଡିଟ୍‌ରୁ ରାଜ୍ୟ ସରକାରଙ୍କୁ ଧାର୍ଯ୍ୟ ଫିସ ମିଳୁଥିଲା। ମଠ ମନ୍ଦିରର ଦୁରବସ୍ଥା ଓ ବିଭାଗୀୟ ଅସହଯୋଗରୁ ଗତ ୪ ଦଶନ୍ଧି ପୂର୍ବରୁ ତାହା ବନ୍ଦ ହୋଇଯାଇଛି।

ଅଡିଟ ଫିସ ଛାଡ଼ କରାଯାଇ କେବଳ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଅଡିଟ୍ ହେଉଥିଲେ ବି କାର୍ଯ୍ୟାନୁଷ୍ଠାନ ପରିଚାଳନା କମିଟି ହାତରେ ରହିଛି। ବିଭାଗୀୟ ପରୀକ୍ଷା ତାଲିମ ଏବଂ ଅଭିଜ୍ଞତା ଭିତ୍ତିରେ ଦକ୍ଷତା ଥିବା ଅଡିଟରଙ୍କୁ ଅଡିଟ୍ ଦାୟିତ୍ୱ ଦିଆଯାଉଥିଲା। କିନ୍ତୁ ବିନା ତାଲିମ ବା ବିଭାଗୀୟ ପରୀକ୍ଷାରେ କେବଳ ଲୋକାଲ ଫଣ୍ଡ ଆଇନ ବଳରେ ରାଜ୍ୟ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଅଡିଟରମାନେ ଗ୍ରାମପଞ୍ଚାୟତ ଓ ଜିଲା ପରିଷଦ ଅଡିଟ୍ କରୁଥିଲେ। ପ୍ରଶାସନିକ ବିଭାଗ ଦ୍ୱାରା ଅଡିଟ୍‌କୁ ଏକାଦଶ ଅର୍ଥ କମିଶନ ନାପସନ୍ଦ କରିବାରେ ୨୦୦୩ ମସିହାରୁ ସେମାନଙ୍କୁ ଲୋକାଲ ଫଣ୍ଡ ଅଡିଟ୍ ଅଧୀନକୁ ସ୍ଥାନାନ୍ତର କରାଯାଇ ଥିଲେ ବି ସେମାନେ ପୂର୍ବ ପରି ଗ୍ରାମ ପଞ୍ଚାୟତ ଓ ଜିଲା ପରିଷଦ ଅଡିଟ୍ କରୁଥିଲେ। ୨୦୧୨ ମସିହାରେ ଲୋକାଲ ଫଣ୍ଡ ଅଡିଟ ରିପୋର୍ଟ ରାଜ୍ୟ ବିଧାନସଭାରେ ଆଲୋଚନା ପାଇଁ ନିୟମ ହେବା ସହ ଅଡିଟ୍‌କୁ ଅଧିକ କ୍ରିୟାଶୀଳ କରିବାକୁ ଲୋକାଲ ଫଣ୍ଡ ଅଡିଟ୍ ନିର୍ଦ୍ଦେଶାଳୟ ଗଠିତ ହେଲା। ଏଥିପାଇଁ ଅନେକ ରାଜ୍ୟ ଅର୍ଥ ସେବା ଅଧିକାରୀ ପଦବୀ ସୃଷ୍ଟି ହେଲେ ବି ଅଡିଟର ସଂଖ୍ୟା ଅପରିବର୍ତ୍ତିତ ରହିଲା। ନିର୍ଦ୍ଦେଶାଳୟ ଗଠନ ପରେ ରାଜ୍ୟର ସ୍ୱୟଂଶାସିତ ମହାବିଦ୍ୟାଳୟ, ରେରା, ହାଉସିଂବୋର୍ଡ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପରି ଅନେକ ସଂସ୍ଥା ଏହାର ପରିସରଭୁକ୍ତ ହେବା ଆବଶ୍ୟକ ଥିଲା। ମାତ୍ର ବିଧାନସଭାରେ ଉତ୍ତରଦାୟିତ୍ୱ ଲାଘବ ସହ ସରକାରଙ୍କର ସୁନଜରରେ ରହିବା ପାଇଁ କ୍ଷମତାପ୍ରାପ୍ତ ଅଧିକାରୀମାନେ ନିୟମର ସୀମାତିକ୍ରମ କରି ଅଡିଟ୍‌କୁ ଦୁର୍ବଳ କରିଦେଲେ।

ପ୍ରଥମେ ୨୦୧୩ ମସିହାରେ ଗ୍ରାମପଞ୍ଚାୟତ ଅଡିଟରଙ୍କୁ ବିନା ତାଲିମ ଓ ବିଭାଗୀୟ ପରୀକ୍ଷାରେ ମୂଳ ଲୋକାଲ ଫଣ୍ଡ ଅଡିଟରଙ୍କ ସହ ନିଯୁକ୍ତି ତାରିଖରୁ ବରିଷ୍ଠତା ଦର୍ଶାଇ ମିଶ୍ରଣ କରାଗଲା। ଅଭିଜ୍ଞତା ନ ଥିଲେ ବି ତନ୍ମଧ୍ୟରୁ ଅନେକଙ୍କୁ ବିଶ୍ୱବିଦ୍ୟାଳୟର ବିଭିନ୍ନ ବୋର୍ଡ ଓ ନିର୍ଦ୍ଦିଷ୍ଟ ବ୍ଲକ ଅଡିଟ୍ ଦାୟିତ୍ୱ ଦିଆଗଲା। ଅଡିଟ୍‌କୁ ତଦାରଖ, ତ୍ୱରାନ୍ୱିତ, ପରାମର୍ଶ ବା ରିପୋର୍ଟର ତତ୍କାଳ ରିଭ୍ୟୁ ପାଇଁ ଅଡିଟ୍ ସୁପରିଣ୍ଟେଣ୍ଡେଣ୍ଟ ବା ଅଫିସରଙ୍କର ଅଡିଟ୍ ସ୍ଥଳ ଗସ୍ତକୁ ବାରଣ କରାଗଲା। ବିଡିଓମାନଙ୍କୁ ଅଡିଟରଙ୍କ ଉପସ୍ଥିତି ଓ କାର୍ଯ୍ୟ ସମ୍ପର୍କରେ ଗୁପ୍ତ ରିପୋର୍ଟ ଦେବାପାଇଁ ଜଣାଇବାରେ ଅନେକ ଦକ୍ଷତାସମ୍ପନ୍ନ ଅଡିଟରଙ୍କ ମାନସିକତା ବାଧାପ୍ରାପ୍ତ ହେଲା। ପୂର୍ବ ଅଡିଟ୍‌ର ଢାଞ୍ଚା ବି ବଦଳାଇ ଦିଆଗଲା। ଫଳତଃ ପୂର୍ବ ଅଡିଟ୍‌ଠାରୁ ଏହା ଗୁଣ ମାନରେ ଢେର ହ୍ରାସ ପାଇ ଅଡିଟ୍ ରିପୋର୍ଟ କେବଳ ସଂଖ୍ୟାରେ ସୀମିତ ହୋଇଗଲା। ୨୦୧୩ ମସିହା ସୁଦ୍ଧା ଅଡିଟ୍ ହୋଇ ନ ଥିବା ୩୫୧୪ (୪୨୩୪ ଅଡିଟ ବର୍ଷ ) ଗ୍ରାମପଞ୍ଚାୟତର ଅଡିଟ୍ ଏଜି ଅଫିସ୍‌ର ଅବସରପ୍ରାପ୍ତ ଅଡିଟ୍ ଅଫିସରଙ୍କୁ ନେଇ ଗଠିତ IPAIକୁ ଦିଆଗଲା। ସେମାନେ ୨୦୮୧ ପଞ୍ଚାୟତର (୨୫୦୯ ଅଡିଟ ବର୍ଷର) ଅଡିଟ କରିଥିଲେ ବି ରିପୋର୍ଟରେ ବାର୍ଷିକ ଆୟବ୍ୟୟ ବ୍ୟତୀତ କୌଣସି ଅନିୟମିତତାର ନାମ ଗନ୍ଧ ବି ରହିଲା ନାହିଁ। ସେମାନେ ବୟସାଧିକ୍ୟ ଯୋଗୁ ପଞ୍ଚାୟତ କାର୍ଯ୍ୟାଳୟ ପରିବର୍ତ୍ତେ ସମ୍ପୃକ୍ତ ବ୍ଲକରେ ଅଡିଟ୍ କରୁଥିଲେ। ରିପୋର୍ଟରେ ଅନେକ ଅବାନ୍ତର ଅନାବଶ୍ୟକ ତଥ୍ୟ ସତ୍ତ୍ୱେ ରିପୋର୍ଟ ଗ୍ରହଣ ପାଇଁ ଅଡିଟ୍ ଅଫିସରଙ୍କୁ ବାଧ୍ୟ କରାଗଲା। ୨୦୧୯–୨୦ ଆର୍ଥିକବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ୨୦୬୫୭ ବକେୟା ଅଡିଟ ବର୍ଷର ଦାୟିତ୍ୱ ଦିଆଯାଇଛି। ତନ୍ମଧ୍ୟରୁ ୧୧୩୮୩ଟିରେ ଅଡିଟ୍ ସରିଥିବା ବେଳେ ୯୨୭୪ ବକେୟା ବର୍ଷର ଅଡିଟ୍ ହୋଇନାହିଁ। IPAIକୁ ଏଇ ଦାୟିତ୍ୱ ଦେବା ପଛରେ ପଞ୍ଚାୟତଗୁଡ଼ିକରେ ବହୁଅର୍ଥର ଅନିୟମିତ ଖର୍ଚ୍ଚ ଓ ଦୁରୁପଯୋଗର ପର୍ଦ୍ଦାଫାଶକୁ ଏଡ଼ାଇ ସରକାରଙ୍କୁ ସୁରକ୍ଷା ପାଇଁ ସୁଚିନ୍ତିତ ମାର୍ଗ ନିରୂପଣ,ଏଥିରେ ସାମାନ୍ୟ ସନ୍ଦେହ ନାହିଁ। ଏଥିପାଇଁ ଅଡିଟ୍ ବର୍ଷ ପିଛା ପ୍ରଥମେ ୬୫୦୦ଟଙ୍କା ପରେ ବର୍ଷକୁ ୮୦୦୦ଟଙ୍କା ଦିଆଯାଇ ଏ ଯାବତ ଅନ୍ୟୂନ ୮ କୋଟି ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ ହୋଇଛି ଏବଂ ବାକି ଥିବା ଅଡିଟ୍ ପାଇଁ ୭ କୋଟିରୁ ଅଧିକ ଟଙ୍କା ବି ସେହି ସଂସ୍ଥାକୁ ଦିଆଯିବ। ସେହି ଅର୍ଥରେ ୧୦୦ଟି ଅଡିଟର ପଦବୀ ସୃଷ୍ଟି ହୋଇପାରିଥାନ୍ତା। ସମ୍ବିଧାନ ସଂଶୋଧନ ପରେ ପଞ୍ଚାୟତ ଦ୍ୱାରା କୋଟି କୋଟି ଅର୍ଥ ବ୍ୟୟ ହେଉଛି। ମାତ୍ର ଅନ୍ତଃସାରଶୂନ୍ୟ ରିପୋର୍ଟ ଯୋଗୁ ସରକାରୀ ପ୍ରାପ୍ୟ ଭାଟ, ସେସ, ରୟାଲଟିର ଠିକ୍ ହିସାବ ଓ ଅଗ୍ରୀମ ଅର୍ଥର ସ୍ପଷ୍ଟ ସୂଚନା ନାହିଁ। ଲୋକାଲ ଫଣ୍ଡ ଅଡିଟ୍ ନିୟମରେ ସେହି ଅଡିଟରଙ୍କ ସ୍ୱାକ୍ଷରରେ ସରଚାର୍ଜ କରାଗଲେ ଆଇନତଃ ତାହା ଅସିଦ୍ଧ ହେବ। ଏଥିରୁ ନଜର ଏଡ଼ାଇବାକୁ ପୂର୍ବ ପ୍ରସ୍ତୁତି ଦ୍ୱାରା ପବ୍ଲିକ ପୋର୍ଟାଲରେ ଅଡିଟ୍ ରିପୋର୍ଟ ପ୍ରଦର୍ଶନକୁ ଜୁନ୍ ୨୦୧୩ରୁ ବନ୍ଦ କରାଯାଇଛି।

କେବଳ ସେତିକି ନୁହେଁ, ନିର୍ଦ୍ଦେଶାଳୟ ଗଠନ ପରେ କୌଣସି ସ୍କୁଲ ମଦ୍ରାସା ଟୋଲ ଅଡିଟ୍ ହୋଇନାହିଁ ବରଂ ଅଡିଟର ଅଭାବ ଦର୍ଶାଇ କଲେଜଗୁଡ଼ିକର ଅଡିଟ୍‌କୁ ଚାର୍ଟର୍ଡ ଆକାଉଣ୍ଟ ଫାର୍ମକୁ ଆକାଉଣ୍ଟ ରିଭ୍ୟୁ ନାମରେ ହସ୍ତାନ୍ତର କରାଯାଇଛି। ସେଥିପାଇଁ କଲେଜ ଗୁଡ଼ିକୁ ୩ଟି ଶ୍ରେଣୀ କରାଯାଇ ଯଥାକ୍ରମେ ୩୦ ହଜାର, ୨୦ ହଜାର ଓ ୧୫ ହଜାର ଟଙ୍କା କଲେଜରୁ ସମ୍ପୃକ୍ତ ଫାର୍ମକୁ ଦିଆଯାଉଛି। ଏହାଦ୍ୱାରା ରାଜ୍ୟ ଶିକ୍ଷା ସଂହିତାର ଉଲ୍ଲଂଘନ ସହ ଯେଉଁ କଲେଜରୁ ବହୁ ଅର୍ଥ ଆତ୍ମସାତ ଏବଂ ଲକ୍ଷ ଲକ୍ଷ ଟଙ୍କାର କଲେଜ ଅର୍ଥ, ସରକାରୀ ଅନୁଦାନ, ୟୁଜିସି ଅନୁଦାନର ଦୁରୁପଯୋଗ ବା ଆପତ୍ତିଜନକ ଖର୍ଚ୍ଚ ଦର୍ଶାଯାଉଥିଲା ତା'ର ପୂର୍ଣ୍ଣଚ୍ଛେଦ ପକାଯାଇଛି। ଲୋକାଲ ଫଣ୍ଡ ଅଡିଟ୍‌ରେ ଆୟ ବ୍ୟୟର ଶତପ୍ରତିଶତ ତନଖି ହୋଇଥାଏ। ଯଦି IPAI ବା ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଦେଇଥିବା ରିପୋର୍ଟରୁ ନମୁନା ଭାବେ ଗୋଟିଏ ପଞ୍ଚାୟତ ଓ କଲେଜର ପୁନଃ ଅଡିଟ୍ ଲୋକାଲ ଫଣ୍ଡ ଅଡିଟରଙ୍କ ଦ୍ୱାରା କରାଯାଏ ତେବେ ରିପୋର୍ଟରେ ଉଲ୍ଲେଖନୀୟ ତଫାତ୍ ନିଶ୍ଚିତ ରହିବ। କିନ୍ତୁ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି ଏଇ ସାଙ୍ଘାତିକ କାରନାମା ପଛରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଚ୍ଚ ପଦାଧିକାରୀ ଅବସର ପରେ ଯଥାକ୍ରମେ ସମ୍ମାନଜନକ ରାଜନୈତିକ ଓ ପ୍ରଶାସନିକ ପଦବୀରେ ଅବସ୍ଥାପିତ ହୋଇସାରିଛନ୍ତି ଏବଂ ଶହ ଶହ କୋଟି ସରକାରୀ ଅର୍ଥର ସଦୁପଯୋଗ ପଛରେ ସୃଷ୍ଟି ହୋଇଥିବା ପ୍ରଶ୍ନବାଚୀ ଅସମାହିତ ହୋଇ ରହିଯାଇଛି।

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ଆସ ଆନ୍ଦୋଳନ କରିବା



ଶ୍ୱେତପଦ୍ମାସିନୀ ମହାନ୍ତି

ଏବେ ଯେଉଁଠି ଦେଖ, ସେଠି ଆନ୍ଦୋଳନ। କେତେ ସମସ୍ୟା, କେତେ ଦାବି, ନ୍ୟାୟ ପାଇଁ, ଚାକିରି ପାଇଁ, ବେକାରି ପାଇଁ, ଚାଷ ପାଇଁ, ବାସ ପାଇଁ, ରୋଗ ପାଇଁ, ରୋଗୀ ପାଇଁ, ରାସ୍ତା ପାଇଁ, ବନ୍ୟା ପାଇଁ, ବାତ୍ୟା ପାଇଁ, ଏମିତି କେତେ ଯେ ସମସ୍ୟା ଆମ ମୁଣ୍ଡକୁ ଗ୍ରାସେ, ଆଉ ତା'ର ସମାଧାନ ଏବଂ ସାହାଯ୍ୟ ପାଇଁ ଆମେ କରିବସୁ ଆନ୍ଦୋଳନ– ରାସ୍ତାରୋକୋ, ସହର ବନ୍ଦ, ଚକା ଜାମ ଇତ୍ୟାଦି ଇତ୍ୟାଦି। ସଫଳତା ମିଳେ ଖୁବ୍ କମ୍, କିନ୍ତୁ ଖୋଳତାଡ଼ ହୁଏ ବହୁତ ବେଶି। ଏହି ସମସ୍ୟାରେ ଲୁଣ, ଲଙ୍କା ମିଶାଇ ଆହୁରି ତିର୍ଯ୍ୟକ କରି ଜନମାନସରେ ପରଷି ଦିଅନ୍ତି ଗଣମାଧ୍ୟମଗୁଡ଼ିକ। ଯାକୁ ଜାତି, ବର୍ଣ୍ଣ, ଧର୍ମ ତଥା ଦଳୀୟ ଘୃଣା, ତିତିକ୍ଷାରେ ଭରି ରାଜନୀତି କରୁଥିବା ବିଭିନ୍ନ ଦଳଗୁଡ଼ିକ ସାଧାରଣ ଜନତାର ବୁଦ୍ଧି, ବିବେକକୁ ପେଷିଦିଅନ୍ତି। ଏସବୁ ବଡ଼ ଗହନ କଥା। ଆମ ପରି ମଣିଷ ଏହାର ମଞ୍ଜକୁ ଜାଣିପାରିବା ନାହିଁ।

ବର୍ତ୍ତମାନ ଆମ ଓଡ଼ିଶାବାସୀଙ୍କ ପ୍ରକୃତ ଆନ୍ତରିକ ଦାବି ଉପରେ କିଛି ଆଲୋଚନା କରିବା। କଳିଙ୍ଗପୁତ୍ର 'ବିଜୁବାବୁ'ଙ୍କୁ ଏଯାଏ 'ଭାରତରତ୍ନ' ଉପାଧି ଦିଆଗଲା ନାହିଁ। କିନ୍ତୁ ଦିଆଯିବା କଥା। ବାରମ୍ବାର ଏ ପ୍ରସଙ୍ଗ ଜନମାନସରୁ ଉଠି ସରକାରୀ, ବେସରକାରୀ ସ୍ତର ମାଧ୍ୟମରେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ବର୍ଷ ପରେ ବର୍ଷ ବିତିଛି। ବିଜୁବାବୁଙ୍କ ଗରିମାମୟ ପୁରୁଷାର୍ଥ, କାର୍ଯ୍ୟଧାରା, ସେବା, ନିର୍ଭୀକତା, ଓଡ଼ିଶାର ବିକାଶ ପାଇଁ ଅଦ୍ୱିତୀୟ ଉଦ୍ୟମ, ଦେଶପ୍ରୀତି ଏବଂ ରାଷ୍ଟ୍ରନୀତିଜ୍ଞ ଅଭିଜ୍ଞତା ତଥା ବିରଳ ସଫଳତା ଯେ ବିଶ୍ୱବିଦିତ ଏଥିରେ ସନ୍ଦେହ ନାହିଁ। ହେଲେ ତାଙ୍କୁ 'ଭାରତରତ୍ନ' ଉପାଧି ଦେବାକୁ କେନ୍ଦ୍ରର ଏତେ ଦ୍ୱନ୍ଦ୍ୱ, ଏତେ ପଛଘୁଞ୍ଚାର କାରଣ କ'ଣ ?

ଦ୍ୱିତୀୟ କଥା ହେଲା, ହୀରାକୁଦ ଡ୍ୟାମ୍ ନେହେରୁଙ୍କ ଅମଳରେ ଓଡ଼ିଶାରେ ହୋଇଥିଲା। ତା'ପରେ ସେହିଭଳି ଆଉ ଗୋଟାଏ ଡ୍ୟାମ୍‌ର ବର୍ତ୍ତମାନ ଯେ କେତେ ଆବଶ୍ୟକତା ରହିଛି, ତାହା ଉଭୟ ସରକାର ଜାଣନ୍ତି। ଜଳସେଚନ, କୃଷିର ଉନ୍ନତି, ବିଦ୍ୟୁତ୍ ଉତ୍ପାଦନ, ପ୍ରାକୃତିକ ବନ୍ୟା କବଳରୁ ଧନ, ଜୀବନ ରକ୍ଷା ସହ ବେରୋଜଗାରି ଦୂର କରିବା ପାଇଁ ଆଉ ଗୋଟିଏ ସେହିଭଳି ବିଶାଳ ଡ୍ୟାମ୍ ଓଡ଼ିଶା ଆବଶ୍ୟକ କରୁନାହିଁ କି?

ତୃତୀୟରେ, ମାର୍ଚ୍ଚ ୨୦୨୧ରେ 'ଧରିତ୍ରୀ'ରେ ପ୍ରକାଶିତ ଅନିଲ କୁମାର ବିଶ୍ୱାଳଙ୍କ ଲିଖିତ 'କୋଣାର୍କର ପୁନଃ ନିର୍ମାଣ' ପ୍ରସଙ୍ଗ ପଢ଼ିଲେ ଯେ କୌଣସି ଓଡ଼ିଆ ନିଶ୍ଚୟ ଭାବିବାକୁ ବାଧ୍ୟ ହୋଇଯିବ ଯେ, ଆମର କଳା, ଭାସ୍କର୍ଯ୍ୟର ନୈପୁଣ୍ୟକୁ ବିଶ୍ୱବିଦିତ କରିବା, ଐତିହ୍ୟ, ପର୍ଯ୍ୟଟନର ବିକାଶ ପାଇଁ ଯୋଜନା କରି ପ୍ରଦେଶର ଆର୍ଥିକ ମାନଦଣ୍ଡ ବଢ଼ାଇବା ଏବଂ ସେଥିପାଇଁ 'କୋଣାର୍କ' ପରି ଅତି ଆଶ୍ଚର୍ଯ୍ୟ, ଅଦ୍ୱିତୀୟ ମନ୍ଦିରର ପୁନଃ ନିର୍ମାଣ ହେବା ବାଞ୍ଛନୀୟ– ନୁହେଁ କି? ଅନ୍ୟ ରାଜ୍ୟଗୁଡ଼ିକ ଯଦି କରିପାରିଲେଣି, ଆମେ ତେବେ ନ କରିବା କିଆଁ? ଏହା ଆମ ପାଇଁ ବର୍ତ୍ତମାନ ଏକ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଖାଲିଗୁଡ଼ାଏ କୋଠାବାଡ଼ି, ମଲ୍, ପାର୍କରେ ରାଜ୍ୟ ଭରିଗଲାଣି, ଆଉ କ୍ଷୟ ହେବାକୁ ବସିଲାଣି ଦୁର୍ଲଭ ଐତିହ୍ୟ କୀର୍ତ୍ତି।

ଏଣୁ ଆସନ୍ତୁ ଶସ୍ତା କଥାରେ ନ ମାତି ଆମେ ସାଢ଼େ ଚାରିକୋଟି ଓଡ଼ିଶାବାସୀ ଆମ ସଂସ୍କୃତିର ସଂରକ୍ଷଣ ଆଉ ପ୍ରସାରଣ ପାଇଁ ଉଦ୍ୟମ କରିବା। ଏହାକୁ ପ୍ରସଙ୍ଗ କରି ସଫଳ ହେବା ଦିଗରେ ତନ, ମନ, ଧନ ଦେଇ ଲାଗି ପଡ଼ିବା। ଖାଲି ଏଣୁତେଣୁ ପ୍ରସଙ୍ଗରେ ଡେଙ୍ଗିପଡ଼ି ଦେଶର, ଜାତିର, ମାନବ ସମାଜର ଗୁଡ଼ାଏ କ୍ଷୟକ୍ଷତି ଘଟାଇ ଆନ୍ଦୋଳନ କଲେ କି ଲାଭ! ଏପଟେ ଆନ୍ଦୋଳନ କରି ଆମେ ମାଡ଼ ଖାଇ ଅଖିଆ ଅପିଆ ପଡ଼ିଥିବା, ସେପଟେ 'ମାରି ନେଇଥିବେ ମହାପାତ୍ରେ'।

ଆମ ମୁଣ୍ଡ ଯେଉଁ ଗୁଖୁରାକୁ ସେଇ ଗୁଖୁରା। ଆମେ ଯେ ନ୍ୟସ୍ତ ସ୍ୱାର୍ଥପର ଗୋଷ୍ଠୀଙ୍କ ଦ୍ୱାରା ବ୍ୟବହୃତ ହେଉଛେ, ତାହା ଆମର ହୃଦୟଙ୍ଗମ ହେଲେ ପରିବର୍ତ୍ତନ ସମ୍ଭବ ହେବ। ଆମର ହକ୍ ଦାବି ହାସଲ ପାଇଁ ଆନ୍ଦୋଳନର ନେତୃତ୍ୱ ନେବାକୁ, ସଂଶ୍ଳିଷ୍ଟ ହେବାକୁ ଦେଶପ୍ରେମୀ ନେତା ଓ ଜନତାର ଅଭାବ ମୋଟେ ନାହିଁ। ଖାଲି ଦରକାର ଉତ୍ସାହ, ପ୍ରେରଣା, ଦୃଢ଼ ମନୋବଳ।

ଓଡ଼ିଶାର ବୁଦ୍ଧିଜୀବୀମାନେ ଜାଗ୍ରତ ହେଲେ, ଧନପତିମାନେ ପୃଷ୍ଠପୋଷକତା କଲେ, ଜନତା ସଚେତନ ହେଲେ, ଏ ଆନ୍ଦୋଳନ ନିଶ୍ଚୟ ସଫଳ ହେବ। ଲକ୍ଷ୍ୟ ପୂରଣ ହେବ। ବିଜୁବାବୁ 'ଭାରତରତ୍ନ'ରେ ବିଭୂଷିତ ହେବେ। ଦ୍ୱିତୀୟ ହୀରାକୁଦ ଡ୍ୟାମ୍ ପ୍ରତିଷ୍ଠା ହେବ ଏବଂ ସେଇ ଆଶ୍ଚର୍ଯ୍ୟମୟ କଳା ନୈପୁଣ୍ୟକୁ ନେଇ ପୁନଃ 'କୋଣାର୍କ'ଟିଏ ନିର୍ମାଣ ହୋଇପାରିବ। ଓଡ଼ିଆ କ'ଣ କରିପାରେ, ତାହା ବିଶ୍ୱ ଦେଖିବ। ଏହା ଆମର ସ୍ୱାଭିମାନର କଥା।

ମୋ: ୯୪୩୯୬୧୮୬୨୫

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକ ନିଜକୁ ଅସହାୟ ମଣୁଛନ୍ତି

ମହାଶୟ,

ଭାରତ ଏକ କୃଷିପ୍ରଧାନ ଦେଶ । ଦେଶର ପ୍ରାୟ ୭୦% ଲୋକଙ୍କ ଜୀବନଜୀବିକା କୃଷି ଉପରେ ନିର୍ଭରଶୀଳ। ସ୍ୱାଧୀନ ଭାରତରେ ଅର୍ଥନୀତି ବଦଳିଛି, କିନ୍ତୁ କୃଷିର ଉନ୍ନତି ହେଲେ ମଧ୍ୟ କୃଷକର ଉନ୍ନତି ହେଉ ନ ଥିବାରୁ କୃଷକ ସମାଜ ଦିନକୁ ଦିନ ଦାରିଦ୍ର୍ୟ ସୀମାରେଖା ତଳକୁ ଯାଉଛି । କେନ୍ଦ୍ର ସରକାର କୃଷକଙ୍କ ଆର୍ଥିକ ବିକାଶ ପାଇଁ ନୂଆ କୃଷି ଆଇନ ଘୋଷଣା କଲେ। ଚାଷୀମାନେ ଆଇନ ପ୍ରତ୍ୟାହାର ପାଇଁ ଆନ୍ଦୋଳନ ଦୀର୍ଘଦିନ ଧରି ଚାଲୁ ରଖିଛନ୍ତି । ବାସ୍ତବରେ କୃଷିର ଭିତ୍ତିଭୂମି ବିକାଶ ପାଇଁ ଜଳସେଚନ, ଶୀତଳ ଭଣ୍ଡାର, ଗୋଦାମଘର, କୃଷି ପ୍ରକ୍ରିୟାକରଣ ଶିଳ୍ପର ବିକାଶ ହୋଇ ନାହିଁ। କେତେକ ରାଜ୍ୟ ସରକାର ଏମ୍‌ଏସ୍‌ପି ଉପରେ ବୋନସ ଦେଉଛନ୍ତି କିନ୍ତୁ ଆମ ରାଜ୍ୟ ସରକାର ତାକୁ ଗ୍ରହଣ କରୁନାହାନ୍ତି । ମଣ୍ଡି ବ୍ୟବସ୍ଥା ଦିନଠାରୁ ଅବ୍ୟବସ୍ଥା ବଢ଼ି ବଢ଼ି ଚାଲିଛି । ଅନ୍ନଦାତା କୃଷକମାନେ ଏବେ ନିଜକୁ ଅସହାୟ ମନେକରୁଛନ୍ତି ।

–ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଦୟା ପ୍ରେମ ଜ୍ଞାନ ଧ୍ୟାନ ଦୁଃଖ ସୁଖ
ମାନ ଅପମାନ
ସକଳ ଊର୍ଦ୍ଧ୍ୱରେ ଉଡ଼େ ଜୀବନର
ବିଜୟ ନିଶାଣ।

(ପ୍ରାଚୀନ ଓ ନବୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଲକ୍‌ଡାଉନ ନ ହେଲେ ନିଯୁକ୍ତି ୭% ବଢ଼ିପାରେ**

ଯଦି ଲକ୍‌ଡାଉନ ନ ବଢ଼େ ତେବେ ଚଳିତ ବର୍ଷ ଏପ୍ରିଲ-ଜୁନ୍ ଅବଧିରେ ନିଯୁକ୍ତି ୭% ବଢ଼ିବା ନେଇ ଆକଳନ କରାଯାଇଛି। କଟକଣା କୋହଳ ରହିଲେ ଚଳିତ ତ୍ରୈମାସରେ ନିଯୁକ୍ତିରେ ଏଭଳି ଉନ୍ନତି ପରିଲକ୍ଷିତ ହେବ ବୋଲି ଏକ ସର୍ଭେରେ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟସେବା, ଫାର୍ମାସ୍ୟୁଟିକାଲ, ଏଜୁକେଶନ ସର୍ଭିସ, ଇ-କମର୍ସ, ଟେକ୍ନୋଲୋଜି ଷ୍ଟାର୍ଟଅପ୍ ଏବଂ ଆଇଟି ଭଳି କ୍ଷେତ୍ରରେ ବର୍ତ୍ତମାନ ଚାହିଦା ବଢ଼ିଛି। ମୋଟ ୨୧ କ୍ଷେତ୍ରକୁ ତର୍ଜମା କରାଯାଇଥିବା ବେଳେ ୮ କ୍ଷେତ୍ରରେ ମୋଟ ୮ କ୍ଷେତ୍ରରେ ୯ରୁ ୧୧% ନିଯୁକ୍ତି ବଢ଼ିପାରେ ବୋଲି ଟିମ୍ ଲିଜ୍ ଏମ୍ପ୍ଲୟମେଣ୍ଟ ଆଉଟଲୁକ୍ ରିପୋର୍ଟରେ ପ୍ରକାଶ ପାଇଛି।

# ବ୍ୟାପକ ଆର୍ଥିକ ଯୋଜନା ପ୍ରସ୍ତୁତ କରନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER CM, CHARTERED WEALTH MANAGER
"Director, SmartMantra Financial Services Pvt. Ltd."

**‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।**

■ **ଏସ୍ଆଇପି ମାଧ୍ୟମରେ ନିବେଶ କରିବାକୁ ଚାହୁଁଛି। ମୁଁ ଅଧିକ ରିସ୍କ ନେବା ପାଇଁ ଚାହୁଁନାହିଁ। ୫ରୁ୧୦ ବର୍ଷ ପର୍ଯ୍ୟନ୍ତ ଏସ୍ଆଇପି ନିବେଶ କରିବି। ସର୍ବନିମ୍ନ ରିସ୍କ ସହ କିଛି ଭଲ ଫଣ୍ଡ ପରାମର୍ଶ ଦେବା ପାଇଁ ଅନୁରୋଧ।**

**– ସନାତନ ସାହୁ, ଛତ୍ରପୁର**

ଆପଣ ୫-୧୦ ବର୍ଷ ନିବେଶ ଲକ୍ଷ୍ୟ ରଖିଛନ୍ତି। ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡ ନିବେଶ ସବୁବେଳେ ରିସ୍କ ସହିତ ଜଡ଼ିତ। କିନ୍ତୁ ଯଦି ଆପଣ ଦୀର୍ଘକାଳୀନ ନିବେଶ ସମୟସୀମାରେ ନିବେଶ କରନ୍ତି ତେବେ ରିସ୍କକୁ କିଛିଟା କମ୍ କରିପାରିବେ। ସ୍ୱଳ୍ପକାଳୀନ ସମୟସୀମା ଭିତରେ ଯଦି କିଛି ଲାଭର କ୍ଷତି ହୁଏ ଓ ଆପଣ ଚିନ୍ତିତ ନ ହୁଅନ୍ତି ତେବେ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିପାରିବେ। ଯଦି ଏସବୁ ପରିସ୍ଥିତି ସହିତ ଆପଣ ଠିକ୍ ଅଛନ୍ତି ତେବେ ଆପଣ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ପାଇଁ ଚିନ୍ତା କରିପାରନ୍ତି। ଦୀର୍ଘକାଳୀନ ନିବେଶ ସମୟସୀମାକୁ ଦୃଷ୍ଟିରେ ରଖି ଆପଣ ୟୁଟିଆଇ ନିଫ୍ଟି ୫୦ ଇଣ୍ଡେକ୍ସ ଫଣ୍ଡ, ଡିଏସ୍‌ପି ଇକ୍ୟୁଆଲ ନିଫ୍ଟି ୫୦ ଫଣ୍ଡ, ଏସ୍‌ବିଆଇ ନିଫ୍ଟି ଇଣ୍ଡେକ୍ସ ଫଣ୍ଡ ଓ ଏଚ୍‌ଡିଏଫ୍‌ସି ଇଣ୍ଡେକ୍ସ ଫଣ୍ଡ। ମ୍ୟୁଚୁଆଲ ଫଣ୍ଡ ନିବେଶ ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ରିସ୍କ ଓ ସ୍କିମ୍‌ର ସବିଶେଷ ତଥ୍ୟ ଭଲ ଭାବରେ ବୁଝିବା ନିହାତି ଜରୁରୀ। ଏସ୍ଆଇପି (ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍) ମାଧ୍ୟମରେ ଆପଣ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡ ଓ ଡେବ୍ଟ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିପାରିବେ।

■ **ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ଦ୍ୱାରା କ’ଣ ସବୁ ସୁବିଧା ମିଳିବ?**

**– ସରୋଜିନୀ ମିଶ୍ର, ପାରାଦୀପ**

– ବ୍ୟାପକ ଆର୍ଥିକ ଯୋଜନାର ସୁବିଧା ସବୁ ବହୁତ ଅଧିକ। ଯେତେବେଳେ ଆପଣଙ୍କର ଏକ ଆର୍ଥିକ ଯୋଜନା ରହିଥାଏ ସବୁଠାରୁ ମୁଖ୍ୟ ଦିଗ ହେଉଛି ଲିଖିତ ‘ବ୍ୟାପକ ଆର୍ଥିକ ଯୋଜନା’(୬୦–୭୦ ପୃଷ୍ଠାର ଲିଖିତ ଆର୍ଥିକ ଯୋଜନା), ତେବେ ଆପଣ ଗୁରୁତ୍ୱପୂର୍ଣ୍ଣ ଭାବରେ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା ଓ ଆର୍ଥିକ ସଫଳତା ପାଇବାର ଅଧିକ ସମ୍ଭାବନା ରହିଥାଏ। ଭାବି ଦେଖନ୍ତୁ ଓ ଆର୍ଥିକ ଯୋଜନାର ପ୍ରଭାବ (ଯେଉଁ ଆର୍ଥିକ ଯୋଜନା ଆପଣ ଅନୁସରଣ କରୁଛନ୍ତି) ଆପଣ ଜୀବନରେ କ’ଣ ରହିଛି। ଆପଣ ଆର୍ଥିକ ଯୋଜନାକୁ ଅନୁସରଣ କରିବା ଦ୍ୱାରା ଜାଣିପାରିଛନ୍ତି ଯେ, ଆପଣ କେଉଁ କେଉଁ କ୍ଷେତ୍ରରେ ନିଜର ଅର୍ଥକୁ ଖର୍ଚ୍ଚ କରୁଛନ୍ତି, ଜରୁରିକାଳୀନ ପାଣ୍ଠି କେତେ ଅଛି ଓ ଆପଣଙ୍କର ଅବସରକାଳୀନ ପାଣ୍ଠିରେ କେତେ ଟଙ୍କା ଅଛି। ଆର୍ଥିକ ଯୋଜନାକୁ ଅନୁସରଣ କରି ଆପଣ ବୁଝିପାରିବେ ଯେ, ପ୍ରକୃତରେ ଆପଣଙ୍କର ନେଟ୍ ୱର୍ଥ (Net Worth) ବୃଦ୍ଧି ହେଉଛି କି ନାହିଁ। ଆର୍ଥିକ ଯୋଜନା ପ୍ରସ୍ତୁତ କରି ନିଜ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା କ୍ଷେତ୍ରରେ ଅନେକ କିଛି ସୁବିଧା ମିଳିଥାଏ।

**ବ୍ୟାପକ ଆର୍ଥିକ ଯୋଜନାର ୬ଟି ସୁବିଧା:–**

୧– ଯଦି ଆପଣ ଏକ ଉଦ୍ଦେଶ୍ୟ ରଖି ଆର୍ଥିକ ଯୋଜନା ପ୍ରସ୍ତୁତ କରିଛନ୍ତି ଓ ଆପଣ ଅର୍ଥକୁ ଫଳପ୍ରଦ ଭାବରେ ପରିଚାଳନା କରୁଛନ୍ତି ତେବେ ପ୍ରକୃତରେ ଆପଣ ସମସ୍ତ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିପାରିବେ।

୨– ଆର୍ଥିକ ଯୋଜନା ଆପଣଙ୍କୁ ଏକ ବଜେଟ ପ୍ରସ୍ତୁତ କରିବା ପାଇଁ ବାଧ୍ୟ କରିବ; ଯାହାକି ପ୍ରତ୍ୟେକ ମାସରେ ବଜେଟ ଅନୁଯାୟୀ ଖର୍ଚ୍ଚ କରିବାକୁ ରାସ୍ତା ଦେଖାଇଦେବ।

୩– ଏକ ବ୍ୟାପକ ଆର୍ଥିକ ଯୋଜନା ଆପଣଙ୍କୁ ଋଣଯନ୍ତାରୁ ବାହାରି ଆସିବା ପାଇଁ ସାହାଯ୍ୟ କରିବ; ଯାହାକି ଋଣଯନ୍ତାରୁ ବାହାରି ଆସିବା ହିଁ ଆପଣଙ୍କ ଜୀବନରେ ପରିବର୍ତ୍ତନ ଆଣିଦେବ।

୪– ବ୍ୟାପକ ଆର୍ଥିକ ଯୋଜନା ହିଁ ଆପଣଙ୍କୁ ଏକ ଅବସରକାଳୀନ ପାଣ୍ଠି ଗଠନ କରିବା କ୍ଷେତ୍ରରେ ସଞ୍ଚୟ ଓ ନିବେଶ ଆରମ୍ଭ କରିବାରେ ସାହାଯ୍ୟ କରିବ।

୫– ବ୍ୟାପକ ଆର୍ଥିକ ଯୋଜନା ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବ।

୬– ବ୍ୟାପକ ଆର୍ଥିକ ଯୋଜନା ଆପଣଙ୍କର ଅର୍ଥ ସମ୍ବନ୍ଧୀୟ ଚିନ୍ତାଧାରାକୁ ବଦଳାଇ ଦେବ ଓ ଏକ ପ୍ରାଚୁର୍ଯ୍ୟ ମାନସିକତା ବିକଶିତ କରିବାରେ ସାହାଯ୍ୟ କରିବ। ମନେରଖନ୍ତୁ ଯେତେବେଳେ ଆପଣ ପ୍ରତ୍ୟେକ ଟଙ୍କାକୁ ଏକ ଉଦ୍ଦେଶ୍ୟ ଓ ଜୀବନର ଲକ୍ଷ୍ୟ ଦେବା ଆରମ୍ଭ କରିବେ ସେତେବେଳେ ଆପଣଙ୍କର ଅର୍ଥ ବିଷୟରେ ମନୋଭାବରେ ପରିବର୍ତ୍ତନ ଆସିବ। ଆପଣ ଦେଖିବେ ଯେ ଆପଣ ନିଜର ଆର୍ଥିକ ନିଷ୍ପତ୍ତି କ୍ଷେତ୍ରରେ ଇଚ୍ଛାନୁରୂପ ଭାବରେ କାର୍ଯ୍ୟ କରୁଛନ୍ତି।

ଆପଣ ଏକ ବ୍ୟାପକ ଆର୍ଥିକ ଯୋଜନା ପ୍ରସ୍ତୁତ କରନ୍ତୁ ଓ ତାହାକୁ ଅନୁସରଣ କରି ସଞ୍ଚୟ ଓ ନିବେଶ କରି ଜୀବନ ଆର୍ଥିକ ଲକ୍ଷ୍ୟ ହାସଲ କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଲିଖିତ ବ୍ୟାପକ ଆର୍ଥିକ ଯୋଜନା ଯାହାକି ପ୍ରତ୍ୟେକ ବର୍ଷ ସମୀକ୍ଷା କରିବାରେ ସାହାଯ୍ୟ କରିବ। ଯଦି ମୌଖିକ ଯୋଜନା ପ୍ରସ୍ତୁତ କରନ୍ତି ତେବେ ଆପଣଙ୍କର କିଛି ବର୍ଷ ପରେ ମନେରହିବ ନାହିଁ। ଆର୍ଥିକ ଯୋଜନା ପ୍ରସ୍ତୁତ କରନ୍ତୁ ଓ ନିବେଶ ଆଜି ହିଁ ଆରମ୍ଭ କରନ୍ତୁ।

**ଆମ ଠିକଣା, ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି–୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

# ସାପ୍ତାହିକ ୯ ହଜାର କୋଟି କ୍ଷତି ଆଶଙ୍କା

## ଆଞ୍ଚଳିକ ସ୍ତର ଲକ୍‌ଡାଉନ

ନୂଆଦିଲ୍ଲୀ,୧୪।୪

ବର୍ତ୍ତମାନ ସାରା ଦେଶରେ କରୋନା ସଂକ୍ରମଣ ବଢ଼ିଚାଲିଛି। କରୋନାର ଦ୍ୱିତୀୟ ଲହର ବଢ଼ିବାରୁ ସ୍ଥିତି ଚ୍ୟାଲେଞ୍ଜିଂ ହୋଇଛି। ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ଦେଶର ବିଭିନ୍ନ ପ୍ରାନ୍ତରେ ଲକ୍‌ଡାଉନ ଆରମ୍ଭ ହୋଇଗଲାଣି। ଯଦି ଅଧିକ ରାଜ୍ୟରେ ଲକ୍‌ଡାଉନ ହୁଏ ତେବେ ଯାନବାହନ ଚଳାଚଳ ସହ ଅର୍ଥ ବ୍ୟବସ୍ଥା ଉପରେ ଏହାର ଚାପ ପଡିବ। ଯଦି ଆଞ୍ଚଳିକ ସ୍ତରରେ ବେଶି ସ୍ଥାନରେ ଲକ୍‌ଡାଉନ ହୁଏ ତେବେ ଦେଶର ପ୍ରମୁଖ ଅର୍ଥନୈତିକ ହବ୍‌ଗୁଡିକ ସାପ୍ତାହିକ ୯,୩୯୧ କୋଟି ଟଙ୍କାର କ୍ଷତି ସହିବେ ବୋଲି ଏକ ଆକଳନ କରାଯାଇଛି।

ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)ରୁ ଏହା ୧୪୦ ବେସିସ୍ ପଏଣ୍ଟ ପୋଛିନେବ ବୋଲି ଆଶଙ୍କା କରାଯାଇଛି। ମେ ଶେଷ ଯାଏ ଯଦି ସ୍ଥିତି ସାଂଘାତିକ ହୁଏ ତେବେ ଦେଶ ୧୦.୫ ବିଲିୟନ ଡଲାର ( ପ୍ରାୟ ୮୯ ହଜାର କୋଟି) ଟଙ୍କାର କ୍ଷତି ସହିବ ବୋଲି ବ୍ରିଟିଶ ବ୍ରୋକରେଜ ଫାର୍ମ ବାର୍କଲେଜ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି।

ଭାରତ ଦୈନିକ ସଂକ୍ରମଣରେ ବର୍ତ୍ତମାନ ସବୁ ରେକର୍ଡକୁ ଟପିଯାଇଛି। ବର୍ତ୍ତମାନ ୧.୩୭ କୋଟି ଲୋକ କରୋନାରେ ସଂକ୍ରମିତ ହୋଇଛନ୍ତି। ଦୈନିକ ହେଉଥିବା ମୋଟ ସଂକ୍ରମଣର ପ୍ରାୟ ୪୮% ମହାରାଷ୍ଟ୍ରରୁ ହେଉଥିବା ନଜରକୁ ଆସିଛି। ଅର୍ଥନୈତିକ କାର୍ଯ୍ୟକଳାପରେ ଦେଶର ୮ ପ୍ରମୁଖ ରାଜ୍ୟରେ ପ୍ରାୟ ୮୧% ମାମଲା ସାମ୍ନାକୁ ଆସିଛି। ଗତ ମାସରେ ଏହି ବ୍ରୋକରେଜ ସଂସ୍ଥା କହିଥିଲା, ଯାନବାହନ ଚଳାଚଳ ଉପରେ କଟକଣା ଲାଗିଲେ ଅର୍ଥ ବ୍ୟବସ୍ଥାକୁ ୫.୨ ବିଲିୟନ ଡଲାର କ୍ଷତି ସହିବାକୁ ପଡିବ।

# କ୍ରୋକୋଡାଇଲର ନୂଆ ଶୋ’ରୁମ୍

ଭୁବନେଶ୍ୱର,୧୪।୪




ପୁରୁଷଙ୍କ ଫ୍ୟାଶନ କ୍ଷେତ୍ରରେ ପ୍ରମୁଖ ଅନ୍ତର୍ଜାତୀୟ ବ୍ରାଣ୍ଡ କ୍ରୋକୋଡାଇଲ ପକ୍ଷରୁ ସ୍ଥାନୀୟ ଡିଏନ୍ ରେଗାଲିଆ ମଲ୍‌ଠାରେ ନୂଆ ଏକ୍ସକ୍ଲୁସିଭ ଶୋ’ରୁମ୍ ବୁଧବାର ପୂର୍ବାହ୍ନରେ ଶୁଭାରମ୍ଭ ହୋଇଛି। ଏହାକୁ ଡିଏନ୍ ରେଗାଲିଆ ମଲ୍‌ର ନିର୍ଦ୍ଦେଶକ ସିଦ୍ଧାର୍ଥ ନାୟକ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ କ୍ରୋକୋଡାଇଲର ଏହା ଷଷ୍ଠ ଫ୍ରାଞ୍ଚାଇଜ ଷ୍ଟୋର। ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଉକ୍ତ ବ୍ରାଣ୍ଡ ବର୍ତ୍ତମାନ ଯୁବବର୍ଗଙ୍କ ଦ୍ୱାରା ବେଶ୍ ଆଦୃତି ଲାଭ କରିଛି। ଷ୍ଟୋରରେ କ୍ରକୋଡାଇଲର ଟି–ଶାର୍ଟ, ଡେନିମ ଟ୍ରାଉଜର ତଥା ମେନ୍‌ସୱେର ଉପଲବ୍ଧ ରହିଛି। ଏହି ଅବସରରେ କ୍ରୋକୋଡାଇଲ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଉପହାର ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଏକ୍ସକ୍ଲୁସିଭ ଶୋ’ରୁମ୍ ଶୁଭାରମ୍ଭ ଅବସରରେ କମ୍ପାନୀର ଆଞ୍ଚଳିକ ସେଲ୍‌ସ ମ୍ୟାନେଜର ଶୋଭନ ମିଶ୍ର ଏବଂ ଶୋ’ରୁମ୍‌ର ଫ୍ରାଞ୍ଚାଇଜି ମନୋଜ ମିଶ୍ର ଉପସ୍ଥିତ ଥିଲେ।

# ଇନ୍‌ଫୋସିସ୍ ନେଟ୍ ଲାଭ ୧୭.୫% ବୃଦ୍ଧି

ନୂଆଦିଲ୍ଲୀ,୧୪।୪

ଦେଶର ପ୍ରମୁଖ ଆଇଟି ସେବା ଯୋଗାଣକାରୀ କମ୍ପାନୀ ଇନ୍‌ଫୋସିସ୍‌ର ନେଟ୍ ଲାଭ ୧୭.୫% ବୃଦ୍ଧି ଘଟି ୫,୦୭୬ କୋଟି ଟଙ୍କା ଛୁଇଁଛି। ବୁଧବାର କମ୍ପାନୀ ଏ ସମ୍ପର୍କରେ ଘୋଷଣା କରିଛି। ସେହିଭଳି କମ୍ପାନୀ ୯,୨୦୦ କୋଟି ଟଙ୍କାର ବାଏବ୍ୟାକ୍ ଅଫର ଦେଇଛି। ଏଥିଲାଗି ଶେୟାର ପିଛା ୧,୭୫୦ ଟଙ୍କା ସର୍ବାଧିକ ରହିବ ବୋଲି ଜଣାପଡିଛି। ଉଲ୍ଲେଖଯୋଗ୍ୟ, ବାଙ୍ଗାଲୋର ଭିତ୍ତିକ ଏହି କମ୍ପାନୀ ୨୦୨୦ ଜାନୁୟାରୀ–ମାର୍ଚ୍ଚ ଅବଧିରେ ୪୩୨୧ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିଥିଲା। ମାର୍ଚ୍ଚ ୨୦୨୧ ତ୍ରୈମାସରେ କମ୍ପାନୀର ରାଜସ୍ୱ ୧୩.୧% ବଢ଼ି ୨୬,୩୧୧ କୋଟି ଟଙ୍କା ରହିଛି। ଆର୍ଥିକ ବର୍ଷ ୨୦୨୦–୨୧ରେ ଏହାର ନେଟ୍ ଲାଭ ୧୬.୬% ବଢ଼ି ୧୯,୩୫୧ କୋଟି ଟଙ୍କା ରହିଛି। ସେହିଭଳି ରାଜସ୍ୱ ୧୦.୭% ଉର୍ଦ୍ଧ୍ୱରେ ରହିବା ଯୋଗୁ ୧,୦୦,୪୨୭ କୋଟି ଟଙ୍କା ଛୁଇଁଥିବା ଜଣାପଡ଼ିଛି। ଆର୍ଥିକ ବର୍ଷ ୨୦୨୧–୨୨ରେ ରାଜସ୍ୱ ୧୨ରୁ ୧୪% ବଢ଼ିବା ନେଇ କମ୍ପାନୀ ଆଶାବାଦୀ ରହିଛି। କମ୍ପାନୀ ୬୪୦୦ କୋଟିର ଡିଭିଡେଣ୍ଡ ଏବଂ ୯୨୦୦ କୋଟି ଟଙ୍କାର ଶେୟାର ବାଏବ୍ୟାକ୍ କରିବାକୁ ନିଷ୍ପତି ନେଇଛି।

# ଓଏସ୍ଏଲ୍ ପକ୍ଷରୁ ୧ ଲକ୍ଷ ମାସ୍କ ବଣ୍ଟନ

ଭୁବନେଶ୍ୱର,୧୪।୪



ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଓଏସ୍ଏଲ୍) ପକ୍ଷରୁ ୧ ଲକ୍ଷ ମାସ୍କ ବଣ୍ଟନ ଲାଗି ନିଷ୍ପତ୍ତି ନିଆଯାଇଛି। କୋଭିଡ୍ ମହାମାରୀ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୧୪ ଦିନିଆ ମାସ୍କ ଅଭିଯାନ ଆହ୍ୱାନକୁ ପାଳନ କରିବାକୁ ଯାଇ କମ୍ପାନୀ ଏଭଳି ପଦକ୍ଷେପ ନେବାକୁ ଆଗେଇ ଆସିଛି। ଏକମାତ୍ର କର୍ପୋରେଟ ହାଉସ ଭାବେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକୁ ପାଳନ କରିବାକୁ ଯାଇ ରାଜ୍ୟରେ ୧ ଲକ୍ଷ ମାସ୍କ ବଣ୍ଟନ ନିଷ୍ପତ୍ତି ନେଇଥିବା ଓଏସ୍ଏଲ୍ ପକ୍ଷରୁ ସୂଚନା ମିଳିଛି। ଓଏସ୍ଏଲ୍‌ର ଅଧ୍ୟକ୍ଷ ମହିମାନନ୍ଦ ମିଶ୍ର ଲୋକଙ୍କ ମଧ୍ୟରେ ମାସ୍କ ବଣ୍ଟନରେ ସାମିଲ ହୋଇଥିଲେ। ଏହି ଅବସରରେ ମିଶ୍ର କହିଛନ୍ତି, ଗରିବ ଏବଂ ଅଭାବୀ ଲୋକଙ୍କ ମଧ୍ୟରେ ୧ ଲକ୍ଷ ମାସ୍କ ବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛୁ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ପରେ ଏଭଳି ବଡ ଧରଣର ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଏହି ଅବସରରେ କର୍ପୋରେଟ ଅଫିସ ସାମ୍ନାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଓଏସ୍ଏଲ୍ ନିର୍ଦ୍ଦେଶକ ଚନ୍ଦନ ମିଶ୍ର, ଅର୍ଥ ନିର୍ଦ୍ଦେଶକ ଚରିତ ମିଶ୍ର ଏବଂ ଚିନ୍ମୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ୟ ଖବର...

# ବେକାର ଯାଇନି ଜୀବନ

## କ୍ରିଷ୍ଟିନ୍ ସ୍ମାର୍ଟ ହତ୍ୟା ମାମଲା

■ ୨୫ ବର୍ଷ ପରେ ବାପପୁଅ ଗିରଫ

ୱାଶିଂଟନ,୧୪।୪






ପାଉଲ୍ ଓ ତାଙ୍କ ବାପା ରୁବେନ୍ ଫ୍ଲୋରେସ୍

୧୯୭୭ ଫେବୃୟାରୀ ୨୦ରେ ଜର୍ମାନୀର ଅଗ୍ସବର୍ଗରେ କ୍ରିଷ୍ଟିନ୍ ଡେନାଇସ୍ ସ୍ମାର୍ଟଙ୍କ ଜନ୍ମ। ବଞ୍ଚିଥିଲେ ଏବେ ତାଙ୍କୁ ୪୪ ବର୍ଷ ହୋଇଥାଆନ୍ତା। ହେଲେ ୨୫ ବର୍ଷ ତଳେ ଆମେରିକାର କାଲିଫର୍ନିଆରେ ରହସ୍ୟମୟ ଭାବେ ହଠାତ୍ ନିଖୋଜ ହୋଇଯାଇଥିଲେ ଷ୍ଟକ୍‌ଟନର ଏଇ ୧୯ ବର୍ଷୀୟା ଛାତ୍ରୀ। ସ୍ମାର୍ଟଙ୍କୁ ଉଦ୍ଧାର କିମ୍ବା ତାଙ୍କ ମୃତଦେହ ଠାବ କରାଯାଇପାରି ନାହିଁ। ହତ୍ୟା ଅଭିଯୋଗରେ ଏତେ ବର୍ଷ ପରେ ଦୁଇ ବାପପୁଅଙ୍କୁ ଗିରଫ କରିଛି କାଲିଫର୍ନିଆ ପୋଲିସ। ପାଉଲ୍ ଫ୍ଲୋରେସ୍(୪୪)ଙ୍କୁ ହତ୍ୟା ଓ ତାଙ୍କ ବାପା ରୁବେନ୍ ଫ୍ଲୋରେସ୍(୮୦)ଙ୍କୁ ଏହି ଅପରାଧରେ ସହଯୋଗ କରିବା ଅଭିଯୋଗରେ ଗିରଫ କରାଯାଇଥିବା ମଙ୍ଗଳବାର ତଦନ୍ତକାରୀ ଅଧିକାରୀମାନେ ସୂଚନା ଦେଇଛନ୍ତି।

୨୦୦୨ ମେ ୨୫ରେ ସ୍ମାର୍ଟଙ୍କ ନିଖୋଜ ଘଟଣାକୁ ୬ ବର୍ଷ ପୂରିଥିବାବେଳେ ପୋଲିସ ତାଙ୍କୁ ଆଇନତଃ ମୃତ ଘୋଷଣା କରିଥିଲା। ସାନ୍ ଲୁଇସ୍ ଓବିସ୍ପୋ କାଉଣ୍ଟି କର୍ତ୍ତପକ୍ଷ (ଶେରିଫ୍) ଇଆନ୍ ପାର୍କିନ୍‌ସନ୍ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୧୯୯୬ ମେ’ ୨୫ ରାତି ୨ଟାରେ ଆମେରିକୀୟ ଲାଇଫ୍ ଗାର୍ଡ କ୍ରିଷ୍ଟିନ୍ ସ୍ମାର୍ଟଙ୍କୁ ଶେଷ ଥର ପାଇଁ ଦେଖାଯାଇଥିଲା ଯେତେବେଳେ ସେ ଏକ ଅଫ୍–କ୍ୟାମ୍ପସ୍ ବାର୍ଥଡେ ପାର୍ଟିରୁ ନିଜ ଡୋର୍ମିଟୋରିକୁ ଫେରୁଥିଲେ। ସାଙ୍ଗରେ ଥିଲେ ପାଉଲ୍ ଫ୍ଲୋରେସ୍ ଓ ତାଙ୍କ ଅନ୍ୟ ୨ ସହପାଠୀ। ସ୍ମାର୍ଟ କାଲିଫର୍ନିଆ ପଲିଟେକ୍ନିକ୍ ଷ୍ଟେଟ୍ ୟୁନିଭର୍ସିଟି ଛାତ୍ରାବାସରେ ରହିବାକୁ ପସନ୍ଦ କରୁ ନ ଥିଲେ। ଫଳରେ ଫ୍ଲୋରେସ୍ ଏଥିରୁ ଫାଇଦା ନେବାକୁ ଉଦ୍ୟମ କରିଥିଲେ। ସ୍ମାର୍ଟ ଏକ ଅଘୋଷିତ ଛୁଟିରେ ଥିବାବେଳେ ତାଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିଲା। ଫୋରେସ୍ ପରିବାରର ଦୁଇଟି ସ୍ଥାନରେ ପୋଲିସ ଛାନ୍‌ଭିନ୍ କରିବାରୁ ହତ୍ୟାର ପ୍ରମାଣ ମିଳିଛି ବୋଲି ଏହି ବହୁଚର୍ଚ୍ଚିତ ନିଖୋଜ ହେବା ମାମଲାର ତଦନ୍ତ କରୁଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ଫ୍ଲୋରେସ୍ ଓ ତାଙ୍କ ପରିବାର ସଦସ୍ୟଙ୍କ ଫୋନ୍‌କୁ ଟ୍ରାକ୍ କରିବା ପରେ ପ୍ରମାଣ ମିଳିଥିବା ସେମାନେ କହିଛନ୍ତି। ନିର୍ଦ୍ଦିଷ୍ଟ ଭାବେ କି ପ୍ରମାଣ ହାତରେ ଲାଗିଛି ସେନେଇ ମୁହଁ ଖୋଲି ନାହାନ୍ତି। କିନ୍ତୁ ଦଶନ୍ଧି ଧରି ତାଙ୍କୁ ଉଦ୍ଧାର କରିବା ପାଇଁ ୧୯୯୬ରୁ ୨୦୦୭ ପର୍ଯ୍ୟନ୍ତ ଚାଲିଥିବା ଉଦ୍ୟମ ସଫଳ ହୋଇ ନ ଥିବାରୁ ସେ କେମିତି ହଠାତ୍ ଉଭାନ ହୋଇଗଲେ ସେନେଇ ତଦନ୍ତକାରୀମାନେ କେବଳ କଳ୍ପନାଜଳ୍ପନା ପ୍ରକାଶ କରୁଛନ୍ତି। ପୋଲିସ ଏବେ ତାଙ୍କ ମୃତଦେହ ଖୋଜିବା ପାଇଁ ତନାଘନା ଚଳାଇବ ବୋଲି ଜୋର୍ ଦେଇ କହିଛି। ସ୍ମାର୍ଟଙ୍କ ପରିବାର ପକ୍ଷରୁ ଏକ ବିବୃତିରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ‘ତିକ୍ତମଧୁର’ ଅଭିହିତ କରାଯାଇଛି। ସ୍ମାର୍ଟଙ୍କ ପ୍ରିୟ ଆତ୍ମା ଆମ ହୃଦୟରେ ସବୁବେଳେ ରହିଛି। ତାଙ୍କ ବିନା ଆମର ଆଲିଙ୍ଗନ, ହସଖୁସି ସବୁକିଛି ଉଭେଇଯାଇଛି ବୋଲି ପରିବାର ପକ୍ଷରୁ କୁହାଯାଇଛି। ଝିଅ ନିଖୋଜ ହେବା ପରେ ପରିବାର ଲୋକେ ପାଉଲ ଫ୍ଲୋରେସ୍‌ଙ୍କ ବିରୋଧରେ ୪୦ ନିୟୁତ ଡଲାରର ଏକ ମାମଲା ଦାଏର କରିଥିଲେ।

### ନିଖୋଜ ପରେ କ୍ୟାମ୍ପସ୍ ସୁରକ୍ଷା ଆଇନ

୧୯ ବର୍ଷୀୟା କ୍ରିଷ୍ଟିନ୍ ସ୍ମାର୍ଟଙ୍କ ହତ୍ୟା ଆମେରିକାରେ ଯୁବତୀମାନଙ୍କ ସୁରକ୍ଷାକୁ ନେଇ କେବଳ ପ୍ରଶ୍ନଚିହ୍ନ ଲଗାଇ ନ ଥିଲା, ଅନେକ ଶିକ୍ଷା ମଧ ଦେଇଥିଲା। ସବୁଠୁ ବଡ଼ କଥା ହେଉଛି ସ୍ମାର୍ଟ ନିଖୋଜ ହେବା ପରେ ଦେଶରେ ତାଙ୍କ ନାମରେ ଏକ ନୂଆ ଆଇନ ପ୍ରଣୟନ କରାଯାଇଥିଲା। ସିନେଟର ମାଇକ୍ ଥମ୍ପସନ୍ ଆଣିଥିବା ବିଲ୍‌କୁ କାଲିଫର୍ନିଆ ଷ୍ଟେଟ୍ ଲେଜିସ୍‌ଲେଟର ୭୧-୦ ଭୋଟରେ ମଞ୍ଜୁରୀ ଦେଇଥିଲା। ୧୯୯୮ ଅଗଷ୍ଟ ୧୯ରେ କ୍ରିଷ୍ଟିନ୍ ସ୍ମାର୍ଟ କ୍ୟାମ୍ପସ୍ ସିକ୍ୟୁରିଟି ଆକ୍ଟ ଆଇନର ରୂପ ନେଇଥିଲା। ୧୯୯୧ ଅଗଷ୍ଟ ୧ରୁ ଏହା କାର୍ଯ୍ୟକାରୀ ହୋଇଆସୁଛି। ଏହି ଆଇନ ଅନୁସାରେ ସମସ୍ତ ସରକାରୀ କଲେଜ ଓ ସରକାରୀ ଅର୍ଥରେ ପରିଚାଳିତ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ସୁରକ୍ଷା ବନ୍ଦୋବସ୍ତ କରିବେ। ଛାତ୍ରୀଛାତ୍ର ସମ୍ପୃକ୍ତ ଥିବା ହିଂସା ଘଟିଲେ କିମ୍ବା କେହି ନିଖୋଜ ହେଲେ ସ୍ଥାନୀୟ ପୋଲିସକୁ ଜଣାଇ ତାଙ୍କୁ ଖୋଜିବା ଶିକ୍ଷାନୁଷ୍ଠାନର ଦାୟିତ୍ୱ।

# ବାଘୁଣୀ ମେଘାର ୩ ଶାବକ ଜନ୍ମ




ବାରଙ୍ଗ,୧୪।୪(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଆକର୍ଷଣୀୟ ବାଘୁଣୀ ମେଘା ଦ୍ୱିତୀୟଥର ପାଇଁ ମା’ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ୩ ଶାବକ ଜନ୍ମ ଦେଇଛି। ସାଧାରଣ ବାଘୁଣୀ ମେଘା ସହ ଜଙ୍ଗଲୀ ବାଘ ନନ୍ଦନର ଗତ ଡିସେମ୍ବରରେ ମିଳନ ହୋଇଥିଲା। ତା’ର ଗର୍ଭଧାରଣ ବିଷୟରେ ଜଣାପଡ଼ିବା ପରେ ନନ୍ଦନକାନନ କର୍ତ୍ତୃପକ୍ଷ ତା’ ପ୍ରତି ବ୍ୟାପକ ଦୃଷ୍ଟି ଦେବା ସହ ରହୁଥିବା ୩୧ସି ଏନକ୍ଲୋଜରରେ ୫ଟି ସିସିଟିଭି କ୍ୟାମେରା ଲଗାଇ ଗତିବିଧି ଉପରେ ଦୃଷ୍ଟି ରଖିଥିଲେ। ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ମେଘା ୩ ଶାବକକୁ ଜନ୍ମ ଦେଇଥିବାର ବୁଧବାର ସକାଳେ ଜଣାପଡ଼ିଥିଲା। ମା ଓ ଛୁଆ ଉଭୟ ସୁସ୍ଥ ରହିଥିବାବେଳେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ନନ୍ଦନକାନନରେ ୩୦ରେ ପହଞ୍ଚିଥିବାର ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଏହି ଯୋଡ଼ିଙ୍କର ପ୍ରଥମ ମିଳନସ୍ୱରୂପ ୨୦୧୬ ଏପ୍ରିଲ ୨୦ରେ କୁନ୍ଦନ ଓ ବାହୁବଳୀ ନାମକ ୨ଟି ଶାବକ ଜନ୍ମ ନେଇଥିଲେ। ସେହିଭଳି ନନ୍ଦନକାନନର ଅନ୍ୟତମ ଆକର୍ଷକ ସାଜିଥିବା ଓ ୭୧ଏ ନଂ.ଏନକ୍ଲୋଜରରେ ରହୁଥିବା ଗୋଟିଏ ଓଟପକ୍ଷୀ ବୁଧବାର ସକାଳେ ମୃତ୍ୟୁବରଣ କରିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି।

# କରୋନା ମୁକାବିଲାରେ ଜନଭାଗିଦାରୀକୁ ଗୁରୁତ୍ୱ

## ରାଜ୍ୟପାଳମାନଙ୍କ ସହ କଥା ହେଲେ ମୋଦି

ନୂଆଦିଲ୍ଲୀ, ୧୪।୪



ଦେଶରେ ସଂକ୍ରମଣ ପ୍ରତିଦିନ ନୂଆ ରେକର୍ଡ ସୃଷ୍ଟି କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ସ୍ଥିତି ଏବଂ ଟିକାକରଣ ସମ୍ପର୍କରେ ବୁଧବାର ସମସ୍ତ ରାଜ୍ୟର ରାଜ୍ୟପାଳ ଓ ଉପରାଜ୍ୟପାଳମାନଙ୍କ ସହ ଆଲୋଚନା କରିଛନ୍ତି। ମହାମାରୀ ବିରୋଧରେ ଲଢ଼େଇ ପାଇଁ ଜନସାଧାରଣଙ୍କ କର୍ତ୍ତବ୍ୟ ବୋଧ ସବୁଠୁ ବଡ଼ ଶକ୍ତି। ଗତବର୍ଷ ମହାମାରୀ ବିରୋଧରେ ଲଢ଼େଇ କରିଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ମୋଦି ପ୍ରଶଂସା କରିଥିଲେ। ଏବେ ସେହିଭଳି ମାନସିକତା ସହ ଜନଭାଗିଦାରୀକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ ବୋଲି ଭର୍ଚୁଆଲ ବୈଠକରେ ପ୍ରଧାନମନ୍ତ୍ରୀ କହିଛନ୍ତି। ପର୍ଯ୍ୟାପ୍ତ ପରିମାଣରେ କୋଭିଡ୍ ଟିକା ଉପଲବ୍ଧ ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ସରକାରଙ୍କ ସହ ସାମାଜିକ ଅନୁଷ୍ଠାନଗୁଡ଼ିକ ଯେପରି ନିରବିଚ୍ଛିନ୍ନ ଭାବେ ସମନ୍ୱୟ ରଖି ମହାମାରୀ ବିରୋଧୀ ଲଢ଼େଇରେ ସାମିଲ ହେବେ ସେଥିପାଇଁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଥିଲେ।

ସେହିପରି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ରାଜ୍ୟପାଳମାନଙ୍କ ସହ କଥା ହେବା ଅବସରରେ କରୋନାକୁ ପରାଜିତ କରିବାକୁ ହେଲେ ରାଜନୈତିକ ମତପାର୍ଥକ୍ୟ ଭୁଲି ସମସ୍ତେ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେ କୋଭିଡ୍ ପରୀକ୍ଷା, କଣ୍ଟାକ୍ଟ ଟ୍ରେସିଂ ଏବଂ ଚିକିତ୍ସା ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ମଧ୍ୟ ଆଲୋଚନାରେ ସାମିଲ ହୋଇଥିଲେ।

# ଖୁବ୍‌ଶୀଘ୍ର ପହଞ୍ଚିବ ସ୍ପୁଟ୍‌ନିକ ଭି

ନୂଆଦିଲ୍ଲୀ, ୧୪।୪




ଭାରତରେ କୋଭିଡ୍ ଟିକାକରଣରେ ତୃତୀୟ ଟିକା ଭାବେ ସାମିଲ ହେବାକୁ ଯାଉଥିବା ସ୍ପୁଟ୍‌ନିକ ଭି ଖୁବ୍‌ଶୀଘ୍ର ଭାରତରେ ପହଞ୍ଚିବ। ଭାରତରେ ଏହାର ପାର୍ଟନର ଥିବା ଡ. ରେଡିସ୍ ଲାବରେଟୋରିଜ୍ ଚଳିତ ତ୍ରୟମାସିକ ସୁଦ୍ଧା ଏହାର ଯୋଗାଣ ଆରମ୍ଭ କରିବାକୁ ଥିବାବେଳେ ବର୍ତ୍ତମାନ ପାଇଁ ଉକ୍ତ ଟିକା ରୁଷିଆରୁ ଆମଦାନି କରାଯିବ। ରୁଷିଆର ଗାମାଲେୟା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ମିଳିତ ଭାବେ ସ୍ପୁଟ୍‌ନିକ ଭି ଭ୍ୟାକ୍ସିନର ବିକାଶ କରିଛନ୍ତି। ଭାରତରେ ବର୍ଷକୁ ୮୫ କୋଟିରୁ ଅଧିକ ଡୋଜ୍ ସ୍ପୁଟ୍‌ନିକ ଭି ଟିକା ପ୍ରସ୍ତୁତ ହେବ ବୋଲି ରୁଷିଆର ଆର୍‌ଡିଆଇଏଫ୍ ପକ୍ଷରୁ କୁହାଯାଇଛି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡିଆ ନବବର୍ଷ ପାଳନ

ଭୁବନେଶ୍ୱର, (ବ୍ୟୁରୋ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଉତ୍କଳ ସମ୍ମିଳନୀ ଶାଖା କାର୍ଯ୍ୟାଳୟ ପରିସରରେ ଓଡିଆ ନବବର୍ଷ ପାଳନ କରାଯାଇଛି। ଏହି ଅବସରରେ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ନେହ ସମ୍ପର୍କ ସହ ଭାଇଚାରା ବଢ଼ାଇବାରେ ଓଡିଆ ପର୍ବପର୍ବାଣୀ ସହାୟକ ହୁଏ ବୋଲି ମତ ପ୍ରକାଶ ପାଇଥିଲା। ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ-ସମ୍ପାଦକ ଶିଧାର୍ଥ ଶେଖର ଗଡନାୟକ, ମହେଶ୍ୱର ବିଶ୍ୱାଳ, କ୍ଷେତ୍ର ମୋହନ ନାୟକ, ଅକ୍ଷୟ କୁମାର ଜେଠୀ, ସମରଞ୍ଜନ ମହାନ୍ତି ଓ ପ୍ରତାପ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କରୋନା ସଚେତନତା ରଥ ଶୁଭାରମ୍ଭ

କଟକ ଅଫିସ, ୧୪।୪- ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା କମିଟି ପକ୍ଷରୁ ବୁଧବାର କରୋନା ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହାକୁ ମାଲ୍‌ଗୋଦାମ ଥାନା ଅଧିକାରୀ ରବିନାରାୟଣ ଭଞ୍ଜ ଶୁଭାରମ୍ଭ କରିଥିଲେ। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଜନସଚେତନତା ସୃଷ୍ଟି କରିବା ପାଇଁ ଏହି ରଥ ସହର ପରିକ୍ରମା କରିବ ବୋଲି କମିଟି ଉପଦେଷ୍ଟା ବନମାଳୀ ଶୁକ୍ଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ସାମଲ, ସଭାପତି ଶରତ ବେହେରା, ସମ୍ପାଦକ ସଂଗ୍ରାମ କିଶୋର ରାଉତ, କାର୍ଯ୍ୟକାରୀ ସଭାପତି ଜୟଦେବ ପୃଷ୍ଟି, ଉପସଭାପତି ଅମ୍ବିକା ପ୍ରସାଦ ସାମଲ, ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଜଳଛତ୍ର ଉଦ୍‌ଘାଟିତ

ବାଲିଅନ୍ତା, ୧୪।୪ (ଡି.ଏନ.ଏ.): ବିଏମ୍‌ସିର ୧୯ନଂ. ୱାର୍ଡ ଅଧୀନ ଜିଜିପି କଲୋନୀ ଲକ୍ଷ୍ମୀ ନାରାୟଣ ମନ୍ଦିର ସମ୍ମୁଖରେ ବୁଧବାର ଓଡ଼ିଆ ନବବର୍ଷ ପାଳନ ଅବସରରେ ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଟ୍ରଷ୍ଟର ସଭ୍ୟମାନେ କୋଭିଡ୍ ନିୟମକୁ ମାନି ଲୋକଙ୍କୁ ମାସ୍କ ଓ ପାନୀୟ ଜଳ ବଣ୍ଟନ ସହ କରୋନା ସଚେତନତା କରିଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ମାନସୀ ଶତପଥୀଙ୍କ ତତ୍ତ୍ୱାବଧାନରେ ସମସ୍ତ ସଭ୍ୟ ଏଥିରେ ଯୋଗଦେଇଥିଲେ।

### ଆମ୍ବେଦକର ଥିଲେ ସାମାଜିକ କ୍ରାନ୍ତିର କର୍ଣ୍ଣଧାର

ଭୁବନେଶ୍ୱର, ୧୪।୪: ସମ୍ବିଧାନର ପ୍ରଣେତା, ବିଶିଷ୍ଟ ଜନନାୟକ ତଥା ଭାରତ ରତ୍ନ ଡ. ଭୀମରାଓ ଆମ୍ବେଦକର ଥିଲେ ସାମାଜିକ କ୍ରାନ୍ତିର କର୍ଣ୍ଣଧାର। ଦଳିତ, ଶୋଷିତ ଓ ଅବହେଳିତ ବର୍ଗର ଜନସାଧାରଣଙ୍କୁ ନ୍ୟାୟ ଦେବାପାଇଁ ସେ ସାରା ଜୀବନ ସଂଗ୍ରାମ କରିଥିଲେ ବୋଲି ଆମ୍ବେଦକର ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଆୟୋଜିତ ୧୩୦ତମ ଜୟନ୍ତୀ ସମାରୋହରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିରୂପେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଲେ, ଡ. ଆମ୍ବେଦକର ଆମ ଦେଶକୁ ଯେଉଁ ମୂଲ୍ୟବାନ ସମ୍ବିଧାନ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦେଇ ଯାଇଛନ୍ତି, ତାହା ବର୍ତ୍ତମାନ ବିପନ୍ନ ହେବାକୁ ବସିଛି। ଏହାର ସୁରକ୍ଷା ଏବଂ ଆମ୍ବେଦକରଙ୍କ ବାର୍ତ୍ତା ଓ ଆଦର୍ଶର ପ୍ରଚାର, ପ୍ରସାର ନିମନ୍ତେ ଉଦ୍ୟମ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୁଣ୍ୟ ଉତ୍କଳର ଅଧକ୍ଷ ମନୋରଞ୍ଜନ ମହାପାତ୍ର ମୁଖ୍ୟବକ୍ତା, ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ଓ ପଦାର୍ଥ ବିଜ୍ଞାନୀ ଡ. ସୁଶାନ୍ତ ଦାସ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିଲେ। ସେଣ୍ଟର ଅଧକ୍ଷ କାଳୀଚରଣ ସିଂ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋର ସିହ୍ନା ଧନ୍ୟବାଦ ଦେଇଥିଲେ ।

# ସ୍ଥିତି ବିଗିଡ଼ିଲା, ଦିନକରେ ୩୦୭ ପଜିଟିଭ୍

ଭୁବନେଶ୍ୱର, ୧୪।୪ (ବ୍ୟୁରୋ)

ବିଗିଡିଗଲାଣି ରାଜଧାନୀର କରୋନା ସ୍ଥିତି। ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ୩୦୭ ଆକ୍ରାନ୍ତ ଚିହ୍ନଟ ହେବା ପରେ ସହରବାସୀଙ୍କ ମନରେ ଛନକା ପଶିଛି। ତେବେ ନୂଆ ଆକ୍ରାନ୍ତ ମଧ୍ୟରେ ୬୯ଜଣ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୨୩୮ ଲୋକାଲ କେସ୍ ରହିଛି। ଖଣ୍ଡଗିରି ହଟ୍‌ସ୍ପଟ୍ ପାଲଟିଛି। ଏହି ଅଞ୍ଚଳରୁ ଏକାଥରକେ ୨୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ରସୁଲଗଡ଼ରୁ ୫, ଶହୀଦନଗର ୫, ଟଙ୍କପାଣି ରୋଡ୍ ୩, ସୁନ୍ଦରପଦା ୬, ଶ୍ରୀକ୍ଷେତ୍ର ବିହାର ୨, ଶାସ୍ତ୍ରୀ ନଗର ୨, ସତ୍ୟନଗର ୨, ଶୈଳଶ୍ରୀବିହାର ୩, ସାଲିଆ ସାହି ୨, ଚନ୍ଦ୍ରଶେଖରପୁର ୮, ଭିଏସ୍‌ଏସ୍‌ନଗର ୫, ୟୁନିଟ-୯ରୁ ୩, ୟୁନିଟ୍-୮ରୁ ୩, ୟୁନିଟ୍-୪ରୁ ୨, ଆଚାର୍ଯ୍ୟବିହାର ୫, ପୋଖରୀପୁଟ ୩, ପାତ୍ରପଡା ୩, ପଟିଆ ୧୭, ମହାବୀର ନଗର ୨, ରଘୁନାଥପୁର ୩, କଳିଙ୍ଗନଗର ୨, ଓଲ୍ଡଟାଉନରୁ ୮, ପାଇକନଗର ୩, ସାମନ୍ତରାପୁର ୨, କଳାରାହାଙ୍ଗ ୨, ଝାରପଡା ୫, ଜୟଦେବ ବିହାର ୪, ଜାଗମରା ୭, ଆଇଆର୍‌ସି ଭିଲେଜ ୨, ହଂସପାଳ ୫, ନୀଳାଦ୍ରିବିହାର ୨, ଚକେଇସିଆଣି ୨, ମଞ୍ଚେଶ୍ୱର ୩, ନହରକଣ୍ଟା ୩, ଅଶୋକନଗର ୩, ଡୁମୁଡୁମା ୭, ବଡଗଡ ୭, ଜିଜିପି କଲୋନୀ ୫, ବରମୁଣ୍ଡା ୫, ଭୀମଟାଙ୍ଗୀ ୨, ଚିନ୍ତାମଣିଶ୍ୱର ୨, ନୟାପଲ୍ଲୀ ୧୯, ବିଜେବିନଗର ୩ ଓ ଆଇଗିଣିଆ, ବମିଖାଲ, ଫରେଷ୍ଟ ପାର୍କ, ଗାଡକଣ, ଗ୍ୟାରେଜ ଛକ, ଡେଲ୍‌ଟା ଛକ, ଲକ୍ଷ୍ମୀସାଗର, ଖାରବେଳ ନଗର, ମାଷ୍ଟର କ୍ୟାଣ୍ଟିନ, କଳ୍ପନା, ପଳାସପଲ୍ଲୀ, ପ୍ରଶାନ୍ତ ବିହାର, ପତିତପାବନ ନଗର, ଘାଟିକିଆ, ମୈତ୍ରୀ ବିହାର, ୟୁନିଟ-୬, ନୀଳକଣ୍ଠନଗର, ରଣସିଂହପୁର, ବିବେକାନନ୍ଦ ମାର୍ଗ, ୟୁନିଟ-୩ ଓ ସତ୍‌ସଙ୍ଗ ବିହାର ଅଞ୍ଚଳରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି।

## ମୁକାବିଲା ପାଇଁ ବିଏମ୍‌ସି ପୂରା ପ୍ରସ୍ତୁତ

### ସଚେତନ କଲେ, ସହଯୋଗ ଲୋଡ଼ିଲେ କମିଶନର

ଭୁବନେଶ୍ୱର, ୧୪।୪ (ବ୍ୟୁରୋ)

ରାଜଧାନୀରେ ଦିନକୁ ୩ଶହରୁ ଅଧିକ ସଂକ୍ରମିତ ହେଉଥିବାବେଳେ ମୁକାବିଲା ପାଇଁ ଅଣ୍ଟା ଭିଡିଛି ବିଏମ୍‌ସି। ବୁଧବାର କେବଳ ଭୁବନେଶ୍ୱରରୁ ୩୦୭ ଚିହ୍ନଟ ହେବାପରେ ବିଏମ୍‌ସି କମିଶନର ରାଜଧାନୀବାସୀଙ୍କ ସହଯୋଗ ଲୋଡ଼ିଛନ୍ତି। କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ କହିଛନ୍ତି, ସଂକ୍ରମଣ ନିୟନ୍ତ୍ରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପୂର୍ବରୁ ବିଏମ୍‌ସି ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପକୁ ପୁନଃକ୍ରିୟାଶୀଳ କରାଯାଉଛି। ସମ୍ ହସ୍ପିଟାଲରେ କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଥିବାବେଳେ ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲକୁ ୧୦୦ ବେଡ୍ ସହ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ବୁଧବାରଠାରୁ ନିୟୋଜିତ କରାଯାଇଛି। ଏହା ବ୍ୟତୀତ ୨୪ ରାପିଡ୍ ରେସ୍‌ପନ୍ସ ଟିମ୍ କାର୍ଯ୍ୟ କରୁଛି। ପଜିଟିଭ୍ ଚିହ୍ନଟ ହେଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ ପାଇଁ ୧୦ଟି ରାପିଡ୍ ରେସ୍‌ପନ୍ସ ଟିମ୍ (ଆର୍‌ଆର୍‌ଟି) ବିଏମ୍‌ସି କଣ୍ଟ୍ରୋଲ ରୁମ୍‌ରେ ରହିଥିବାବେଳେ ୮ଟି ଟିମ୍ ଜେଡିସିଙ୍କୁ ସହଯୋଗ କରୁଛନ୍ତି। ହୋମ୍ ଆଇସୋଲେଶନରେ ରହିଥିବା ସଂକ୍ରମିତଙ୍କର କୌଣସି ସମସ୍ୟା ହେଲେ ବା ମେଡିକାଲ ଚିକିତ୍ସା ଆବଶ୍ୟକ ହେଲେ ସେମାନେ ଟୋଲ୍ ଫ୍ରି ନଂ. ୧୯୨୯ରେ କଲ୍ କରି ସୂଚନା ଦେଇ ପାରିବେ। ଭୁବନେଶ୍ୱରରେ ପ୍ରତିଦିନ ପ୍ରାୟ ୧୦ହଜାର ଟିକାକରଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଟିକାର କୌଣସି ଅଭାବ ନାହିଁ ବୋଲି ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ କହିଛନ୍ତି। ସେହିଭଳି ବିଏମ୍‌ସି ପକ୍ଷରୁ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମ ଜାରି ରହିଛି। ରାଜଧାନୀର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଯଥା ହାଟବଜାର, ମନ୍ଦିର, ସାମାଜିକ କାର୍ଯ୍ୟକ୍ରମ ସ୍ଥାନରେ ପୋଲିସ ସହାୟତାରେ ବିଏମ୍‌ସି ସ୍କ୍ୱାଡ୍ ପରିଦର୍ଶନ କରି କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ପରିସ୍ଥିତି ଯାହା ରାଜଧାନୀବାସୀ ସମସ୍ତ କୋଭିଡ୍ ଗାଇଡ୍ ଲାଇନ୍‌କୁ କଡାକଡି ଭାବେ ମାନିବା ଆବଶ୍ୟକ। ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ରଖିବା ଉଚିତ। ସମସ୍ତଙ୍କ ସହଯୋଗ ଓ ସଚେତନତା ଫଳରେ ପ୍ରଥମ ପର୍ଯ୍ୟାୟରେ ଯେଉଁଭଳି ଭାବେ ଆମେ କରୋନାକୁ ନିୟନ୍ତ୍ରଣ କରିଥିଲେ ଦ୍ୱିତୀୟ ପର୍ଯ୍ୟାୟକୁ ମଧ୍ୟ ସେହିଭଳି ନିୟନ୍ତ୍ରଣକୁ ଆଣିପାରିବା ବୋଲି କମିଶନର ଚୌଧାରୀ କହିଛନ୍ତି।



ହନୁମାନ ଜୟନ୍ତୀ ଅବସରରେ କଟକ ବକ୍ସିବଜାର ବଢ଼େଇସାହି ଶ୍ରୀ ଯୁଗଳକିଶୋର ମନ୍ଦିର ପ୍ରାଙ୍ଗଣରେ ହନୁମାନଙ୍କ ପୂଜାର୍ଚ୍ଚନା ।

## ଘରଭଡ଼ା ଟଙ୍କା ପାଇଁ ମହିଳାଙ୍କୁ ମାଡ଼

ଭୁବନେଶ୍ୱର, ୧୪।୪ (ବ୍ୟୁରୋ)

ଘରଭଡା ନ ଦେଇ ପାରିବାରୁ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ମହିଳା ଭଡାଟିଆଙ୍କୁ ଆକ୍ରମଣ ସହ ଘରୁ ତଡ଼ି ଦିଆଯାଇଛି। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକାରିଣୀ ଗଞ୍ଜାମ ପୁରୁଷୋତ୍ତମପୁର ବ୍ଲକ ଗୋବିନ୍ଦପୁର ଗ୍ରାମର ରଶ୍ମିତା ବେହେରା ବର୍ଷେ ହେବ ଲକ୍ଷ୍ମୀସାଗର କାଳୀ ମନ୍ଦିର ନିକଟରେ ଘରଭଡା ନେଇ ରହୁଛନ୍ତି। ସେ ବିଧବା ହୋଇଥିବାବେଳେ ୩ ପୁଅଙ୍କୁ ନେଇ କାମଧନ୍ଦା କରି ଚଳନ୍ତି। କରୋନା ପାଇଁ ଆର୍ଥିକ ପରିସ୍ଥିତି ଖରାପ ହେବାରୁ ୬ ମାସର ଘର ଭଡା ଦେଇପାରି ନ ଥିବାରୁ ମାଲିକ ତାଙ୍କୁ ଘର ଛାଡ଼ିବାକୁ ବାଧ୍ୟ କରିବା ସହ ଘରର ବିଦ୍ୟୁତ୍ ଓ ପାଣି ସଂଯୋଗ କାଟି ଦେଇଥିଲେ। ଭଡ଼ା ଟଙ୍କା ଦେବାକୁ ରଶ୍ମିତା ଆଉ ଗୋଟିଏ ମାସ ସମୟ ମାଗିଥିଲେ ମଧ୍ୟ ମାଲିକ କିଛି ଶୁଣି ନ ଥିଲେ। ବୁଧବାର ଘର ମାଲିକଙ୍କ ପରିବାର ଲୋକେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡମାରି ଘରୁ ବାହାର କରିଦେବା ପରେ ରଶ୍ମିତା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଘର ମାଲିକଙ୍କୁ ଥାନାକୁ ଡାକି ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣା କରିବା ସହ ବ୍ୟକ୍ତିଗତ ମୁଚାଲିକାରେ ଭଡ଼ାଟିଆ ମହିଳାଙ୍କୁ ଉକ୍ତ ଘରେ ରହିବାକୁ ଦିଆଯାଇଛି।



ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନ ଅବସରରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

ପୁରୁଣା ଭୁବନେଶ୍ୱର, ୧୪।୪ (ଡି.ଏନ୍.ଏ.): ଏକାମ୍ର ନିର୍ବାଚନୀ ମଣ୍ଡଳୀରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଲିଙ୍ଗିପୁର ପଞ୍ଚାୟତର ସନ୍ଥ ବିହାର ଗୋଷ୍ଠୀ ଗୃହର ଉଦ୍‌ଘାଟନ ହୋଇଥିବାବେଳେ ଲିଙ୍ଗିପୁର ମହାନ୍ତିସାହି ଡ୍ରେନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ନାଥପୁର ଗୋଷ୍ଠୀ ଗୃହ, ମଲ୍ଲିକ ସାହି ଡ୍ରେନ, ଭାଗବତ ବାସୁଦେବ ଗୋଷ୍ଠୀ ଗୃହ, ପଟାସାହି କଂକ୍ରିଟ ରାସ୍ତା, ଶ୍ରୀ ଜଗନ୍ନାଥ ବିହାର କଂକ୍ରିଟ ରାସ୍ତା, ବଳରାମ ବିହାର କଂକ୍ରିଟ ରାସ୍ତା, ଆଇଜି କଲୋନୀ କଂକ୍ରିଟ ରାସ୍ତା ଓ ଗୋଷ୍ଠୀ ଗୃହର ପାଚେରି ନିର୍ମାଣ, ମୃତ୍ୟୁଞ୍ଜୟ ବିହାର କଂକ୍ରିଟ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ସମସ୍ତ ପ୍ରକଳ୍ପ ପ୍ରାୟ ୮୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଜିଲା ପରିଷଦ ସଭ୍ୟା ଦିପ୍ତୀମୟୀ ସୁନ୍ଦରାୟ, ସରପଞ୍ଚ ରିନାରାଣୀ ବେହେରା, ସୁବାସ ସୁନ୍ଦରାୟ, ଅକ୍ଷୟ ସ୍ୱାଇଁ, କ୍ଷୀରୋଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଇଲ୍ଡଲାଇନ ଜିମା ଦେଲା ପୋଲିସ

### ଚାକିରି ନାଁରେ ନାବାଳିକାଙ୍କୁ ଦେହ ବେପାରରେ ଲଗାଇବା ଘଟଣା

ଭୁବନେଶ୍ୱର, ୧୪।୪ (ବ୍ୟୁରୋ)

ପେପର କମ୍ପାନୀରେ ଚାକିରି ଦେବାକୁ କହି ଜଣେ ନାବାଳିକାଙ୍କୁ ଭୁବନେଶ୍ୱର ଭରତପୁର ଥାନା ତାରିଣୀ ବସ୍ତିରେ ଏକ ଘରେ ରଖି ଦେହ ବ୍ୟବସାୟରେ ଲଗାଯିବା ଘଟଣାରେ ଚାଇଲ୍ଡ ଲାଇନ ହସ୍ତକ୍ଷେପ କରିବାପରେ ନାବାଳିକାକୁ ଉଦ୍ଧାର କରାଯାଇଛି। ଭରତପୁର ପୋଲିସ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କୁ ବୁଧବାର ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲା। ନାବାଳିକାଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରିବା ପରେ ତାଙ୍କୁ ଶିଶୁ ସୁରକ୍ଷା କମିଟି (ସିଡବ୍ଲ୍ୟୁସି) ଜରିଆରେ ବିଶ୍ୱ ଜୀବନ ସେବା ସଂଘରେ ରଖାଯାଇ କାଉନ୍‌ସେଲିଂ କରାଯାଉଛି। ନିୟମ ଅନୁସାରେ କୌଣସି ନାବାଳିକାଙ୍କୁ ଉଦ୍ଧାର କରାଗଲେ ପୋଲିସ ପ୍ରଥମେ ଚାଇଲ୍ଡ ଲାଇନକୁ ଜଣାଇବା ସହ ହସ୍ତାନ୍ତର କରିବା କଥା। ହେଲେ ପୋଲିସ ନାବାଳିକାଙ୍କୁ ତାଙ୍କ ସାବତ ମା'ଙ୍କ ସହ ଛାଡିଦେଇଥିଲା। ସାବତ ମା' ତାଙ୍କୁ ଦେହ ବ୍ୟବସାୟରେ ଲଗାଉଥିବା ନେଇ ନାବାଳିକା ଅଭିଯୋଗ କରିବା ସତ୍ତ୍ୱେ ପୋଲିସ କୌଣସି ତଦନ୍ତ ନ କରି ତାଙ୍କ ସହ ଛାଡ଼ି ଦେଇଥିଲା। ଏନେଇ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ତଦନ୍ତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ବେଣୁଧର ସେନାପତି ସୂଚନା ଦେଇଛନ୍ତି।

## ୭ ଦିନିଆ ରିମାଣ୍ଡରେ କୋଟିପତି ଗାଡ଼ି ଠକ

ଭୁବନେଶ୍ୱର, ୧୪।୪ (ବ୍ୟୁରୋ)

**ଲମ୍ବିଲା ଅଭିଯୋଗ ତାଲିକା**
- ଆଉ ୬ ମାମଲା, ୧୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗ
- ୧୦ ଆକାଉଣ୍ଟ ଜବତ କଲା ପୋଲିସ

ଗାଡ଼ି ବିକ୍ରି ନାଁରେ ଠକେଇ କରି କୋଟିପତି ହୋଇଥିବା ତୃପ୍ତି ରଞ୍ଜନ ଦାସଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିଛି ବଡ଼ଗଡ଼ ଥାନା ପୋଲିସ। ଏପଟେ ତାଙ୍କ ନାଁରେ ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ରବିବାର ସେ ଗିରଫ ହେବାପରଠୁ ଏଯାଏ ୬ ମାମଲା ରୁଜୁ ହୋଇଛି। ୧୫ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଥିବାବେଳେ ଅଧିକ ଖୋଳତାଡ଼ ଆରମ୍ଭ କରିଛି। ବିଭିନ୍ନ ବ୍ୟାଙ୍କର ୧୦ଟି ଆକାଉଣ୍ଟକୁ ପୋଲିସ ଜବତ କରିଛି। ଗୁରୁବାର ବ୍ୟାଙ୍କ ଖୋଲିବାପରେ ସେସବୁ ଆକାଉଣ୍ଟର ସମ୍ପୂର୍ଣ୍ଣ ବିବରଣୀ ମିଳିପାରିବ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତୃପ୍ତି ରଞ୍ଜନଙ୍କ ଘର ଖୋର୍ଦ୍ଧା ଜିଲା ଧଉଳି ଥାନା ଗୋପୀନାଥପୁରରେ ହୋଇଥିବାବେଳେ ବାଲିଅନ୍ତା ଥାନା ରଙ୍ଗବଜାରସ୍ଥିତ ଗତିକୃଷ୍ଣ ଗ୍ରୀନ୍ ଆପାର୍ଟମେଣ୍ଟରେ ରହିବା ସହ ଠକେଇ ର୍‌ୟାକେଟ ଚଳାଇଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୪୪ରୁ ଊର୍ଦ୍ଧ୍ୱ ମାମଲା ରହିଥିବାବେଳେ ୩ଥର ଜେଲ ଯାଇଛନ୍ତି। ଗତ ୯ ତାରିଖରେ ୫ଲକ୍ଷ ଠକେଇର ଶିକାର ହୋଇଥିବା ନବରଙ୍ଗପୁରର ଗଙ୍ଗାଧର ହରିଜନଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୨୧/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ରବିବାର ପୋଲିସ ତାଙ୍କୁ କୋଲକାତାରୁ ଗିରଫ କରିବା ସହ ୧୦ ଦାମୀ ଗାଡ଼ି ଜବତ କରିଥିଲା। ଏହା ପୂର୍ବରୁ ପୋଲିସ ଟିମ୍ ବ୍ରହ୍ମେଶ୍ୱର ପାଟଣାସ୍ଥିତ ତାଙ୍କ ଶ୍ରୀ ମୋଟର୍ସ କମ୍ପାନୀ କାର୍ଯ୍ୟାଳୟରେ ଚଢ଼ାଉ କରି ଚୁକ୍ତିପତ୍ର, ଚେକ, ଏକାଧିକ ବ୍ୟାଙ୍କ ଡେବିଟ ଓ କ୍ରେଡିଟ କାର୍ଡ ସହ ଅନ୍ୟାନ୍ୟ କାଗଜପତ୍ର ଜବତ କରିଥିଲା। ତାଙ୍କୁ ଗିରଫ ପରେ ପୋଲିସ ବହୁ ତଥ୍ୟ ପାଇଥିଲା। ସେ ୨୦୧୧-୧୨ରୁ ବିଜୟ ବିହାରରେ ଗଣପତି ମୋଟର୍ସ, ବିଘ୍ନରାଜ ମୋଟର୍ସ, ଆଶୀର୍ବାଦ ମୋଟର୍ସ ଓ ଶ୍ରୀ ମୋଟର୍ସ ନାମରେ ପୁରୁଣା ଗାଡି ବ୍ୟବସାୟର ପସରା ମେଲି ଏପରି ଠକେଇ କରୁଥିବା ଜଣାପଡିଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ସାଲେପୁର, ୧୪।୪ (ଡି.ଏନ୍.ଏ.)

କଟକ-ଚାନ୍ଦବାଲି ରାସ୍ତାର ମାରିୟନ୍ ହୋଟେଲ୍ ନିକଟରେ ବୁଧବାର ସକାଳେ କେବୁଲ ତାର ସଜାଡୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶିପୁରା ଗ୍ରାମର ସନାତନ ଭୋଇ (୨୪)। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସନାତନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୬/୨୧) ରୁଜୁ କରିଛି।

## 'ଉପହାର' ଉନ୍ମୋଚିତ

ଭୁବନେଶ୍ୱର, ୧୪।୪ (ବ୍ୟୁରୋ)



ନୂଆଦିଲ୍ଲୀର ଦିଲ୍ଲୀ ଓଡ଼ିଆ ଲେଖିକା ସଂଘ ସଦସ୍ୟଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଉପହାର' ବୁଧବାର ଭର୍ଚୁଆଲରେ ଲୋକାର୍ପିତ ହୋଇଯାଇଛି। ସୁପ୍ରିମକୋର୍ଟର ପୂର୍ବତନ ନ୍ୟାୟାଧିଶ ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ଯୋଗଦେଇ କହିଲେ, ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଆମାନେ ନିଜକୁ ଓଡ଼ିଆ ଭାବେ ପରିଚୟ ଦେବାକୁ ଅଧିକ ଗର୍ବ ଅନୁଭବ କରିଥାନ୍ତି। କର୍ନାଟକରେ ୮୩ଭାଗ ଲୋକ ନିଜ ଭାଷାର ପ୍ରୟୋଗ କରୁଥିବାବେଳେ ଦ୍ୱିତୀୟ ସ୍ଥାନରେ ଓଡ଼ିଶାର ୬୨ଭାଗ ଲୋକ ମାତୃଭାଷାରେ କଥା ହୋଇଥାନ୍ତି ବୋଲି ଜଷ୍ଟିସ୍ ପଟ୍ଟନାୟକ କହିଥିଲେ। ଲୋକାର୍ପିତ ପୁସ୍ତକଟି ପଲ୍ଲୀବାଣୀ ପ୍ରକାଶନୀ ପକ୍ଷରୁ ପ୍ରକାଶିତ ହୋଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଲେଖିକା ଯଶୋଧାରା ମିଶ୍ର, ପ୍ରତିଭା ପଟ୍ଟନାୟକ, କଲ୍ୟାଣି ମିଶ୍ର, ରାମଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ଅନ୍ୟ ସଦସ୍ୟାମାନେ ଭର୍ଚୁଆଲ ମୋଡରେ ବକ୍ତବ୍ୟ ରଖିଥିଲେ।



ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ଭୁବନେଶ୍ୱର ଏଜି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି।

## ପରମ୍ପରା, ସମ୍ପର୍କର ପ୍ରତୀକ ପର୍ବ ବିଷୁବ ମିଳନ

କଟକ ଅଫିସ, ୧୪।୪

ପ୍ରଜାତନ୍ତ୍ର ପ୍ରଚାର ସମିତିର ୭୨ତମ ବିଷୁବ ମିଳନ ଉତ୍ସବ ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ପଦ୍ମଭୂଷଣ ଡ. ରମାକାନ୍ତ ରଥ କହିଥିଲେ, ବିଷୁବ ମିଳନ ଏମିତି ଏକ ପର୍ବ ଯାହାକି ପରମ୍ପରା ଓ ସମ୍ପର୍କର ପ୍ରତୀକ ରୂପେ ଗ୍ରହଣୀୟ ହୋଇପାରିଛି। ଓଡ଼ିଶାର ପ୍ରତ୍ୟେକ ସାହିତ୍ୟିକ ବିଷୁବ ମିଳନରେ ସାମିଲ ହେବାକୁ ଉତ୍କଣ୍ଠିତ ଥାଆନ୍ତି । ଏହି ଉତ୍ସବ ସାହିତ୍ୟିକମାନଙ୍କର ଆତ୍ମା ସହିତ ଜଡିତ। ଏହି ଅବସରରେ ୨୦୨୦ ବର୍ଷ ପାଇଁ ପ୍ରାବନ୍ଧିକ ହରପ୍ରସାଦ ଦାସ ଓ ୨୦୨୧ ପାଇଁ କବି ଅମରେଶ ପଟ୍ଟନାୟକଙ୍କୁ ବିଷୁବ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ସାହିତ୍ୟିକ ଡ. ବୈଷ୍ଣବ ଚରଣ ସାମଲ ସଭାପତିତ୍ୱ କରିଥିଲେ। ଏମ୍‌ପି ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ, ସରୋଜ ରଞ୍ଜନ ମହାନ୍ତି ସମ୍ପାଦକୀୟ ପାଠ, ବାବାଜୀ ଚରଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ଡ. ତରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ବିଷୁବ ମିଳନ ଉତ୍ସବରେ ପ୍ରାବନ୍ଧିକ ହରପ୍ରସାଦ ଦାସ ଓ କବି ଅମରେଶ ପଟ୍ଟନାୟକଙ୍କୁ ବିଷୁବ ପୁରସ୍କାର ପ୍ରଦାନ କରାଯାଉଛି।

**ପ୍ରକୃତି ପୂଜନ ଉତ୍ସବ**

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ପଞ୍ଚାୟତର ମେହେନ୍ଦିପୁରସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପ୍ରକୃତି ପୂଜନ ଓ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲିଖଣ୍ଡ ଗ୍ରାମବିକାଶ ପ୍ରମୁଖ ପ୍ରଦୀପ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କଟକ ବିଭାଗ ପକ୍ଷରୁ ଡ. ଗୌତମ ମହାରଣା ଯୋଗଦେଇ ଚାଷଜମିରେ ଜୈବିକ ଖତ ପ୍ରୟୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ପ୍ରଦୀପ ମିଶ୍ର, ଲଳିତ ମୋହନ ପ୍ରଧାନ ଓ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୋ ପୂଜା, ବୃକ୍ଷପୂଜା, ମୃତ୍ତିକା ପୂଜା ଆଦି କରାଯାଇଥିଲା।

**ସଂକ୍ଷେପରେ**

## ଅପହୃତା ନାବାଳିକା ତିଗିରିଆରୁ ଉଦ୍ଧାର, ଯୁବକ ଗିରଫ

ବାଣପୁର, ୧୪।୪ (ଡି.ଏନ.ଏ.): ଅପହରଣର ଏକ ସପ୍ତାହ ମଧ୍ୟରେ ବାଣପୁର ପୋଲିସ ଜଣେ ନାବାଳିକାଙ୍କୁ ତିଗିରିଆ ଅଞ୍ଚଳରୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଙ୍କୀ ଥାନା ଅଧୀନ ବାଙ୍କୀର ରାଜୁ ରାଉଳ। ବୁଧବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ଅଭିଯୋଗ ଅନୁଯାୟୀ, ବାଣପୁର ଥାନା ଅନ୍ତର୍ଗତ ନାଚୁଣୀ ପଞ୍ଚାୟତର ଜଣେ ନାବାଳିକା ଗତ ୫ତାରିଖ ସକାଳ ୬ଟାରେ ଗ୍ରାମ ନିକଟସ୍ଥ ବିଦ୍ୟାଳୟକୁ ଯାଇଥିଲେ। ମାତ୍ର ୭ଟା ସୁଦ୍ଧା ବିଦ୍ୟାଳୟରେ ପହଞ୍ଚି ନ ଥିଲେ। ଛାତ୍ରୀଙ୍କ ଅନୁପସ୍ଥିତି ସମ୍ପର୍କରେ ଜାଣିବା ପାଇଁ ବିଦ୍ୟାଳୟର ଶିକ୍ଷକ ଅନ୍ୟ ଜଣେ ଛାତ୍ରଙ୍କୁ ନାବାଳିକାଙ୍କ ଘରକୁ ପଠାଇଥିଲେ। ଝିଅ ବିଦ୍ୟାଳୟରେ ପହଞ୍ଚି ନ ଥିବା ଜାଣିବା ପରେ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ୭ ତାରିଖରେ ନାବାଳିକାଙ୍କ ସମ୍ପର୍କୀୟ ଭାଇ ନାଚୁଣୀ ଫାଣ୍ଡିରେ ଅଭିଯୋଗ କରିଥିଲେ । ଫାଣ୍ଡି ଅଧିକାରୀ ଉମାକାନ୍ତ ସାହୁ ଘଟଣାକୁ ଗୁରୁତର ସହ ନେଇ ମୋବାଇଲ ଟ୍ରାକିଂ କରିବାରୁ ନାବାଳିକା କଟକ ଜିଲା ତିଗିରିଆ ଥାନା ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲେ । ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଫାଣ୍ଡି ଅଧିକାରୀଙ୍କ ନେତୃତ୍ୱରେ ୩ଜଣିଆ ପୋଲିସ ଟିମ ତିଗିରିଆ ଯାଇ ମଙ୍ଗଳବାର ରାତିରେ ସେଠାରୁ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକ ରାଜୁଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି।

# ନିଖୋଜ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
- ନ୍ୟାୟ ଦାବିରେ ରାସ୍ତାରୋକୋ

ବାଲିପାଟଣା/ନିଆଳି, ୧୪।୪(ଡି.ଏନ୍.ଏ.)

ବାଲିପାଟଣା ଥାନା ଅନ୍ତର୍ଗତ ନରିସ ଗାଁ ନିକଟ ହରିସପୁର ଜଙ୍ଗଲର ଦୋସୀମାଳିସ୍ଥିତ ଏକ ଆକାଶିଆ ଗଛରୁ ବାଲିପାଟଣା ପୋଲିସ ବୁଧବାର ଏକ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ନିଆଳି ଥାନା ଅଧୀନ ନିଆଳି ବ୍ଲକ ଜଲହାରପୁର ଟୋଲା ଗୋପୀନାଥପୁରର ଜଗନ୍ନାଥ ଆପଟ। ଅନ୍ୟପଟେ ଜଗନ୍ନାଥଙ୍କୁ କେହି ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ନେଇ ତାଙ୍କ ସାନଭାଇ ବଳରାମ ଆପଟ ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୦୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ମୃତ ଜଗନ୍ନାଥଙ୍କ ପରିବାରକୁ ନ୍ୟାୟ ମିଳିବା ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜଲହାରପୁର ଗ୍ରାମବାସୀ ଫୁଲନଖରା-ଚାରିଛକ ମୁଖ୍ୟରାସ୍ତାର ଜଲହାରପୁରଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ରାସ୍ତାରୋକୋ ଯୋଗୁ ଉଭୟ ପାର୍ଶ୍ୱରୁ ଶତାଧିକ ଯାତ୍ରୀ ଅଟକି ରହିଥିଲେ। ଖବରପାଇ କଟକ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଖୁବଶୀଘ୍ର ଘଟଣାର ତଦନ୍ତ କରି ସତ୍ୟାସତ୍ୟ ବାହାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ହଟିଥିଲେ।

ସୂଚନାଯୋଗ୍ୟ, ଗତ ୩ଦିନ ତଳେ ଜଗନ୍ନାଥ ଘରୁ ବାହାରି କେଉଁଆଡ଼େ ଯାଇଥିଲେ ସୁଦ୍ଧା ରାତିରେ ଫେରି ନ ଥିଲେ। ପରେ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହେବା ପରେ ନିଖୋଜ ଥିବା ନେଇ ନିଆଳି ଥାନାରେ ଅଭିଯୋଗ କରିଥିଲେ। ତେବେ ବୁଧବାର ଦୋସୀମାଳିସ୍ଥିତ ଜଙ୍ଗଲ ରାସ୍ତାରେ ଲୋକେ ଯାଉଥିବାବେଳେ ଏକ ମୃତଦେହ ଝୁଲୁଥିବା ଦେଖିଥିଲେ। ପରେ ଜଗନ୍ନାଥଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନିବା ସହ ନିଆଳି ପୋଲିସକୁ ଜଣାଇଥିଲେ। ପୋଲିସ ଆସି ମୃତଦେହକୁ ଦେଖିଥିଲେ ମଧ୍ୟ ଏହା ବାଲିପାଟଣା ଥାନା ଅଞ୍ଚଳର କହି ଜବତ କରି ନ ଥିଲା। ଏହି ଅଞ୍ଚଳଟି ନିଆଳି ଓ ବାଲିପାଟଣା ବ୍ଲକ ମଧ୍ୟରେ ରହିଥିବାରୁ ଉଭୟ ବାଲିପାଟଣା ଓ ନିଆଳି ପୋଲିସ ମୃତଦେହ ଜବତ କରିବାକୁ ନେଇ ଛକାପଞ୍ଝା ହୋଇଥିଲା। ପରେ କଟକ ଏସ୍‌ଡିପିଓ ପଣ୍ଡା ପହଞ୍ଚି ଦେଖି ବାଲିପାଟଣା ପୋଲିସକୁ ଜଣାଇବାରୁ ପୋଲିସ ଆସି ତାଙ୍କ ଅଞ୍ଚଳର ନୁହେଁ ବୋଲି କହିଥିଲେ। ଫଳରେ ଏସ୍‌ଡିପିଓଙ୍କ ନିର୍ଦ୍ଦେଶକ୍ରମେ ଉଭୟ ଅଞ୍ଚଳର ଆରଆଇ ଆସି ମାପ କରିବାରେ ଏହା ବାଲିପାଟଣା ଥାନା ଅଞ୍ଚଳର ବୋଲି ଜଣାପଡ଼ିଥିଲା। ପରେ ବାଲିପାଟଣା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ମଧ୍ୟ ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟ ଉନ୍ମୋଚିତ ହେବ ବୋଲି ବାଲିପାଟଣା ଆଇଆଇସି ରାଧାକାନ୍ତ ସାହୁ କହିଛନ୍ତି।

# କବିତା ସବୁବେଳେ ଚିରନ୍ତନ, କାଳଜୟୀ

**ବିଷୁବ ମିଳନ ଉତ୍ସବ**

ବାଙ୍କୀ/ସାଲେପୁର, ୧୪।୪ (ସ୍ୱ.ପ୍ର./ଡି.ଏନ୍.ଏ.)

ବାଙ୍କୀ ମାସିକ ସାହିତ୍ୟ ଆସର ଆନୁକୂଲ୍ୟରେ ବୁଧବାର ବିଦ୍ୟାରତ୍ନ ଭବନ ପରିସରରେ ବିଷୁବ ମିଳନ ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂ.ସତ୍ୟବ୍ରତ ରଥ ସଭାପତିତ୍ୱ କରିଥିଲେ। ରବିନାରାୟଣ ମଙ୍ଗରାଜ ସ୍ୱାଗତ ଭାଷଣ ଦେଇଥିଲେ। ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଙ୍କୀ କଲେଜ ଅଧ୍ୟକ୍ଷ ଡ.ନିରଞ୍ଜନ ସିଅ ମୁଖ୍ୟଅତିଥି ଭାବେ ଯୋଗଦେଇ ଚଳିତ ବର୍ଷର ବିଷୁବ ପୁରସ୍କାର କବୟିତ୍ରୀ ଚନ୍ଦ୍ରକାନ୍ତି ସିଂହ ଓ ସରୋଜିନୀ ସାହୁଙ୍କୁ ପ୍ରଦାନ କରିଥିଲେ। ବଳଭଦ୍ର ପଣ୍ଡା ମୁଖ୍ୟ ବକ୍ତା, ସମରେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ କବିତା ପାଠୋତ୍ସବକୁ କବି କୌଶିକ ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ୨୫ ଜଣ କବି କବିତା ପାଠ କରିଥିଲେ । ସେହିପରି ସାଲେପୁର ସାରସ୍ୱତ ସମାରୋହ ସମିତି ଓ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବିଷୁବ ଆସର ଓ କବିତା ପାଠୋତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବକୁ କଲେଜ ଅଧ୍ୟକ୍ଷ ଡ.ଉମେଶ ଚନ୍ଦ୍ର ପତି ଉଦ୍‌ଘାଟନ କରି କହିଥିଲେ, କବିତା ସବୁବେଳେ ଚିରନ୍ତନ ଓ କାଳଜୟୀ। ମୁଖ୍ୟବକ୍ତା ଭାବେ ଡ. ଜୟଶ୍ରୀ ନନ୍ଦ ଯୋଗଦେଇଥିଲେ। ସାରସ୍ୱତ ସମାରୋହ ସମିତି ପକ୍ଷରୁ ଡ.ଉମେଶ ଚନ୍ଦ୍ର ପତିଙ୍କୁ ଚଳିତ ବର୍ଷ ପାଇଁ ବିଷୁବ ପୁରସ୍କାର ପ୍ରଦାନ କରାଯାଇଥିଲା।



ଓଡ଼ିଶା ହାଇକୋର୍ଟ ସମ୍ମୁଖରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଦଳିତଙ୍କ ସ୍ୱାର୍ଥରକ୍ଷା ପାଇଁ ଚେଷ୍ଟିତ ଥିଲେ ଆମ୍ବେଡକର

କଟକ ଅଫିସ/ଚୌଦ୍ୱାର/ନରସିଂହପୁର ୧୪।୪(ଡି.ଏନ୍.ଏ.)

ଜିଲା ପ୍ରଶାସନ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଛି। ହାଇକୋର୍ଟ ନିକଟରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମାଲ୍ୟାର୍ପଣ କରିଥିଲେ। ଅଶୋକ ଷଡଙ୍ଗୀ, ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧର୍ମ ଜାଗରଣ ସମିତି ପକ୍ଷରୁ ଚାନ୍ଦିନୀଚୌକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମାର୍ଗଦର୍ଶନ ବୈଠକ ହୋଇଥିଲା। ଚନ୍ଦ୍ରକାନ୍ତ ପ୍ରଧାନଙ୍କ ପୌରୋହିତ୍ୟରେ ଧର୍ମ ଜାଗରଣ ସମନ୍ୱୟର ପୂର୍ବଭାରତ କ୍ଷେତ୍ର ପ୍ରମୁଖ ବିନୟ ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ଭାଜପା କଟକ ନଗର ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ଗୌରୀଶଙ୍କର ପାର୍କଠାରେ ପାଳିତ ହୋଇଛି। ଶିବ ପ୍ରସାଦ ସେଠୀ, ବିକାଶ ଚନ୍ଦ୍ର ବେହେରା, ଦୀପକ କାହାଳୀ, ଅନନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ଆମ୍ବେଡକରଙ୍କ ଜୟନ୍ତୀ ମର୍କତନଗରଠାରେ ପାଳିତ ହୋଇଯାଇଛି। ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଆମ୍ବେଡକର ଦଳିତମାନଙ୍କ ଅଧିକାର ଓ ସ୍ୱାର୍ଥରକ୍ଷା ପାଇଁ ସର୍ବଦା ଚେଷ୍ଟିତ ଥିଲେ। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିସାଲଣ୍ଡା ପଞ୍ଚାୟତ ଦୁଧିଆନାଳୀଠାରେ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ଆଦିବାସୀ ଫାଉଣ୍ଡେଶନ୍ କଟକର ସଭାପତି ଗମନ କଳାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଙ୍ଗରାଜପୁର ବନପାଳ ମାଣିକ ମୁଣ୍ଡା, ସୋଲ୍ ଫାଉଣ୍ଡେଶନ୍‌ର ମୁଖ୍ୟ ସତ୍ୟବ୍ରତ ସାମଲ ପ୍ରମୁଖ ଯୋଗଦେଇଥିଲେ। ଅନୁରୂପ ଭାବେ ଇନ୍ଦ୍ରାଣୀପାଟଣା ଭାଜପା ମଣ୍ଡଳ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଥିଲା।

ଆମ୍ବେଡକରଙ୍କ ଜୟନ୍ତୀ ଉପଲକ୍ଷେ ନରସିଂହପୁରରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଆମ୍ବେଡକର ସେବା ସଂସ୍ଥା ଏବଂ ଓଡିଶା ଏସ୍‌ସିଏସ୍‌ଟି, ଟିଚର୍ସ ଆସୋସିଏଶସନ ମିଳିତ ଆନୁକୂଲ୍ୟରେ ଅନ୍ତର୍ଯାମୀ ପ୍ରଧାନ ମୁଖ୍ୟଅତିଥି, ନରସିଂହପୁର ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ପ୍ରଧାନ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ଜ୍ଞାନ ରଞ୍ଜନ ନାୟକ, ଦେବରାଜ ସ୍ୱାଇଁ, ସନାତନ ସ୍ୱାଇଁ ଓ ସୁଶାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAB-BOUDH-0003-2020-19896/R&DM** **Dated: 17 Jun 2020**

No. XXXI-6: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା: ଗୁଣ୍ଡୁରିବେଢ଼ା, ଥାନା: ପୁରୁଣାକଟକ ନଂ. ୬୨, ତହସିଲ: ହରଭଙ୍ଗା, ଜିଲ୍ଲା: ବୌଦ୍ଧରେ ନିମ୍ନ ତଫସିଲମତେ ପ୍ରାୟ ଏ.୨୪.୮୬୦ ଭୂମି ଅଧିଗ୍ରହଣ/ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ : ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା - ୨୫୨୫୮, ତାରିଖ: ୨୭।୦୮।୨୦୧୯ରେ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବୌଦ୍ଧ।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବୌଦ୍ଧ | ହରଭଙ୍ଗା | ଗୁଣ୍ଡୁରିବେଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୧.୧୨୦ | ଏ.୨୪.୮୬୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅତିରିକ୍ତ ଶାସନ ସଚିବ

**ଜମିର ତାଳିକା**
ଖୋର୍ଦ୍ଧାରୋଡ୍‌ରୁ ବଲାଙ୍ଗୀରକୁ ଯାଉଥିବା, ନୂତନ ଓସାରିଆ ରେଳପଥର ଭୂ-ଅଧିଗ୍ରହଣ
ଗ୍ରାମ: ଗୁଣ୍ଡୁରିବେଡା, ତହସିଲ: ହରଭଙ୍ଗା, ଥାନା: ପୁରୁଣା କଟକ (ନଂ- ୬୨), ଜିଲ୍ଲା: ବୌଦ୍ଧ
ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୧ | ୧ | ୨୨୧ | ୦.୦୮୦ | ୦.୦୮୦ | ଶାରଦ-୨ | ଅନାମ ଘାସି, ମାଧବ ଘାସି, ପୂର୍ଣ୍ଣ ଘାସି, ପି.- ଶଙ୍କର ଘାସି |
| ୨ | | ୨୩୫ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୩ | | ୨୩୬ | ୦.୧୧୦ | ୦.୦୩୦ | ଶାରଦ-୨ | |
| ୪ | ୨ | ୩୩୮ | ୦.୪୨୦ | ୦.୩୦୦ | ଶାରଦ-୧ କିତା/୨ | କମା ପଧାନ, ସ୍ୱା.- ସୁରେଶନ ପଧାନ |
| ୫ | | ୩୪୬ | ୦.୧୪୦ | ୦.୧୪୦ | ଘରବାରି | |
| ୬ | | ୩୪୮ | ୦.୦୫୦ | ୦.୦୫୦ | ଘରବାରି | |
| ୭ | | ୪୧୮ | ୦.୨୭୦ | ୦.୦୬୦ | ଆଟ | |
| ୮ | | ୪୫୯ | ୦.୬୫୦ | ୦.୬୫୦ | ଶାରଦ-୧ | |
| ୯ | ୨ | ୪୬୪ | ୦.୪୧୦ | ୦.୪୧୦ | ଶାରଦ-୧ | କମା ପଧାନ, ସ୍ୱା.- ସୁରେଶନ ପଧାନ |
| ୧୦ | | ୪୭୦ | ୦.୨୪୦ | ୦.୨୪୦ | ଶାରଦ-୧ | |
| ୧୧ | | ୪୭୨ | ୦.୧୪୦ | ୦.୧୪୦ | ଶାରଦ-୧ | |
| ୧୨ | | ୪୮୨ | ୦.୩୦୦ | ୦.୩୦୦ | ଶାରଦ-୧ | |
| ୧୩ | | ୪୮୯ | ୦.୧୬୦ | ୦.୧୬୦ | ଶାରଦ-୧ | |
| ୧୪ | | ୩୩୮/ ୫୦୮ | ୦.୦୬୦ | ୦.୦୬୦ | ଶାରଦ-୧ | |
| ୧୫ | ୩ | ୨୦୭ | ୦.୧୦୦ | ୦.୦୨୦ | ଶାରଦ-୨ | ଚନ୍ଦ୍ରମଣି ପଧାନ, ପି.- ତପନ ପଧାନ |
| ୧୬ | | ୪୦୪ | ୦.୦୪୦ | ୦.୦୪୦ | ଆଟ | |
| ୧୭ | | ୪୬୬ | ୦.୩୭୦ | ୦.୩୭୦ | ଶାରଦ-୧ କିତା/୩ | |
| ୧୮ | | ୪୯୧ | ୧.୨୦୦ | ୧.୨୦୦ | ଶାରଦ-୧ | |
| ୧୯ | ୪ | ୨୦୬ | ୦.୧୨୦ | ୦.୧୨୦ | ଶାରଦ-୨ | ଚନ୍ଦ୍ରମଣି ପଧାନ, ଦେବାର୍ଚନ ପଧାନ, ସଭାଜନ ପଧାନ, ପି.- ତପନ ପଧାନ |
| ୨୦ | | ୪୦୦ | ୦.୧୪୦ | ୦.୧୪୦ | ଆଟ | |
| ୨୧ | | ୪୦୧ | ୦.୧୨୦ | ୦.୧୨୦ | ଆଟ | |

**ଜମିର ତାଳିକା**
ଖୋର୍ଦ୍ଧାରୋଡ୍‌ରୁ ବଲାଙ୍ଗୀରକୁ ଯାଉଥିବା, ନୂତନ ଓସାରିଆ ରେଳପଥର ଭୂ-ଅଧିଗ୍ରହଣ
ଗ୍ରାମ: ଗୁଣ୍ଡୁରିବେଡା, ତହସିଲ: ହରଭଙ୍ଗା, ଥାନା: ପୁରୁଣା କଟକ (ନଂ- ୬୨), ଜିଲ୍ଲା: ବୌଦ୍ଧ
ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୨୨ | ୪ | ୪୪୭ | ୦.୧୦୦ | ୦.୧୦୦ | ଶାରଦ-୧ କିତା/୩ | ଚନ୍ଦ୍ରମଣି ପଧାନ, ଦେବାର୍ଚନ ପଧାନ, ସଭାଜନ ପଧାନ, ପି.- ତପନ ପଧାନ |
| ୨୩ | | ୪୪୫ | ୦.୦୭୦ | ୦.୦୭୦ | ଶାରଦ-୧ କିତା/୩ | |
| ୨୪ | | ୪୪୬ | ୦.୦୭୦ | ୦.୦୭୦ | ଶାରଦ-୧ | |
| ୨୫ | | ୪୪୮ | ୦.୦୮୦ | ୦.୦୮୦ | ଶାରଦ-୧ | |
| ୨୬ | ୫ | ୩୫୮ | ୦.୦୧୦ | ୦.୦୧୦ | ଘରବାରି | ଚନ୍ଦ୍ରମଣି ପଧାନ, ଦେବାର୍ଚନ ପଧାନ, ସଭାଜନ ପଧାନ, ପି.- ତପନ ପଧାନ, ବାଞ୍ଛା ପଧାନ, ପି.- କପ୍ତାନ ପଧାନ, ଭଗବତୀ ପଧାନ, ସମ୍ପତ୍ତି ପଧାନ, ପି.- ସୁନାମ ପଧାନ, ରଘୁ ପଧାନ, ପି.- କାର୍ତ୍ତିକ ପଧାନ, ବିଶି ପଧାନ, ପି.- କାର୍ତ୍ତିକ ପଧାନ |
| ୨୭ | | ୩୫୯ | ୦.୦୧୦ | ୦.୦୧୦ | ଘରବାରି | |
| ୨୮ | | ୩୬୬ | ୦.୦୧୦ | ୦.୦୧୦ | ଘରବାରି | |
| ୨୯ | | ୩୮୮ | ୦.୧୦୦ | ୦.୧୦୦ | ଘରବାରି | |
| ୩୦ | | ୩୮୯ | ୦.୦୩୦ | ୦.୦୩୦ | ଘରବାରି | |
| ୩୧ | | ୩୯୦ | ୦.୦୧୦ | ୦.୦୧୦ | ଘରବାରି | |
| ୩୨ | | ୩୯୧ | ୦.୦୨୦ | ୦.୦୨୦ | ଘରବାରି | |
| ୩୩ | | ୩୯୨ | ୦.୦୫୦ | ୦.୦୫୦ | ଘରବାରି | |
| ୩୪ | | ୩୯୩ | ୦.୦୪୦ | ୦.୦୪୦ | ଘରବାରି | |
| ୩୫ | | ୩୯୪ | ୦.୦୩୦ | ୦.୦୩୦ | ଘରବାରି | |
| ୩୬ | | ୩୯୬ | ୦.୦୮୦ | ୦.୦୮୦ | ଘରବାରି | |
| ୩୭ | | ୩୯୭ | ୦.୦୨୦ | ୦.୦୨୦ | ଘରବାରି | |
| ୩୮ | ୬ | ୨୧୮ | ୦.୩୧୦ | ୦.୩୧୦ | ଶାରଦ-୨ କିତା/୪ | ଚାରୁମତି ପଧାନ, ପି.- ସେନାପତି ପଧାନ |
| ୩୯ | | ୨୨୬ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୪୦ | | ୪୧୫ | ୦.୧୪୦ | ୦.୧୪୦ | ଶାରଦ-୧ | |
| ୪୧ | | ୨୬୨ | ୦.୪୮୦ | ୦.୧୮୦ | ଶାରଦ-୧ | |
| ୪୨ | | ୪୬୩ | ୦.୨୨୦ | ୦.୨୨୦ | ଶାରଦ-୧ | |
| ୪୩ | ୯ | ୨୧୩ | ୦.୨୭୦ | ୦.୨୭୦ | ଶାରଦ-୨ | ଦୁଶିଳା ପଧାନ, ପି.- ସେନାପତି ପଧାନ |
| ୪୪ | | ୨୬୩ | ୦.୪୬୦ | ୦.୨୦୦ | ଶାରଦ-୧ | |
| ୪୫ | | ୪୬୦ | ୦.୫୫୦ | ୦.୫୫୦ | ଶାରଦ-୧ | |
| ୪୬ | | ୪୭୩ | ୦.୧୫୦ | ୦.୧୫୦ | ଶାରଦ-୧ | |
| ୪୭ | | ୪୮୫ | ୦.୦୮୦ | ୦.୦୮୦ | ଶାରଦ-୧ | |
| ୪୮ | | ୪୮୬ | ୦.୨୧୦ | ୦.୨୧୦ | ଶାରଦ-୧ କିତା/୨ | |
| ୪୯ | ୧୦ | ୪୫୦ | ୦.୨୪୦ | ୦.୨୪୦ | ଶାରଦ-୧ | ଦେବାର୍ଚନ ପଧାନ, ପି.- ତପନ ପଧାନ |
| ୫୦ | | ୪୫୪ | ୦.୧୫୦ | ୦.୧୫୦ | ଶାରଦ-୧ | |
| ୫୧ | ୧୧ | ୨୧୦ | ୦.୫୬୦ | ୦.୪୪୦ | ଶାରଦ-୧ | ଧୋବେଇ ପଧାନ, ପି.- ହାଡ଼ି ପଧାନ |
| ୫୨ | | ୨୧୫ | ୦.୩୦୦ | ୦.୩୦୦ | ଶାରଦ-୧ | |
| ୫୩ | | ୨୧୯ | ୦.୧୦୦ | ୦.୧୦୦ | ଶାରଦ-୧ | |
| ୫୪ | | ୨୨୪ | ୦.୧୫୦ | ୦.୧୫୦ | ଶାରଦ-୨ | |
| ୫୫ | | ୨୨୮ | ୦.୦୯୦ | ୦.୦୯୦ | ଶାରଦ-୨ | |
| ୫୬ | | ୨୩୧ | ୦.୧୯୦ | ୦.୧୯୦ | ଶାରଦ-୨ | |
| ୫୭ | | ୨୪୪ | ୦.୪୧୦ | ୦.୦୯୦ | ଶାରଦ-୨ କିତା/୨ | |
| ୫୮ | | ୩୨୯ | ୦.୮୨୦ | ୦.୦୪୦ | ଶାରଦ-୨ | |
| ୫୯ | ୧୧ | ୩୪୧ | ୦.୭୩୦ | ୦.୭୩୦ | ଶାରଦ-୧ କିତା/୨ | ଧୋବେଇ ପଧାନ, ପି.- ହାଡ଼ି ପଧାନ |
| ୬୦ | | ୩୫୭ | ୦.୦୧୦ | ୦.୦୧୦ | ଘରବାରି | |
| ୬୧ | | ୩୯୫ | ୦.୦୧୦ | ୦.୦୧୦ | ଘରବାରି | |
| ୬୨ | | ୪୦୫ | ୦.୦୩୦ | ୦.୦୩୦ | ଆଟ | |
| ୬୩ | | ୪୧୧ | ୦.୩୬୦ | ୦.୩୬୦ | ଶାରଦ-୧ | |
| ୬୪ | | ୪୧୨ | ୦.୩୦୦ | ୦.୩୦୦ | ଶାରଦ-୧ | |
| ୬୫ | ୧୧ | ୪୪୯ | ୦.୩୪୦ | ୦.୩୪୦ | ଶାରଦ-୧ | ଧୋବେଇ ପଧାନ, ପି.- ହାଡ଼ି ପଧାନ |
| ୬୬ | | ୪୬୮ | ୦.୧୬୦ | ୦.୧୬୦ | ଶାରଦ-୧ | |
| ୬୭ | | ୪୭୪ | ୦.୧୫୦ | ୦.୧୫୦ | ଶାରଦ-୧ | |
| ୬୮ | | ୪୯୮ | ୦.୩୦୦ | ୦.୧୬୦ | ଶାରଦ-୧ | |
| ୬୯ | | ୧୯୫ | ୦.୦୭୦ | ୦.୦୧୦ | ଶାରଦ-୨ | |
| ୭୦ | ୧୨ | ୪୫୧ | ୦.୨୪୦ | ୦.୨୪୦ | ଶାରଦ-୧ | ନବେଇ ପଧାନ, ପି.- ରାଜ ପଧାନ |
| ୭୧ | ୧୩ | ୩୫୧ | ୦.୦୨୦ | ୦.୦୨୦ | ଘରବାରି | ପାଣୁଆ ପଧାନ, କୃଷ୍ଣ ପଧାନ, ପିର ପଧାନ, ଜମ୍ବୁ ପଧାନ, ପି.- ଗଣେଶ୍ୱର ପଧାନ |
| ୭୨ | | ୩୫୩ | ୦.୦୨୦ | ୦.୦୨୦ | ଘରବାରି | |
| ୭୩ | | ୪୬୧ | ୦.୧୩୦ | ୦.୧୩୦ | ଶାରଦ-୧ | |
| ୭୪ | | ୪୬୨ | ୦.୧୮୦ | ୦.୧୮୦ | ଶାରଦ-୧ | |
| ୭୫ | ୧୩ | ୪୭୬ | ୦.୧୨୦ | ୦.୧୨୦ | ଶାରଦ-୧ | ପାଣୁଆ ପଧାନ, କୃଷ୍ଣ ପଧାନ, ପିର ପଧାନ, ଜମ୍ବୁ ପଧାନ, ପି.- ଗଣେଶ୍ୱର ପଧାନ |
| ୭୬ | | ୪୮୪ | ୦.୧୨୦ | ୦.୧୨୦ | ଶାରଦ-୧ | |
| ୭୭ | | ୪୯୦ | ୦.୬୦୦ | ୦.୬୦୦ | ଶାରଦ-୧ | |
| ୭୮ | | ୪୯୭ | ୦.୬୨୦ | ୦.୩୮୦ | ଶାରଦ-୧ | |
| ୭୯ | | ୫୦୦ | ୦.୫୨୦ | ୦.୧୪୦ | ଶାରଦ-୧ | |
| ୮୦ | ୧୪ | ୨୨୭ | ୦.୧୭୦ | ୦.୧୭୦ | ଶାରଦ-୨ | ପାଣୁଆ ପଧାନ, କୃଷ୍ଣ ପଧାନ, ପି.- ଗଣେଶ୍ୱର ପଧାନ, କମା ପଧାନ, ସ୍ୱା.- ସୁରେଶନ ପଧାନ, ସୁରମଣି ପଧାନ, ପି.- ତିରୁ ପଧାନ |
| ୮୧ | | ୩୪୭ | ୦.୦୫୦ | ୦.୦୫୦ | ଘରବାରି | |
| ୮୨ | | ୩୬୧ | ୦.୦୧୦ | ୦.୦୧୦ | ଘରବାରି | |
| ୮୩ | | ୩୬୮ | ୦.୦୨୦ | ୦.୦୧୦ | ଘରବାରି | |
| ୮୪ | ୧୫ | ୨୧୪ | ୦.୪୨୦ | ୦.୩୬୦ | ଶାରଦ-୧ | ବଳରାମ ପଧାନ, ପି.- କଷ୍ଟ ପଧାନ |
| ୮୫ | | ୨୧୭ | ୦.୫୧୦ | ୦.୫୧୦ | ଶାରଦ-୧ | |

**ଜମିର ତାଳିକା**
ଖୋର୍ଦ୍ଧାରୋଡ୍‌ରୁ ବଲାଙ୍ଗୀରକୁ ଯାଉଥିବା, ନୂତନ ଓସାରିଆ ରେଳପଥର ଭୂ-ଅଧିଗ୍ରହଣ
ଗ୍ରାମ: ଗୁଣ୍ଡୁରିବେଡା, ତହସିଲ: ହରଭଙ୍ଗା, ଥାନା: ପୁରୁଣା କଟକ (ନଂ- ୬୨), ଜିଲ୍ଲା: ବୌଦ୍ଧ
ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୮୬ | ୧୬ | ୩୬୨ | ୦.୨୦୦ | ୦.୧୩୦ | ଘରବାରି | କୁନ୍ତଳା ମଳିକ, ପି.- ରାମ ପ୍ରଧାନ, ମିଥିଳା ପ୍ରଧାନ, ପି.- ରାମ ପ୍ରଧାନ |
| ୮୭ | | ୪୦୬ | ୦.୩୮୦ | ୦.୩୮୦ | ଶାରଦ-୧ | |
| ୮୮ | | ୪୫୩ | ୦.୨୪୦ | ୦.୨୪୦ | ଶାରଦ-୧ | |
| ୮୯ | ୧୭ | ୪୫୫ | ୦.୨୮୦ | ୦.୨୮୦ | ଶାରଦ-୧ | ବାଞ୍ଛା ପଧାନ, ପି.- କପ୍ତାନ ପଧାନ |
| ୯୦ | | ୪୮୭ | ୦.୦୧୦ | ୦.୦୧୦ | ଶାରଦ-୧ | |
| ୯୧ | | ୪୮୮ | ୦.୧୭୦ | ୦.୧୭୦ | ଶାରଦ-୧ | |
| ୯୨ | ୨୧ | ୪୫୮ | ୦.୭୦୦ | ୦.୫୫୦ | ଶାରଦ-୧ | ମହାଦେଇ ପଧାନ, ସ୍ୱା.- ସୁନାମ ପଧାନ |
| ୯୩ | | ୪୬୯ | ୦.୧୬୦ | ୦.୧୬୦ | ଶାରଦ-୧ | |
| ୯୪ | | ୪୮୦ | ୦.୧୮୦ | ୦.୧୮୦ | ଶାରଦ-୧ | |
| ୯୫ | ୨୨ | ୪୯୨ | ୦.୩୧୦ | ୦.୩୧୦ | ଶାରଦ-୧ | ମହିମତି ପଧାନ, ପି.- ସେନାପତି ପଧାନ |
| ୯୬ | ୨୩ | ୨୨୦ | ୦.୧୨୦ | ୦.୧୨୦ | ଶାରଦ-୨ | ରଘୁନାଥ ପଧାନ, ପି.- କାର୍ତ୍ତିକ ପଧାନ |
| ୯୭ | | ୨୨୩ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୯୮ | | ୪୪୩ | ୧.୨୨୦ | ୦.୯୦୦ | ଶାରଦ-୧ | |
| ୯୯ | | ୨୬୧ | ୦.୨୨୦ | ୦.୧୯୦ | ଶାରଦ-୨ | |
| ୧୦୦ | | ୪୭୮ | ୦.୧୭୦ | ୦.୧୭୦ | ଶାରଦ-୨ | |
| ୧୦୧ | ୨୫ | ୪୨୦ | ୦.୧୫୦ | ୦.୦୩୦ | ଶାରଦ-୨ | ସଭାଜନ ପଧାନ, ପି.- ତପନ ପଧାନ |
| ୧୦୨ | | ୪୨୧ | ୦.୧୪୦ | ୦.୦୧୦ | ଶାରଦ-୨ | |
| ୧୦୩ | | ୪୬୫ | ୦.୧୮୦ | ୦.୧୮୦ | ଶାରଦ-୧ | |
| ୧୦୪ | | ୪୭୫ | ୦.୨୦୦ | ୦.୨୦୦ | ଶାରଦ-୧ | |
| ୧୦୫ | ୨୬ | ୨୦୯ | ୦.୩୪୦ | ୦.୨୦୦ | ଶାରଦ-୧ | ସମ୍ପତ୍ତି ପଧାନ, ପି.- ସୁନାମ ପଧାନ |
| ୧୦୬ | | ୨୨୨ | ୦.୦୮୦ | ୦.୦୮୦ | ଶାରଦ-୨ | |
| ୧୦୭ | | ୨୨୫ | ୦.୧୮୦ | ୦.୧୮୦ | ଶାରଦ-୨ | |
| ୧୦୮ | | ୩୯୮ | ୦.୦୪୦ | ୦.୦୪୦ | ଘରବାରି | |
| ୧୦୯ | | ୪୭୭ | ୦.୧୬୦ | ୦.୧୬୦ | ଶାରଦ-୧ | |
| ୧୧୦ | | ୪୯୯ | ୦.୨୪୦ | ୦.୧୦୦ | ଶାରଦ-୧ | |
| ୧୧୧ | ୨୮ | ୨୨୯ | ୦.୧୦୦ | ୦.୧୦୦ | ଶାରଦ-୨ | ସୁରବାଳି ମଳିକ, ସ୍ୱା.- ରାଜିନ୍ଦ୍ର ମଳିକ |
| ୧୧୨ | | ୨୩୦ | ୦.୧୯୦ | ୦.୧୯୦ | ଶାରଦ-୨ | |
| ୧୧୩ | | ୨୪୫ | ୦.୨୪୦ | ୦.୦୩୦ | ଶାରଦ-୨ | |
| ୧୧୪ | | ୩୬୭ | ୦.୦୨୦ | ୦.୦୧୦ | ଘରବାରି | |
| ୧୧୫ | | ୩୯୯ | ୦.୧୮୦ | ୦.୧୮୦ | ଘରବାରି | |
| ୧୧୬ | | ୪୦୨ | ୦.୨୬୦ | ୦.୨୬୦ | ଶାରଦ-୨ | |
| ୧୧୭ | | ୪୬୭ | ୦.୧୨୦ | ୦.୧୨୦ | ଶାରଦ-୧ କିତା/୨ | |
| ୧୧୮ | ୨୯ | ୪୦୩ | ୦.୦୮୦ | ୦.୦୮୦ | ଶାରଦ-୨ | ଶ୍ରୀମତୀ ପଧାନ, ପି.- ଘାସି ପଧାନ, ପାଣୁଆ ପଧାନ, କୃଷ୍ଣ ପଧାନ, ପି.- ଗଣେଶ୍ୱର ପଧାନ, ସୁରମଣି ପଧାନ, ପି.- ତିରୁ ପଧାନ, କମା ପଧାନ, ସ୍ୱା.- ସୁରେଶନ ପଧାନ |
| ୧୧୯ | ୩୧ | ୨୦୫ | ୦.୧୯୦ | ୦.୧୨୦ | ଶାରଦ-୨ | ସୁରମଣି ପଧାନ, ପି.- ତୀର୍ଥ ପଧାନ |
| ୧୨୦ | | ୨୩୨ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୧୨୧ | | ୨୩୭ | ୦.୩୫୦ | ୦.୧୮୦ | ଶାରଦ-୨ | |
| ୧୨୨ | | ୩୩୫ | ୦.୫୬୦ | ୦.୨୯୦ | ଶାରଦ-୧ | |
| ୧୨୩ | | ୩୪୪ | ୦.୦୬୦ | ୦.୦୬୦ | ଶାରଦ-୧ | |
| ୧୨୪ | | ୩୪୫ | ୦.୧୬୦ | ୦.୧୬୦ | ଶାରଦ-୧ | |
| ୧୨୫ | ୩୧ | ୩୪୯ | ୦.୦୯୦ | ୦.୦୯୦ | ଘରବାରି | ସୁରମଣି ପଧାନ, ପି.- ତୀର୍ଥ ପଧାନ |
| ୧୨୬ | | ୩୫୬ | ୦.୦୨୦ | ୦.୦୨୦ | ଘରବାରି | |
| ୧୨୭ | | ୩୬୯ | ୦.୦୧୦ | ୦.୦୧୦ | ଘରବାରି | |
| ୧୨୮ | | ୪୧୪ | ୦.୪୬୦ | ୦.୨୦୦ | ଶାରଦ-୧ | |
| ୧୨୯ | | ୪୧୯ | ୦.୨୮୦ | ୦.୦୩୦ | ଆଟ | |
| ୧୩୦ | | ୪୫୨ | ୦.୬୭୦ | ୦.୬୭୦ | ଶାରଦ-୧ | |
| ୧୩୧ | | ୪୫୬ | ୦.୧୧୦ | ୦.୧୧୦ | ଶାରଦ-୧ | |
| ୧୩୨ | | ୪୫୭ | ୦.୨୧୦ | ୦.୦୮୦ | ଶାରଦ-୧ | |
| ୧୩୩ | | ୪୭୧ | ୦.୧୭୦ | ୦.୧୭୦ | ଶାରଦ-୧ | |
| ୧୩୪ | ୩୪ | ୨୧୧ | ୦.୧୯୦ | ୦.୦୭୦ | ଶାରଦ-୧ | ଉଲ୍ଲାସ ମଳିକ, ମାତା: ହେମମତି ମଳିକ, ସ୍ୱା.- ତ୍ରିନାଥ ମଳିକ |
| ୧୩୫ | | ୨୧୨ | ୦.୧୨୦ | ୦.୧୨୦ | ଶାରଦ-୨ | |
| ୧୩୬ | | ୨୩୩ | ୦.୨୪୦ | ୦.୨୪୦ | ଶାରଦ-୨ | |
| ୧୩୭ | | ୨୩୪ | ୦.୦୬୦ | ୦.୦୬୦ | ଶାରଦ-୨ | |
| ୧୩୮ | | ୨୬୪ | ୦.୪୬୦ | ୦.୦୯୦ | ଶାରଦ-୧ | |
| ୧୩୯ | ୩୪ | ୩୩୭ | ୦.୨୪୦ | ୦.୨୦୦ | ଶାରଦ-୧ | ଉଲ୍ଲାସ ମଳିକ, ମାତା: ହେମମତି ମଳିକ, ସ୍ୱା.- ତ୍ରିନାଥ ମଳିକ |
| ୧୪୦ | | ୪୧୦ | ୦.୧୩୦ | ୦.୧୩୦ | ଶାରଦ-୧ | |
| ୧୪୧ | | ୪୮୩ | ୦.୨୩୦ | ୦.୨୩୦ | ଶାରଦ-୧ | |
| ୧୪୨ | | ୪୯୩ | ୦.୩୦୦ | ୦.୩୦୦ | ଶାରଦ-୧ | |
| ୧୪୩ | ୩୬ | ୩୯୯/ ୫୦୩ | ୦.୦୨୦ | ୦.୦୨୦ | ଘରବାରି | କାଶୀନାଥ ଦେହୁରି, କାମେଶ୍ୱର ଦେହୁରି, ପି.- ପଞ୍ଚୁ ଦେହୁରି, ଶ୍ରୀମତୀ ପଧାନ, ପି.- ଘାସି ପଧାନ |
| ୧୪୪ | ୩୭ | ୨୧୮/ ୫୦୬ | ୦.୦୩୦ | ୦.୦୩୦ | ଶାରଦ-୧ | କୁଦାବନ ପଧାନ, ପି.- ମନ୍ଦର ପଧାନ |
| ୧୪୫ | ୩୮ | ୨୧୮/ ୫୦୫ | ୦.୦୬୦ | ୦.୦୬୦ | ଶାରଦ-୧ | ପୂର୍ଣ୍ଣଚନ୍ଦ୍ର କହଁର, ପି.- ହରିମିଟି କହଁର |
| ୧୪୬ | ୩୯ | ୩୯୯/ ୫୦୪ | ୦.୦୨୦ | ୦.୦୨୦ | ଘରବାରି | ବଦ୍ୟନାଥ ମାଝୀ, ପି.- ଆର୍ତ୍ତ ମାଝୀ, ଶ୍ରୀମତୀ ପଧାନ, ପି.- ଘାସି ପଧାନ |
| | ମୋଟ | | ୩୧.୧୨୦ | ୨୪.୮୬୦ | | |

Sd./- Land Acquisition Zone Officer
Khurda Road-Bolangir New BG
Rail Link Project, Boudh
OIPR-24001/14/0006/2122

## ଟ୍ରକ୍ ଧକ୍କାରେ ଯୁବତୀ ମୃତ

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା ଥାନା ଅଧୀନ ତଳଅଣିଆ ବେହେରା ସାହି ନିକଟରେ ବୁଧବାର ଏକ ଟ୍ରକ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ବାମନାଳ ପଞ୍ଚାୟତ ପାତି ଗ୍ରାମର ସସ୍ମିତା ବରାଳ। ସେ ପରିବାର ସହ ତଳଅଣିଆ ବେହେରା ସାହିରେ ଭଡ଼ାଘର ନେଇ ରହୁଥିଲେ। ବୁଧବାର ଭୋରୁ ସସ୍ମିତା ଫୁଲ ତୋଳି ଘରକୁ ଫେରୁଥିବାବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସସ୍ମିତାଙ୍କୁ ନିମାପଡ଼ା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସସ୍ମିତାଙ୍କ ଭାଇ ସୁରେଶ ବରାଳଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- କଂଗ୍ରେସ ପକ୍ଷରୁ ଅଜିତ ମଙ୍ଗରାଜଙ୍କ ବିୟୋଗରେ ସଭା, କଂଗ୍ରେସ ଭବନ, ସକାଳ ୮ଟା।
- ଅଫଲାଇନ ପରୀକ୍ଷାକୁ ବିଜେଡି ଛାତ୍ର ସଂଘ ପକ୍ଷରୁ ପ୍ରତିବାଦ, କଲେଜ ସମ୍ମୁଖ, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**
- ବାଦିପାଲା ପରିବେଷଣ, ମା' ଗେହ୍ଲାଦେବୀ ପୂଜା ମଣ୍ଡପ, ସୁନ୍ଦରପାଟଣା-ରୁଦ୍ରପୁର, ରାତି ୮ଟା।

**ଜଟଣୀ**
- ମା'ଜାଗୁଳାଇଙ୍କ ବାସନ୍ତୀକ ଦୁର୍ଗାପୂଜାରେ ମା'କୁଷ୍ମାଣ୍ଡା ବେଶ, କୁଦିଆରି, ସନ୍ଧ୍ୟା ୬ଟା।

## ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ପ୍ରସ୍ତୁତ କରିବ ଓଇଏ

ଭୁବନେଶ୍ୱର,୧୪।୪

ଓଡ଼ିଶା ଇକୋନୋମିକ ଆସୋସିଏଶନ (ଓଇଏ) ପକ୍ଷରୁ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ପ୍ରସ୍ତୁତି ନେଇ ଯୋଜନା ହୋଇଛି। ୧୫ ବର୍ଷ ମଧ୍ୟରେ ଓଡ଼ିଶା ରାଜ୍ୟ ମାନ୍ୟତାକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ଏଭଳି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ବୁଧବାର ଓଡ଼ିଆ ନବବର୍ଷ ଅବସରରେ ଅନୁଷ୍ଠାନର ଆଜୀବନ ସଦସ୍ୟଙ୍କୁ ନେଇ ଭର୍ଚୁଆଲ କନ୍‌ସଲଟେଶନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅର୍ଥନୀତିଜ୍ଞ ତଥା ଜେଏନ୍‌ୟୁ ପ୍ରଫେସର ପ୍ରଭାତ ପଟ୍ଟନାୟକ, ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସ ପ୍ରଫେସର ପୁଲୀନ ବି. ନାୟକ, ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡିଜର ପ୍ରଫେସର ଉଦୟ ଏସ୍. ମିଶ୍ର, ଗୁଜରାଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଭଲପମେଣ୍ଟ ରିସର୍ଚ୍ଚର ପ୍ରଫେସର କେଶବ ଦାସ, ଜେଏନ୍‌ୟୁ ପ୍ରଫେସର ଦୀପକ ମିଶ୍ର, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇକୋନୋମିକ ଗ୍ରୋଥ୍‌ର ପ୍ରଫେସର ସୌଦାମିନୀ ଦାସ, ଅଜୀମ ପ୍ରେମ୍‌ଜୀ ୟୁନିଭର୍ସିଟିର ପ୍ରଫେସର ଅମଲେନ୍ଦୁ ଜ୍ୟୋତିଷୀ, ଉତ୍କଳ ୟୁନିଭର୍ସିଟିର ପ୍ରଫେସର ମିତାଲି ଚିନାରା, ପ୍ରଫେସର ରବିନାରାୟଣ ପାତ୍ର, ପ୍ରଫେସର ନିର୍ମଳ ଚନ୍ଦ୍ର ସାହୁ, ପ୍ରଫେସର କୈଳାସ ସରାଫ ଏବଂ ପ୍ରଫେସର ସର୍ବନାରାୟଣ ମିଶ୍ର ପ୍ରମୁଖ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ଲାଗି ପ୍ରସ୍ତାବ ଦେଇଥିଲେ। ଆସୋସିଏଶନ ସଭାପତି ପ୍ରଫେସର ସୂର୍ଯ୍ୟନାରାୟଣ ତ୍ରିପାଠୀ ସଭାପତିତ୍ୱ ଓ ସମ୍ପାଦକ ଅମରେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଞ୍ଚଳିକ ସ୍ତରରେ ଅଂଶୀଦାରଙ୍କଠାରୁ ଏ ନେଇ ମତାମତ ନିଆଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୁଚେତା


@ ଦେବାଶିଷ


@ ସତ୍ୟଜିତ୍


@ ମାନସ


@ ପ୍ରୀତି


@ ସୂର୍ଯ୍ୟକାନ୍ତ


@ ରମେଶ

# କଟକଣାରେ ପାଳନ ହେଲା ଓଡ଼ିଆ ନବବର୍ଷ


ରାମ ମନ୍ଦିର ଗେଟ୍ ବନ୍ଦ ଥିବାରୁ ବାହାରେ ରହି ଶ୍ରଦ୍ଧାଳୁମାନେ ଦୀପଜାଳି ଭକ୍ତି ନିବେଦନ କରୁଛନ୍ତି।


ବିଷୁବ ସଂକ୍ରାନ୍ତି ଅବସରରେ ୟୁନିଟ୍-୧ ସ୍ଥିତ ୧୦୮ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି।

ଭୁବନେଶ୍ୱର, ୧୪।୪ (ବ୍ୟୁରୋ)

କରୋନା କଟକଣା ମଧ୍ୟରେ ବୁଧବାର ରାଜଧାନୀରେ ପାଳନ ହୋଇଛି ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତି। ଘରେ ଘରେ ଲୋକେ ପଣା ସଂକ୍ରାନ୍ତି ସହ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନ କରିଛନ୍ତି। ତେବେ କରୋନା ସଂକ୍ରମଣ ପାଇଁ ମନ୍ଦିର ଭିତରକୁ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ କଟକଣା ଲାଗିଥିବାରୁ ଶ୍ରୀ ଲିଙ୍ଗରାଜ ମନ୍ଦିର, ରାମ ମନ୍ଦିର ଆଦି ପ୍ରମୁଖ ମନ୍ଦିର ବାହାରୁ ହିଁ ଶ୍ରଦ୍ଧାଳୁ ମୁଣ୍ଡିଆ ମାରି ଫେରିଥିଲେ। ତେବେ କେତେକ ମନ୍ଦିରରେ ଏନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁମାନେ କରୋନା କଟକଣାକୁ ମାନି ମାସ୍କ ପରିଧାନ କରି ସାମାଜିକ ଦୂରତା ସହ ମନ୍ଦିରରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ଆଉ କେତେକ ମନ୍ଦିରରେ ପର୍ଯ୍ୟାୟକ୍ରମେ ନିର୍ଦ୍ଦିଷ୍ଟ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ପ୍ରବେଶ ଅନୁମତି ଦିଆଯାଉଥିଲା। ସେହିପରି ସହରର ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ଆୟୋଜିତ ହୋଇଥିଲା। କରୋନା ପାଇଁ ଦୁଇବର୍ଷ ହେଲା ଓଡ଼ିଆ ନବ ବର୍ଷ ପାଳନ ଫିକା ପଡ଼ିଥିଲା।

### ପଣାରେ ମହକିଲା ରାଜଧାନୀ

ପରମ୍ପରା ଅନୁସାରେ ରାଜଧାନୀର ଘରେ ଘରେ ପଣା ପ୍ରସ୍ତୁତ କରାଯିବା ସହ ବୃନ୍ଦାବତୀଙ୍କ ସ୍ୱତନ୍ତ୍ର ପୂଜାବିଧି ପୂରଣ କରାଯାଇଥିଲା। କେତେକ ମନ୍ଦିର ପରିସରରେ କରୋନା କଟକଣାକୁ ମାନି ଶୃଙ୍ଖଳାର ସହ ପଣା ବଣ୍ଟନ କରାଯାଇଥିଲା। ସେହିଭଳି ସାମାଜିକ କର୍ମୀମାନେ ଜଳଛତ୍ର ଓ ପଣା ବଣ୍ଟନ କରୁଥିବା ମଧ୍ୟ ନଜରକୁ ଆସିଥିଲା।

### ମନ୍ଦିରରେ କଟକଣା ଯାଞ୍ଚ, ପଣା ବଣ୍ଟନ ବନ୍ଦ

ସଂକ୍ରମଣକୁ ଏଡ଼ାଇବା ପାଇଁ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ଭିଡ଼କୁ ଦୃଷ୍ଟିରେ ରଖି ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ମନ୍ଦିରରେ ଚଢ଼ାଉ କରାଯାଇଥିଲା। ଲିଙ୍ଗରାଜ ମନ୍ଦିର, କପିଳେଶ୍ୱର ମନ୍ଦିର, ତାରିଣୀ ମନ୍ଦିର, ୟୁନିଟ-୧ ହନୁମାନ ମନ୍ଦିର, ଶହୀଦନଗରସ୍ଥିତ ବିଷ୍ଣୁ ମନ୍ଦିରରେ ଚଢ଼ାଉ କରାଯାଇ କୋଭିଡ୍ କଟକଣା ଯାଞ୍ଚ କରାଯାଇଥିଲା। ଏଥିସହ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ରାଜଧାନୀର ବିଭିନ୍ନ ସ୍ଥାନରେ ଖୋଲିଥିବା ୨୫ରୁ ଊର୍ଦ୍ଧ୍ୱ ଜଳଛତ୍ର ଓ ପଣା ବଣ୍ଟନ ଷ୍ଟଲ୍‌ରେ ପହଞ୍ଚି ମାନ ଯାଞ୍ଚ କରିଥିଲା। ଏଥିସହ ପ୍ରଦର୍ଶନୀ ପଡ଼ିଆ ଓ ବାପୁଜୀ ନଗରରେ ଚଢ଼ାଉ କରି କୋଭିଡ୍ କଟକଣା ଉଲ୍ଲଂଘନ ହେଉଥିବାରୁ ପଣା ବଣ୍ଟନକୁ ବନ୍ଦ କରିଥିଲା।


ଭୁବନେଶ୍ୱର ଏକ ମନ୍ଦିରରେ ଯାଞ୍ଚ କରାଯାଉଛି।


ଭୁବନେଶ୍ୱରସ୍ଥିତ ଓଡ଼ିଶା ଫାୟାର ଆଣ୍ଡ୍ ଡିଜାଷ୍ଟର ରେସ୍‌ପନ୍ସ ଏକାଡେମୀ (ଓଏଫ୍‌ଡିଆର୍‌ଏ)ଠାରେ ବୁଧବାର ଅଗ୍ନିସେବା ସପ୍ତାହ ଓ ଶହୀଦ ଦିବସ ପାଳନ।

## ଶିବଶକ୍ତି ଇଷ୍ଟକନ୍ ଏମ୍‌ଡି ଗିରଫ

### ୪୦ ଲକ୍ଷ ଟଙ୍କାର ଜମି ଠକେଇ

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

ଜମି ଦେବା ନାଁରେ ୪୦ଲକ୍ଷ ଟଙ୍କାର ଜମି ଠକେଇ ଅଭିଯୋଗରେ ବୁଧବାର ଏୟାରଫିଲ୍ଡ ଥାନା ପୋଲିସ ଶିବ ଶକ୍ତି ଇଷ୍ଟକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି)ଙ୍କୁ ଗିରଫ କରିଛି। ସେ ହେଲେ ସୁନ୍ଦରପଦାର ମୋହନ ମଙ୍ଗରାଜ। ପୋଲିସ ସୂଚନା ମୁତାବକ, ମୋହନ ଏୟାରଫିଲ୍ଡ ଥାନା ଅଞ୍ଚଳରେ ବିଲ୍ଡର ସଂସ୍ଥା ଖୋଲି ଖୋର୍ଦ୍ଧା, ଜଟଣୀ ଅଞ୍ଚଳରେ ଜମି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଉଥିଲେ। ହେଲେ ପରବର୍ତ୍ତୀ ସମୟରେ ଜମି ଦେବା ବଦଳରେ ଦିନ ଗଡାଇ ଚାଲୁଥିଲେ। ହଂସପାଳର ଜଣେ ମହିଳାଙ୍କୁ ମଧ୍ୟ ଖୋର୍ଦ୍ଧା ଅଞ୍ଚଳରେ ଜମି ବିକ୍ରି କରିବାକୁ କହି ତାଙ୍କଠାରୁ ୪୦ ଲକ୍ଷ ଟଙ୍କା ନେଇଥିଲେ। ୨ ମାସ ଭିତରେ ଜମି ରେଜିଷ୍ଟ୍ରେଶନ କରିବାକୁ କହି ସମୟ ଗଡ଼ାଇଥିଲେ । ଗତ ଫେବୃୟାରୀ ୨୩ରେ ମହିଳା ଜଣକ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମାମଲା (ନଂ. ୫୯/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

## କୁଶଭଦ୍ରା ନଦୀରେ ବୁଡ଼ି ବୃଦ୍ଧା ମୃତ

ବାଲିଅନ୍ତା, ୧୪।୪ (ଡି.ଏନ.ଏ.)

ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁର ଗ୍ରାମ ନିକଟ କୁଶଭଦ୍ରା ନଦୀରେ ବୁଡ଼ି ବୁଧବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ଗ୍ରାମର ରାଧାରାଣୀ ପରିଡ଼ା(୬୭) । ସେ ବେଣୁପୁରରେ ଥିବା ତାଙ୍କ ଝିଅ ଘରକୁ ଗତ ୩ ଦିନ ତଳେ ବୁଲିବାକୁ ଆସିଥିଲେ। ବୁଧବାର ମଧ୍ୟାହ୍ନରେ ସେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଗଭୀର ପାଣିରେ ତାଙ୍କ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜୁଥିବାବେଳେ ସନ୍ଧ୍ୟାରେ ନଦୀରେ କେହି ଭାସୁଥିବା ସ୍ଥାନୀୟ ଲୋକ ଦେଖି ଜଣାଇଥିଲେ। ଖବରପାଇ ବାଲିଅନ୍ତା ଦମକଳ ବାହିନୀ ଆସି ମୃତ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ। ବାଲିଅନ୍ତା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ।

## ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ବନ୍ଦ ପ୍ରସଙ୍ଗ

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରଭାବିତ ଆଶଙ୍କା

ଭୁବନେଶ୍ୱର, ୧୪।୪ (ବ୍ୟୁରୋ)

କରୋନା ମହାମାରୀ ଦିନକୁ ଦିନ ତା'ର କାୟା ବିସ୍ତାର କରିବାରେ ଲାଗିଛି। ଦେଶରେ ଦୈନିକ ସଂକ୍ରମଣ ୨ଲକ୍ଷ ମୁହାଁ ହେଲାଣି, ଯାହାକି ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ଗତବର୍ଷ କରୋନା ଯୋଗୁ ପିଲାମାନଙ୍କ ପାଠପଢା ବାଧାପ୍ରାପ୍ତ ହୋଇଥିଲା। ସ୍ଥିତି ସୁଧୁରିବାପରେ ସରକାର ୧୦୦ଦିନିଆ କ୍ଲାସ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୧୦୦ଦିନ ପୂରଣ ହେବା ପୂର୍ବରୁ ପୁଣି ଥରେ କରୋନାର ଦ୍ୱିତୀୟ ଲହର ସମଗ୍ର ଦେଶରେ ବ୍ୟାପିଲାଣି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ବୁଧବାର ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାକୁ ବାତିଲ କରିବା ସହ ଦ୍ୱାଦଶ ପରୀକ୍ଷାକୁ ସ୍ଥଗିତ ରଖିଛି। ସ୍ଥିତି ଦେଖିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିୟାଲ୍ ନିଶଙ୍କ ସୂଚନା ଦେଇଛନ୍ତି। ଅପରପକ୍ଷରେ ପରୀକ୍ଷା ବାତିଲ୍ ନିଷ୍ପତ୍ତି ଦ୍ୱାରା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରଭାବିତ ହେବା ଯଥେଷ୍ଟ ଆଶଙ୍କା ରହିଛି। ଗୋଟେ ପଟେ କରୋନାର ଭୟ ଓ ଅନ୍ୟପଟେ ପିଲାମାନଙ୍କ ଭବିଷ୍ୟତ ମଧ୍ୟରେ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକ ଛନ୍ଦି ହୋଇଯାଇଛନ୍ତି।

### କ'ଣ କୁହନ୍ତି ଏମାନେ...

### କୋର୍ଟର ଆଶ୍ରୟ ନେବୁ



ପରୀକ୍ଷା ବାତିଲ ନିଷ୍ପତ୍ତିକୁ ଆମେ ସମ୍ପୂର୍ଣ୍ଣ ବିରୋଧ କରୁଛୁ। ଛାତ୍ରୀଛାତ୍ର ତଥା ଅଭିଭାବକଙ୍କ ପାଇଁ ଏହା ଅନ୍ୟାୟ ହୋଇଛି। କରୋନା ସଂକ୍ରମଣ ସତ୍ତ୍ୱେ ସରକାର ଯଦି ନିର୍ବାଚନ ବନ୍ଦ କରିପାରୁ ନାହାନ୍ତି ତେବେ ପରୀକ୍ଷାକୁ କିପରି ବନ୍ଦ କରୁଛନ୍ତି। କେବଳ ପାଠରେ କ'ଣ କରୋନା ରହିଛି? ଅଫ୍‌ଲାଇନ ପରୀକ୍ଷା କରିବାରେ ଯଦି ସମସ୍ୟା ହେଉଛି ତେବେ ଅନ୍‌ଲାଇନ୍‌ରେ ପରୀକ୍ଷା କରାଯିବା ଆବଶ୍ୟକ। କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଠିକ୍ ନୁହେଁ। ଏହା ବିରୋଧରେ ଆମେ କୋର୍ଟର ଆଶ୍ରୟ ନେବୁ।

**- ବାସୁଦେବ ଭଟ୍ଟ,**
**ଅଭିଭାବକ ମହାସଂଘର ଅଧ୍ୟକ୍ଷ**

### ପିଲାମାନେ ମୂର୍ଖ ହୋଇଯିବେ



ସମ୍ପ୍ରତି କରୋନାର କାୟା ଯେଉଁ ଭାବରେ ବଢି ଚାଲିଛି ତାକୁ ଦେଖିଲେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ମାତ୍ର ଅନ୍ୟପକ୍ଷରେ ଏହି ନିଷ୍ପତ୍ତି ମେଧାବୀ ଛାତ୍ରୀଛାତ୍ରଙ୍କ କ୍ୟାରିୟର ଉପରେ ଖରାପ ପ୍ରଭାବ ପକାଇବ। ୧୦୦ଦିନ ପାଠ ପଢା ପାଇଁ କୁହାଯାଇଥିଲା। ମାତ୍ର ୨ମାସ ହୋଇନି ପୁଣି କରୋନା ଯୋଗୁ ସ୍କୁଲ ବନ୍ଦ ହୋଇଗଲାଣି। ଏଭଳି ଚାଲିଲେ ପିଲାମାନେ ସମ୍ପୂର୍ଣ୍ଣ ମୂର୍ଖ ହୋଇଯିବେ। ଏହି ପରିପ୍ରେକ୍ଷୀରେ ସିବିଏସ୍‌ଇ ବୋର୍ଡ କ'ଣ ପଦକ୍ଷେପ ନେବ ତାକୁ ନେଇ ଅଭିଭାବକମାନେ ଚିନ୍ତିତ।

**- ଶଙ୍କର ସାମନ୍ତରାୟ,**
**ଅଭିଭାବକ ମହାସଂଘ, ଆବାହକ**

### କ୍ୟାରିୟର ପାଇଁ ଖରାପ ହେବ



ଅନ୍‌ଲାଇନ କ୍ଲାସ୍‌ରେ ପାଠ ପଢ଼ିବା ଏତେ ସହଜ ହେଉ ନ ଥିଲା। ତେଣୁ ସେହି ଅନୁପାତରେ ଇଣ୍ଟରନାଲ ପରୀକ୍ଷାରେ ଭଲ କରିପାରି ନ ଥିଲି। ଏବେ ସ୍କୁଲ ଖୋଲିବା ପରେ ବୋର୍ଡ ପରୀକ୍ଷାରେ ଭଲ କରିବା ପାଇଁ ଯୋଜନା କରିଥିଲି। ମାତ୍ର ପରୀକ୍ଷା ବନ୍ଦ ଘୋଷଣା ଶୁଣିବା ପରେ ବ୍ୟସ୍ତ ଲାଗୁଛି। ବୋର୍ଡ ପରୀକ୍ଷା ନ କରି ଇଣ୍ଟରନାଲ୍ ପରୀକ୍ଷାର ମାର୍କ ବେସିସ୍‌ରେ ବୋର୍ଡ ପରୀକ୍ଷାର ମାର୍କ ଦେବା ଠିକ୍ ନୁହେଁ। ଯେଉଁ ଧାରାରେ ଆମେ ପଢୁଥିଲୁ ତାହା ବ୍ରେକ୍ ହେଲା। କ୍ୟାରିୟର ପାଇଁ ଏଭଳି ନିଷ୍ପତ୍ତି ଉଚିତ୍ ନୁହେଁ।

**- ଆଦ୍ୟେଶ୍ ମହାନ୍ତି, ଦଶମ ଶ୍ରେଣୀ**

### ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି



କରୋନା ପାଇଁ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆମ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଚଳିତ ବର୍ଷ ମୋର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଥିଲା। ଏଥିପାଇଁ ମୁଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ମଧ୍ୟ ଥିଲି। କିନ୍ତୁ କରୋନା ପାଇଁ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କେବେ ପରୀକ୍ଷା ହେବ ତାହା ଏବେ ସନ୍ଦେହରେ। ପରୀକ୍ଷା ଘୁଞ୍ଚିବା ଦ୍ୱାରା ମନୋବଳ ଦୁର୍ବଳ ହେଉଛି ଏବଂ ପାଠପଢ଼ା ବ୍ୟାହତ ହେଉଛି। ଆଗକୁ କ'ଣ ହେବ ସେ ନେଇ ଦ୍ୱନ୍ଦରେ ଅଛି।

**- ଆଦିତ୍ୟ କୁମାର,**
**ଦ୍ୱାଦଶ ଶ୍ରେଣୀ ଛାତ୍ର**

### ପରୀକ୍ଷା ବନ୍ଦ ନିଷ୍ପତ୍ତି ଠିକ୍ ନୁହେଁ



ଭାରତରେ କରୋନାର ଦ୍ୱିତୀୟ ଲହର ଯେଉଁଭଳି ଭାବେ ତା'ର କାୟା ବିସ୍ତାର କରୁଛି ତାହା ଚିନ୍ତାଜନକ ବିଷୟ। ମାତ୍ର ଏଥିପାଇଁ ସିବିଏସ୍‌ଇ ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷା ବାତିଲ କରିବା ଠିକ୍ ନୁହେଁ। ଜଣେ ଛାତ୍ର ଜୀବନରେ ଦଶମ ଶ୍ରେଣୀ ପରୀକ୍ଷାର ଗୁରୁତ୍ୱ କେତେ ତାହା ସମସ୍ତେ ଜାଣନ୍ତି। ତେଣୁ ଏପରିସ୍ଥଳେ ପରୀକ୍ଷା ବନ୍ଦ କରିବାର ଅର୍ଥ ସେମାନଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟକୁ ନଷ୍ଟ କରିବା।

**- ଦିବାକର ମହାରଣା,**
**ଅଭିଭାବକ**

## ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ମୃତ

କେନ୍ଦୁଝର,(ସ୍ୱ.ପ୍ର.)- କେନ୍ଦୁଝର ଜିଲା ଦୈତାରି ଥାନା ଅନ୍ତର୍ଗତ ବଳିପର୍ବତ ୱେଲକମ୍ ଗେଟ୍ ନିକଟରେ ବୋଲେରୋ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତାହତଙ୍କ ପରିଚୟ ମିଳି ନ ଥିବା ବେଳେ ସେମାନଙ୍କ ଘର ତିନିପୋଲିଆ ପଞ୍ଚମ ଗ୍ରାମରେ ବୋଲି କୁହାଯାଉଛି। ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## କଂଗ୍ରେସ ଛାଡ଼ି ଭାଜପାରେ ମିଶିଲେ ସ୍ମୃତିରେଖା

ଭୁବନେଶ୍ୱର, ୧୪।୪(ବ୍ୟୁରୋ):ନିକଟରେ କଂଗ୍ରେସରୁ ଇସ୍ତଫା ଦେଇଥିବା ସ୍ମୃତିରେଖା ପହି ବୁଧବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସେ ଭାଜପାରେ ମିଶିଛନ୍ତି। ପହି ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ପକ୍ଷରୁ ଧର୍ମଶାଳାରୁ ବିଧାୟିକା ପ୍ରାର୍ଥୀ ହୋଇଥିଲେ। ତାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ମଧ ଭାଜପାରେ ଯୋଗଦେଇଛନ୍ତି। ସମୀର ଏବଂ ଧର୍ମେନ୍ଦ୍ର ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ ହେବ ବୋଲି ସମୀର କହିଛନ୍ତି। ଓଡ଼ିଶାର ବିକାଶ ପାଇଁ ଆଉ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ହୋଇ ରହିନାହିଁ। ଭାଜପାର ବିକାଶଧାରାରେ ନିଜକୁ ସାମିଲ କରି ନୂଆ ଓଡ଼ିଶା ଗଠନ ଲକ୍ଷ୍ୟରେ ଦଳରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟଙ୍କୁ ସମୀର ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାରେ ନୂଆ ପରିବର୍ତ୍ତନ ତଥା ନୂଆ ଜାଗରଣ ତିଆରି କରିବା ପାଇଁ ଦଳ ପକ୍ଷରୁ ହେଉଥିବା ପ୍ରଚେଷ୍ଟାରେ କାର୍ଯ୍ୟକର୍ତ୍ତାମାନେ ନିରନ୍ତର ପରିଶ୍ରମ କରିବା ପାଇଁ ଧର୍ମେନ୍ଦ୍ର ନିବେଦନ କରିଛନ୍ତି। ଆଗାମୀ ଦିନରେ କାର୍ଯ୍ୟକର୍ତ୍ତାଙ୍କ ଦୃଢ଼ ଇଚ୍ଛାଶକ୍ତି ଓ କଠୋର ପରିଶ୍ରମ ବଳରେ ଓଡ଼ିଶାର ରାଜନୈତିକ ପରିବର୍ତ୍ତନ ଅବଶ୍ୟ ହେବ ବୋଲି ଧର୍ମେନ୍ଦ୍ର ଦୃଢ଼ ବିଶ୍ୱାସର ସହ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ମିଶ୍ରଣ ଦ୍ୱାରା ଦଳ ଧର୍ମଶାଳା ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଆହୁରି ମଜଭୁତ ହେବ ବୋଲି କହିଛନ୍ତି। ଏହି ଅବସରରେ ସ୍ମୃତିରେଖା କହିଛନ୍ତି, ଗତ ୩୦ ବର୍ଷ ଧରି ଧର୍ମଶାଳାରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପକ ଭାବେ ଚାଲିଛି। ଏହା ବିରୋଧରେ ଆମେ ଲଢ଼େଇ କରିବା ଏବଂ ଆଗାମୀ ଦିନରେ ସମସ୍ତେ ମିଶି ନୂତନ ଧର୍ମଶାଳା ଗଠନ କରିବା। ୨୦୨୪ରେ ଧର୍ମଶାଳାରେ ଭାଜପାକୁ ବିଜୟୀ କରାଇବାର ସଂକଳ୍ପ ନେଇ କାର୍ଯ୍ୟ କରିବା ବୋଲି ସ୍ମୃତିରେଖା କହିଛନ୍ତି।

## ବ୍ରହ୍ମଗିରି, କଣାସରେ ପଶିଲା ଦନ୍ତା

ବ୍ରହ୍ମଗିରି/କଣାସ,୧୪।୪ (ଡି.ଏନ୍.ଏ./ସ୍ୱ.ପ୍ର.): ବ୍ରହ୍ମଗିରି ରେଞ୍ଜ ଅଧୀନ ତଳମାଳ ଗ୍ରାମରେ ଏକ ଦନ୍ତା ହାତୀକୁ ବୁଧବାର ସ୍ଥାନୀୟ ଲୋକ ଦେଖିଥିଲେ। ଦନ୍ତା ଅନେକ ପାଚିଲା ଧାନ ଦଳିଚକଟି ନଷ୍ଟ କରିଦେଇଛି। ଖବରପାଇ ବ୍ରହ୍ମଗିରି ରେଞ୍ଜ ଅଧିକାରୀ, ଡିଏଫ୍ଓ, ଏସିଏଫ୍ଙ୍କ ସମେତ ୬୦ ବନ କର୍ମଚାରୀ ପହଞ୍ଚି ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ଥିଲେ। ଅନେକ ପରିଶ୍ରମ ପରେ ହାତୀକୁ ଘଉଡ଼ାଇ ଥିଲେ। ଏହି ହାତୀ ଚିତ୍ରକୂଟ ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ଏପରିକି ଏହି ହାତୀ ମଙ୍ଗଳବାର ରାତିରେ କଣାସର କଳାପଦର ଓ ଗୋପୀନାଥପୁର ଗ୍ରାମରେ ଆତଙ୍କ ଖେଳାଇଥିଲା। ହାତୀଟି ବୁଧବାର ଦୟା, ଭାର୍ଗବୀ, ଲୁଣାନଦୀର ସଂଗମ ସ୍ଥଳ ବଡଗୋଠ ନିକଟ ପାଇକମରା ଲୁଣିଆପଦର ଘେରିରେ ରହିଥିଲା। ପୁରୀ, ଖୋର୍ଦ୍ଧା ବନ ବିଭାଗର କର୍ମଚାରୀ ହାତୀଟିକୁ ଘଉଡ଼ାଇବା ପାଇଁ ଚେଷ୍ଟା କରିଥିଲେ ମଧ ଯାଇନାହିଁ। କର୍ମଚାରୀମାନେ ହାତୀଟିକୁ ଜଗି ରହିଛନ୍ତି।

# ଜୁନ୍ ୧୫ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ନିଷିଦ୍ଧ

**ଯାଆଁଳ ବଂଶ ବୃଦ୍ଧି ନିମନ୍ତେ ପ୍ରଶାସନର ପଦକ୍ଷେପ**
- ୫୦ ହଜାର ମତ୍ସ୍ୟଜୀବୀ ରୋଜଗାର ହରାଇବା ଆଶଙ୍କା
- ଜଳଜୀବଙ୍କ ଜୀବନଚକ୍ର ପ୍ରକ୍ରିୟା ଆରମ୍ଭ ହୁଏ


ପାରାଦୀପ ମାଛଧରା ବନ୍ଦର

ପାରାଦୀପ,୧୪।୪(ସ୍ୱ.ପ୍ର.)

ମାଛବଂଶ ବୃଦ୍ଧି ନିମନ୍ତେ ଗୁରୁବାରଠାରୁ ଜୁନ୍ ୧୫ ପର୍ଯ୍ୟନ୍ତ ଓଡ଼ିଶାର ସମୁଦ୍ରସୀମାରେ ମାଛଧରିବା ଉପରେ ପ୍ରଶାସନ ପକ୍ଷରୁ କଟାକଣା ଲଗାଯାଇଛି। ମାଛ ଧରିଲେ ଯାଆଁଳ ନଷ୍ଟ ହେବାର ଆଶଙ୍କା ଥିବାରୁ ୧୦ ବର୍ଷ ହେବ ଏହି ସମୟରେ କଟାକଣା ଲଗାଯାଉଛି। ଏଥିଯୋଗୁ ପାରାଦୀପ ମାଛଧରା ବନ୍ଦର ଉପରେ ନିର୍ଭରଶୀଳ ପ୍ରାୟ ୫୦ ହଜାର ଲୋକ ରୋଜଗାର ହରାଇବା ଆଶଙ୍କା ରହିଛି। ସମୁଦ୍ରରେ ଅନବରତ ମାଛଧରିବା ଏବଂ ଫାଶୀଜାଲ ବ୍ୟବହାର କରିବା ଯୋଗୁ ମାଛ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଏତଦ୍ବ୍ୟତୀତ ଜଳବାୟୁ ପରିବର୍ତ୍ତନ, ଶିଳ୍ପାୟନ ପ୍ରଭାବ ଯୋଗୁଁ କେତେକ ମାଛବଂଶ ଲୋପ ପାଇବାକୁ ବସିଲାଣି। ସମୁଦ୍ରରେ ଏହି ସମୟରେ ଜଳଜୀବଙ୍କ ଜୀବନଚକ୍ର ପ୍ରକ୍ରିୟା ଆରମ୍ଭ ହୁଏ। ଏହାକୁ ଦୃଷ୍ଟିରେ ରଖି କଟକଣା ଜାରି କରାଯାଇଛି ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କହିଛନ୍ତି। କଟକଣା ସମୟରେ ମତ୍ସ୍ୟଜୀବୀ ଓ ଟ୍ରଲରଗୁଡିକ ସମୁଦ୍ରକୁ ଯାଉ ନ ଥିବାରୁ ବହୁ କ୍ଷତି ସହିବାକୁ ପଡ଼େ ବୋଲି ଟ୍ରଲର ମାଲିକ ଅରବିନ୍ଦ ସ୍ୱାଇଁ କହିଛନ୍ତି। ଏହି ସମୟରେ ସରକାର ମତ୍ସ୍ୟଜୀବୀଙ୍କ ନିମନ୍ତେ ଯେଉଁ ସହାୟତା ଯୋଗାଇଦେବାକୁ ଘୋଷଣା କରିଛନ୍ତି, ତାହାକୁ ପାଖରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିବା ଦରକାର ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମତ୍ସ୍ୟାଧିକାରୀ ମହାପାତ୍ର କୁହନ୍ତି, ଓଡ଼ିଶାର କେନ୍ଦ୍ରାପଡ଼ା, ବାଲେଶ୍ୱର ଭଳି କିଛି ଉପକୂଳ ଜିଲାର ଲୋକଙ୍କୁ ଏହି ସହାୟତା ମିଳୁଛି। ପାରାଦୀପର ବହୁ ମାଛଧରାଳିଙ୍କ ପାଖରେ ମତ୍ସ୍ୟଜୀବୀ ପରିଚୟପତ୍ର ନାହିଁ। ଏଥିପାଇଁ ସହାୟତା ମିଳିବାରେ ପ୍ରତିବନ୍ଧକ ସାଜିଛି।

# 'ତଳିଆ କର୍ମଚାରୀଙ୍କୁ ନିଲମ୍ବନ ନିନ୍ଦନୀୟ'

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

**ହାଇଦର ଫେରାର ଘଟଣା**


ଖବରଦାତା ସମ୍ମିଳନୀରେ ପ୍ରକାଶ ମିଶ୍ର।

କଟକ ଏସ୍‌ସିବିରୁ ଗ୍ୟାଙ୍ଗଷ୍ଟର ହାଇଦର ଫେରାର ହୋଇଯିବା ପରେ ରାଜ୍ୟର ହୁଗୁଳା ପୋଲିସ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ବିରୋଧୀ ଭାଜପା। ପୂର୍ବତନ ଡିଜିପି ତଥା ଦଳୀୟ ନେତା ପ୍ରକାଶ ମିଶ୍ର ବୁଧବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଗ୍ୟାଙ୍ଗଷ୍ଟର ହାଇଦର ଫେରାର ହେବା ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ ତାକୁ ଧରିବାରେ ପୋଲିସ ବିଫଳ ହୋଇଛି। ଏହି ଘଟଣାରେ ବଡ଼ ବଡ଼ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବାବେଳେ ୬ ଜଣ ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ହାଇଦରଙ୍କ ସମ୍ପୃକ୍ତି ରହିଥିଲା। ତାଙ୍କୁ ବିଭିନ୍ନ ଆଳ ଦେଖାଇ ସମ୍ବଲପୁର ଜେଲରୁ କଟକ ଅଣାଯାଉଥିଲା। ବୁର୍ଲା ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ୩ ଥର କଟକ ମେଡିକାଲକୁ ରେଫର କରିଥିଲେ। କିଡ୍‌ନୀ ଜନିତ ସମସ୍ୟା କାରଣରୁ ହାଇଦରଙ୍କୁ କଟକ ଅଣାଯାଇଥିବା କୁହାଯାଉଛି। କିଡ୍‌ନୀ ରୋଗ ଥିଲେ ଖାଦ୍ୟପେୟ ଉପରେ ଅନେକ କଟକଣା ରହିଥାଏ। କିନ୍ତୁ ହାଇଦରଙ୍କୁ କାହା ନିର୍ଦ୍ଦେଶରେ ବିରିୟାନୀ ଦିଆଯାଉଥିଲା ବୋଲି ପ୍ରକାଶ ପ୍ରଶ୍ନ କରିଛନ୍ତି। ସେ ଏବେ ପଶ୍ଚିମବଙ୍ଗରେ ଲୁଚିଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ ବିଭାଗ ରହିଛି। ଏତେ ବଡ଼ ଘଟଣାର ସମୀକ୍ଷା ନ କରି ମୁଖ୍ୟମନ୍ତ୍ରୀ କାହିଁକି ଚୁପ୍ ରହିଛନ୍ତି ବୋଲି ପ୍ରକାଶ ପ୍ରଶ୍ନ କରିଛନ୍ତି।

## ହାତୀ ଆକ୍ରମଣରେ ଜଣେ ଗୁରୁତର

ବାଙ୍କୀ ୧୪।୪(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ପାଥପୁର ପଞ୍ଚାୟତ ଅମରେନ୍ଦ୍ରପୁର ଗ୍ରାମରେ ବୁଧବାର ହାତୀ ଆକ୍ରମଣରେ ରାଜକିଶୋର ସାହୁ (୬୫) ଗୁରୁତର ହୋଇଛନ୍ତି। ସେ ଶୌଚ ହେବାକୁ ଯାଇଥିବା ବେଳେ ହାତୀ ତାଙ୍କୁ ଶୁଣ୍ଢରେ ଟେକି ୧୫ଫୁଟ ଦୂରକୁ ଫୋପାଡି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡମପଡ଼ା ରେଞ୍ଜ ଅଫିସର ଅଶୋକ ଦାଶ, ଫରେଷ୍ଟର ରାକେଶ ସ୍ୱାଇଁ ରାଜକିଶୋରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଧାନ ଖାଇବାକୁ ହାତୀ ପଲ ଅଞ୍ଚଳକୁ ଆସିଥିଲେ। ଏହି ହାତୀ ଅଲଗା ହୋଇଯିବାରୁ ହିଂସ୍ର ହୋଇଥିଲା ବୋଲି ଗ୍ରାମବାସୀ କହିଛନ୍ତି।

# 'ମୋ ଝିଅ ଚିକିତ୍ସାରେ ଅବହେଳା କରାଯାଉଛି'

**ଶିଶୁଭବନରେ ଦୁଇମୁଣ୍ଡିଆ ଶିଶୁକନ୍ୟା ଚିକିତ୍ସିତ ହେବା ଘଟଣା**
- କମିଟି ରିପୋର୍ଟ ପରେ ପଦକ୍ଷେପ ନିଆଯିବ



କଟକ ଅଫିସ,୧୪।୪

କଟକ ଶିଶୁଭବନର ପେଡିଆଟ୍ରିକ୍ ନ୍ୟୁବର୍ନ ୱାର୍ଡ ଆଇସିୟୁ କ୍ୟାବିନ୍‌ରେ ଗତ ୪ଦିନ ହେବ ଚିକିତ୍ସିତ ହେଉଛି କେନ୍ଦ୍ରାପଡାର ଦୁଇମୁଣ୍ଡିଆ ଶିଶୁକନ୍ୟା। ସେଠାରେ ଶିଶୁକନ୍ୟାକୁ ଉନ୍ନତ ଧରଣର ଚିକିତ୍ସା ଯୋଗାଇ ଦିଆଯାଉ ନ ଥିବା ତାଙ୍କ ବାପା ଉମାକାନ୍ତ ପରିଡ଼ା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଝିଅର ଦେହ ଦିନକୁ ଦିନ ଖରାପ ଆଡ଼କୁ ଗତି କରୁଛି। ଏସ୍‌ସିବି ମେଡିକାଲର ବିଭିନ୍ନ ବିଭାଗରେ ଝିଅର ରିପୋର୍ଟ ଦେବା ପାଇଁ ଶିଶୁଭବନର କର୍ମଚାରୀମାନେ କହୁଛନ୍ତି। ବିଭିନ୍ନ ପରୀକ୍ଷାନିରୀକ୍ଷା କରିବାକୁ କହି ଏଣେତେଣେ ଦୌଡାଉଛନ୍ତି। ଜଣେ ଡାକ୍ତର କେବଳ ପରିଦର୍ଶନରେ ଆସି ଚାଲିଯାଉଛନ୍ତି। ଆଗାମୀ ଦିନରେ ଝିଅର କିଭଳି ଭାବେ ଉନ୍ନତ ଧରଣର ଚିକିତ୍ସା ହୋଇପାରିବ ସେ ନେଇ କିଛି ପଦକ୍ଷପ ନିଆଯାଉନାହିଁ। ଶିଶୁଭବନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଝିଅର ଚିକିତ୍ସାରେ ଅବହେଳା କରାଯାଉଛି ବୋଲି ଉମାକାନ୍ତ କହିଛନ୍ତି। ଏ ସମ୍ପର୍କରେ ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ଜ୍ଞାନେନ୍ଦ୍ର ବେହେରା କହିଛନ୍ତି, ଦୁଇମୁଣ୍ଡିଆ ଶିଶୁକନ୍ୟାଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଉନାହିଁ। ତାଙ୍କ ଚିକିତ୍ସା ପାଇଁ ୪ ଜଣ ଡାକ୍ତରଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ପେଡିଆଟ୍ରିକ୍ ସର୍ଜନ ଡା. ପି.କେ. ଜେନା, ଡା. ପ୍ରଭାକର ମିଶ୍ର, ଡା. ପି.କେ. ଜେନା ଏବଂ ଡା. ଆଲୋକ ମେହେର ରହିଛନ୍ତି। ସେମାନେ ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି। ଏଥିସହ ପେଡିଆଟିକ୍ ସର୍ଜନ, ନ୍ୟୁରୋ ସର୍ଜନ ଡାକ୍ତର ଆସି ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଦେଖିଛନ୍ତି। ବର୍ତ୍ତମାନ କୌଣସି ପଦକ୍ଷେପ ନେଇ ହେବନାହିଁ। ଆଗାମୀ ଦିନରେ ଅଧିକ ପରୀକ୍ଷାନିରୀକ୍ଷା କରିବା ପରେ କମିଟି ରିପୋର୍ଟ ପ୍ରଦାନ କରିବ। ତଦନୁଯାୟୀ ପଦକ୍ଷେପ ନିଆଯିବ ବୋଲି ବେହେରା କହିଛନ୍ତି।

ସୂଚନାଥାଉ କି, କେନ୍ଦ୍ରାପଡ଼ା ସହରର ଏକ ଘରୋଇ ନର୍ସିଂହୋମରେ ଗତ ରବିବାର ଏକ ଶିଶୁକନ୍ୟା ଜନ୍ମ ହୋଇଥିଲେ। ଉକ୍ତ ଶିଶୁକନ୍ୟାର ୨ ମୁଣ୍ଡ, ୩ ହାତ, ୪ ଆଖି ଏବଂ ୨ ଗୋଡ଼ ରହିଛି। ରାଜନଗର ବ୍ଲକ କଣି ଗ୍ରାମର ଉମାକାନ୍ତ ପରିଡ଼ାଙ୍କ ସ୍ତ୍ରୀ ଅମ୍ବିକା ପୂର୍ବାହ୍ନ ୧୧ଟାରେ ଏହି ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଏହାପରେ ଶିଶୁକୁ ତୁରନ୍ତ ନିକଟସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟର ଏସ୍ଏନ୍‌ସିୟୁ ଏବଂ ପରେ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା।

# ଭିମ୍‌ସାରରେ ଦ୍ୱିତୀୟ କୋଭିଡ୍ ମେଡିକାଲ

ସମ୍ବଲପୁର,୧୪।୪(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରରେ ୩୦୦ ଶଯ୍ୟା ବିଶିଷ୍ଟ ଦ୍ୱିତୀୟ କୋଭିଡ୍ ମେଡିକାଲ ନିର୍ମାଣ ହେବ। ୧୦ଦିନ ଭିତରେ ମେଡିସିନ ୱାର୍ଡକୁ କୋଭିଡ୍ ମେଡିକାଲରେ ପରିଣତ କରାଯାଇ କାର୍ଯ୍ୟକ୍ଷମ କରାଯିବ। ଏଥିରେ ୫୦ ଆଇସିୟୁ ଓ ୨୫୦ ସାଧାରଣ ବେଡ୍ ରହିବ। ପୂର୍ବରୁ ଥିବା କୋଭିଡ୍ ମେଡିକାଲରେ ମଧ ବେଡ୍ ସଂଖ୍ୟା ବୃଦ୍ଧି କରାଯିବ। ପୂର୍ବରୁ ୧୦୦ ସାଧାରଣ ବେଡ୍ ଓ ୨୦ ଆଇସିୟୁ ରହିଥିବାବେଳେ ଏହାକୁ ବୃଦ୍ଧି କରାଯାଇ ୫୦ ଆଇସିୟୁ ଓ ୧୭୫ ସାଧାରଣ ବେଡ୍ ରହିବ। ଭିମ୍‌ସାରର ୨ କୋଭିଡ୍ ମେଡିକାଲରେ ମୋଟ ୫୨୫ ବେଡ୍ ରହିବ। ବୁଧବାର ଭିମ୍‌ସାର ଗସ୍ତରେ ଆସି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏହି ସୂଚନା ଦେଇଥିଲେ।

ପରେ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଶାସନ ସଚିବ ମହାପାତ୍ର, ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ର, ଡିଏମ୍ଇଟି ନିର୍ଦ୍ଦେଶକ ଡାକ୍ତର ବି.କେ. ମହାନ୍ତି, ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନା, ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ, ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଉତ୍ତରାଞ୍ଚଳ ପୋଲିସ ଆଇଜି ନରସିଂହ ଭୋଳ, ସମ୍ବଲପୁର ଏସ୍‌ପି ବାତ୍ତୁଲା ଗଙ୍ଗାଧର, ଡିଏମ୍ଇଟି ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଅଧୀକ୍ଷକ ଜୟଶ୍ରୀ ଡୋରାଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଅଧିକାରୀମାନେ ସମ୍ବଲପୁର ସମେତ ବରଗଡ଼, ଝାରସୁଗୁଡ଼ା ଜିଲାର କୋଭିଡ୍ ପରିଚାଳନା ସମୀକ୍ଷା କରିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ମହାପାତ୍ର କହିଥିଲେ, ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ମଧ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାର ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଜିଲାପାଳମାନଙ୍କୁ ଏ ନେଇ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ମେଡିସିନ ଗଚ୍ଛିତ ରହିଛି। ଆଇସିୟୁରେ ଭେଣ୍ଟିଲେଟର ଓ ଅନ୍ୟାନ୍ୟ ସୁବିଧା ଶୀଘ୍ର କରାଯିବ ବୋଲି କହିଥିଲେ।


ଭିମ୍‌ସାର ଗସ୍ତରେ ମୁଖ୍ୟ ଶାସନ ସଚିବ ।

- ଦୁଇ ମେଡିକାଲ ବେଡ୍ ସଂଖ୍ୟା ୫୨୫ ହେବ
- ମୁଖ୍ୟ ଶାସନ ସଚିବଙ୍କ ଘୋଷଣା

# 'ଧୁଡ୍ଡୁ'ର ପତ୍ତା ମିଳୁନି

ତେଲକୋଇ,୧୪।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର ବହୁ ଚର୍ଚ୍ଚିତ ବାର୍ହା 'ଧୁଡ୍ଡୁ'ର ପତ୍ତା ମିଳୁନି। ୩ ଦିନ ହେବ ସେ ନିକଟସ୍ଥ ଜଙ୍ଗଲକୁ ଯାଇ ଆଉ ଫେରିନି। ତାକୁ ପାଳିପୋଷି ବଡ଼ କରିଥିବା କୁନ୍ତଳା କୁମାରୀ ପେଣ୍ଢେଇ ଅଭିଯୋଗ କରିଛନ୍ତି ଯେ, ଧୁଡ୍ଡୁକୁ କେହି ମାରି ଦେଇଛି। ତେବେ ଧୁଡ୍ଡୁକୁ ବିକ୍ରି କରି ଦିଆଯାଇଥିବା ସ୍ଥାନୀୟ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀ ସନ୍ଦେହ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ତେଲକୋଇ ବ୍ଲକ ଅଧୀନ ପୁରୁଷୋତ୍ତମପୁର ଗ୍ରାମର କୁନ୍ତଳା କୁମାରୀ ୨ବର୍ଷ ତଳେ ନିକଟସ୍ଥ ଜଙ୍ଗଲକୁ ଜଳେଣୀ କାଠ ପାଇଁ ଯାଇଥିବା ବେଳେ ଆହତ ଅବସ୍ଥାରେ ଏକ ବାର୍ହା ଛୁଆକୁ ଉଦ୍ଧାର କରି ଘରକୁ ଆଣି ତାର ସେବା ଶୁଶ୍ରୁଷା କରିଥିଲେ। ସ୍ନେହରେ ତାର ନାମ ଧୁଡ୍ଡୁ ରଖିଥିଲେ। ଖାଇପିଇ ବାର୍ହା ଛୁଆଟି ବଡ଼ ହେବା ପରେ ଘଟଣା ବନ ବିଭାଗର ନଜରକୁ ଆସିଥିଲା। ବନ୍ୟପ୍ରାଣୀ ସୁରକ୍ଷା ନିୟମକୁ ଆଧାର କରି ଗତ ମାର୍ଚ୍ଚ ୧୧ ତାରିଖରେ ବନ ବିଭାଗ କୁନ୍ତଳାଙ୍କଠାରୁ ଧୁଡ୍ଡୁକୁ ନେଇଯାଇ ୧୮ କି.ମି ଦୂର ଏକ ଜଙ୍ଗଲରେ ଛାଡ଼ି ଦେଇଥିଲା। ଏଣେ ଧୁଡ୍ଡୁକୁ ଝୁରିଝୁରି କୁନ୍ତଳା ଓ ତାଙ୍କ ପରିବାର ଲୋକ ଖାଇବା ପିଇବା ଛାଡ଼ି ଦେଇଥିଲେ। ପ୍ରତିଦିନ ସେହି ଜଙ୍ଗଲକୁ ଯାଇ ଧୁଡ୍ଡୁକୁ ଖୋଜିବାରେ ଲାଗିଥିଲେ। ୭ ଦିନ ପରେ କୁନ୍ତଳାଙ୍କ ଡାକ ଶୁଣି ଜଙ୍ଗଲ ଭିତରୁ ଧୁଡ୍ଡୁ ତାଙ୍କ ପାଖକୁ ଧାଇଁ ଆସିଥିଲା। କୁନ୍ତଳା ସାଙ୍ଗରେ ନେଇଥିବା ଭାତ ତାକୁ ଖାଇବାକୁ ଦେଇଥିଲେ। ସେଠାରୁ ଧୁଡ୍ଡୁକୁ ସାଙ୍ଗରେ ଧରି କୁନ୍ତଳା ଘରକୁ ଫେରିଥିଲେ। ସେହି ଦିନଠାରୁ ଧୁଡ୍ଡୁ କୁନ୍ତଳାଙ୍କ ଘରେ ରହି ଆସୁଥିଲା। ଏବେ ସେ ମିଳୁ ନ ଥିବାରୁ ପୁଣି ଥରେ ଧୁଡ୍ଡୁ ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି।


କୁନ୍ତଳାଙ୍କ ସହ ଧୁଡ୍ଡୁ।

# ବାବା ସାହେବ ଥିଲେ ଭାରତର ଅମୂଲ୍ୟ ରତ୍ନ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୪।୪(ବ୍ୟୁରୋ)

**ଆମ୍ବେଡକରଙ୍କ ୧୩୦ତମ ଜୟନ୍ତୀ ପାଳିଲା କଂଗ୍ରେସ, ଭାଜପା**

ବାବା ସାହେବ ଆମ୍ବେଡକର ଥିଲେ ଭାରତବର୍ଷର ଅମୂଲ୍ୟ ରତ୍ନ। ତାଙ୍କ ଜୀବନ ଗରିବ, ବଞ୍ଚିତ, ନିଷ୍ପେଷିତଙ୍କ ଉତ୍‌ଥାନରେ ସମର୍ପିତ ଥିଲା। ସମ୍ବିଧାନ ପ୍ରଣୟନ, ସାମାଜିକ ଏବଂ ରାଜନୈତିକ କ୍ଷେତ୍ରରେ ତାଙ୍କର ବଳିଷ୍ଠ ନେତୃତ୍ୱକୁ ସବୁବେଳେ ଦେଶ ମନେ ରଖିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆମ୍ବେଡକରଙ୍କ ୧୩୦ତମ ଜୟନ୍ତୀ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଧର୍ମେନ୍ଦ୍ର ଏହା କହିଛନ୍ତି। ସେହିପରି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବାବା ସାହେବଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଆଧୁନିକ ଭାରତ ଗଠନରେ ଆମ୍ବେଡକରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ କେବଳ ପଛୁଆ ବର୍ଗ ଲୋକଙ୍କ କଥା ଚିନ୍ତା କରୁ ନ ଥିଲେ, ବରଂ ବହୁ ଜନକଲ୍ୟାଣକାରୀ ବ୍ୟବସ୍ଥା ସମ୍ବିଧାନରେ ଯୋଡ଼ି ଭାରତୀୟ ଗଣତନ୍ତ୍ରକୁ ସଶକ୍ତ କରିଥିଲେ। 'ଶିକ୍ଷା, ସଂଘର୍ଷ ତଥା ସଙ୍ଗଠନ' ଭଳି ସ୍ଲୋଗାନ ପ୍ରବର୍ତ୍ତନ କରି ସମାଜକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ ବୋଲି ସମୀର କହିଛନ୍ତି । ଅନୁରୂପ ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ମଧ ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ ସ୍ଥାନୀୟ ଏଜି ଛକ ସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ନିର୍ଦ୍ଦେଶ ପରେ ଖାଲି ହେଲା ହଷ୍ଟେଲ

ପରଜଙ୍ଗ, ୧୪।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ପ୍ରତିଷ୍ଠାନ (ଆଇଜିଆଇଟି)ରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦ ଥମିବାର ନାଁ ଧରୁନାହିଁ। ବାରମ୍ବାର ଦୁଇ ପକ୍ଷ ମୁହାଁମୁହିଁ ହେଉଥିବାବେଳେ କଲେଜ କର୍ତ୍ତୃପକ୍ଷ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। କ୍ୟାମ୍ପସ ପରିସରରେ ସ୍ୱାଭାବିକ ବାତାବରଣ ଫେରାଇ ଆଣିବାକୁ ବୁଧବାର ହଷ୍ଟେଲ ଖାଲି କରିବାକୁ କଲେଜ ନିର୍ଦ୍ଦେଶକ ସତ୍ୟବ୍ରତ ମହନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟାହ୍ନ ସୁଦ୍ଧା ଭାସ୍କର, ବ୍ରହ୍ମୋସ ଏବଂ ସୂର୍ଯ୍ୟଭବନ ଛାତ୍ରାବାସ ଖାଲି ହୋଇଛି। ପିଲାମାନେ ହଷ୍ଟେଲ ଛାଡ଼ି ଘରକୁ ବାହୁଡ଼ିଛନ୍ତି।

ସୂଚନାଯୋଗ୍ୟ, ବି-ଟେକ୍ ତୃତୀୟ ଏବଂ ଶେଷବର୍ଷ ଛାତ୍ରଙ୍କ ମଧ୍ୟରେ କୌଣସି ଘଟଣାକୁ ନେଇ ବିବାଦ ଦେଖାଦେଇଛି। ଏହାକୁ ନେଇ ଉଭୟ ପକ୍ଷ ବାରମ୍ବାର ମୁହାଁମୁହିଁ ହେଉଛନ୍ତି। କଲେଜ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ବିବାଦର ସମାଧାନ ହେଉଥିଲେ ମଧ ଦୁଇ ଗୋଷ୍ଠୀ ପରସ୍ପରକୁ ଦୋଷାରୋପ କରି ଆସୁଛନ୍ତି। ସାମାନ୍ୟ କଥା କଟାକଟିକୁ ନେଇ ମଙ୍ଗଳବାର ରାତିରେ ପୁଣି ବିବାଦ ମୁଣ୍ଡ ଟେକି ଥିବାବେଳେ ଅଶାନ୍ତ ହୋଇଉଠିଥିଲା କ୍ୟାମ୍ପସ ବାତାବରଣ। ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କଲେଜ ପରିସରରେ ବାରମ୍ବାର ଏଭଳି ପରିସ୍ଥିତି ଉପୁଜୁଥିବାରୁ ନିର୍ଦ୍ଦେଶକ ମହନ୍ତ ବୁଧବାର ସକାଳ ସୁଦ୍ଧା ଭାସ୍କର, ବ୍ରହ୍ମୋସ ଓ ସୂର୍ଯ୍ୟଭବନ ଛାତ୍ରାବାସ ଖାଲି କରିବାକୁ ସେ ନୋଟିସ ଜାରି କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଆଶଙ୍କା ଥିବାରୁ ପରଜଙ୍ଗ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ କଲେଜର ବିଭିନ୍ନ ହଷ୍ଟେଲ ସମ୍ମୁଖରେ ରାତିସାରା ପଇଁତରା ମାରିଥିଲା। କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ମଧ୍ୟାହ୍ନ ସୁଦ୍ଧା ସବୁ ଛାତ୍ରାବାସ ଖାଲି ହୋଇଥିବା ଜଣାପଡ଼ିଛି।


ଧାରଣାରତ ଛାତ୍ରଙ୍କ ସହ କର୍ତ୍ତୃପକ୍ଷ ଆଲୋଚନା କରୁଛନ୍ତି।

- ଆଇଜିଆଇଟିରେ ଗୋଷ୍ଠୀ ବିବାଦ ପରେ କର୍ତ୍ତୃପକ୍ଷଙ୍କ କଡ଼ା ପଦକ୍ଷେପ
- ଘରକୁ ଗଲେ ଭାସ୍କର, ବ୍ରହ୍ମୋସ୍, ସୂର୍ଯ୍ୟଭବନ ଛାତ୍ରାବାସ ଅନ୍ତେବାସୀ

## ପୋଲିସର ଲାଠିମାଡ଼ ଅଭିଯୋଗ

ଆଇଜିଆଇଟି କ୍ୟାମ୍ପସରେ ମୁତୟନ ପୋଲିସ କର୍ମଚାରୀମାନେ କେତେଜଣ ଛାତ୍ରଙ୍କୁ ଲାଠିମାଡ଼ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶେଷବର୍ଷର ଛାତ୍ରମାନେ ନିର୍ଦ୍ଦେଶକଙ୍କ ବାସଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କ କହିବା କଥା, ଦୀର୍ଘଦିନ ପରେ କଲେଜ ଖୋଲିଥିଲା। ବିନା କୋଭିଡ୍ ପରୀକ୍ଷାରେ ସେମାନଙ୍କୁ ହଠାତ୍ ହଷ୍ଟେଲ ଖାଲି କରିବାକୁ କୁହାଯାଉଛି। ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲାଠିମାଡ଼ କରିଛି, ଯାହା ନିନ୍ଦନୀୟ ବୋଲି ସମ୍ପୃକ୍ତ ଛାତ୍ରମାନେ ଅଭିଯୋଗ କରିଥିଲେ। ପରିସ୍ଥିତିକୁ ନଜରରେ ରଖି ହଷ୍ଟେଲ ଖାଲି କରିବାକୁ କୁହାଯାଇଛି ବୋଲି ବୁଝାଇବା ପରେ ସେମାନେ ଧାରଣାରୁ ହଟିଥିଲେ। ଏଥିସହ ହଷ୍ଟେଲ ଛାଡ଼ିଥିଲେ। ଛାତ୍ରଙ୍କ ଅଭିଯୋଗକୁ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ଖଣ୍ଡନ କରିଛନ୍ତି। କୌଣସି କାରଣରୁ ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଏଥିରେ କେତେଜଣ ଛାତ୍ର ଆହତ ହୋଇଛନ୍ତି। ସେମାନେ ପୋଲିସ ଉପରେ ମିଥ୍ୟା ଆରୋପ ଲଗାଉଥିବା ସେ ସ୍ପଷ୍ଟୀକରଣରେ କହିଛନ୍ତି।

# ମୋ' ହାତରେ କଲମ ଧରେଇଥିଲା ବୋଉ

## ସୃଜନ-ସ୍ମୃତି



ସୁଚିତ୍ରା ପାଣିଗ୍ରାହୀ

ଏଯାଏଁ ଯୋଉ ଜୀବନ ମୁଁ ଜିଇଆସିଛି, ପଛକୁ ଫେରି ଚାହିଁଲେ ସବୁ ତ ଦିଶିଯାଉଚି ଚହଲା ପାଣିର ଛାଇ ଭଳି। ସେଇସବୁ ଛାଇ ହେଉଛି ମୋ' ସୃଜନର ମୂଳପୁଞ୍ଜି। ଆଜିଯାଏଁ ମୁଁ ଯାହା ବି ଲେଖିଚି ସବୁ ସେଇ ଚୂନାଚୂନା ସମୟର ସ୍ମୃତିରୁ ଖିଏ ଭଳି। ଯାହା ମୁଁ ଯେମିତି ଦେଖିଛି, ଯେମିତି ଅନୁଭବ କରିଛି, ସେ ସବୁ ସ୍ୱତଃ ମୋତେ ଉଚ୍ଚାଟିତ କରିଛି। କରିଛି ବୋଲି ମୁଁ ତାକୁ ଗାରେଇ ଦେଇଚି କେବେ ରଫ୍‌ଖାତାର ପଛପାଖରେ ତ କେବେ କୋଉ ବହିର ଖାଲି ମଲାଟରେ। ଏମିତି ଗାରୋଉ ଗାରୋଉ ମୁଁ ଆଜି ଆସି ଏଇଠି ପହଞ୍ଚିଛି।

ମୋତେ ଲାଗେ, ଅକ୍ଷରମାନେ ମୋ' ହାତ ଧରି ତାଙ୍କ ମେଳକୁ ନେଇଯାଆନ୍ତି। ତାଙ୍କ ସହ ପୁଚିଖେଳ ଖେଳିବା ଭିତରେ ମୋ' ଅପଟୁ ହାତରେ କଲମ ଧରେଇଥିଲା ମୋ' ବୋଉ। ପିଲାବେଳୁ ମୋ' ଏକୁଟିଆପଣକୁ ଭୁଲେଇବା ପାଇଁ ବାପାଙ୍କୁ ଦେଖି ଶିଖିଥିଲି ବହି ପଢ଼ିବା। କେମିତି ବା ଜାଣିଥା'ନ୍ତି ମୋର ସେଇ ବହି ପଢ଼ିବା ଦିନେ ମୋର ପାଗଳପଣ ହୋଇଉଠିବ!

ମୁଁ ବହି ପଢ଼ିଲି, ପଢ଼ୁପଢ଼ୁ ନିଜକୁ ଭୁଲିଲି, କେବେ ପଢ଼ା ବହି ଭିତରେ ଲୁଚେଇ ପଢୁଥିବା ବହିକୁ ବୋଉ ନେଇ କୋଉଠି ଲୁଚେଇଦିଏ ତ ଆଉ କେବେ ବହି ପଢ଼ିବାର ନିଶାରେ ବୈଶାଖୀ ଖରାକୁ ଖାତିର ନ କରି ସାଳନ୍ଦୀ ନଈ ପାରିହୋଇ ପହଞ୍ଚିଯାଏ ସାଙ୍ଗ ଘରେ। ସେଇ ବହିଖଣ୍ଡେ ପାଇଁ ମୋ' ଜନ୍ମମାଟି ନାମ୍ପୋର ସବୁରି ଘରେ ପଶି, ତାଙ୍କ ଟ୍ରଙ୍କ୍/ ବାକ୍ସ ଅଣ୍ଡାଳି ଖୋଜିଆଣେ କେବେ 'ବିଲଙ୍କା ରାମାୟଣ' ତ ଆଉ କେବେ କାହ୍ନୁଚରଣଙ୍କ 'ଭଲପାଇବାର ଇତିକଥା'! ବହିରେ କିଛି ବାଛବିଚାର ନ ଥିଲା ମୋର। ଯାହା ପାଉଥିଲି ସବୁ ପଢୁଥିଲି। ଆଉ ସେଇ ପଢ଼ିବା ଭିତରେ ବୋଧେ ମୋ' ଅଲକ୍ଷ୍ୟରେ ମୁଁ ନିଜେ ଖଞ୍ଜିପାରୁଥିଲି ଅକ୍ଷର ସହ ଅକ୍ଷର, ବାନ୍ଧି ପାରୁଥିଲି ପଦ ସହ ପଦ। ସୃଜନର କ' ଖ ନ ଜାଣି ବି ମୁଁ ଯାହାସବୁ ଲେଖୁଥିଲି ସେଥିରୁ କିଛି ଛିଣ୍ଡା କାଗଜ ଠୁଙ୍ଗା ହୋଇ ବଜାରରେ ନ ବୁଲିଛନ୍ତି, ତା' ନୁହେଁ। ବହୁଦିନ ପରେ ସେଇ କାଗଜ ଠୁଙ୍ଗାରୁ ମୋତେ ଜଣେ ଚିହ୍ନିଲେ- ମୁଁ ସେଇ ସୁଚିତ୍ରା... ଯିଏ କବିତା ଲେଖେ! ହେଲେ ସେ ସବୁ ତ ଅନେକ ଦିନ ତଳର କଥା। ବୋଧେ ୧୯୭୪ କି ୭୫ ମସିହାର କଥା।

ଏମିତିରେ ମୁଁ ଖୁବ୍ ଚଞ୍ଚଳ ଆଉ ବିକ୍ଷୁବ୍ଧ ସାଗର ଭଳି ଉତ୍ତାଳ। ମୋର ମନ ଏଇ ଅଛି ଏଇ ନାଇଁ ପରି। ମୁଁ ଲେଖେ, ଛାଁକୁ ଲେଖେ, ପୁଣି ଏମିତି ବି ସମୟ ଥାଏ, ଯେତେବେଳେ ମୁଁ ଜମାରୁ କିଛି ଲେଖିପାରେନି। ଶବ୍ଦମାନେ ଧରାଦିଅନ୍ତିନି, ଭାରି ମନୋଇ। ବଡ଼ ଡହଳବିକଳ ଲାଗେ। ସେଇ ନିଛାଟିଆ ମୁହୂର୍ତ୍ତମାନେ ମୋତେ ଅଥୟ କରନ୍ତି।

ଲେଖାଲେଖି ଚାଲିଥାଏ, ମୁଁ ସେ ବାବଦରେ ଆଦୌ ହିସାବୀ ନୁହେଁ। ବହିଟିଏ କରିବା କଥା ମନରେ କେବେ ଆସି ନ ଥିଲା। ୧୯୯୦ ମସିହାର କଥା। ମୋ' ସ୍ୱାମୀଙ୍କର ଜଣେ ବନ୍ଧୁ କେମିତି କେଜାଣି ଆଗ୍ରହ କଲେ ମୋର ଖଣ୍ଡେ ବହି ଛପା ହେଉ ବୋଲି। ସେତେବେଳକୁ ମୋର ଦ୍ୱିତୀୟ ସନ୍ତାନଟି ଆସିବାର ଥାଏ। ଯୋଉଦିନ ମୁଁ ସକାଳୁ ହସ୍ପିଟାଲରେ ପୁଅକୁ ଜନ୍ମ ଦେଇ ଫେରିଲି, ତା'ର ଘଣ୍ଟାଏ ପରେ ସ୍ୱାମୀଙ୍କର ତାଗିଦା ଥିଲା- ବହିର ମୁଖବନ୍ଧଟି ଲେଖିଦେବାକୁ (ଯାହା ମୋ' ହାତ ଲେଖାର ନକଲ ହୋଇ ମୋ' ପ୍ରଥମ ସଂକଳନ 'ଛାଇର ଛବି'ରେ ଅଛି।) ପ୍ରସବ ପରର ଯନ୍ତ୍ରଣା ଭୁଲି ମୁଁ ଲେଖିଥିଲି ତାକୁ। ଯୋଉଦିନ ଛାପା ହୋଇ ବହିଟି ଆସିଲା, ପୃଷ୍ଠା ଓଲଟାଇ ସେଇଠି ମୁଁ ଅଟକିଗଲି। ଆଖିରୁ ଲୁହ ଟୋପାଏ ଝରି ଆସିଲା, ସେତେବେଳକୁ ମୋ' ପୁଅ ହସିଲାଣି। ମୋ' ଲୁହ ଓ ତା' ହସ ଦୁହେଁ ମିଶି ମୋତେ ବିହ୍ୱଳ କରିଦେଇଥିଲେ ସେଦିନ।

ମୋ: ୯୯୩୮୦୪୨୪୬୮

ସୁଚିତ୍ରା ପାଣିଗ୍ରାହୀଙ୍କ ଜନ୍ମ ୨ ଜାନୁୟାରୀ ୧୯୬୩ରେ, ବାଲେଶ୍ୱର ଜିଲା ଜଳେଶ୍ୱରର ନାମ୍ପୋରେ। ଅନୁଭବର ସୂକ୍ଷ୍ମ ଅବଲୋକନ, ଅକୃତ୍ରିମ ପ୍ରକାଶଭଙ୍ଗୀ ତାଙ୍କର ବିଶେଷତ୍ୱ। ପ୍ରକାଶିତ କବିତା ସଙ୍କଳନ: 'ଛାଇର ଛବି', 'କଥା ଅଛି', 'ଚନ୍ଦନବନର ଛାଇ', 'ହାତମୁଠାର ଛବି', 'ଏତେ ଅଭିମାନ ଭଲ ନୁହେଁ', 'ଚିରକାଳକୁ'। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ଅରୁଣ କମଲ ଓ ବୀରେନ୍ ଡଙ୍ଗୱାଲଙ୍କ କବିତା ସଙ୍କଳନ 'ନୂଆଜାଗାରେ' ଓ 'ଦୁଷ୍ଟଚକ୍ରରେ ସ୍ରଷ୍ଟା'ର ସେ ସଫଳ ଅନୁବାଦିକା। 'କାଦମ୍ବିନୀ କବିତା ପୁରସ୍କାର', 'ରାଜଧାନୀ ପୁସ୍ତକମେଳା କବିତା ପୁରସ୍କାର', 'କବି ଦୀପକ ମିଶ୍ର ସ୍ମୃତି କବିତା ସମ୍ମାନ', 'ସମାଜ ଶତବାର୍ଷିକୀ ସାହିତ୍ୟ ସମ୍ମାନ', 'ଅଖିଳ ଚକ୍ର' ଓ 'ଗୋକର୍ଣ୍ଣିକା' କବିତା ସମ୍ମାନ ଆଦି ପୁରସ୍କାର ଓ ସମ୍ମାନରେ ସମ୍ମାନିତା।

## କବିତା

### କ୍ଷମତା

ହୃଦାନନ୍ଦ ପାଣିଗ୍ରାହୀ

ଏ ହାତ ଗଢ଼େ ମହଲ,
ରାସ୍ତାଘାଟ,
ଏ ଝାଳ ମାଟିରେ ପଡ଼ି
ହସିଉଠେ କ୍ଷେତ
ରକତକୁ ପାଣି କରି
ଆମେ ଶକ୍ତ କରୁ
ଶାସନର ମଂଚ।

ଖରା ବର୍ଷା ସହି
ଯୁଝୁଥାଉ ମାଟି ଓ ପଥର ସଂଗେ
ଖଟିଖଟି ଅକାଳରେ
ପାଲଟୁ କଂକାଳ।
ଆମ ଶୋଷ, ଶୁଖିଲା ନଈର ଆଶା
ଆମ ଲୁହ, ଫଟା ମାଟି ହାହାକାର
ଆମ ଝାଳ ଆଉ ନିଃଶ୍ୱାସରେ
ପ୍ରଗତିର ଶିଳାନ୍ୟାସ,
ଆମ ଟିକସରେ ପୁଣି
ଆଉ କାହାର ଅୟସ
ଆମକୁ ନେଇ କେତେ ଯୋଜନା
କେତେକେତେ ଆବେଗ ଉଚ୍ଛ୍ୱାସ
ଆମ ହାରିବା, ମରିବାରେ
ଚହଲୁଥାଏ ତମାମ୍ ଦେଶ।

ଯାହା ଆମର ଦାବି
ତାହା ଆଉ କାହାର ମର୍ଜି
ପବନରେ ବାଏଁବାଏଁ ମିଳେଇଯାଏ
ଆମ ଅଭିଯୋଗ
ମାଟିରେ ମିଶିଯାଏ
ସବୁ ପ୍ରତିବାଦ।

ଯଉଁଠି କାମ ଟଂକାକର
ସେଠି ବିଲ୍ ଦି'ଟଂକାର
କଉଁଠି କେମିତି ବାଟବଣା ହେଇଯାଇଥାଏ
ଆମ ଭରସା
ଭକୁଆ ହେଇ ଦେଖୁ
ସବୁ ପ୍ରହସନ
କାନକୁ ବେଶ୍ ଭଲ ଶୁଭୁଥାଏ କିଂତୁ
ବିକାଶ ଓ ଦକ୍ଷତାର ପ୍ରଚାର ପ୍ରସାର।

ମୋ: ୯୪୩୭୯୮୭୪୨୯

### ସମୟ ସରେନା

ଜୟନ୍ତିକା

ସମୟ ଲିଭେଇଦିଏ ସବୁକିଛି।
ଲୁହ କୋହ, ଉତ୍କଣ୍ଠା ଆବେଗ
ପ୍ରେମ ସ୍ନେହ କରୁଣା ସମ୍ବେଦନା,
ନିଜେ ଲିଭେନା।

ବିଗତ ଦିନର ସେ ବର୍ଷାର ତାଣ୍ଡବ
ଏବେ କେମିତି ଥମିଗଲାଣି ଦେଖ,
ସେ ସରାଗ ସନ୍ତୁଷ୍ଟି ଏବେ
ଏତେ ଶୁଷ୍କ, ଏତେ
ଆବେଗଶୂନ୍ୟ ହୋଇପାରେ!
ଜାଣେ, ମେଘ ହେଉ କି ମନ,
ସମୟ ପଡ଼ିଲେ,
ବରଫ ପାଲଟିପାରେ।

ଦିନେ ସମୟ ତରଳୁଥିଲା
ତା' ବାଟରେ,
ଦିନ ମଝିଟାରେ ସକାଳ ପହଁଚୁଥିଲା
ନିଷ୍ଠୁର ନିଦାଘ ମଉଳି ଆସୁଥିଲା
ଅପରାହ୍ଣର ଗେରୁଆ ମାୟାରେ।

ଏବେ ସେ କଥା ଭାବିହୁଏନା।

କୋଉ ଏକ ନିର୍ଦ୍ଦିଷ୍ଟ ବେଳାରେ
ହାତ ଖୋଲି ଉଡ଼େଇ ଦେଇଥିବା
ରଙ୍ଗିନ ଗୁଡ଼ିଟି ଏବେ ବି କୋଉଠି
ଲାଖି ରହିଛି ଆଖି ଉହାଡ଼ରେ,
କେମିତି ସୁନ୍ଦର ଦିଶେ
ଏ ପୃଥିବୀ ଫର୍ଚ୍ଚା ଲାଗେ,
ଏତେ ସବୁ ପରାଜୟ,
ବିଦ୍ରୂପ ଭିତରେ!

ସମୟ ଲିଭେଇଦିଏ ସବୁକିଛି।

ମୋ: ୯୪୩୭୬୨୭୧୯୬

## ପୁସ୍ତକ ପରିଚୟ

### ଅନେକ ନିଦ୍ରିତ ଛାଇ

**କବି:** ସୂର୍ଯ୍ୟ ମିଶ୍ର
**ପ୍ରକାଶକ:** ଟାଇମ୍‌ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୨୫/-




୪୨ଟି କବିତାକୁ ନେଇ ଆଲୋଚ୍ୟ କବିତାଗ୍ରନ୍ଥଟି ପରିକଳ୍ପିତ ଏବଂ ପ୍ରତ୍ୟେକଟି କବିତାରେ କବି ଧରି ରଖିଛନ୍ତି ତାଙ୍କ ଜୀବନାନୁଭୂତିର ମହାର୍ଘ ଅନୁଭୂତିସକଳ। ପ୍ରାନ୍ତିକ ମଣିଷର ଦୁଃଖଦୈନ୍ୟ, ପ୍ରାପ୍ତି ଓ ଅପ୍ରାପ୍ତି ଯେପରି ଅପୂର୍ବ ଚିତ୍ରମୟ ରୂପ ଘେନି ଫୁଟିଉଠେ କବିଙ୍କ କବିତାରେ, ସେହିପରି ନିଭୃତ ଦାମ୍ପତ୍ୟ ବି ଶରୀରୋତ୍ତର ହୋଇଉଠେ ଇଙ୍ଗିତରେ। କେତୋଟି ଦୃଷ୍ଟାନ୍ତ ଏଠାରେ ଉଦ୍ଧାର କରାଗଲା, ଅନ୍ତତଃ ପାଠକଙ୍କୁ ଗ୍ରନ୍ଥସ୍ଥ କବିତାଗୁଡ଼ିକରେ ନିହିତ କବିଙ୍କ ଚେତନାର ନିକଟବର୍ତ୍ତୀ କରାଇବାକୁ। ୧. ''ଶରୀର ବାହାରେ ଯା' ଦେଖିହୁଏ ନାହିଁ/ ସେସବୁ ଝଟକିଉଠେ ତୁମ ଇଙ୍ଗିତରେ/ ଝଳନ୍ତି କୁଙ୍କୁମ ପରି ଗାର୍ହ୍ୟସ୍ଥ କପାଳେ'' ('ଦାମ୍ପତ୍ୟ', ପୃ: ୧୦୭)। ୨. ''ସାର୍, ଭଲ କଲେ/ ଅନ୍ତତଃ ବ୍ୟଥିତ ହେଲେ ଦାରିଦ୍ର୍ୟରେ/ ମ୍ରିୟମାଣ ହେଲେ ଏମାନଙ୍କ ଦୁର୍ଦ୍ଦଶାରେ/ × × ଭୋକିଲା ଲୋକମାନଙ୍କ ମେଳରେ ସମୟ ବିତେଇବାକୁ/ ମନକଲେ ଆପଣ।/ କ'ଣ ନ କଲେ!'' ('ଗରିବି ଭ୍ରମଣ', ପୃ:୨୪), ୩. ''ପ୍ରତି ଲେଖକର ଜୀବନରେ ଆସେ ନିଷ୍ଫଳ ସମୟ।/ ସତ କହିବାକୁ ଇଚ୍ଛା ଥିଲେ ବି ହାତଧରି ଚାଲିବାକୁ/ ନ ଥାଏ କଳ୍ପନା-'' ('ନିଷ୍ଫଳ ସମୟ', ପୃ: ୬୯)। ଉପରେ କାନ୍ଧ ଥାପୁଡ଼ି ଭିତରେ ଛିଗୁଲେଇବାର ଯେଉଁ ନିର୍ମାଣ କଳାଟିକୁ ପାଠକ ଭେଟେ ସୂର୍ଯ୍ୟଙ୍କ କବିତାରେ, ତାହା କେବଳ ଛଳନାକାରୀଙ୍କ ମୁଖା ଖୋଲିଦିଏ ନାହିଁ, ପାଠକର ମନକୁ ବେଶ୍ ପାଏ। 'ଅନେକ ନିଦ୍ରିତ ଛାଇ' ଗ୍ରନ୍ଥର ଶେଷ ଓ ଶୀର୍ଷକ କବିତା, ଯାହାର ବାରମ୍ବାର ପଠନରେ ବି ପଢ଼ିବାର ତୃଷ୍ଣା ମେଣ୍ଟେନାହିଁ।

### ସତ କହି ପାଏ ପଛେ ଫାଶୀ

**ଲେଖକ:** ଦେବେନ୍ଦ୍ର ନାଥ ଦାଶ
**ପ୍ରକାଶକ:** ଶ୍ୱେତସଙ୍କେତ ସାରସ୍ୱତ ମଞ୍ଚ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୨୫୦/-




ଆଲୋଚ୍ୟ ପୁସ୍ତକଟି ସମାଜର ନାନା ପ୍ରସଙ୍ଗକୁ ନେଇ ପ୍ରାବନ୍ଧିକ ଦାଶଙ୍କର ଏପରି ଏକ ମାନସ-ମନ୍ଥନ, ଯହିଁରେ ଜାହିର୍ ହୋଇଛି ସ୍ୱତଃ ତାଙ୍କର ମୌଳିକ ମତ। ଉଗ୍ରବାଦ, ସାମ୍ପ୍ରତିକ ସମାଜରେ ବ୍ରତ ପାଳନର ବାହ୍ୟଚାରିତା, କର୍ମବିମୁଖତା, ଅପସୃୟମାଣ ଶୈଶବ, ପରିବେଶ ପ୍ରଦୂଷଣ, ସାଂସ୍କୃତିକ ଅବକ୍ଷୟ, ପ୍ରବଞ୍ଚନା ଓ ପ୍ରତାରଣା, ଶିକ୍ଷାର ବ୍ୟବସାୟୀକରଣ ଆଦି ନାନା ବିଷୟରେ ଲେଖକ ନିଜର ବିଚାରକୁ ଅତି ନିର୍ଭୀକ ଭାବେ ପୁଷ୍ଟ କରିଛନ୍ତି। ପ୍ରବନ୍ଧଗୁଡ଼ିକର ଭାଷା ସରଳ, ତର୍କତାଡ଼ିତ ଓ ସମନ୍ୱୟମୁଖୀ। ସବୁ ଦୃଷ୍ଟିରୁ ସଂସ୍କାରସମ୍ପନ୍ନ, ଗଠନମୂଳକ ଏକ ସମାଜ-ବ୍ୟବସ୍ଥାର ପରିପୋଷକ ହୋଇପାରିଛି ଅଧିକାଂଶ ରଚନା। 'ଅଭିମତ'ରେ ପ୍ର. ଶରତ ଚନ୍ଦ୍ର ରଥ ଲେଖିଛନ୍ତି: ''ବିଭିନ୍ନ ଦିଗରୁ ଦେଖିଲେ ଆଲୋଚ୍ୟ ପୁସ୍ତକଟିରେ ରହିଛି ସାମ୍ପ୍ରତିକ ସମସ୍ୟାବହୁଳ ସମାଜର ଅବସ୍ଥା ଏବଂ ସେଥିପାଇଁ କିଛିକିଛି ପ୍ରତିକାର ବ୍ୟବସ୍ଥା, ଏହାକୁ ଏକ ଜୀବନଧର୍ମୀ ପୁସ୍ତକ ବୋଲି କୁହାଯାଇ ପାରିବ; ଯାହାକୁ ଅନୁଧ୍ୟାନ କଲେ ବିଭିନ୍ନ ସ୍ତରରେ ସାଧୁସନ୍ୟାସୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ ଭିନ୍ନଭିନ୍ନ ପରିପ୍ରେକ୍ଷୀରେ ଚର୍ଚ୍ଚାକୁ ଆସିଛନ୍ତି। ପୁସ୍ତକଟି ଶିକ୍ଷଣୀୟ ହୋଇଛି।'' ଏହି ମତ ଭିନ୍ନ ଅନ୍ୟ ଯାହା କହିବାକୁ ହୁଏ, ତାହା ହେଲା- ବହିଟିରୁ ଜଣେ ସତ୍ୟନିଷ୍ଠ, ନିଷ୍କପଟ, ଦ୍ୱିଚାରିତାହୀନ ଲେଖକଙ୍କୁ ଆବିଷ୍କାର କରିହୁଏ। ବହିର ଶୀର୍ଷକ ଚିହ୍ନେଇ ଦିଏ ନିଜ ସମୟ ଓ ସମାଜ ପ୍ରତି ଲେଖକଙ୍କର ଥିବା ସଚ୍ଚୋଟ ପ୍ରତିବଦ୍ଧତା।

## କାଳକାଳକୁ

''ଯିଏ ଭଲ ବହି ପଢ଼େ ନାହିଁ,
ଭଲ ବହି ପଢ଼ି ଜାଣି ନ ଥିବା
ଲୋକର ସେ ମାନ୍ୟ
ହୋଇପାରେ ନାହିଁ।''

– ମାର୍କ ଟ୍ୱେନ୍



**ମାର୍କ ଟ୍ୱେନ୍**ଙ୍କ ପ୍ରକୃତ ନାମ ସାମୁଏଲ ଲାଂଘୋର୍ନ କ୍ଲେମେନ୍ସ। ମାର୍କ ଟ୍ୱେନ୍ ତାଙ୍କ ଛଦ୍ମନାମ। ଆମେରିକାର ଫ୍ଲୋରିଡ଼ାରେ ୩୦ ନଭେମ୍ବର ୧୮୩୫ରେ ଜନ୍ମିତ ଏହି ଲେଖକଙ୍କର ପରଲୋକ ଘଟେ ୨୧ ଏପ୍ରିଲ ୧୯୧୦ରେ। ଆମେରିକୀୟ ସାହିତ୍ୟର ପିତା ଭାବେ ତାଙ୍କୁ ଅନେକେ ବିବେଚନା କରନ୍ତି। ପ୍ରକାଶିତ ପ୍ରମୁଖ ଗଳ୍ପଗ୍ରନ୍ଥ "The Celebrated Jumping Frog of calaveras county", "The war prayer" ଓ "A Dog's Tale"। ପରିହାସ ଚଟୁଳତାରେ ଖୁବ୍ କମ୍ ଆମେରିକୀୟ ଲେଖକ ତାଙ୍କ ସମାସ୍କନ୍ଧ।

## ଗଳ୍ପ

# ଶୋକ

ବିରାଜ ମୋହନ ଦାସ

ଅନେକ ଦିନ ପରେ ଶୁଭକାନ୍ତ ସ୍ୱପ୍ନଟାଏ ଦେଖିଥିଲା। ଭୋ'ରୁ ନିଦ ଭାଙ୍ଗିଗଲା ପରେ ବିଛଣା ଉପରେ ବସି ସେ ସେଇ ସ୍ୱପ୍ନକୁ ମନେ ପକାଉଥିଲା। ସିଏ ଦେଖିଥିଲା- ଗୋଟେ ଗଛ ଆଗରେ ସେ ଠିଆହୋଇଛି। ନିରେଖି ଦେଖିବା ପରେ ଜାଣିପାରିଥିଲା ଯେ ଗଛଟା ଗୋଟାଏ ଆମ୍ବଗଛ। ଗଛଟିର ବଡ଼ ଡାଳ କେତୋଟି ଭାଙ୍ଗିଯାଇଛି। ତେବେ ଅବଶିଷ୍ଟ ଡାଳଗୁଡ଼ିକରେ ପତ୍ର ଓ ବଉଳ ଭରିଯାଇଛି। ଆରେ ଆରେ ଏଇଟା ତ ତାଙ୍କ ଘର ଆଗ ମଶାଣିକୁ ଲାଗିଥିବା ପଡ଼ିଆରେ ଥିବା ଆମ୍ବଗଛ! ଏତିକିବେଳେ କିଏ ଜଣେ ପଚାରିଲା- 'କ'ଣ ଭାବୁଚ?' ଶୁଭକାନ୍ତ ଭାବିଥିଲା ଏ କଣ୍ଠସ୍ୱର ବୋଧହୁଏ ଫଳ ଧରିଥିବାବେଳେ ଏଇ ଆମ୍ବଗଛକୁ ବର୍ଷବର୍ଷ ଧରି ଜଗି ଆସୁଥିବା ପଇଡ଼ା ବୁଢ଼ାର ପ୍ରେତର। କାରଣ ଗତକାଲି ସକାଳେ ପଇଡ଼ା ବୁଢ଼ାର ମୃତ୍ୟୁ ଖବର ସେ ପାଇଥିଲା। ତା' ଘର ଆଗ ଶ୍ମଶାନରେ, ତା' ଶବ ସତ୍କାରର ଦୃଶ୍ୟ ମଧ୍ୟ ସେ ଦେଖିଥିଲା। ମଶାଣି ଆଗରେ ଘର କରି ରହିଥିଲେ ବି ଭୂତ ପ୍ରେତଙ୍କୁ ଭୟ କରୁ ନ ଥିବା ଶୁଭକାନ୍ତ କିନ୍ତୁ ଗଛଆଡ଼ୁ ଆସୁଥିବା ଏ ସ୍ୱର ଶୁଣି ଡରି ଯାଇଥିଲା। ମନରେ ସାହସ ସଞ୍ଚୟ କରି ପଚାରିଥିଲା- 'ତୁମେ କିଏ କହୁଚ?' ସେଇ ସ୍ୱର କହିଥିଲା- 'ମୋତେ ଚିହ୍ନିପାରୁନ, ମୁଁ ପରା ତୁମ ଘର ଆଗ ପଡ଼ିଆର ଆମ୍ବଗଛ।' ସ୍ୱାଭାବିକ ହୋଇ ଯାଇଥିଲା ଶୁଭକାନ୍ତ। ଦୁହିଁଙ୍କ ଭିତରେ ଚାଲିଥିଲା କଥାବାର୍ତ୍ତା।

**ଶୁ:** ଆଚ୍ଛା, ମୁଁ ତୁମକୁ ପଇଡ଼ା ବୁଢ଼ା ବୋଲି ଭାବିଥିଲି।

**ଆ.ଗ:** ସେଇ ବୁଢ଼ା, ପଇଡ଼ା ବୁଢ଼ା କଥା ହିଁ କହୁଥିଲି।

**ଶୁ:** ତା' କଥା ଆଉ କ'ଣ?

**ଆ.ଗ:** କାଲି ତ ଚାଲିଗଲା ସେ।

**ଶୁ:** ହଁ, ବୁଢ଼ା ହୋଇ ଯାଇଥିଲା। ତା'ଛଡ଼ା ଜନ୍ମ ହେଇଚ ମାନେ ଦିନେ ମରିବା ଥୟ।

**ଆ.ଗ:** କେତେ ସହଜରେ କଥାଟା କହିପକେଇଲ। ଅନ୍ୟକୁ ବୁଝେଇବା ପାଇଁ ଏମିତିକା କୁହାଯାଇଥାଏ, ହେଲେ...

**ଶୁ:** ହେଲେ... ପୁଣି କ'ଣ?

**ଆ.ଗ:** ଆରେ ବାବୁ ଯେମିତି କହିଦେଲ, ଏ କଥାଟା କ'ଣ ସେମିତି? ତା'ହେଲେ ତୁମ ଘରେ କାମ କରୁଥିବା ଲୋକଟି ପାଖରୁ ବୁଢ଼ାର ମରିଯିବା ଖବର ପାଇ ତୁମେ ଆନମନା ହୋଇଯାଇଥିଲ କାହିଁକି? ପୁଣି ତୁମ ଘର ପାଖ ରାସ୍ତାରେ ବୁଢ଼ାର କୋକେଇ ଶ୍ମଶାନକୁ ଯିବାବେଳେ 'ରାମ ନାମ ସତ୍ୟ ହୈ' ଧ୍ୱନି ଶୁଣି ତୁମେ ଘରୁ ବାହାରି ଆସି ଗେଟ୍ ଖୋଲି ବୁଢ଼ାର ଶେଷଯାତ୍ରାକୁ ଚାହିଁ ରହିଥିଲ କାହିଁକି? ପୁଣି ତୁମ ଆଖିରୁ ଧାରଧାର ହୋଇ ଲୁହ ବୋହି ଯାଉଥିଲା କାହିଁକି?

**ଶୁ:** ଯାହା ହେଲେ ବି ରକ୍ତମାଂସଧାରୀ ମଣିଷ ନା! ତା'ଛଡ଼ା ବୁଢ଼ା ସାଙ୍ଗରେ ମୋ' ସମ୍ପର୍କଟା ଥିଲା ଟିକିଏ ଅଲଗା।

**ଆ.ଗ:** ସେ କଥା ମୁଁ ଜାଣେ। ଲକ୍‌ଡାଉନ ଆଉ ଶଟ୍‌ଡାଉନ ବେଳେ ବୁଢ଼ାର ଭେଟ ନ ପାଇ ତୁମେ ବ୍ୟସ୍ତ ହେଇପଡ଼ିଥିଲ। ଆଉ ସେସବୁ ଉଠିଯିବା ପରେ ବୁଢ଼ାକୁ ଦେଖି ଭାରି ଖୁସିଟାଏ ହେଇଥିଲ।

**ଶୁ:** ସ୍ନେହ ମମତାର ଡୋରିରେ ବନ୍ଧାଥିଲୁ ଆମେ ଦୁହେଁ। ମୋତେ ଦେଖିବା ପରେ ସେଦିନ ସିଏ କ'ଣ କମ୍ ଖୁସି ହୋଇ ଯାଇଥିଲା!

**ଆ.ଗ:** ହଁ, ସିଏ ବି ତୁମକୁ ଭଲପାଉଥିଲା। ତେବେ ତୁମେ ଭାବୁଚ କି ଏ ଭଲପାଇବା, ମାୟା ମମତାରେ ବନ୍ଧା ହେବା ଖାଲି ତୁମ ମଣିଷମାନଙ୍କର ଏକଚାଟିଆ ବୋଲି? ତୁମେ ଭାବୁଚ ଆମେ ଗଛବୃକ୍ଷ ସବୁ କାଠ, ପଥର, ନିଷ୍ପ୍ରାଣ ନା?

**ଶୁ:** ନା, ନା, ମୁଁ ସେମିତି ଭାବୁନି ଯେ, ହେଲେ...

**ଆ.ଗ:** ଆହେ ଶୁଣ, ତୁମ ସାଙ୍ଗରେ ବୁଢ଼ାର ସମ୍ପର୍କ ହଉଚି ମାତ୍ର ତିନି ବର୍ଷର। ହେଲେ ମୋ' ସହିତ ଦୀର୍ଘ ତେଇଶ ବର୍ଷର। ଯେଉଁ ସନରୁ ସିଏ ଆଉ କାମଦାମକୁ ପାରିଲା ନାହିଁ, ସେଇ ସନଠୁଁ। ମୋ' ଗଛରେ ଆମ୍ବ ବଉଳିବା ଆରମ୍ଭ ହେଲେ, ସିଏ ମୋ' ପାଖକୁ ଆସୁଥିଲା। ଆମ୍ବ ଟିକିଏ ବଡ଼ବଡ଼ ହେଲାଠାରୁ ପାଚିବା ପର୍ଯ୍ୟନ୍ତ ପ୍ରାୟ ତିନି ମାସଯାଏ ଏଇ ଗଛମୂଳେ ପହ୍ଲାଟାଏ କରି ରହୁଥିଲା। ଏଇଠି ଖରା, ବର୍ଷା, କାକର ସହି ପଡ଼ିରହୁଥିଲା। ଖାଲି ଯାହା ଦିନରେ ଥରୁଟିଏ ନିତ୍ୟକର୍ମ ସାରି ଗାଧୋଇବାକୁ ପୋଖରୀ ପାଖକୁ ଯାଉଥିଲା। ତା' ଜଳଖିଆଠାରୁ ଆରମ୍ଭ କରି ଭାତ ତରକାରି ଯାଏ ତା' ନାତୁଣୀ ଦିହେଁ ଆଣି ଏଇ ପହ୍ଲାରେ ଦେଇଯାଉଥିଲେ। ବିଛା, ସାପ ଆଦିଙ୍କୁ ନ ଡରି, ମଶା ଡାଆଁଶଙ୍କୁ ନଡ଼ା ଜାଳି ଘଉଡ଼ାଇ, କିଛିକିଛି ତାଙ୍କ କାମୁଡ଼ା ବି ସହି କି ଦିନ କି ରାତି ଏଇଠି ପଡ଼ି ରହୁଥିଲା।

**ଶୁ:** ହେଲା ଯେ ଆଉ କ'ଣ କରିବା! ଜନମ-ମରଣ ପରା ଯିଏ ଦିନରାତି କରୁଚନ୍ତି ସେଇ ଠାକୁରଙ୍କ ହାତର କଥା।

**ଆ.ଗ:** ଫନି ବାତ୍ୟାରେ ମୋର ବଡ଼ବଡ଼ ଡାଳ କେତୋଟି ଭାଙ୍ଗିଯିବା ପରେ ମୁଁ ପଙ୍ଗୁ ହୋଇ ଯାଇଥିଲି। ସେ କେତେ ଥର ଏଇ ଗଛ ତଳକୁ ଆସି ଆହା, ଚୁ ଚୁ କରି ଯାଇଛି। ଗତ ସନ ମୋର କେତୋଟି ଡାଳ କଅଁଳ ପତର ମେଲିବା ପରେ ମୋ' ମନରେ ଆଶା ସଞ୍ଚରିଥିଲା। ହେଲେ ଗତ ସନ ପାରି ନ ଥିଲି। ଏ ସନ କିନ୍ତୁ ସେଇ ଡାଳଗୁଡ଼ିକରେ ବଉଳ ଭରିଯାଇଛି। ତେବେ ଏ ଫଳସବୁ ଉପୁଜାଇବି କାହା ପାଇଁ, କିଏ କରିବ ମୋ' ଫଳର ସେମିତିକା ଆଦର?

**ଶୁ:** ହଉ ହେଲା, ଅନ୍ୟମାନେ ଖାଇବେ, ତୁମର ପ୍ରଶଂସା କରିବେ। ତୁମ ଆମ୍ବ ତ ବେଶ୍ ରସାଳ ଆଉ ମିଠା।

**ଆ.ଗ:** ସେମାନେ କ'ଣ ରଖିବେ? କଷି ଧରିଲାବେଳୁ ଆରମ୍ଭ ହୋଇଯିବ ମୋ' ଉପରେ ଅତ୍ୟାଚାର। ଭାବିଥିଲି ଏ ସନର ଆମ୍ବ ବଉଳ ଦେଖି ବୁଢ଼ା ଖୁସି ହବ। ଯେମିତି ତା' ନାତି ମରିବା ସନ ମନ ମାରି ରହିଥିବା ବୁଢ଼ା ମୋ' ଗଛ ବଉଳିବା ଦେଖି ଖୁସି ହେଇଥିଲା। ହେଲେ ଏ ସନ ଆଉ ସେ ଆସିନି। ଆସିଲା କୋକେଇରେ ତା' ଶବ। ସେ ବର୍ଷ ଫନି ବାତ୍ୟାଟା ମୋର କେତୋଟି ଡାଳ ଭାଙ୍ଗିବା ବଦଳରେ ଯଦି ଅନ୍ୟ କେତୋଟି ଗଛ ଭଳି ମୋତେ ପୂରାପୂରି ଉପାଡ଼ି ଦେଇଥା'ନ୍ତା, ତା'ହେଲେ ଆଜି ଦେଖିବାକୁ ପଡ଼ି ନ ଥା'ନ୍ତା ଏ ଦିନ। ସହିବାକୁ ପଡ଼ି ନ ଥା'ନ୍ତା ବନ୍ଧୁ ବିଚ୍ଛେଦର ଦାରୁଣ ଦୁଃଖ।

**ଶୁ:** ଏମିତି ତ ହୁଏ। ଆଗ ପଛ ହୋଇ ଯିବାକୁ ପଡ଼େ। ତା'ଛଡ଼ା ବୟସ ବଢ଼ିବା ସଙ୍ଗେସଙ୍ଗେ ମାୟା ମମତାର ବନ୍ଧନ ସବୁ ତୁଟେଇବାକୁ, ଛିଣ୍ଡେଇବାକୁ ପଡ଼ିବ ପରା!

**ଆ.ଗ:** ଭାରି ସିହାଣିଆ ଭଳିଆ କଥା କହୁଚ। ତୁମେ ପରା ସବୁବେଳେ ଝୁରୁଚ ତୁମକୁ ଛାଡ଼ି ଯାଇଥିବା ବାପା ବୋଉ ଆଉ ଭାରିଯାଙ୍କୁ। ଏମାନେ ତ ତୁମ ନିଜ ଲୋକ। ସ୍କୁଲ୍‌ରେ ପଢୁଥିବାବେଳେ ଚାଲି ଯାଇଥିବା ତୁମ ସାଙ୍ଗ ବୈଷ୍ଣବକୁ ଏଯାଏ ଭୁଲିପାରିଚ?

**ଶୁ:** ସତକଥା ହେଉଚି ସେମାନଙ୍କୁ ଭୁଲି ପାରିନାହିଁ। ହେଲେ ଭୁଲିବାକୁ ଚେଷ୍ଟା କରିବି। ଛାଡ଼ ସେକଥା, ତୁମେ କ'ଣ କରିବ ବୋଲି ଭାବୁଚ?

**ଆ.ଗ:** ନା, ମୁଁ ଏ ଗଛରେ ଆଉ ଫଳ ଫଳେଇବିନି। ବାକିତକ ଦିନ ମୁଁ ମୋର ପରମ ମିତ୍ରକୁ ଝୁରିଝୁରି ବିତେଇଦେବି।

ସେତିକିବେଳେ ନିଦ ଭାଙ୍ଗି ଯାଇଥିଲା ଶୁଭକାନ୍ତର।

ଶୀତ ଲାଗୁଥିବାରୁ ଚାଦରଟା ଘୋଡ଼ି ହୋଇ ବାହାରିଲା ବାହାରକୁ। କୁହୁଡ଼ି ଘେରି ରହିଥିଲା ଚାରିଆଡ଼େ। ଅଦୂରର ସେଇ ଆମ୍ବଗଛଟା ଗୋଟାଏ ଝାପ୍‌ସା ଛାଇ ଭଳି ଦେଖାଯାଉଥିଲା। ମନକୁ ମନ ତା' ପାଟିରୁ ବାହାରି ପଡ଼ିଲା, 'ଆରେ ଆରେ ଏ କୁହୁଡ଼ି ତ ଏଥର ଆମ୍ବ ବଉଳତକ ପୋଡ଼ିଦବ!'

ମୋ: ୯୮୫୩୩୪୭୨୪୨



# ୧୦୦ ଦିନିଆ କାଉଣ୍ଟଡାଉନ୍ ଆରମ୍ଭ

ଟୋକିଓ, ୧୪।୪(ଏପି)

ଆଗାମୀ ଟୋକିଓ ଅଲିମ୍ପିକ୍ସର ୧୦୦ ଦିନିଆ କାଉଣ୍ଟ ଡାଉନ ବା ଅବଗଣନା ବୁଧବାର ଆରମ୍ଭ ହୋଇଛି। କୋଭିଡ୍-୧୯ ପାଇଁ ଏହି ମେଗା ଇଭେଣ୍ଟ ଗୋଟିଏ ବର୍ଷ ଘୁଞ୍ଚାଯାଇଥିଲେ ମଧ୍ୟ ଏହାର ଆୟୋଜନ ନେଇ ଅନିଶ୍ଚୟତା ଦୂର ହୋଇନି। ତେବେ ଏହାର ସଫଳ ଆୟୋଜନ ପାଇଁ ଆୟୋଜକମାନ ପ୍ରୟାସ ଜାରି ରଖିଛନ୍ତି। କୋଭିଡ୍-୧୯ ମାମଲା ବଢିବାରେ ଲାଗିଛି। ଏହି ମେଗା ଇଭେଣ୍ଟର ଆୟୋଜନକୁ ମଧ୍ୟ ଜାପାନରେ ଜନସାଧାରଣ ବିରୋଧ କରୁଛନ୍ତି। ପୁଣି ବହୁ ଦୁର୍ନୀତି ଓ ଅର୍ଥ ତୋସରପାତ ଅଭିଯୋଗ ମଧ୍ୟ ଆୟୋଜକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଭିନ୍ନ ସମସ୍ୟାରେ ଛନ୍ଦିହୋଇପଡିଛି ଅଲିମ୍ପିକ୍ସ। ଆୟୋଜକଙ୍କ ସମ୍ମୁଖରେ ବହୁ ସଂଖ୍ୟାରେ ପ୍ରତିବନ୍ଧକ ଓ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାସ୍ତ ହୋଇଥିଲେ ମଧ୍ୟ ୧୯୬୪ ଅଲିମ୍ପିକ୍ସକୁ ସଫଳ ଭାବେ ଆୟୋଜନ କରି ଜାପାନ ବିପର୍ଯ୍ୟୟରୁ ମୁକୁଳିଥିବାର ପ୍ରମାଣ ଦେଇଥିଲା। ଏଥର କିନ୍ତୁ କଥା ଅଲଗା ହୋଇଛି। ଜାପାନକୁ ସାରା ବିଶ୍ୱ କେଉଁ ନଜରରେ ଦେଖୁଛି ସେ ନେଇ ଅବଶ୍ୟ ସରକାର ଅବଗତ ରହିଛନ୍ତି। ଏବେ ଅଲିମ୍ପିକ ବାତିଲ ହେବା ସମ୍ଭାବନା ସୃଷ୍ଟି ହୋଇଛି ବୋଲି କେତେକ ମତ ଦେଇଛନ୍ତି। ଜୁଲାଇ ୨୩ରୁ ଅଲିମ୍ପିକ୍ସ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

ଅଲିମ୍ପିକ ଆୟୋଜନରେ ୧୫.୪ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ହେବ ବୋଲି ଆନୁଷ୍ଠାନିକ ଭାବେ ଆକଳନ କରାଯାଇଛି। କିନ୍ତୁ ଅଲିମ୍ପିକ ଆୟୋଜନରେ ଏହାର ଦୁଇଗୁଣା ଖର୍ଚ୍ଚ ହେବ ବୋଲି କେତେକ ସରକାରୀ ଅଡିଟ୍‌ରୁ ଜଣାପଡିଛି। ଅବଶ୍ୟ ପ୍ରସାରଣ ଅଧିକାର ଓ ପ୍ରାୟୋଜନ ବିକ୍ରିରୁ ୯୧ ପ୍ରତିଶତ ଅର୍ଥ ଉପାର୍ଜନ ହେବ ବୋଲି କୁହାଯାଇଛି।

## ବିଦେଶୀ ପର୍ଯ୍ୟଟକଙ୍କୁ ବାରଣ

ବିଦେଶରୁ ପର୍ଯ୍ୟଟକଙ୍କୁ ଜାପାନରେ ପ୍ରବେଶ କରିବାରୁ ବାରଣ କରାଯାଇଛି। ପର୍ଯ୍ୟଟନ ଏକପ୍ରକାର ବନ୍ଦହୋଇଛି ବୋଲି କୁହାଯାଇପାରେ। କୌଣସି ଜନ ସମାଗମକୁ ବାତିଲ କରାଯାଇଛି। ଆଥ୍‌ଲେଟଙ୍କୁ ଡେରିରେ ଆସିବା ଓ ଶୀଘ୍ର ଯିବାକୁ ସୂଚନା ଦିଆଯାଇଛି। ବିଭିନ୍ନ ସମସ୍ୟାରେ ଆୟୋଜକ ଓ ଅଲିମ୍ପିକ୍ସ ଛନ୍ଦି ହୋଇଯାଇଛନ୍ତି। ଟୋକିଓ ଅଲିମ୍ପିକ୍ସ ନେତୃତ୍ୱରେ ମହିଳାଙ୍କୁ ଅବହେଳା ନେଇ ବେଶ୍ ବିବାଦ ସୃଷ୍ଟି ହୋଇଥିଲା। ଲାଞ୍ଚ କାରବାର ଓ ଅସଫଳ ଯୋଜନା ଅଲିମ୍ପିକ୍ସ ଆୟୋଜନକୁ ପ୍ରଭାବିତ କରିଛି। ଜାପାନର ୮୦ ପ୍ରତିଶତ ଲୋକ ଅଲିମ୍ପିକ ବାତିଲ ହେଉ ବୋଲି ମତ ଦେଇଛନ୍ତି। ବିଭିନ୍ନ ପୁଲ୍‌ରୁ ଏହା ଜଣାପଡିଛି। ଏହାକୁ ବୈଜ୍ଞାନିକମାନେ ମଧ୍ୟ ବିରୋଧ କରିଛନ୍ତି। ପୁଣି ଜାପାନରେ ୧ ପ୍ରତିଶତରୁ କମ୍ ଲୋକେ ଟିକା ନେଇଛନ୍ତି। କରୋନା ମହାମାରୀ କାରଣରୁ ଜାପାନରେ ୯,୫୦୦ ମୃତ୍ୟୁବରଣ କରିଛନ୍ତି। କୋଭିଡ୍-୧୯ ମୁକାବିଲାରେ ଜାପାନ ଏସିଆରେ ପଛରେ ପଡିଛି ଓ ସଫଳ ହୋଇପାରିନାହିଁ। ୨୦୦ଟି ଦେଶରୁ ୧୫, ୪୦୦ ଅଲିମ୍ପିକ ଓ ପାରା ଅଲିମ୍ପିକ ଆଥ୍‌ଲେଟ ଜାପାନରେ ପ୍ରବେଶ କରିବେ। ପୁଣି ୧୦ ହଜାର ଅଫିସିଆଲ, ଜଜ୍, ଗଣମାଧ୍ୟମ ଓ ପ୍ରସାରଣ ପ୍ରତିନିଧି ମଧ୍ୟ ଜାପାନ ଆସିବେ। କରୋନା କାରଣରୁ ଅଲିମ୍ପିକ ମଶାଲ ରାଲି ମଧ୍ୟ ପ୍ରଭାବିତ ହୋଇଥିଲା। ରାଲି ଓସାକା ସହରର ସର୍ବସାଧାଣ ସଡକରେ ଆୟୋଜନ ନ ହୋଇ ପାର୍କରେ ସୀମିତ ଧାବକଙ୍କୁ ନେଇ ଆୟୋଜିତ ହୋଇଥିଲା। ଅଲିମ୍ପିକ ପାଇଁ କରୋନ ମୁକବିଲାରେ ସରକାର ପଛରେ ପଡିଛନ୍ତି ବୋଲି କେତେକ ଅଭିଯୋଗ କରିଛନ୍ତି।

ବର୍ଷେ ତଳେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଓ ଜାପାନ ସରକାର ମିଳିତ ଭାବେ ଅଲିମ୍ପିକ୍ସକୁ ବାତିଲ ନ କରି ଗୋଟିଏ ବର୍ଷ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। ବିଭିନ୍ନ ସମସ୍ୟା ସତ୍ତ୍ୱେ ଅଲିମ୍ପିକ ସଫଳତାର ସହ ଆୟୋଜନ ହେବ ବୋଲି ପ୍ରଧାନମନ୍ତ୍ରୀ ୟୋସିହିଡେ ସୁଗା ଆଶାପ୍ରକାଶ କରି କହିଛନ୍ତି। ଅଲିମ୍ପିକ ଉପରେ ତାଙ୍କ ପଦ ନିର୍ଭର କରୁଛି। ମହାମାରୀ ସତ୍ତ୍ୱେ ଅଲିମ୍ପିକ ପାଇଁ ଟୋକିଓର ପ୍ରସ୍ତୁତି ଶ୍ରେଷ୍ଠ ବୋଲି ଆଇଓସି ଅଧ୍ୟକ୍ଷ ଥୋମାସ ବାକ ବାରମ୍ବାର କହି ଆସୁଛନ୍ତି। ତେବେ ଅଲିମ୍ପିକ ଆୟୋଜନ ସଫଳ ହେଉଛି କି ନା ତାହା ଦେଖିବାକୁ ବାକି ରହିଲା।

# 'ଟୋକିଓରେ ଭାରତ ପଦକ ୨ ଅଙ୍କ ଛୁଇଁବ'

ନୂଆଦିଲ୍ଲୀ, ୧୪।୪(ପି.ଟି.)

ଟୋକିଓ ଅଲିମ୍ପିକ୍ସର ୧୦୦ ଦିନିଆ ଅବଗଣନା ଆରମ୍ଭ ହୋଇଥିବାବେଳେ ଏହି କ୍ରୀଡ଼ା ମହାକୁମ୍ଭରେ ଭାରତ ପଦକ ସଂଖ୍ୟା ଦୁଇଅଙ୍କ ଛୁଇଁବ ବୋଲି ଆଶା ରଖିଛନ୍ତି କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଦେଶର ଆଥ୍‌ଲେଟଙ୍କୁ ସରକାର ଯଥାସମ୍ଭବ ସହଯୋଗ କରୁଛନ୍ତି। ଏବେ ଆଗାମୀ ଗେମ୍ସକୁ ସ୍ମରଣୀୟ କରିବା ସେମାନଙ୍କ ଦାୟିତ୍ୱ ବୋଲି ରିଜିଜୁ କହିଛନ୍ତି। ''ଆଗାମୀ ଅଲିମ୍ପିକ୍ସକୁ ଆମେ ସ୍ମରଣୀୟ କରିବାକୁ ଚାହୁଁ। ଭାରତ ପାଇଁ ଏହା ଯେପରି ସବୁଠାରୁ ଖୁସିପ୍ରଦ ହେବ ସେ ଦିଗରେ ଆଥ୍‌ଲେଟମାନେ ଧ୍ୟାନଦେବା ଜରୁରୀ'' ବୋଲି ସେ ପ୍ରକାଶ କରିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଅଲିମ୍ପିକ୍ସ ଯୋଗ୍ୟତା ହାସଲକାରୀ ଏବଂ କ୍ୱାଲିଫାଇଂ ଇଭେଣ୍ଟ ଖେଳିବାକୁ ଯାଉଥିବା ଆଥ୍‌ଲେଟଙ୍କୁ ସବୁପ୍ରକାର ସହଯୋଗ କରାଯାଉଛି। ଆଥ୍‌ଲେଟଙ୍କ ସବୁ ଆବଶ୍ୟକତାକୁ ପୂରଣ କରିବା ଆମ କାମ ବୋଲି ଟୋକିଓ ଗେମ୍ସ ୧୦୦ ଦିନିକିଆ ଅବଗଣନା ଅବସରରେ ଆୟୋଜିତ ଭର୍ଚୁଆଲ ୱେବିନାରରେ ଯୋଗଦେଇ ରିଜିଜୁ ଏହା କହିଛନ୍ତି। ଚଳିତ ବର୍ଷ ଜୁଲାଇ ୨୩ରେ ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବ। ''ଆମେ ତୁମ ପାଇଁ ସବୁକିଛି କରୁଛୁ। ତୁମେ ପଦକ ସଂଖ୍ୟାକୁ ଦୁଇଅଙ୍କରେ ପହଞ୍ଚାଇବା ଲକ୍ଷ୍ୟରେ ଅଗ୍ରସର ହୁଅ'' ବୋଲି ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ଭାରତୀୟ ଆଥ୍‌ଲେଟଙ୍କ ଉଦ୍ଦେଶ୍ୟରେ ରିଜିଜୁ କହିଛନ୍ତି। ଆଗକୁ ଅନେକ ଚ୍ୟାଲେଞ୍ଜ ଅଛି। ଯଦି କୌଣସି ଦଳର ଜଣେ ଆଥଲେଟ୍ କୋଭିଡ୍ ପଜିଟିଭ ହୁଅନ୍ତି ତେବେ ତାହା ସମଗ୍ର ଦଳର ପ୍ରଦର୍ଶନ ଉପରେ ପ୍ରଭାବ ପକାଇବ। ତେଣୁ ଆମକୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ହେବ। ଆମେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ଏବଂ ନ୍ୟାଶନାଲ ସ୍ପୋର୍ଟ୍ସ ଫେଡେରେଶନର ପ୍ରୋଟୋକଲଙ୍କୁ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ ବୋଲି ରିଜିଜୁ ପ୍ରକାଶ କରିଛନ୍ତି। ଏହି ୱେବିନାରରେ କେନ୍ଦ୍ର କ୍ରୀଡ଼ା ସଚିବ ରବି ମିତ୍ତଲ, ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ନରିନ୍ଦର ବାତ୍ରା ଏବଂ ମହାସଚିବ ରାଜୀବ ମେହେଟା ଭାଗ ନେଇଥିଲେ।




ୱେବିନାରରେ ଭାଗନେଇଥିବା କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଓ ଅନ୍ୟମାନେ।

# ବାବରଙ୍କ ଶତକ: ପାକିସ୍ତାନର ସହଜ ବିଜୟ

ସେଞ୍ଚୁରିୟନ, ୧୪।୪

ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ୯ ଉଇକେଟରେ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଏହି ହାଇସ୍କୋରିଂ ମୁକାବିଲାରେ ଅଧିନାୟକ ବାବର ଆଜମଙ୍କ ଦ୍ରୁତ ଶତକ ସହାୟତାରେ ପାକିସ୍ତାନ ମ୍ୟାଚ୍ ହାତେଇ ନେଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ଜବରଦସ୍ତ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ୧୮ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୨୦୫ ରନକରି ବାଜି ମାରିଛି। ଏଥିସହିତ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ପାକିସ୍ତାନ ୨-୧ରେ ଅଗ୍ରଣୀ ହାସଲ କରିଛି। ବାବର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।


ମହମ୍ମଦ ରିଜୱାନ ଓ ବାବର ଆଜମ।

୨୦୪ ରନର କଷ୍ଟସାଧ ଟାର୍ଗେଟର ପିଛା କରି ପାକିସ୍ତାନର ଦୁଇ ଓପନର ବାବର ଆଜମ ଓ କିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ ପ୍ରଥମ ଉଇକେଟରେ ୧୯୭ ରନ ସଂଗ୍ରହ କରି ବିଜୟକୁ ସହଜ କରିଥିଲେ। ବାବର ୫୯ ବଲରୁ ୧୫ ଚୌକା ଓ ୪ ଛକା ସହ ୧୨୨ ରନର ଶତକୀୟ ପାଳି ଖେଳି ଲିଜାଡ ୱିଲିୟମ୍ସଙ୍କ ବଲ୍‌ରେ ଉଇକେଟକିପର ହେନେରିଚ କ୍ଲାସେନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏଥିସହ ବାବର କ୍ୟାରିୟରର ପ୍ରଥମ ଟି୨୦ ଶତକ ହାସଲ କରିଛନ୍ତି। ରିଜୱାନ ୭୩ (୪୭ ବଲ, ୫ ଚୌକା, ୨ ଛକା) ଓ ଫଖର ଜମାନ ୮ ରନକରି ଅପରାଜିତ ରହିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ତରଫରୁ ଓପନର ଜାନେମନ ମଲାନ ୫୫, ଏଡେନ ମାରକ୍ରାମ ୬୩ ରନ (୬ ଚୌକା, ୪ ଛକା), ଜର୍ଜ ଲିଣ୍ଡେ ୨୨, କ୍ଲାସେନ ୧୫, ଆଣ୍ଡିଲ ଫେଲୁକ୍ୱାୟୋ ୧୧ ରନକରି ଆଉଟ ହୋଇଥିବା ବେଳେ ରାସି ଭାନ ଡେର ଡୁସେନ ୩୪ ରନ କରି ଅପରାଜିତ ରହିଥିଲେ। ପାକିସ୍ତାନ ତରଫରୁ ବୋଲିଂରେ ମହମ୍ମଦ ନୱାଜ ୨, ଶାହିନ ଶାହା ଆଫ୍ରିଦି, ହାସନ ଅଲି ଓ ଫହିମ ଆଶ୍ରଫ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୨୦୩/୫ (ମାରକ୍ରାମ- ୬୩, ମଲାନ- ୫୫, ଡୁସେନ- ୩୪*, ନୱାଜ- ୨/୩୮, ଆଫ୍ରିଦି- ୧/୩୯, ହାସନ- ୧/୪୭, ଆଶ୍ରଫ- ୧/୩୭)। ପାକିସ୍ତାନ ୧୮ ଓଭରରେ ୨୦୫ (ବାବର- ୧୨୨, ରିଜୱାନ- ୭୩*)।

## ନର୍ଜେଙ୍କୁ କରୋନା

**ନୂଆଦିଲ୍ଲୀ, ୧୪।୪:** ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଆରମ୍ଭ ହୋଇ ଯାଇଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ପେସ୍ ବୋଲର ଏନରିଚ୍ ନର୍ଜେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ଫଳରେ ରିଷଭ ପନ୍ତଙ୍କ ଦଳକୁ ଏହା ଶକ୍ତ ଧକ୍କା ପହଞ୍ଚାଇଛି। ଏହି ଦ୍ରୁତ ବୋଲର ଦକ୍ଷିଣ ଆଫ୍ରିକାରୁ ନେଗେଟିଭ୍ ରିପୋର୍ଟ ଧରି ଆସିବା ପରେ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ମାତ୍ର ବୁଧବାର ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଅନୁସାରେ ପଜିଟିଭ ଆସୁଥିବା ଖେଳାଳି ବାୟୋ ବବ୍‌ଲ ବାହାରେ ଅତିକମ୍‌ରେ ୧୦ ଦିନ ଆଇସୋଲେଶନରେ ରହିବେ। ତା' ପରେ ତାଙ୍କର ଆରଟି-ପିସିଆର ପରୀକ୍ଷା ହେବ।

## ଶୀର୍ଷକୁ ଉଠିଲେ ବାବର

ଦୁବାଇ, ୧୪।୪(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ରାଜୁତି ଶେଷ ହୋଇଛି। ବ୍ୟାଟିଂ ତାଲିକାରେ ଦୀର୍ଘଦିନ ଧରି ନିଜର ଶ୍ରେଷ୍ଠତ୍ୱ ଜାରି ରଖିଆସିଥିବା କୋହଲିଙ୍କ ପତିଆରା କ୍ଷୁଣ୍ଣ ହୋଇଛି। ପାକିସ୍ତାନ ତାରକା ବ୍ୟାଟ୍ସମ୍ୟାନ ବାବର ଆଜମ କୋହଲିଙ୍କୁ ପଛରେ ପକାଇ ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ପାକିସ୍ତାନର ଚତୁର୍ଥ ବ୍ୟାଟ୍ସମ୍ୟାନ ଭାବେ ବାବର ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ କରିଛନ୍ତି।

ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ୨୬ ବର୍ଷୀୟ ବାବର ୮୨ ବଲରୁ ୯୪ ରନ ସଂଗ୍ରହ କରି ୧୩ ରେଟିଂ ପଏଣ୍ଟ ହାସଲ କରିବା ସହ ମୋଟ ୮୬୫ ପଏଣ୍ଟ ହାସଲ କରିଛନ୍ତି। ସେ କୋହଲିଙ୍କଠାରୁ ୮ ପଏଣ୍ଟ ଅଧିକ ପାଇ ଶୀର୍ଷ ସ୍ଥାନରେ ରହିଛନ୍ତି ବୋଲି ଆଇସିସି ତରଫରୁ କୁହାଯାଇଛି। ୨୦୧୦ ଓ ୨୦୨୧ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବାବର ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୫ ପରଠାରୁ ସେ ପାକିସ୍ତାନ ପାଇଁ ଦିନିକିଆ ଖେଳି ଆସୁଛନ୍ତି। ୮୩୭ ପଏଣ୍ଟରୁ ସେ ଦକ୍ଷିଣ ଆଫ୍ରିକା ସିରିଜ ଖେଳିବା ଆରମ୍ଭ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ସେ ୧୦୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଦ୍ୱିତୀୟ ଦିନିକିଆରେ ସେ ୩୨ ରନ ସଂଗ୍ରହ କରିଥିଲେ।

ଜାହିର ଆବାସ (୧୯୮୩- ୮୪), ଜାଭେଦ ମିଆଁଦାଦ (୧୯୮୮- ୮୯) ଓ ମହମ୍ମଦ ୟୁସୁଫ (୨୦୦୩)ଙ୍କ ପରେ ପାକିସ୍ତାନର ଚତୁର୍ଥ ବ୍ୟାଟ୍ସମ୍ୟାନ ଭାବେ ବାବର ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

# ଆଚରଣ ବିଧି ଉଲ୍ଲଂଘନ କରି ଷ୍ଟ୍ରିକ୍ ବାସନ୍ଦ

ଦୁବାଇ, ୧୪।୪(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଆଚରଣ ବିଧି ଉଲ୍ଲଂଘନ କରି ପୂର୍ବତନ ଜିମ୍ବାୱେ କ୍ରିକେଟ ହିଥ୍ ଷ୍ଟ୍ରିକ୍ ୮ ବର୍ଷ ବାସନ୍ଦ ହୋଇଛନ୍ତି। ସେ ସବୁପ୍ରକାର କ୍ରିକେଟରୁ ବାସନ୍ଦ ହୋଇଛନ୍ତି। ଆଇସିସି ଦୁର୍ନୀତି ନିବାରଣ ବିଭାଗର ୫ଟି ଅଭିଯୋଗକୁ ସ୍ୱୀକାର କରିବା ପରେ ଆଇସିସି ଏହି କଡ଼ା ପଦକ୍ଷେପ ଗ୍ରହଣ କରିଛି। ଇଣ୍ଡିଆନ


ହିଥ୍ ଷ୍ଟ୍ରିକ୍

ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ଅନ୍ୟ କେତୋଟି ଶୃଙ୍ଖଳାରେ ମ୍ୟାଚ୍ ଅବସରରେ ସେ ଭିତରର ସୂଚନାକୁ ବାହାରେ ପ୍ରକାଶ କରିବା ସହ ଦୁର୍ନୀତି ପାଇଁ ଦିଆଯାଉଥିବା ପ୍ରସ୍ତାବକୁ ସେ ସ୍ୱାଗତ କରିବା ସହ ପ୍ରୋତ୍ସାହିତ କରୁଥିଲେ।

ଜିମ୍ବାୱେର ଅନ୍ୟତମ ଶ୍ରେଷ୍ଠ ଦ୍ରୁତ ବୋଲର ବିବେଚିତ ହେଉଥିବା ଷ୍ଟ୍ରିକ୍ ୨୦୧୭ ଓ ୨୦୧୮ ମଧ୍ୟରେ ଜିମ୍ବାୱେରେ ଖେଳାଯାଇଥିବା ମ୍ୟାଚ୍‌ଗୁଡିକରେ କୋଚ୍ ଥିଲେ। ଓ ଏହି ମ୍ୟାଚ୍‌ଗୁଡିକ ନେଇ ସେ ତଦନ୍ତର ସମ୍ମୁଖୀନ ହୋଇଥିଲେ। ଜିମ୍ବାୱେ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ନେଇ ୨୦୧୮ରେ ଖେଳାଯାଇଥିବା ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା, ୨୦୧୮ରେ ଅନୁଷ୍ଠିତ ଜିମ୍ବାୱେ- ଆଫଗାନିସ୍ତାନ ସିରିଜ, ୨୦୧୮ ଆଇପିଏଲ୍, ୨୦୧୮ ଆଫଗାନିସ୍ତାନ (ଏପିଏଲ୍) ଅବସରରେ ମ୍ୟାଚ୍ ସମ୍ପର୍କିତ ଭିତରର ତଥ୍ୟ ଓ ସୂଚନା ସନ୍ଦିଗ୍ଧ ଭାରତୀୟ ବୁକିଙ୍କୁ ପ୍ରଦାନ କରିଥିଲେ ବୋଲି ଆଇସିସି କହିଛି। ସେ ୨୦୧୮ରେ କୋଲକାତା ନାଇଟ ରାଇଡର୍ସର ବୋଲିଂ କୋଚ୍ ରୂପେ ଦାୟିତ୍ୱ ତୁଲାଇଥିଲେ। ତେବେ ଷ୍ଟ୍ରିକ୍‌ଙ୍କ ଏହି ଆଚରଣ କୌଣସି ମ୍ୟାଚ୍‌ର ଫଳାଫଳକୁ ପ୍ରଭାବିତ କରି ନ ଥିଲା ବୋଲି ଆଇସିସି ସ୍ପଷ୍ଟ କରିଛି।

ଜଣେ ପୂର୍ବତନ ଅଧିନାୟକ ଓ କୋଚ୍ ହୋଇଥିଲେ ମଧ୍ୟ ଷ୍ଟ୍ରିକ୍ ଆଚରଣ ବିଧି ଉଲ୍ଲଂଘନ କରିଥିଲେ। ସେ ଜଣେ ଅଭିଜ୍ଞ ଅନ୍ତର୍ଜାତୀୟ କ୍ରିକେଟର ଥିଲେ। ବିଭିନ୍ନ ପଦ ପଦବୀରେ ଥାଇ ମଧ୍ୟ ସେ ନିୟମ ଉଲ୍ଲଂଘନ କରିଥିଲେ ବୋଲି ଆଇସିସି ଜେନେରାଲ ମ୍ୟାନେଜର ଆଲେକ୍ସ ମାର୍ଶାଲ କହିଛନ୍ତି। ସେ ମଧ୍ୟ ତଦନ୍ତକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। କେତେକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ସହିତ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ ଆଇପିଏଲ୍, ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ଓ ଆଫଗାନିସ୍ତାନ ପ୍ରିମିୟର ଲିଗ୍‌ର କେତୋଟି ମ୍ୟାଚ୍‌ରେ ଆଚରଣ ବିଧି ଉଲ୍ଲଂଘନ କରିଥିଲେ। କେତୋଟି ଅଭିଯୋଗକୁ ଷ୍ଟ୍ରିକ୍ ସ୍ୱୀକାର କରିଛନ୍ତି ଓ ବାସନ୍ଦାଦେଶକୁ ଗ୍ରହଣ କରିଛନ୍ତି। ସେ ୨୦୨୯ ମାର୍ଚ୍ଚ ୨୮ରେ ପୁଣି ଥରେ କ୍ରିକେଟ ଦୁନିଆକୁ ପ୍ରତ୍ୟାବର୍ତ୍ତନ କରିବେ।

# ରାଜସ୍ଥାନ-ଦିଲ୍ଲୀ ମୁକାବିଲା ଆଜି

ମୁମ୍ବାଇ, ୧୪।୪(ପି.ଟି.)

ସଞ୍ଜୁ ସାମ୍‌ସନଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ପ୍ରଥମ ମ୍ୟାଚ୍‌ର ପରାଜୟକୁ ଭୁଲି ଦ୍ୱିତୀୟ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବାକୁ ଯାଉଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଗୁରୁବାର ଖେଳାଯିବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଏହି ସପ୍ତମ ମ୍ୟାଚ୍ ସାମ୍‌ସନଙ୍କ ସମେତ ରାଜସ୍ଥାନ ଦଳ ପାଇଁ ପରୀକ୍ଷା ସୃଷ୍ଟି କରିଛି। ପଞ୍ଜାବ କିଙ୍ଗ୍ସ ବିପକ୍ଷ ହାଇସ୍କୋରିଂ ପ୍ରଥମ ମ୍ୟାଚ୍‌ରେ ସାମ୍‌ସନଙ୍କ ଧୂଆଁଧାର ଶତକ ସତ୍ତ୍ୱେ ରାଜସ୍ଥାନ ମାତ୍ର ୪ ରନରେ ପରାସ୍ତ ହୋଇଥିଲା। ଅନ୍ୟପଟେ ରିଷଭ ପନ୍ତଙ୍କ ଦିଲ୍ଲୀ ପ୍ରଥମ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପରକିଙ୍ଗ୍ସକୁ ୮ଟି ବଲ୍ ବାକି ରଖି ୭ ଉଇକେଟରେ ସହଜରେ ପରାସ୍ତ କରିଥିଲା। ଫଳରେ ଦିଲ୍ଲୀର ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଛି। ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଇଞ୍ଜୁରି କାରଣରୁ ଆଇପିଏଲ୍‌ରୁ ବାଦ୍ ପଡିଛନ୍ତି। ଏହା ରାଜସ୍ଥାନ ପାଇଁ ସବୁଠାରୁ ବଡ଼ ଝଟକା ସାବ୍ୟସ୍ତ ହୋଇଛି। ଫଳରେ ରାଜସ୍ଥାନର ସମସ୍ୟା ଦ୍ୱିଗୁଣିତ ହୋଇଛି।

ପଞ୍ଜାବ ବିପକ୍ଷରେ ୨୨୨ ରନର ଟାର୍ଗେଟର ପିଛା କରି ରାଜସ୍ଥାନ ଅଳ୍ପକେ ବିଜୟ ହାତଛଡା କରିଥିଲା। ସାମ୍‌ସନ ୬୩ ବଲରୁ ୧୨ ଚୌକା ଓ ୭ ଛକା ସହ ୧୧୯ ରନର ଲଢୁଆ ଶତକୀୟ ପାଳି ଖେଳିଥିଲେ। ଶେଷ ବଲ୍‌ରେ ବିଜୟ ପାଇଁ ୫ ରନ ଆବଶ୍ୟକ ହେଉଥିବା ବେଳେ ସାମ୍‌ସନ ଆଉଟ ହେବା ଫଳରେ ଦଳ ପରାଜୟ ବରଣ କରିଥିଲା। ଏକା ଲଢେଇ କରି ଦଳକୁ ବିଜୟ ଦ୍ୱାର ନିକଟରେ ପହଞ୍ଚାଇଥିଲେ ମଧ୍ୟ ଏହି ପରାଜୟ ସାମ୍‌ସନଙ୍କୁ ନିରାଶ କରିଥିଲା। ପୁଣି ଅଙ୍ଗୁଳି ଭାଙ୍ଗିଥିବା କାରଣରୁ ଓଭରସିଜ୍ ଷ୍ଟାର ବେନ୍ ଷ୍ଟୋକ୍ସ ଦଳରୁ ବାଦ୍ ପଡିବା ମଧ୍ୟ ରାଜସ୍ଥାନ ଦଳକୁ ନିରାଶ କରିଛି। ଷ୍ଟୋକ୍ସଙ୍କ ଅନୁପସ୍ଥିତି ଜୋସ ବଟଲର, ଶିବମ୍ ଦୁବେ ଓ ରିୟାନ ପରାଗ ଭଳି ଖେଳାଳିଙ୍କୁ ଭଲ ଖେଳିବା ପାଇଁ ଚାପ ସୃଷ୍ଟି କରିବ। ମନନ ଭୋରା, ବଟଲର, ଦୁବେ, ପରାଗ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର ହାସଲ କରିପାରି ନ ଥିଲେ ଓ ସାମ୍‌ସନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିପାରି ନ ଥିଲେ। ରାଜସ୍ଥାନର ବୋଲିଂ ବିଭାଗ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ବୋଲିଂର ଦୁର୍ବଳତା ପଦାରେ ପଡିଥିଲା। ପଦାର୍ପଣରେ ଚେତନ ସାକାରିଆ ୩୧ ରନ ଦେଇ ୩ ଉଇକେଟ ନେଇଥିଲେ। ତେବେ ଅନ୍ୟ ବୋଲରମାନେ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ମୁସ୍ତାଫିଜୁର ରହମାନ, କ୍ରିସ ମୋରିସ୍, ଷ୍ଟୋକ୍ସ, ଶ୍ରେୟାସ ଗୋପାଲ, ରାହୁଲ ଟେୱାଟିଆ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଆଗାମୀ ଖେଳରେ ରାଜସ୍ଥାନ ବୋଲରମାନଙ୍କୁ କଞ୍ଜୁସ ବୋଲିଂ କରିବାକୁ ହେବ।



ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନ୍ ଓ ନିର୍ଦ୍ଦେଶକ କୁମାର ସଙ୍ଗକାରା ଆଲୋଚନାରତ। ମାର୍କସ୍ ଷ୍ଟୋନିସ୍‌ଙ୍କ ଅଭ୍ୟାସ।

ଅପରପକ୍ଷରେ ଗତ ସଂସ୍କରଣର ରନର୍ସଅପ୍ ଦିଲ୍ଲୀ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା ଓ ୩ ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇଥିଲା। ଟସ୍ ହାରି ଚେନ୍ନାଇ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୮୮ ରନ ସଂଗ୍ରହ କରିଥିଲା। ତେବେ ଦିଲ୍ଲୀର ଓପନିଂ ଯୋଡି ଅଭିଜ୍ଞ ଶିଖର ଧାୱନ ଓ ପୃଥ୍ୱୀ ଶ ପ୍ରଥମ ଉଇକେଟରେ ୧୩୮ ରନ ସଂଗ୍ରହ କରି ଦଳର ବିଜୟକୁ ସହଜ କରିଥିଲେ। ଧାୱନ ୫୪ ବଲରୁ ୮୫ ଓ ପୃଥ୍ୱୀ ୩୮ ବଲରୁ ୭୨ ରନ ସଂଗ୍ରହ କରିଥିଲେ। ଅଧିନାୟକ ପନ୍ତ ୧୫ ଓ ମାର୍କସ ଷ୍ଟୋଇନିସ ୧୪ ରନ କରି ଅପରାଜିତ ରହି ଦଳକୁ ଅତି ସହଜରେ ଜିତାଇଥିଲେ। ବୋଲିଂରେ କ୍ରିସ୍ ମୋରିସ ଓ ଆଭେସ ଖାଁ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ତେବେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ଟମ୍ କୁରାନ, ଅମିତ ମିଶ୍ରା ଓ ଷ୍ଟୋଇନିସ୍ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଏହି ମ୍ୟାଚ୍‌ରେ ଦିଲ୍ଲୀର ବୋଲରମାନ ତ୍ରୁଟି ସୁଧାରିବାକୁ ପ୍ରୟାସ କରିବେ। ଦୁଇ ପ୍ରତିଭାସମ୍ପନ୍ନ କିପର- ବ୍ୟାଟ୍ସମ୍ୟାନ ତଥା ନୂଆ ଅଧିନାୟକ ପନ୍ତ ଓ ସାମ୍‌ସନଙ୍କ ମଧ୍ୟରେ ଗୁରୁବାର ଏକ ରୋମାଞ୍ଚକ ଲଢେଇ ଦେଖିବାକୁ ମିଳିବ।

**ରାଜସ୍ଥାନ ରୟାଲ୍ସ ଦଳ:** ସଞ୍ଜୁ ସାମ୍‌ସନ (ଅଧିନାୟକ), ଜୋଶ ବଟଲର (ଉଇକେଟକିପର), ବେନ୍ ଷ୍ଟୋକ୍ସ, ଯଶସ୍ୱୀ ଜୟସ୍ୱାଲ, ମନନ ଭୋରା, ଅନୁଜ ରାୱତ, ରିୟାନ ପରାଗ, ଡେଭିଡ୍ ମିଲର, ରାହୁଲ ଟେୱାଟିଆ, ମହିପାଲ ଲୋମରର, ଶ୍ରେୟାସ ଗୋପାଲ, ମୟଙ୍କ ମାର୍କଣ୍ଡେ, ଜୋଫ୍ରା ଆର୍ଚର, ଆଣ୍ଡ୍ର୍ୟୁ ଟାଏ, ଜୟଦେବ ଉନାଡକଟ, କାର୍ତ୍ତିକ ତ୍ୟାଗୀ, ଶିବମ ଦୁବେ, କ୍ରିସ୍ ମୋରିସ, ମୁସ୍ତାଫିଜୁର ରହମାନ, ଚେତନ ସାକାରିୟା, କେଜି କାରିଆପ୍ପା, ଲିଆମ ଲିଭିଂଷ୍ଟୋନ୍, କୁଲଦୀପ ଯାଦବ ଓ ଆକାଶ ସିଂ।

**ଦିଲ୍ଲୀ ଦଳ:** ରିଷଭ ପନ୍ତ (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଅଜିଙ୍କ୍ୟ ରାହାନେ, ଶିମରନ ହେଟମେୟର, ମାର୍କସ ଷ୍ଟୋଇନିସ୍, କ୍ରିସ୍ ୱୋକ୍ସ, ଆର. ଅଶ୍ୱିନ, ଅକ୍ଷର ପଟେଲ, ଅମିତ ମିଶ୍ରା, ଲଳିତ ଯାଦବ, ପ୍ରବୀଣ ଦୁବେ, କାଗିସୋ ରାବାଡ଼ା, ଅନରିଚ ନୋର୍ଜେ, ଈଶାନ୍ତ ଶର୍ମା, ଆଭେସ ଖାଁ, ଷ୍ଟିଭ ସ୍ମିଥ୍, ଉମେଶ ଯାଦବ, ରିପଲ ପଟେଲ, ବିଷ୍ଣୁ ବିନୋଦ, ଲୁକମ୍ୟାନ ମେରିୱାଲା, ଏମ. ସିଦ୍ଧାର୍ଥ, ଟମ୍ କୁରନ ଓ ସାମ ବିଲିଙ୍ଗ୍ସ।

**ଆଜିର ମ୍ୟାଚ**

**ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**



ପ୍ରସାରଣ
ସ୍ଥାନ : ମୁମ୍ବାଇ
ସମୟ : ସନ୍ଧ୍ୟା ୭.୩୦
ଷ୍ଟାର ସ୍ପୋର୍ଟ୍ସ



ଅଭିନେତ୍ରୀ ମଲାଇକା ଅରୋରା ଚର୍ଚ୍ଚାରେ। କାରଣଟି ହେଲା ତାଙ୍କର କିଛି ଫଟୋ। ଏବେ ସେ ଏଭଳି ଦୁଇଟି ଫଟୋ ଛାଡ଼ିଛନ୍ତି, ଯାହାକୁ ଦେଖି ପ୍ରଶଂସକମାନେ ସେ ନିର୍ବନ୍ଧ କରିନେଇଥିବା ଅନୁମାନ କରୁଛନ୍ତି। ଗୋଟିଏ ଫଟୋରେ ସେ ନଜର ଆସୁଥିବା ବେଳେ ଅନ୍ୟଟିରେ କେବଳ ତାଙ୍କ ହାତ ଦେଖାଯାଉଛି। ହାତରେ ସେ ହୀରାର ମୁଦି ମଧ ପିନ୍ଧିଛନ୍ତି। ଅର୍ଜୁନ କପୁରଙ୍କ ସହ ନିର୍ବନ୍ଧ ସରିଲା କି ବୋଲି ଅନେକ ପ୍ରଶ୍ନ କରୁଛନ୍ତି। ହେଲେ ଖବର ନେବାରୁ ଏହା ଭୁଲ ବୋଲି ଜଣାପଡ଼ିଛି। ଏକ ବ୍ରାଣ୍ଡର ପ୍ରମୋଶନ ପାଇଁ ମଲାଇକା ଏହି ମୁଦି ପିନ୍ଧିଛନ୍ତି। ସ୍ୱାମୀ ଅରବାଜଙ୍କଠାରୁ ଅଲଗା ହେବା ପରେ ଅର୍ଜୁନଙ୍କୁ ଡେଟ କରୁଛନ୍ତି ମଲାଇକା।

# ସୁପାରି ୫୫ ଲକ୍ଷ

**କୋଟିପତି କିନ୍ନରଙ୍କ ହାଇପ୍ରୋଫାଇଲ ମର୍ଡର। ହତ୍ୟା ପାଇଁ ବଛା ଯାଇଥିଲେ ସୁପାରି କିଲର। କୋଟିଏରୁ କଥା ଛିଣ୍ଡିଥିଲା ୫୫ ଲକ୍ଷରେ। କିନ୍ନର ଗୋଷ୍ଠୀ ବିବାଦ, ଉତ୍ତରାଧିକାରୀ ବଛା ସହ ପତିଆରା ସୃଷ୍ଟି ଥିଲା ମୂଳ କାରଣ। ୭ ମାସ ତଳେ କିନ୍ନର ଏକତା ଜୋଷୀଙ୍କୁ ଗୁଳି କରି ଫେରାର ହୋଇଯାଇଥିଲେ ମାଷ୍ଟରମାଇଣ୍ଡ। ପୋଲିସ ହାତରେ ଧରା ପଡ଼ିଛନ୍ତି ମୁଖ୍ୟ ଅଭିଯୁକ୍ତଙ୍କ ସହ ଜଣେ ସହଯୋଗୀ। ମାଷ୍ଟରମାଇଣ୍ଡଙ୍କ ବୟାନରୁ କିନ୍ନର ଦୁନିଆର ଏପରି ସତ ସାମ୍ନାକୁ ଆଣିଛି, ଯାହା ପୂର୍ବରୁ କେହି ଚିନ୍ତା କରି ନ ଥିବେ।**





**ନୂଆଦିଲ୍ଲୀ:** ୨୦୨୦ ସେପ୍ଟେମ୍ବର ୫ ତାରିଖ ରାତିରେ କିନ୍ନର ଏକତା ଜୋଷୀ ଦିଲ୍ଲୀର ଏକ ଦୋକାନରୁ ଶପିଂ ସାରି ଫେରୁଥିବାବେଳେ ଏକ ଧଳା ସ୍କୁଟିରେ ଆସିଥିବା ୨ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଏଥିରେ ଏକତାଙ୍କ ମୃତ୍ୟୁ ଘଟିଥିଲା। ଜଣେ ହାଇପ୍ରୋଫାଇଲ କିନ୍ନରଙ୍କ ହତ୍ୟାକାଣ୍ଡ ସେତେବେଳେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ଫେରାର ମାଷ୍ଟରମାଇଣ୍ଡ ଗଗନ ଭରଦ୍ୱାଜ (୩୩)ଙ୍କୁ ଗିରଫ ପାଇଁ ୧ ଲକ୍ଷ ଓ ସହଯୋଗୀ ବରୁଣ(୧୯)ଙ୍କ ପାଇଁ ୫୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲା ପୋଲିସ। ସୁପାରିକିଲର ଗଗନ ଓ ବରୁଣ ଏକ ସ୍କର୍ପିଓରେ ନିରଙ୍କରୀ ସମାଗମକୁ ଯିବା ପାଇଁ ବାହାରିଥିବା ନେଇ ପୋଲିସ ଖବର ପାଇବା ପରେ ଉଭୟଙ୍କୁ ସୋମବାର ଗିରଫ କରିବାରେ ସଫଳ ହୋଇଥିଲା। ପଚରାଉଚରା ପରେ ଗଗନ ପୋଲିସ ଆଗରେ ବଖାଣିଛି ହତ୍ୟାକାଣ୍ଡ ପଛର କାହାଣୀ।

### ଟଙ୍କା ଦେଇଥିଲେ ଇଲାହି

ଏକତା ଓ ତାଙ୍କୁ ପାଳିଥିବା ମା' ଅନିତା ଜୋଷୀଙ୍କ ହତ୍ୟା ପାଇଁ ଷଡଯନ୍ତ୍ର ରଚିଥିଲେ ଆଉ ଏକ କିନ୍ନର ଗୋଷ୍ଠୀ, ଯାହାର ମୁଖ୍ୟ ହେଉଛନ୍ତି ମଞ୍ଜୁର ଇଲାହି। ଏଥିପାଇଁ ମଞ୍ଜୁର ଡିଲ୍ କରିଥିଲେ ସୁପାରିକିଲର ଗଗନଙ୍କ ସହ। ପ୍ରଥମେ ଗଗନ ଏହି କାମ ପାଇଁ ଦାବି କରିଥିଲେ କୋଟିଏ। କିନ୍ତୁ ପରେ କଥା ଛିଣ୍ଡିଥିଲା ୫୫ ଲକ୍ଷରେ। ହତ୍ୟା ପୂର୍ବରୁ ଗଗନ ଆଡ୍‌ଭାନ୍ସ ନେଇଥିଲେ ୧୫ ଲକ୍ଷ। ଘଟଣା ଦିନ ସନ୍ଧ୍ୟା ପ୍ରାୟ ସାଢ଼େ ୮ଟାରେ ସପିଂ ସାରି ଫେରୁଥିବାବେଳେ ଏକତାଙ୍କ ଉପରକୁ ଗଗନ ୬ ଥର ଗୁଳି ଚଳାଇଥିଲେ। ସୌଭାଗ୍ୟବଶତଃ ଏଥିରୁ ବର୍ତ୍ତିଯାଇଥିଲେ ଅନିତା।

### ପତିଆରାକୁ ନେଇ ବିବାଦ

କିନ୍ନର ଗୋଷ୍ଠୀ ମଧ୍ୟରେ ବିବାଦ, ବିଭିନ୍ନ ଅଞ୍ଚଳରେ ଟଙ୍କା ଆଦାୟ ତଥା ପତିଆରା

## କୋଟିପତି କିନ୍ନର, ହାଇପ୍ରୋଫାଇଲ ମର୍ଡର

ସୃଷ୍ଟି ଘଟଣା ପଛର ମୂଳ କାରଣ ଥିଲା। କିନ୍ନର ସୋନମ ଏବଂ ବର୍ଷାଙ୍କ ନେତୃତ୍ୱରେ ଫରିଦାବାଦର ଏକ ଗ୍ରୁପ୍, ଜିଟିଭି ଏନକ୍ଲେଭର ମଞ୍ଜୁର ଇଲାହି ଓ କମଲଙ୍କ ଗୋଷ୍ଠୀ ଏକତାଙ୍କ ବିରୋଧୀ ଥିଲେ। ବିଭିନ୍ନ ଉତ୍ସବ ତଥା କାର୍ଯ୍ୟକ୍ରମରୁ ଟଙ୍କା ଆଦାୟକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ସେପଟେ ଏକତା ମା' ଅନିତାଙ୍କ ଉତ୍ତରାଧିକାରୀ ଚୟନ ହେବା ନେଇ ଜଣାପଡ଼ିବା ପରେ ଈର୍ଷା ପରାୟଣ ହୋଇଉଠିଥିଲେ ଇଲାହି। ତେଣୁ ଏକତାଙ୍କ ଭଳି ପ୍ରତିଦ୍ୱନ୍ଦ୍ୱୀଙ୍କୁ ରାସ୍ତାରୁ ହଟାଇବା ପାଇଁ ସେ ଯୋଜନା କରିଥିଲେ। ଘଟଣାରେ ୭ ଜଣଙ୍କ ସମ୍ପୃକ୍ତି ରହିଥିବା ବେଳେ ୬ ଜଣଙ୍କୁ ଗିରଫ କରାଯାଇଛି। କିଲର ଗଗନଙ୍କ ନାଁରେ ପୂର୍ବରୁ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି ଭଳି ଘଟଣାରେ ୧୪ଟି ମାମଲା ରହିଥିବା ପୋଲିସ କହିଛି।

## କ୍ଷମା ମାଗିଲେ ଶାହାରୁଖ



**ମୁମ୍ବାଇ:** ଆଇପିଏଲ ୨୦୨୧ରେ କୋଲକାତା ନାଇଟ ରାଇଡର୍ସ ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାଜୟର ସମ୍ମୁଖୀନ ହୋଇଥିଲା। ଏକ ସମୟରେ କେକେଆର୍ ଜିତିବା ନିଶ୍ଚିତ ଲାଗୁଥିଲେ ମଧ ଶେଷ ଓଭରରେ ମୁମ୍ବାଇ ଇଣ୍ଡିଆନ୍ସ ବୋଲର ରାହୁଲ ଚହର ପୁରା ମ୍ୟାଚକୁ ଓଲଟାଇ ଦେଇଥିଲେ। ମୁମ୍ବାଇର ୧୫୩ ରନ୍ ଟାର୍ଗେଟକୁ ପିଛା କରି କେକେଆର୍ ଗୋଟିଏ ସମୟରେ ବିନା ଉଇକେଟ ହରାଇ ୭୨ ରନ ସ୍କୋର କରିଥିଲା। କିନ୍ତୁ ଶୁଭମନ ଗିଲ ଆଉଟ ହେବା ପରେ ଦଳ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇଥିଲା। କୋଲକାତାର ଏହି ପରାଜୟରେ ଦଳର ସହ-ମାଲିକ ବଲିଉଡର କିଙ୍ଗ ଖାନ ଅର୍ଥାତ ଶାହାରୁଖ ଖାନ ଅତ୍ୟନ୍ତ ନିରାଶ ହୋଇଛନ୍ତି ଏବଂ ସେ ସମସ୍ତଙ୍କ ନିକଟରେ କ୍ଷମା ମାଗିଛନ୍ତି। ପରାଜୟ ପରେ ଶାହାରୁଖ ଟୁଇଟ କରି କହିଛନ୍ତି, ନିରାଶାଜନକ ପ୍ରଦର୍ଶନ, ମୁଁ କୋଲକାତା ନାଇଟ ରାଇଡର୍ସର ପ୍ରଶଂସକଙ୍କୁ କ୍ଷମା ମାଗିବାକୁ ଚାହେଁ। କିଙ୍ଗ୍ ଖାନ୍‌ଙ୍କ ଏହି ଟୁଇଟ ଦ୍ୱାରା ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି, କାରଣ ପ୍ରାୟତଃ କିଙ୍ଗ ଖାନ ଦଳର ଉତ୍ସାହ ବଢାଇବା ନଜର ଆସଥାନ୍ତି। ହେଲେ ପ୍ରଥମଥର ପାଇଁ କିଙ୍ଗ୍ ଖାନ୍ କେକେଆର ପରାଜୟରେ ପ୍ରଶଂସକଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଜପତି, ବଲାଙ୍ଗୀର, ନୂଆପଡ଼ା, ରାୟଗଡ଼ା, କନ୍ଧମାଳ ସମେତ ଗଞ୍ଜାମ, ବୌଦ୍ଧ, ନୟାଗଡ଼ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୨ | ୨୪.୫ |
| ଚାନ୍ଦବାଲି | ୩୬.୪ | ୨୦.୭ |
| କଟକ | ୩୭.୨ | ୨୫.୦ |
| ପାରାଦୀପ | ୩୨.୧ | ୨୭.୧ |
| ଭୁବନେଶ୍ୱର | ୩୮.୬ | ୨୫.୯ |
| ଗୋପାଳପୁର | ୩୨.୪ | ୨୬.୫ |
| ପୁରୀ | ୩୨.୭ | ୨୭.୬ |
| ଅନୁଗୋଳ | ୩୯.୭ | ୨୫.୬ |
| ବାରିପଦା | ୪୨.୪ | ୨୨.୪ |
| ଝାରସୁଗୁଡ଼ା | ୪୦.୦ | ୨୨.୮ |
| କେନ୍ଦୁଝର | ୩୭.୮ | ୨୧.୦ |
| ସମ୍ବଲପୁର | ୩୭.୩ | ୨୪.୨ |
| ସୁନ୍ଦରଗଡ଼ | ୩୯.୦ | ୨୨.୦ |
| ହୀରାକୁଦ | ୩୭.୧ | ୨୨.୫ |
| ତାଳଚେର | ୩୯.୧ | ୨୪.୪ |
| ଭବାନୀପାଟଣା | ୩୬.୫ | ୨୫.୬ |
| ବଲାଙ୍ଗୀର | ୩୮.୦ | ୨୪.୫ |
| କୋରାପୁଟ | ୩୩.୬ | ୨୦.୨ |
| ଫୁଲବାଣୀ | – | – |
| ଟିଟିଲାଗଡ଼ | ୩୭.୦ | ୨୬.୮ |
| ମାଲକାନଗିରି | ୩୭.୦ | ୨୨.୦ |
| ସୋନପୁର | ୩୮.୮ | ୨୩.୪ |
| ଦାରିଙ୍ଗିବାଡ଼ି | – | ୨୦.୦ |
| ନୟାଗଡ଼ | ୩୯.୦ | ୨୫.୫ |
| ବୌଦ୍ଧ | ୩୮.୦ | ୨୨.୦ |
| ଛତ୍ରପୁର | ୩୩.୫ | ୨୫.୨ |
| ପାରଳାଖେମୁଣ୍ଡି | ୩୩.୦ | ୨୩.୦ |
| ରାୟଗଡ଼ା | ୩୮.୨ | ୨୦.୭ |

ଡିଗ୍ରୀ ସେଲ୍‌ସିୟସ୍

## ପୁଣି ଫେରିବ ରାମାୟଣ

**ନୂଆଦିଲ୍ଲୀ:** ରାମାନନ୍ଦ ସାଗରଙ୍କ 'ରାମାୟଣ' ପୁଣି ଥରେ ପରଦାକୁ ଫେରୁଛି। ପ୍ରତି ସନ୍ଧ୍ୟା ୭ଟାରେ ଷ୍ଟାର ଭାରତରେ ଏହାକୁ ପ୍ରସାରିତ କରାଯିବ। ଏନେଇ ବୁଧବାର ଷ୍ଟାର ଭାରତ ଟୁଇଟ କରି ଶୋ' ବିଷୟରେ ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତବର୍ଷ ଲକ୍‌ଡାଉନ ସମୟରେ ଦୂରଦର୍ଶନରେ ଏହି ଶୋ'କୁ ପ୍ରସାରିତ କରାଯାଇଥିଲା। ଲୋକମାନେ ଘରେ ନିଜ ପରିବାର ସହ ମିଶି ଏହି ଶୋ'ର ଆନନ୍ଦ ଉଠାଇଥିଲେ। ଯେତେବେଳେ ଲକ୍‌ଡାଉନ ସମୟରେ କେହି ଘରୁ ବାହାରକୁ ବାହାରୁ ନ ଥିଲେ ସେତେବେଳେ ଏହି ଶୋ'ର ଚାହିଦା ବେଶ ବଢ଼ିଯାଇଥିଲା। କେବଳ ସେତିକି ନୁହେଁ ଏହି ଶୋ'ର ଟିଆରପି ମଧ ସମସ୍ତ ରେକର୍ଡକୁ ଭାଙ୍ଗିଦେଇଥିଲା। ଅନ୍ୟପଟେ ଏଥିରେ ରାମ ଚରିତ୍ରରେ ଅଭିନୟ କରିଥିବା ଅରୁଣ ଗୋଭିଲ, ସୀତା ଚରିତ୍ରରେ ଦୀପିକା ଓ ଲକ୍ଷ୍ମଣ ଚରିତ୍ରରେ ସୁନୀଲ ଲହରୀଙ୍କ ଅଭିନୟକୁ ଦର୍ଶକ ବେଶ ପସନ୍ଦ କରିଥିଲେ। ସେହି ସମୟରେ ରାମାୟଣର ସମସ୍ତ କଳାକାର ପ୍ରଶଂସକଙ୍କ ଭଲପାଇବା ପାଇ ସୋସିଆଲ ମିଡିଆରେ ବେଶ ଆକ୍ଟିଭ ହୋଇଯାଇଥିଲେ।



# ପୋଲିସ ପାଇବ ଦଣ୍ଡ



## ଅମାନିଆଙ୍କୁ ସାବାଡ଼ କରିବାକୁ ଚାପ

**ଲକ୍ଷ୍ନୌ:** କରୋନା ସଂକ୍ରମଣ ଯୋଗୁ ସ୍ଥିତି ସଙ୍କଟଜନକ ରହିଛି। ଏପରିସ୍ଥଳେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଉଛି। ଏନେଇ ଉତ୍ତରପ୍ରଦେଶର ଆହ୍ଲାବାଦ୍ ହାଇକୋର୍ଟପକ୍ଷରୁ ମାସ୍କ ପିନ୍ଧି ନ ଥିବା ଅମାନିଆଙ୍କ ଲାଗି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ପୋଲିସ ଉପରେ ଦଣ୍ଡାଦେଶ କରାଯିବ ବୋଲି କୁହାଯାଇଛି। ରାସ୍ତାରେ ଏଭଳି ଅମାନିଆ ବୁଲୁଥିବାର ନଜର ଆସିଲେ ସମ୍ପୃକ୍ତ ଅଞ୍ଚଳରେ ମୁତୟନ ଥିବା ପୋଲିସଙ୍କ ଉପରେ ଆଇନ ଅବମାନନା କରୁଥିବା ଦର୍ଶାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋର୍ଟଙ୍କ ଆଦେଶ ଯୋଗୁ ରାଜ୍ୟର ପୋଲିସ ବାବୁଙ୍କ ଚିନ୍ତା ବଢ଼ିଛି। ମୁତୟନ ଥିବା ପୋଲିସ ମାସ୍କ ପିନ୍ଧିବା କଟକଣା ମାନୁ ନ ଥିବା ଅମାନିଆଙ୍କଠାରୁ ଜରିମାନା ଆଦାୟ କରିବା ସହିତ ଅନ୍ୟାନ୍ୟ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା




ଆଜି ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉଜ୍ଜ୍ୱଳ ଓ ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ: ଦାଦୁ-ଦାଦି, ନାନୁ-ନାନୀ, ବାବା-ମାମା, ବଡ଼ବାପା-ବଡ଼ ମାମା, ମଉସା-ମାଉସୀ, ଧନୀ, ୟୁବି, ଚିକି, ତୋଷି, ଟୁକ୍‌ଟୁକ୍ ଏବଂ ସମସ୍ତ ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୭୦୮୩

## ପ୍ରେମିକା ଅଭିନେତ୍ରୀ ବୋଲି ଜାଣି ନ ଥିଲେ ରୋହିତ

**ମୁମ୍ବାଇ:** ଛୋଟ ପରଦାର ଅଭିନେତ୍ରୀ ଅନିତା ହାସନନ୍ଦାନୀ ତାଙ୍କ ୪୦ ତମ ଜନ୍ମଦିନ ପାଳନ କରୁଛନ୍ତି। ସେ ୧୪ ଏପ୍ରିଲ ୧୯୮୧ରେ ମୁମ୍ବାଇର ଏକ ସିନ୍ଧି ପରିବାରରେ ଜନ୍ମଗ୍ରହଣ କରିଥିଲେ। ଅନେକ ସିରିଏଲରେ ଅଭିନୟ କରି ସେ ଦର୍ଶକଙ୍କ ହୃଦୟ ଜିତି ପାରିଛନ୍ତି। ସେ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। ନିକଟରେ ଅନିତା ମା' ମଧ ହୋଇଛନ୍ତି। ତାଙ୍କ ଫିଟନେସକୁ ଦେଖିଲେ କେହି କହିପାରିବେ ନାହିଁ ତାଙ୍କୁ ୪୦ ବର୍ଷ ହେଲାଣି। ସେ ୨୦୧୩ରେ କର୍ପୋରେଟ ପ୍ରଫେସନାଲ ରୋହିତ ରେଡ୍ଡୀଙ୍କୁ ବିବାହ କରି ତାଙ୍କର ନୂତନ ଜୀବନ ଆରମ୍ଭ କରିଥିଲେ। ଜିମ୍‌ରେ ବ୍ୟାୟାମ କରୁଥିବା ସମୟରେ ଦୁହିଁଙ୍କ ସାକ୍ଷାତ ହୋଇଥିଲା। ଏକ ସାକ୍ଷାତକାରରେ ଅନିତା ତାଙ୍କ ସମ୍ପର୍କ ବିଷୟରେ କହିଥିଲେ। ରୋହିତ ତାଙ୍କୁ କିପରି ପ୍ରପୋଜ କରିଥିଲେ ତା ମଧ କହିଥିଲେ। ଅନିତା କହିଥିଲେ ଯେ, ରୋହିତ ତାଙ୍କୁ ଏକ ପବ୍ ବାହାରେ ପ୍ରପୋଜ କରିଥିଲେ। ସେ ପର୍ଯ୍ୟନ୍ତ ରୋହିତ ଜାଣି ନ ଥିଲେ ଯେ, ଅନିତା ଜଣେ ଜଣେ ଜଣାଶୁଣା ଟିଭି ଅଭିନେତ୍ରୀ। ନିଜ ବିଷୟରେ ସେ କହିଛନ୍ତି, 'ମୁଁ ଦିନେ ନିଶାଗ୍ରସ୍ତ ଥିଲି। ସେ ଦିନ ରୋହିତଙ୍କ ସହିତ ମୋର ଝଗଡ଼ା ହୋଇଥିଲା। ପରଦିନ ମୁଁ ମୋର ଭୁଲ ବୁଝି ପାରି ତାଙ୍କୁ କ୍ଷମା ମାଗିଥିଲି।



ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରତ୍ନପ୍ରଭା ଦେବୀ
(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୭
ତିରୋଧାନ: ୦୭।୦୪।୨୦୧୯
(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ସ୍ୱାମୀ: ଶ୍ରୀଯୁକ୍ତ ଦୋଳଗୋବିନ୍ଦ ଷଡ଼ଙ୍ଗୀ ଏବଂ ପରିବାରବର୍ଗ ।
ଧ-୧୬୩୧୨

୧୦ମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ସଦାଶିବ ପ୍ରଧାନ
ଆବିର୍ଭାବ: ୨୫।୦୪।୧୯୪୨
ତିରୋଧାନ: ୧୮।୦୩।୨୦୧୦
(ଶୁକ୍ଳପକ୍ଷ ତୃତୀୟା)
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୨୦୫୧୦

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

EASY FINANCE
Mini Loan, Personal Loan, Business Loan, Mortgage Loan, Home Loan, Agricultural Loan.
Above loans are available in " EASY FINANCE "
Address : 32-E, The Chandan, Ground Floor, Ashok Nagar, Bhubaneswar, Land mark-Hotel Rail View, Ph: 0674-3561582, 0674-3569237
Website www.easyfinance.org.in
Bhubaneswar : 8093095943, 8093095941
Nayagarh : 8093095930
Khurda : 8093095931, 8093095935, 8093095940
Jagatsinghpur : 8093095932, 8093095934
Puri : 8093095936, 8093095957
REST OF ODISHA (RM) 7077318777

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହଟ୍ ସିଟ୍‌ରେ ରାଧିକା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି, ଯାହା ସେ କେବେ କଳ୍ପନା କରି ନ ଥିଲେ ସେପରି ଆଶା ତାଙ୍କର କେମିତି ପୂରଣ ହୋଇଛି। ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇବା କ'ଣ ସହଜ କଥା? ଯେତେବେଳେ ଏପରି ଏକ ସୁଯୋଗ ଆସିଲା ସେତେବେଳେ ତାହାକୁ ହାତଛଡ଼ା କରିନାହାନ୍ତି ରାଧିକା ଆପ୍ତେ। ପୂର୍ବରୁ ଅଭିନୟ ଦ୍ୱାରା ଯେଉଁ ଅଭିଜ୍ଞତା ରହିଛି ତାକୁ ପାଥେୟକରି ଏପରି ଦାୟିତ୍ୱ ସମ୍ପାଦନ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଏହି ଅଭିନେତ୍ରୀ। ଅସଲ କଥା ହେଲା, ରାଧିକା ଏବେ ଏକ କ୍ଷୁଦ୍ର ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି। ଏହାର ଟାଇଟଲ ରହିଛି 'ସ୍ଲିପ୍‌ୱାକର୍ସ'। ଏହାର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଏଭଳି ଦାୟିତ୍ୱ ପାଇବା ପରେ ରାଧିକା କହନ୍ତି, 'ଦିନେ ମୁଁ ନିର୍ଦ୍ଦେଶନା ଦେବି ସେ କଥା କେବେ ଚିନ୍ତା କରି ନ ଥିଲି। କେବଳ ସେତିକି ନୁହେଁ, ଏଥିପାଇଁ ନିଜକୁ ମଧ୍ୟ ମାନସିକ ସ୍ତରରେ ପ୍ରସ୍ତୁତ କରି ନ ଥିଲି। ଯେତେବେଳେ ଏହି ଅଫର ମିଳିଲା ସେ ନେଇ ନିଷ୍ପତ୍ତି ନେବାକୁ କିଛି ସମୟ ନେଇଥିଲି। ଆକ୍ଟିଂ ଅଭିଜ୍ଞତାକୁ ପାଥେୟ କରି ଆଗେଇଛି। ଆଶା ରଖିଛି ମୋର ପରିଶ୍ରମର ମୂଲ୍ୟ ଦର୍ଶକ ନିଶ୍ଚୟ ବୁଝିବେ।' ଏହି ଶର୍ଟଫିଲ୍ମର ମୁଖ୍ୟ ଭୂମିକାରେ ସାହାନା ଗୋସ୍ୱାମୀ ଏବଂ ଗୁଲ୍‌ସନ ଦେବା ଅଭିନୟ କରୁଛନ୍ତି। ତେବେ ନିର୍ଦ୍ଦେଶିକା ଭାବରେ ରାଧିକା କେତେ ସଫଳ ହୋଇଛନ୍ତି ତାହା ଫିଲ୍ମଟି ପ୍ରଦର୍ଶିତ ହେଲେ ହିଁ ଜଣାପଡ଼ିବ।


ରାଧିକା ଆପ୍ତେ


ଆହାନା

# ପରଦାରେ ଓୟେ ଗୀଟାର

ପୁରୁଷର ସଫଳତା ପଛରେ ପ୍ରାୟ ମହିଳାଙ୍କ ହାତ ଥାଏ। ଏହାର ଅନେକ ନଜିର ମଧ୍ୟ ରହିଛି। ତେବେ ସେହି ମହିଳା ପତ୍ନୀ, ମା', ଭଉଣୀ ଏପରି କି ଗର୍ଲଫ୍ରେଣ୍ଡ ହୋଇପାରନ୍ତି। ଏପରି ଏକ ଭିନ୍ନ ସ୍ୱାଦର କାହାଣୀକୁ ନେଇ ନିର୍ମିତ ଓଡ଼ିଆ ସିନେମା 'ଓୟେ ଗୀଟାର' ଚଳିତ ମାସ ୧୪ ଅର୍ଥାତ୍ ଓଡ଼ିଆ ନୂଆବର୍ଷ ଅବସରରେ ମୁକ୍ତିଲାଭ କରିଛି। ଏହି ସିନେମାରେ ଗୀଟାର କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି ତାହା ଦେଖିବାକୁ ମିଳିବ। ଚଳଚ୍ଚିତ୍ରର କାହାଣୀ ରଚନା ସହ ଚିତ୍ରନାଟ୍ୟ, ଡାଏଲଗ, ସଙ୍ଗୀତ ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ସାତ ସୁରେ ବନ୍ଧା ଏ ଜୀବନ'ରୁ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଥିବା ଆପୁ କାନୁନ୍‌ଗୋ। ସିହାନ ସିନେ କ୍ରିଏସନ୍ସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ବି. ଚନ୍ଦ୍ରପ୍ରିୟା ସୁବୁଦ୍ଧି। ଏହାର ମୁଖ୍ୟ ଭୂମିକାରେ ଅମନ୍ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆହାନା। ଏମାନଙ୍କ ବ୍ୟତୀତ ଆର.ଜେ. ଗୁଡ଼ି, ଦେବୁ ପଟ୍ଟନାୟକ, ଗୁଚ୍ଛୁ, ନମିତା ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ରାନୁ ପାଢ଼ୀ, ଜୀବନ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

## ଅଳ୍ପରେ...

* ଅକ୍ଷୟ କୁମାରଙ୍କ ଅଭିନୀତ 'ସୂର୍ଯ୍ୟବଂଶୀ'ର ରିଲିଜ୍ ଡେଟ୍ ପୁଣି ଥରେ ଘୁଞ୍ଚିଛି। ଯେହେତୁ ଏବେ ମହାରାଷ୍ଟ୍ରରେ କରୋନା ପୁଣି ଥରେ ଭୟଙ୍କର ରୂପ ନେଇଛି, ତେଣୁ ଏହାର ମୁକ୍ତିଲାଭ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ତାପସୀ ପାନ୍ନୁ

* ସନି ଦେଓଲଙ୍କ ସାନ ପୁଅ ରାଜବୀର ଦେଓଲ ଏବେଠାରୁ ଦିନଗଣିବା ଆରମ୍ଭ କରିଦେଲେଣି। କାରଣ ବଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ରାଜଶ୍ରୀ ପ୍ରଡକ୍ସନରେ ସେ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଏକ ଟିନ୍‌ଏଜ୍ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହେବ। ସୁରଜ ବଡ଼ଜାତ୍ୟାଙ୍କ ପୁଅ ଅବିନାଶ ଏସ୍. ବଡ଼ଜାତ୍ୟା ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିବେ।
* ଶାହରୁଖ ଅଭିନୟ କରୁଥିବା ନୂଆ ସିନେମା 'ପଠାନ୍'ର ଶୁଟିଂ ଚାଲୁରହିଛି। ନିକଟରେ ଜନ୍ ଆବ୍ରାହମ୍ ଏଥିରେ ଯୋଗଦେଇ ନିଜର ଶୁଟିଂ ଆରମ୍ଭ କରିଛନ୍ତି।
* ବୋନି କପୁରଙ୍କ ସାନ ଝିଅ ତଥା ଜାହ୍ନବୀଙ୍କ ଭଉଣୀ ଖୁସି ଖୁବ୍ ଶୀଘ୍ର ବଡ଼ ପରଦାରେ ମୁହଁ ଦେଖାଇବେ। ତେଣୁ ଏବେ ସେ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।
* ବର୍ତ୍ତମାନ ତାପସୀ ପାନ୍ନୁ କ୍ରିକେଟ ଖେଳୁଛନ୍ତି। କାରଣ ସେ ମହିଳା କ୍ରିକେଟିୟର ମିଥାଲି ରାଜଙ୍କ ଜୀବନୀକୁ ନେଇ ନିର୍ମିତ ହେଉଥିବା ବାୟୋପିକ୍ 'ସାବାସ୍ ମିଥୁ'ର ଟାଇଟଲ ଭୂମିକାରେ ଅଭିନୟ କରିବେ।

# ପ୍ରେମ ପାଇଁ ଟେନ୍‌ସନ୍

ଦିଶା ପଟାନିଙ୍କ ଟେନ୍‌ସନ ବଢ଼ିଯାଇଛି। ଏହାର କାରଣ କ'ଣ ଜାଣନ୍ତି? ପ୍ରେମ। କଥା କ'ଣ କି ଟାଇଗର ଶ୍ରଫଙ୍କ ସହ ଆଫେୟାର୍ସକୁ ନେଇ ସେ ଯେତେ ସଫେଇ ଦେଉଛନ୍ତି ତାକୁ ନେଇ ଆଲୋଚନା ସେତେ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ଦିଶା କହନ୍ତି, 'ଅଯଥାରେ ଟାଇଗରଙ୍କ ସହ ମୋ ସମ୍ପର୍କକୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି। ଯିଏ ଯାହା କହିଦେଲା, ତାହା କ'ଣ ସତ? ଟାଇଗର ମୋର ଜଣେ ବେଷ୍ଟ ଫ୍ରେଣ୍ଡ। ଆମ ଭିତରେ ପ୍ରେମ ସମ୍ପର୍କ ଅଛି ବୋଲି ଯେଉଁ ଆଲୋଚନା ହେଉଛି ତାହା ପଛରେ ଆଦୌ ସତ୍ୟତା ନାହିଁ। ଏ ନେଇ ମୁଁ ଯେତେ ସଫେଇ ଦେଲେ ମଧ୍ୟ ତାହାକୁ କେହି ଗ୍ରହଣ କରୁନାହାନ୍ତି। ହେଲେ ପ୍ରକୃତ ସତକୁ ବିଶ୍ୱାସ କରିବାକୁ ପଡ଼ିବ। ଏବେ ମୁଁ ଆକ୍ଟିଂ ପ୍ରତି ଅଧିକ ଧ୍ୟାନ ଦେଉଛି। ତା'ସହ ନିଜର ଫିଟ୍‌ନେସ୍ ପ୍ରତି ସଚେତନ ରହିବାକୁ ପଡୁଛି। କାରଣ ଖୁବ୍ ଶୀଘ୍ର ମୁଁ ଏକ ଆକ୍ସନ ଭୂମିକାରେ ଅଭିନୟ କରିବାର ଯୋଜନା ରହିଛି। ଏ ନେଇ ପ୍ରସ୍ତୁତ ହେବାରେ ଟାଇଗର ମୋତେ ଯେଉଁ ସହଯୋଗ କରୁଛନ୍ତି ସେ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।

## ଅପେରା ହାଲ୍‌ଚାଲ୍

# ଭୁଲ ତୋର ଭୋଗୁଛି ମୁଁ

କଥାରେ ଅଛି ମଣିଷ ମାତ୍ରକେ ଭୁଲ। ହେଲେ ବେଳେବେଳେ ଏହି ସାମାନ୍ୟ ଭୁଲ ପାଇଁ ଅନେକ କ୍ଷତି ହୋଇଥାଏ। ଅସଲ କଥା ଜଣାପଡ଼ିଲା ବେଳକୁ ଜଣଙ୍କର ସୁଖର ସଂସାର ଉଜୁଡି ଯାଇଥାଏ। ଏପରି ଏକ ଭିନ୍ନ ଧରଣର କାହାଣୀରେ ଲଭ୍, ଇମୋଶନ, କମେଡ଼ି, ଆକ୍ସନ ମଧ୍ୟ ରହିଛି। ଆଉ ତାହାକୁ ଆଧାର କରି ଜଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ନାଟ୍ୟକାର ଡ. ଦୀପକ ଜେନା ରଚନା କରିଛନ୍ତି ନୂଆ ନାଟକ, ଯାହାର ଶୀର୍ଷକ ରହିଛି 'ଭୁଲ ତୋର ଭୋଗୁଛି ମୁଁ'। ଚଳିତ ଅପେରା ସିଜନ୍‌ରେ ଅଗ୍ରଣୀ ଅପେରା ପାର୍ଟି 'ରଙ୍ଗମହଲ' ଦ୍ୱାରା ପରିବେଷିତ ଏହି ନାଟକ ଆରମ୍ଭରୁ ହିଁ ପ୍ରଶଂସା ସାଉଁଟିବା ଆରମ୍ଭ କରିଛି। ବିଶେଷ ଭାବରେ ନାଟକର ନାୟକ ସତ୍ୟ ସାମନ୍ତରାୟ ଭୂମିକାରେ ଆକ୍ସନ କିଙ୍ଗ୍ ଭାବେ ପରିଚିତ ସୁବାସ ବେହେରା, ପ୍ରିୟା ଚରିତ୍ରରେ ତମସା ଏବଂ ଖଳନାୟକ ଟାଇଗର ଗଡ଼ନାୟକ ରୋଲ୍‌ରେ ୟଙ୍ଗ ବ୍ୟାଡବୟ ଟାହିଆ ବ୍ୟତୀତ କମେଡିଆନ ଗୁରୁ, କଣ୍ହେଇ, ଭରତ, ରମାକାନ୍ତ, ମାନସୀ, ଦୀପୁ ମହାନ୍ତି, ଅଜିତ ଦଳେଇ, ମାମା, ଶୁଭାଶିଷ ମହାପାତ୍ର ଏବଂ ଯଜ୍ଞଙ୍କ ନିଖୁଣ ଅଭିନୟ ନାଟକଟିକୁ ହିଟ୍ ପର୍ଯ୍ୟାୟଭୁକ୍ତ କରିଛି। ସବୁଠାରୁ ଖାସ୍ କଥା ହେଲା, ଉକ୍ତ ନାଟକଟିର ନିର୍ଦ୍ଦେଶନା ଦେଇଛନ୍ତି ରଙ୍ଗମହଲର ପ୍ରଯୋଜକ ସତ୍ୟ ଜେନା। ନାଟକରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ। ଏହି ନୂଆ ନାଟକ ବ୍ୟତୀତ ଗତ ବର୍ଷର ନାଟକ 'ବଡ଼ ଦାଣ୍ଡର ଭିକାରୀ', 'ମୁଁ ସେହି ଭଦ୍ରକିଆ ଟୋକା' ଏବଂ 'ଗଙ୍ଗାଠୁ ପବିତ୍ର ଗଙ୍ଗଶଉଳି' ମଧ୍ୟ ପରିବେଷିତ ହେଉଛି।


ତମସା


ସୁବାସ

# ହୋମ୍‌ସିକ୍ ଶ୍ରଦ୍ଧା

ଶ୍ରଦ୍ଧା କପୁରଙ୍କ ପାଇଁ ଏବେ ଭଲ ବେଳା ଆସିଛି। ଗତବର୍ଷ ତାଙ୍କ ଅଭିନୀତ ତିନୋଟି ସିନେମା 'ଶାହୋ', 'ଚିଓଚୋର' ଏବଂ 'ବାଗୀ-୩' ପରଦାକୁ ଆସିଛି। ବିଶେଷଭାବରେ 'ବାଗୀ-୩'କୁ ଯେଉଁ ସଫଳତା ମିଳିଛି ତାକୁ ଦେଖି ଶ୍ରଦ୍ଧାଙ୍କ ଖୁସି କହିଲେ ନ ସରେ। ଏବେ ତ କରୋନା ଭାଇରସ ପୁଣି ଥରେ ତାହାର କାୟା ବିସ୍ତାର କରିଛି, ସେଥିପାଇଁ ସେ ଅଭିନୟ କରୁଥିବା ଏକ ଅନଟାଇଟଲ୍‌ଡ ସିନେମାର ଶୁଟିଂ ବନ୍ଦ ଅଛି। ତେଣୁ ବର୍ତ୍ତମାନ ଘରେ ହିଁ ସମୟ କଟୁଛି। ଏ ସମ୍ପର୍କରେ ଶ୍ରଦ୍ଧା କହନ୍ତି, 'ଏବେ ଆମ ଦେଶରେ କରୋନା ପୁଣି ଥରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ତେଣୁ ମୁଁ ଅଭିନୟ କରୁଥିବା ଏକ ସିନେମାର ଶୁଟିଂକୁ ଅଧାରୁ ବନ୍ଦ କରିଦିଆଯାଇଛି। ତେଣୁ ଏବେ ଘରେ ହିଁ ସମୟ କଟୁଛି। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଟାଇମ କଟିଯାଉଛି।'

# ସଜବାଜ କାହିଁକି...

ରକୁଲ ପ୍ରୀତ ସିଂ ଏବେ ସଜବାଜ ହେଉଛନ୍ତି। କେହିକେହି ହୁଏତ ଅନୁମାନ କରିପାରନ୍ତି ଯେ ସେ ବୋଧହୁଏ କୌଣସି ନୂଆ ସିନେମାରେ ଅଭିନୟ କରିବେ। କାରଣ ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଅର୍ଜୁନ କପୁର। କିନ୍ତୁ ଅସଲ କଥାଟି ସମ୍ପୂର୍ଣ୍ଣ ଅଲଗା। ଦୁହେଁ ଏକତ୍ର ଅଭିନୟ କରିବେ ଏକଥା ସତ, ହେଲେ ତାହା କୌଣସି ସିନେମା ପାଇଁ ନୁହେଁ। ଏକ ନୂଆ ମ୍ୟୁଜିକ ଆଲବମ୍‌ରେ ଏହି ଯୋଡ଼ିକୁ ଦେଖିବାକୁ ମିଳିବ। ଯେହେତୁ ଏହାର ଶୁଟିଂ ଆରମ୍ଭ ହେବାକୁ କିଛି ସପ୍ତାହ ବାକି ଅଛି ତେଣୁ ଏବେଠାରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ରକୁଲ୍। ଏ ସମ୍ପର୍କରେ ସେ କହନ୍ତି, 'ଏହି ମ୍ୟୁଜିକ ଆଲବମ୍‌ର ଡମି ପାଇବା ପରେ ମୁଁ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଆଶା ରଖିଛି ଏହି ଆଲବମ୍‌ରେ ଅର୍ଜୁନଙ୍କ ସହ ମୋର ଯୋଡ଼ିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।'


ରକୁଲ୍

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୫/୨୦୨୧ Bhubaneswar, Thursday, April 15/ 2021

# ଆର୍‌ସିବିର କ୍ରମାଗତ ଦ୍ୱିତୀୟ ବିଜୟ





ଗୋଟିଏ ଓଭରରେ ୩ ଉଇକେଟ ନେଇ ମ୍ୟାଚ୍‌ର ମୋଡ଼ ବଦଳାଇଥିବା ଶାହବାଜ ଅହମଦଙ୍କୁ ବିରାଟ କୋହଲିଙ୍କ ବଧେଇ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଗ୍ଲେନ୍ ମ୍ୟାକ୍ସୱେଲ୍।

**ଚେନ୍ନାଇ, ୧୪।୪**

ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଦ୍ରୁତ ଅର୍ଦ୍ଧଶତକ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବୁଧବାର ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୬ ରନରେ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରିଥିଲା। ଜବାବରେ ସନ୍‌ରାଇଜର୍ସ ଏକଦା ଭଲ ସ୍ଥିତିରେ ଥିଲେ ହେଁ ଶେଷ ୪ ଓଭରରେ ୨୮ କରି ୭ ଉଇକେଟ ହରାଇବାରୁ ୧୪୩/୯ରେ ସୀମିତ ରହି ଯାଇଥିଲା। ଆର୍‌ସିବି କ୍ରମାଗତ ଦ୍ୱିତୀୟ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଏହି ଦଳ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା।

ଟସ୍ ଜିତି ସନ୍‌ରାଇଜର୍ସ ଅଧିନାୟକ ଡେଭିଡ ୱାର୍ନର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ପରି ଏଠାରେ ମଧ୍ୟ ଆର୍‌ସିବିର ଆରମ୍ଭ ଭଲ ହୋଇ ନ ଥିଲା। କରୋନା ସଂକ୍ରମଣରୁ ସୁସ୍ଥ ହୋଇ ଦଳକୁ ଫେରିଥିବା ଦେବଦତ୍ତ ପଡିକାଲଙ୍କ ସହ ଇନିଂସ ଆରମ୍ଭ କରିଥିଲେ ଅଧିନାୟକ ବିରାଟ କୋହଲି। ଓପନିଂ ଯୋଡ଼ିରେ ୧୭ ବଲ୍‌ରୁ ୧୭ ରନ ହୋଇଥିବାବେଳେ ପଡିକାଲ ବ୍ୟକ୍ତିଗତ ୧୧ (୧୩ ବଲ, ୨ ଚୌକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ବ୍ୟାଟିଂ କ୍ରମରେ ପଦୋନ୍ନତି ପାଇଥିବା ଶାହବାଜ ଅହମ୍ମଦ ମଧ୍ୟ ୧୦ ବଲ୍‌ରୁ ୧ ଛକା ସହ ୧୪ ରନ କରି ଆଉଟ ହୋଇଥିଲେ। ୪୭ ରନରେ ଦ୍ୱିତୀୟ ଉଇକେଟ ପଡ଼ିବାରୁ କୋହଲି ଓ ଗ୍ଲେନ ମ୍ୟାକ୍ସୱେଲ ଇନିଂସ ସଜାଡ଼ିବାରେ ମନ ଦେଇଥିଲେ। ସ୍ୱାଭାବିକଭାବେ କୋହଲିଙ୍କ ଆରମ୍ଭ ଧିମା ରହିଥିଲା। ତୃତୀୟ ଉଇକେଟରେ ୩୮ ବଲ୍‌ରୁ ୪୪ ରନ ସଂଗ୍ରହ ପରେ ଲଙ୍ଗଲେଗ୍‌ରେ କୋହଲିଙ୍କୁ ବିଜୟ ଶଙ୍କରଙ୍କ ହାତରେ କ୍ୟାଚ କରାଇ ସନ୍‌ରାଇଜର୍ସଙ୍କୁ ବଡ଼ ସଫଳତା ଦେଇଥିଲେ ଜାସନ ହୋଲ୍ଡର। ୨୯ଟି ବଲ୍ ଖେଳିଥିବା କୋହଲି ୪ ଚୌକା ସହ ୩୩ ରନ କରିଥିଲେ। ମ୍ୟାକ୍ସୱେଲ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ ହେଁ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଆର୍‌ସିବି ୨୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନରେ ସୀମିତ ରହିଯାଇଥିଲା। ପୂର୍ବ ମ୍ୟାଚରେ ବିସ୍ଫୋରକ ଇନିଂସ ଖେଳିଥିବା ଏବି ଡି'ଭିଲର୍ସ ଏଠାରେ ମାତ୍ର ୧ ରନ କରି ତାରକା ସ୍ପିନର ରଶିଦ ଖାଁଙ୍କ ଶିକାର ହୋଇଥିବାବେଳେ ୱାଶିଂଟନ ସୁନ୍ଦର ୮, ଡାନିଏଲ ଖ୍ରିଷ୍ଟିଆନ ୧ ଓ କାଏଲ ଜେମିସନ ୧୨ ରନ କରିବାକୁ ସକ୍ଷମ ହୋଇଥିଲେ। ୪୧ ବଲ୍ ଖେଳିଥିବା ମ୍ୟାକ୍ସୱେଲ ୫ ଚୌକା ଓ ୩ ଛକା ସହାୟତାରେ ୫୯ ରନ କରି ୨୦ତମ ଓଭରର ଶେଷ ବଲ୍‌ରେ ଆଉଟ ହୋଇଥିଲେ। ୫ ବର୍ଷ ପରେ ଆଇପିଏଲରେ ଏହାଥିଲା ମ୍ୟାକ୍ସୱେଲଙ୍କ ପ୍ରଥମ ଅର୍ଦ୍ଧଶତକ। ସନ୍‌ରାଇଜର୍ସ ବୋଲରଙ୍କ ମଧ୍ୟରେ ଜାସନ ହୋଲ୍ଡର ୪ ଓଭରରେ ୩୦ ରନ ଦେଇ ୩ଟି ଓ ରଶିଦ ଖାଁ ୪ ଓଭରରେ ମାତ୍ର ୧୮ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଭୁବନେଶ୍ୱର କୁମାର, ଶାହବାଜ ନଦୀମ ଓ ଟି. ନଟରାଜନଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ହେଁ ସନ୍‌ରାଇଜର୍ସ ୧୩ ରନରେ ଓପନର ରିଦ୍ଧିମାନ ଶାହା (୧)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଅଧିନାୟକ ଡେଭିଡ ୱାର୍ନର ଓ ମନୀଷ ପାଣ୍ଡେ ଦ୍ୱିତୀୟ ଉଇକେଟରେ ୬୯ ବଲ୍‌ରୁ ୮୩ ରନ ଯୋଗ କରି ଇନିଂସ ସମ୍ଭାଳି ନେଇଥିଲେ। ଅର୍ଦ୍ଧଶତକ ହାସଲକାରୀ ୱାର୍ନର ୩୭ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୫୪ ରନ କରି ଆଉଟ ହୋଇଥିଲେ। ତେବେ ୧୭ତମ ଓଭରର ପ୍ରଥମ ୨ ବଲ୍‌ରେ ଶାହାବାଜ ଅହମଦ ୨ଟି ଉଇକେଟ ନେବାରୁ ମ୍ୟାଚ ରୋମାଞ୍ଚକ ମୋଡ଼ ନେଇଥିଲା। ଶାହବାଜ ଏହି ଓଭରର ପ୍ରଥମ ବଲ୍‌ରେ ଜନି ବେୟାରଷ୍ଟୋ (୧୨) ଓ ୨ୟ ବଲ୍‌ରେ ସେଟ୍ ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ (୩୮ ରନ, ୩୯ ବଲ, ୨ ଚୌକା, ୨ ଛକା)ଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ପରବର୍ତ୍ତୀ ବଲ୍‌କୁ ବିଜୟ ଶଙ୍କର ଡିଫେନ୍ସ କରିଦେଇଥିଲେ। ତେବେ ଏହି ଓଭରର ଶେଷ ବଲ୍‌ରେ ଅବଦୁଲ ସମଦ(୦)ଙ୍କ ଉଇକେଟ ନେଇ ଶାହବାଜ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। ୧୭ତମ ଓଭରରେ ଶାହବାଜ ୧ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଶେଷ ୨ ଓଭରରୁ ବିଜୟ ପାଇଁ ୨୭ ରନ ଆବଶ୍ୟକ ଥିଲା। ମହମ୍ମଦ ସିରାଜ ୧୯ତମ ଓଭରରେ ୧୧ ରନ ଦେଇ ଜାସନ ହୋଲ୍ଡର(୪)ଙ୍କ ଉଇକେଟ ନେଇଥିଲେ। ଶେଷ ଓଭରରୁ ୧୬ ରନ ଆବଶ୍ୟକ ଥିବାବେଳେ ସନ୍‌ରାଇଜର୍ସ ୯ ରନ କରି ୨ଟି ଉଇକେଟ ହରାଇଥିଲା। ରଶିଦ ଖାଁ ୯ ବଲ୍‌ରୁ ୧୭ (୧ ଚୌକା, ୧ ଛକା) ରନ କରି ରନ୍‌ଆଉଟ ହୋଇ ଯାଇଥିଲେ। ଆର୍‌ସିବି ପକ୍ଷରୁ ଶାହବାଜ ଅହମଦ ୩ଟି, ମହମ୍ମଦ ସିରାଜ ଓ ହର୍ଷଲ ପଟେଲ ୨ଟି ଲେଖାଏ ଏବଂ କାଏଲ ଜେମିସନ ଗୋଟିଏ ଉଇକେଟ ନେଇଥିଲେ।

## ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୪୯/୮(ଗ୍ଲେନ ମ୍ୟାକ୍ସୱେଲ-୫୯, ବିରାଟ କୋହଲି-୩୩, ଜାସନ ହୋଲ୍ଡର-୩/୩୦, ରଶିଦ ଖାଁ-୨/୧୮, ଭୁବନେଶ୍ୱର କୁମାର-୧/୩୦, ଶାହବାଜ ନଦୀମ-୧/୩୬, ଟି. ନଟରାଜନ୍-୧/୩୨)। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୪୩/୯ (ଡେଭିଡ ୱାର୍ନର-୫୪, ମନୀଷ ପାଣ୍ଡେ-୩୮, ଶାହବାଜ ଅହମଦ-୩/୭, ମହମ୍ମଦ ସିରାଜ-୨/୨୫, ହର୍ଷଲ ପଟେଲ-୨/୨୫, କାଏଲ ଜେମିସନ-୧/୩୦)।

## ଆଇପିଏଲ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୨ | ୨ | ୦ | ୪ | +୦.୧୭୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧ | ୧ | ୦ | ୨ | +୦.୭୭୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୧ | ୧ | ୨ | +୦.୨୨୫ |
| ପଞ୍ଜାବ କିଙ୍ଗ୍ସ | ୧ | ୧ | ୦ | ୨ | +୦.୨୦୦ |
| ନାଇଟ ରାଇଡର୍ସ | ୨ | ୧ | ୧ | ୨ | ୦.୦୦୦ |
| ରାଜସ୍ଥାନ ରୟାଲ୍ସ | ୧ | ୦ | ୧ | ୦ | -୦.୨୦୦ |
| ସନ୍‌ରାଇଜର୍ସ | ୨ | ୦ | ୨ | ୦ | -୦.୪୦୦ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧ | ୦ | ୧ | ୦ | -୦.୭୭୯ |

# ଆର୍ଜେଣ୍ଟିନାକୁ ହରାଇଲା ଭାରତ



ଗୋଲ୍ ସ୍କୋର ପରେ ଉଲ୍ଲସିତ ଭାରତୀୟ ହକି ଦଳ।

**ବୁଏନ୍ସ ଆରିଜ, ୧୪।୪(ପି.ଟି.)**

ବିଜୟ ସହ ଭାରତୀୟ ହକି ଦଳ ଏହାର ଆର୍ଜେଣ୍ଟିନା ଗସ୍ତ ଶେଷ କରିଛି। ବୁଧବାର ଅନୁଷ୍ଠିତ ୪ର୍ଥ ତଥା ଅନ୍ତିମ ଅଭ୍ୟାସ ଗେମ୍‌ରେ ଭାରତ ଅଲିମ୍ପିକ୍ ଚାମ୍ପିୟନ ଆର୍ଜେଣ୍ଟିନାକୁ ୪-୨ ଗୋଲରେ ପରାସ୍ତ କରିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ରୂପିନ୍ଦରପାଲ ସିଂଙ୍କ ୩ୟ ମିନିଟ ଗୋଲ ବଳରେ ଅଗ୍ରଣୀ ନେଇଥିଲା। ୧୨ତମ ମିନିଟରେ ଜସକରନ ସିଂ ଏହାକୁ ଡବଲରେ ପରିଣତ କରିଥିଲେ। ୧୪ତମ ମିନିଟରେ ଲିଆଣ୍ଡ୍ରୋ ଟୋଲିନି ଗୋଟିଏ ଗୋଲ ପରିଶୋଧ କରିବାରୁ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତ ୨-୧ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ୩ୟ କ୍ୱାର୍ଟରେ ମଧ୍ୟ ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରହିଥିଲା। ଶେଷ କ୍ୱାର୍ଟରରେ ରୋମାଞ୍ଚକ ଖେଳ ଦେଖିବାକୁ ମିଳିଥିଲା। ଭାରତୀୟ ଦଳର ଓଡ଼ିଶା ଖେଳାଳି ଶିଳାନନ୍ଦ ଲାକ୍ରା ୫୦ତମ ମିନିଟରେ ଗୋଟିଏ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ବଢ଼ାଇଥିଲେ। ୫୪ତମ ମିନିଟରେ ଘରୋଇ ଦଳର ପେଡ୍ରୋ ଲିବାରା ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ମ୍ୟାଚ ଶେଷ ହେବାର ୨ ମିନିଟ ପୂର୍ବରୁ ଅର୍ଥାତ୍ ୫୮ତମ ମିନିଟରେ ସୁରେନ୍ଦର କୁମାର ଗୋଟିଏ ଗୋଲ ଦେଇ ଭାରତ ବିଜୟକୁ ପକ୍କା କରିଥିଲେ।

# ହ୍ୟୁଷ୍ଟନରେ ବିଶ୍ୱ ଟିଟି ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୧୪।୪(ପି.ଟି.)**

ଆମେରିକାର ହ୍ୟୁଷ୍ଟନରେ ବିଶ୍ୱ ଟେବୁଲ ଟେନିସ ଚାମ୍ପିୟନଶିପ୍ ନଭେମ୍ବର ୨୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ୍) ପକ୍ଷରୁ ବୁଧବାର ଏହା ପ୍ରକାଶ କରାଯାଇଛି। ଏପ୍ରିଲ ୧୧ରେ ଆଇଟିଟିଏଫ୍‌ର କାର୍ଯ୍ୟକାରିଣୀରେ ଏହି ନିଷ୍ପତ୍ତି ନିଆଯାଇଛି। କୋରିଆର ବୁସାନଠାରେ ହେବାକୁଥିବା ୨୦୨୦ ବିଶ୍ୱ ଚାମ୍ପିୟନଶିପ୍‌କୁ ବାତିଲ କରାଯାଇଥିଲା। ୨୦୨୧ ପ୍ରତିଯୋଗିତା ପାଇଁ ସମୟ ଧାର୍ଯ୍ୟ ହେବା ଏକ ବଡ଼ ଖବର ବୋଲି ଆଇଟିଟିଏଫ୍ ସିଇଓ ଷ୍ଟିଭ୍ ଡେଣ୍ଟନ ପ୍ରକାଶ କରିଛନ୍ତି।






## ୪ଥର ଅଲିମ୍ପିକ ପଦକ ବିଜେତାଙ୍କ ପରଲୋକ

**ୱାଶିଂଟନ,୧୪।୪(ଏପି):** ଅଲିମ୍ପିକ୍ସରେ ୪ଥର ପଦକ ହାସଲ କରିଥିବା ଆମେରିକୀୟ ଆଥ୍‌ଲେଟ କୋନ ଫିଣ୍ଡଲେ ୯୦ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। ରୋଇଂ ଓ ସେଲିଂରେ ସେ ଅଲିମ୍ପିକ ପଦକ ହାସଲ କରିଥିଲେ। ଦୁଇଥର ବିଜେତା ରହିଥିବା ଆମେରିକାର କପ୍ କ୍ରିୟୁର ସେ ସଦସ୍ୟ ଥିଲେ। ସାନ ମାଟେଓର ନର୍ଦ୍ଦର୍ନ କାଲିଫର୍ନିଆ ସହରର ଏକ ହସ୍ପିଟାଲରେ ସେ ମଙ୍ଗଳବାର ପରଲୋକ ଗମନ କରିଥିଲେ। ୧୯୫୬ ମେଲବୋର୍ନ ଓ ୧୯୬୪ ଟୋକିଓ ଅଲିମ୍ପିକ୍ସରେ କକ୍ସଡ ପେୟାର ରୋଇଂ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୯୬୦ ରୋମ ଅଲିମ୍ପିକ୍ସରେ ସେ ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ୧୯୭୬ ମଣ୍ଟ୍ରିଲ ଅଲିମ୍ପିକ୍ସରେ ସେ ସେଲିଂରେ ଅଂଶଗ୍ରହଣ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୯୭୪ ଓ ୧୯୭୭ରେ ସେ ଆମେରିକା କପ୍ କ୍ରିୟୁ ବିଜେତା ଦଳର ସଦସ୍ୟ ଥିଲେ। ରୋଇଂରେ ସେ ଏକାଧିକ ଅନ୍ତର୍ଜାତୀୟ ପଦକ ହାସଲ କରିଥିଲେ। ୨୦୦୭ରେ ସେ ୟୁଏସ୍ ରୋଇଂ ମ୍ୟାନ୍ ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ରୋଇଂ କୋଚ୍ ହିସାବରେ ମଧ୍ୟ ସେ ସଫଳତା ହାସଲ କରିଥିଲେ। ସେ ୟୁଏସ୍ ରୋଇଂ, ୟୁଏସ୍ ସେଲିଂ, ଷ୍ଟାନଫର୍ଡ ଓ ୟୁଏସ୍‌ସି ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିଲେ। କୋଚିଂ ଦେବା ପରେ ସେ ବୋଟ୍ ଲିଜିଂ ବ୍ୟବସାୟ ଆରମ୍ଭ କରି ବେଶ୍ ସଫଳତା ହାସଲ କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ଏପ୍ରିଲ, ୨୦୨୧

## ପଶ୍ଚିମ ଦ୍ୱାର ନିକଟରେ ମହିଳା ଭକ୍ତ ଆହତ

ପୁରୀ ଅଫିସ: ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ବୁଧବାର ଜଣେ ମହିଳା ଭକ୍ତ ପଡ଼ି ଆହତ ହୋଇଛନ୍ତି। ସେ ହେଲେ ଭୁବନେଶ୍ୱରର ସଂଘମିତ୍ରା ମିଶ୍ର। ତାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସଂଘମିତ୍ରା ତାଙ୍କ ସମ୍ପର୍କୀୟମାନଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରୁଥିବା ବେଳେ ପଶ୍ଚିମଦ୍ୱାର ନିକଟରେ ତାଙ୍କ ମୁଣ୍ଡ ବୁଲାଇବାରୁ ସେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲା। ତାଙ୍କର ରକ୍ତଚାପ କମ ହୋଇଯିବାରୁ ମୁଣ୍ଡ ବୁଲାଇ ପଡ଼ିଯାଇଥିଲେ ବୋଲି ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪.୦୪.୨୦୨୧

| | |
|---|---|
| ୨,୩୫,୦୯୨ ଟଙ୍କା | |
| ସୁନା | ୪୦ ମିଲିଗ୍ରାମ୍ |
| ରୁପା | ୧୪.୮୫୦ଗ୍ରାମ୍ |

# ଅନାବାଦୀ, ଗୋଚରଜମିରୁ ମାଟି ଚୋରି

ଗୋପ,୧୪।୪(ଡି.ଏନ୍.ଏ.)

କିଛି ଦିନ ଧରି ଗୋପ ତହସିଲ ଅଧୀନ ଗଡ଼ସିଠା, ଗଡକରମଳା ମୌଜାରେ ରହିଥିବା ଅନାବାଦୀ ଓ ଗୋଚରଜମିରୁ ଜଣେ ବ୍ୟକ୍ତି ଜବରଦସ୍ତ ଶହ ଶହ ଟ୍ରିପ ମାଟି ନେଇଯିବା ଅଭିଯୋଗ ହୋଇଥିଲେ ମଧ୍ୟ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ଫଳରେ ଏପରି ଅଭିଯୋଗକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ଏହି ୨ଗୋଟି ମୌଜାରେ ଥିବା ସରକାରୀ ଜମିରେ ଗୋରୁ ଚରି ଥାଆନ୍ତି । କିନ୍ତୁ କିଛି ଦିନ ଧରି ସେହି ଅଞ୍ଚଳର ଜଣେ ବ୍ୟକ୍ତି ଡୋଜର ଲଗାଇ ମାଟି ଚୋରି କରି ନେଉଥିଲେ। ଏ ନେଇ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଓ ଆର୍‌ଆଇଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରେ ଗୋପ ଆର୍‌ଆଇ ମାଟି ଉଠାଉଥିବା ବ୍ୟକ୍ତିଙ୍କୁ ଡାକି ତାଗିଦ କରିବା ସହ ମାଟି ନ ଉଠାଇବାକୁ କହିଥିଲେ। କିନ୍ତୁ ପରେ ପୁନଶ୍ଚ ଡୋଜର ଲଗାଇ ମାଟି ଉଠା ଯାଇଥିଲା। ଗ୍ରାମବାସୀ



ଟ୍ରାକ୍ଟର ଯୋଗେ ମାଟି ଚାଲାଣ କରାଯାଉଛି।

### ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ବାରମ୍ବାର ଅଭିଯୋଗ କଲେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏଭଳି ଚାଲାଣ ହେଉଥିବା ଗ୍ରାମବାସୀ କହିଛନ୍ତି। ଶହ ଶହ ଟ୍ରିପ ମାଟି ଉଠାଯାଉଥିବାରୁ ସରକାରଙ୍କର ହଜାର ହଜାର ଟଙ୍କାର ରାଜସ୍ୱ ମଧ୍ୟ କ୍ଷତି ହେଉଛି। ଏ ନେଇ ତହସିଲଦାର ଶୁଭାଶିଷ ପାଲଟା କହିଛନ୍ତି, ଅଭିଯୋଗ ହେବାପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲି। ଯଦି କୌଣସି ପଦକ୍ଷେପ ନିଆଯାଇନି ତେବେ ପୁଣି ତଦାରଖ କରିବି ବୋଲି ସେ କହିଛନ୍ତି।

# କଟକଣାରେ ହେଲା ଖାଇଫୋଡ଼ ଯାତ୍ରା

ସାକ୍ଷୀଗୋପାଳ,୧୪।୪(ଡି.ଏନ.ଏ.)

ସାକ୍ଷୀଗୋପାଳର ଦାଣବିଦ୍ୟାଧରପୁର ଓ ଭିଁପୁର ଗ୍ରାମରେ ଚଳିତବର୍ଷ କରୋନା କଟକଣା ମଧ୍ୟରେ ଖାଇଫୋଡ ଯାତ୍ରା ଅନୁଷ୍ଠିତ ହୋଇଛି। ଶ୍ରଦ୍ଧାଳୁଙ୍କ ସମାବେଶକୁ ଏଡ଼ାଇବା ପାଇଁ ପ୍ରଶାସନ ଓ ଯାତ୍ରା ପରିଚାଳନା କମିଟି ପକ୍ଷରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ପାରମ୍ପରିକ ଖାଇଫୋଡ ଶେଷ କରାଯାଇଥିଲା। କମସଂଖ୍ୟକ ପାଟୁଆଙ୍କୁ ନେଇ କେବଳ ଫୋଡ ବିଧି କରାଯାଇଥିଲା। ଭିଁପୁରସ୍ଥିତ ମା'ଗଡଚଣ୍ଡୀଙ୍କ ମାଜଣା, ପଣାଭୋଗ, ଟାହିଆ, ଝୁଣାଧୂପ ଓ ଆଳତି ଲାଗି କରାଯିବା ପରେ ଘଣ୍ଟ, ମହୁରି, ଢ଼ୋଲ ବାଦ୍ୟର ତାଳେତାଳେ ପାଟୁଆମାନେ ଦେବୀଙ୍କ ନିକଟରୁ ଆଜ୍ଞାମାଳ ନେଇ ଲଳିତା ପୋଖରୀରେ ପିଠିରେ କଣ୍ଟା ଫୋଡ଼ାଇଥିଲେ। କେବଳ ବିଧି ଚଳାଇବା ନିମନ୍ତେ ପାଟୁଆମାନେ ୨୨ହାତ ଉଚ୍ଚ ଖାଇରେ ବୁଲିଥିଲେ। ସେହିପରି

### ନିର୍ଦ୍ଧାରିତ ସମୟ ପୂର୍ବରୁ ସରିଲା ଦେବନୀତି

ବିଦ୍ୟାଧରପୁର ମା' ବିନ୍ଧ୍ୟବାସିନୀଙ୍କ ମନ୍ଦିର ନିକଟରେ ଖାଇଫୋଡ ଯାତ୍ର ବିନା ଭକ୍ତରେ ସମ୍ପନ୍ନ ହୋଇଥିଲା। ଚାରିଭାୟା ପଡ଼ା, ଶ୍ରୀରାମଚନ୍ଦ୍ରପୁର ମାଧିତଳ, ବୀରଗୋବିନ୍ଦପୁର, ବଡହାଟ, ଅଠେଇଶ ଓ ରାୟଚକ୍ରଧରପୁର ଗ୍ରାମରେ ନିଆଁ ପାଟୁଆ ଅନୁରୂପ ଭାବରେ କରୋନା କଟକଣାରେ ହୋଇଯାଇଛି। ବ୍ଲକଛକ ବାଟମହାବୀରଙ୍କ ପ୍ରତିଷ୍ଠା ଉତ୍ସବ ଯଜ୍ଞ, ବୀରରାମଚନ୍ଦ୍ରପୁର ମଣିନାଗ ଦୁର୍ଗାଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ ପୂର୍ଣ୍ଣାହୁତି ହୋଇଯାଇଛି। ବିଦ୍ୟାଧରପୁରର ସଙ୍କଟମୋଚନ, ବଳପୁର ପଣ୍ଡାସାହି ମହାବୀର, ଯାଗା ମହାବୀର, ମଶାଣି ମହାବୀରଙ୍କ ପୀଠରେ ହନୁମାନ ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ପଣାଭୋଗ କରାଯାଇଥିଲା।

## ସଂକ୍ଷେପରେ

### ମନ୍ଦିର ବନ୍ଦ କରା ନ ଯାଉ : ସେବାୟତ ସଂଘ

ପୁରୀ ଅଫିସ,୧୪।୪: ଓଡ଼ିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ବୁଧବାର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କାର୍ଯ୍ୟକ୍ରମ ହୋଇଛି। ସଂଘର ସଦସ୍ୟମାନେ ବିଶ୍ୱକୁ କରୋନାରୁ ମୁକ୍ତି ପାଇଁ ପ୍ରାର୍ଥନା କରିଛନ୍ତି। ଏହାପରେ ସଂଘ ପକ୍ଷରୁ ରାଧାବଲ୍ଲଭ ମଠ ସମ୍ମୁଖରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶାରେ ମନ୍ଦିରଗୁଡ଼ିକୁ ବନ୍ଦ କରା ନ ଯିବାକୁ ଦାବି କରାଯାଇଛି। ପୂର୍ବ କଟକଣା ସମୟରେ ମନ୍ଦିରଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା। ସରକାର ସେବାୟତମାନଙ୍କ ଦାବି ଶୁଣି ନ ଥିଲେ। ତେବେ ବର୍ତ୍ତମାନ ମନ୍ଦିର ବନ୍ଦ ନ କରି ସରକାର କୋଭିଡ୍ କଟକଣାକୁ କଡ଼ାକଡ଼ି କରନ୍ତୁ। ମନ୍ଦିର ପରିସରରେ ମାସ୍କ, ସାନିଟାଇଜର ବ୍ୟବହାର ସହ ସାମାଜିକ ଦୂରତା ରକ୍ଷା ନେଇ ବାଧ୍ୟତାମୂଳକ କରାଯାଉ ବୋଲି ସଂଘର ସଦସ୍ୟମାନେ ଦାବି କରିଛନ୍ତି।

### ପଣାସଂକ୍ରାନ୍ତି, ଓଡ଼ିଆ ନବବର୍ଷ ପାଳିତ

ଅସ୍ତରଙ୍ଗ/କଣାସ,୧୪।୪ (ଡି.ଏନ୍.ଏ./ସ୍ୱ.ପ୍ର.)- ଅସ୍ତରଙ୍ଗସ୍ଥିତ ମା' ତାରିଣୀ ମନ୍ଦିରର ୧୬ତମ ବାର୍ଷିକ ଉତ୍ସବ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ମଙ୍ଗଳବାର ପ୍ରାଚୀ ନଦୀରୁ ଜଳ କଳସ ଯାତ୍ରା ପରେ ସନ୍ଧ୍ୟାରେ ଅଙ୍କୁରାରୋପଣ ହୋଇଥିଲା। ବୁଧବାର ସୂର୍ଯ୍ୟପୂଜା, ଚଣ୍ଡୀଯଜ୍ଞ, ଗୀତାଯଜ୍ଞ ସହ ପୂର୍ଣ୍ଣାହୂତି ପରେ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି ଆଖପାଖ ଗ୍ରାମରେ ଥିବା ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ପଣ୍ଡିତ ଧଡ ଭାଇନା, ଚିନ୍ତାମଣି ମିଶ୍ର, ପ୍ରତାପ କର, ପୂଜକ ଜଗବନ୍ଧୁ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଦୁଃଶାସନ ନାୟକ, ହରଷ ପରିଡ଼ା ପରିଚାଳନା କରିଥିଲେ। କଣାସ ତ୍ରିଲୋଚନପୁର ପଞ୍ଚାୟତର ନୂଆପଡା ଗ୍ରାମରେ ଓଡ଼ିଆ ନବବର୍ଷ ପାଳନ ଅବସରରେ ଓଡ଼ିଶୀ ନାମ ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ କରି ଗ୍ରାମ ବୁଲିଥିଲେ।

### ଦାଦାବଟି ମାଗି ଗିରଫ

ପୁରୀ ଅଫିସ, ୧୪।୪: ସମୁଦ୍ରକୂଳ ଥାନା ପୋଲିସ ଦାଦାବଟି ମାଗିବା ଓ ଆକ୍ରମଣ କରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ତାଳବଣିଆ ଥାନା ଅଧୀନ ସର୍ବୋଦୟ ନଗରର ତୁଷାରକାନ୍ତ କୋଠାରୀ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି।

# ଯୁବବର୍ଗଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପୁରୀ ଅଫିସ, ୧୪।୪

ସ୍ଥାନୀୟ ଯୁଥ୍ ହଷ୍ଟେଲରେ ବୁଧବାର ସୁଧା ଫାଉଣ୍ଡେଶନ ଏବଂ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଭାରତୀୟ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରକୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହରିହର ମିଶ୍ର ଉଦଘାଟନ କରିଥିଲେ। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ସହ ଏକ ବିକଶିତ ଭାରତ ଗଠନ ନେଇ ଆମ୍ବେଡକର ସ୍ମରଣୀୟ ରହିବେ ବୋଲି ସେ କହିଥିଲେ। ଅତିଥି ଭାବେ ଜିଲା ସମାଜ କଲ୍ୟାଣ ଅଧିକାରୀ ଚନ୍ଦ୍ରକାନ୍ତ ମାଝି, ଗାଳ୍ପିକ ବଦ୍ରି ମିଶ୍ର, କବୟିତ୍ରୀ ପ୍ରତିମା ମିଶ୍ର, ହରପ୍ରିୟା ସାହୁ, ବାଲୁକା ଶିଳ୍ପୀ ମାନସ ସାହୁ, ଚିତ୍ରଶିଳ୍ପୀ ଦୁର୍ଗାମାଧବ କର, ସନ୍ତୋଷ ଘଟୁଆରୀ, ଅନ୍ୱେଷଣ ସମ୍ପାଦିକା ଚାରୁବାଳା ଦାସ, ଶିଶୁ ସାହିତ୍ୟିକ ସତ୍ୟନାରାୟଣ ମିଶ୍ର ଏବଂ ସାମାଜିକ କର୍ମୀ ଅଦ୍ୱୈତ ଧଳ ଯୋଗଦେଇଥିଲେ। ଯୁବବର୍ଗଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ୪ଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ରଚନା ଓ ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ 'ସୁଧା' ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ପରିଚାଳନା କରିଥିଲେ।

## ପ୍ରଜ୍ଞାଜିତା, ଅମ୍ଳାନଙ୍କୁ ବିରଞ୍ଚି ଦାସ କ୍ରୀଡ଼ା ସମ୍ମାନ

ପୁରୀ ଅଫିସ,୧୪।୪

ଜୁଡ଼ୋ କୋଚ୍ ବିରଞ୍ଚି ଦାସଙ୍କ ୧୩ତମ ଶ୍ରାଦ୍ଧବାର୍ଷିକ ବୁଧବାର ଗାନ୍ଧୀ ସ୍ମୃତିପୀଠରେ ପାଳିତ ହୋଇଯାଇଛି। ବିରଞ୍ଚିଙ୍କ ଉଦ୍ୟମ ଯୋଗୁ ବହୁ ଉଦୀୟମାନ ଜୁଡ଼ୋ ଖେଳାଳି ସୃଷ୍ଟି ହୋଇଥିଲେ। ସେହିପରି ତାଙ୍କ ଅବଦାନ ପାଇଁ ବିସ୍ମୟ ବାଳକ ବୁଦ୍ଧିଆ ସିଂଙ୍କ ନାମ ଗିନିଜ ବୁକ୍ ଅଫ୍ ୱାଲ୍ଡ ରେକର୍ଡସରେ ସ୍ଥାନ ପାଇଥିଲା। ତାଙ୍କୁ ହରାଇ ରାଜ୍ୟ ଜୁଡ଼ୋ ଜଗତ ଏକ ବିରାଟ କ୍ଷତି ସହିଛି ବୋଲି ସାଧାରଣ ସମ୍ପାଦକ ସବ୍ୟସାଚୀ ରଥ କହିଛନ୍ତି। ଏହି ସଭାରେ ଜିଲା ଜୁଡ଼ୋ ଆସୋସିଏଶନ୍ ଉପଦେଷ୍ଟା ବରିନ୍ଦ୍ରନାଥ ସେନାପତି, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଓ ମନୋଜ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ସିନିୟର ସ୍ତରରେ ପ୍ରଜ୍ଞାଜିତା ସାହୁ ଓ ସବ୍‌ଜୁନିୟର ସ୍ତରରେ ଅମ୍ଳାନ ଶୁଭମ ସ୍ୱାଇଁଙ୍କୁ ବିରଞ୍ଚି ଦାସ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇଛି। ବିରଞ୍ଚିଙ୍କର ଏକ ତୈଳଚିତ୍ର ଉନ୍ମୋଚନ କରାଯାଇଥିଲା।

# ପ୍ରାଥମିକ ଚିକିତ୍ସା କେନ୍ଦ୍ର ଲୋକାର୍ପିତ

ପୁରୀ ଅଫିସ,୧୪।୪

ଶ୍ରୀମନ୍ଦିର ନିକଟରେ ବୁଧବାର ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସ୍ୱାସ୍ଥ୍ୟଜନିତ ଜରୁରିକାଳୀନ ସ୍ଥିତିରେ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ଆରମ୍ଭ କରାଯାଇଛି। ଦର୍ଶନ ନିମନ୍ତେ ଆସିଥିବା ୨ଜଣ ବୟୋଜ୍ୟେଷ୍ଠ ଶ୍ରଦ୍ଧାଳୁ ମାଟିଆ ସ୍ୱାଇଁ ଓ ରାଜୁ ଜେନାଙ୍କ ଦ୍ୱାରା ଏହି କେନ୍ଦ୍ର ଲୋକାର୍ପିତ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଓ ଉନ୍ନୟନ ପ୍ରଶାସକ

### ଶ୍ରଦ୍ଧାଳୁଙ୍କୁ ମିଳିବ ଚିକିତ୍ସା ସୁବିଧା

ଅଜୟ କୁମାର ଜେନାଙ୍କୁ ଖଣ୍ଡୁଆ ଦେଇ ସମ୍ମାନିତ କରାଯାଇଛି। ଉକ୍ତ ପ୍ରାଥମିକ ଚିକିତ୍ସା କେନ୍ଦ୍ର ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଠାରେ ଦୁଇଟି ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀମାନେ କାମ କରିବେ। ଜରୁରିକାଳୀନ ସ୍ଥିତି ପାଇଁ ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ ଉପଲବ୍ଧ ହେବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏନେଇ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବେ। ସେହିଭଳି ରୋଗୀଙ୍କୁ ତୁରନ୍ତ ସ୍ଥାନାନ୍ତର ପାଇଁ ୨ଟି ଆମ୍ବୁଲାନ୍ସ ରହିବ।

# ଆମ୍ବେଡକରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଖୋର୍ଦ୍ଧା ଅଫିସ,୧୪।୪

ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ପରିବାର ପକ୍ଷରୁ ଆମ୍ବେଡକରଙ୍କ ୧୩୦ତମ ଜୟନ୍ତୀ ଜାନକୀବଲ୍ଲଭ ପଟ୍ଟନାୟକ ପାର୍କରେ ପାଳିତ ହୋଇଛି। ଅନୁଷ୍ଠାନର ଆବାହକ ମୋହନ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ମଧୁସୂଦନ ଦାସ ମୁଖ୍ୟଅତିଥି, ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ସାମାଜିକ କର୍ମୀ ପ୍ରକାଶ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ନାରାୟଣ ରାଓ, ବରିଷ୍ଠ ଖବରଦାତା ପଦ୍ମନାଭ ବିଶ୍ୱାଳ ଏବଂ ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥିଙ୍କୁ ଆମ୍ବେଡକର ସମ୍ମାନ ପ୍ରଦାନ କରାଯାଇଛି।

ଖୋର୍ଦ୍ଧାନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ଲମ୍ବୋଦର ଦାଶ ଯୋଗଦେଇଥିଲେ। ନଗର କାର୍ଯ୍ୟବାହ ଆଦିତ୍ୟ ମହାରଣା, ବ୍ୟବସ୍ଥା ପ୍ରମୁଖ ପ୍ରଶାନ୍ତ ବେହେରା, ଶାରିରୀକ ପ୍ରମୁଖ ମହିନ୍ଦ୍ର ସିଂ, ଓମ୍‌ପ୍ରକାଶ ମହାନ୍ତି, କେଦାରନାଥ ପାତ୍ର, ପବିତ୍ର ପଣ୍ଡା ଉପସ୍ଥିତ ଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ନଗର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନଗର ସମ୍ପାଦକ ଲଳିତ ମୋହନ ବଡ଼ଜେନା, ଅଭିଷେକ ସେଠୀ, ଧନେଶ୍ୱର ସାମନ୍ତରାୟ, ରାଜେଶ୍ ରଣା, ଶୁଭ୍ରସେନ ଆଚାର୍ଯ୍ୟ, ପ୍ରଶାନ୍ତ ସାହୁ, ଶାନ୍ତନୁ ନାୟକ, ଅମ୍ବି ଦାସ, ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲା ସିପିଆଇ(ଏମ୍) ପକ୍ଷରୁ ଆମ୍ବେଦକର ଜୟନ୍ତୀ କାର୍ଯ୍ୟକ୍ରମରେ ଶିକ୍ଷକ ନେତା କିଶୋର ପରମଗୁରୁ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଆଇନଜୀବୀ ବିଚିତ୍ର ବଡଜେନା, ଶିଶିର ପରିଡା, ଅଶୋକ ପ୍ରଧାନ, ଶୈଳେଶ ବଳିଆରସିଂ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦୟା ସାହିତ୍ୟ ସଂସଦର ବିଷୁବ ମିଳନ




ବିଷୁବ ମିଳନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କଣାସ ,୧୪।୪(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ କଣାସରେ ଥିବା କଣାସ ମହାବିଦ୍ୟାଳୟ ପରିସରରେ ପଣା ସଂକ୍ରାନ୍ତି ଅବସରରେ ଦୟା ସାହିତ୍ୟ ସଂସଦ କଣାସ ତରଫରୁ ଅଞ୍ଚଳର ବରିଷ୍ଠ ଓ କନିଷ୍ଠ ସାରସ୍ୱତ ସାଧକମାନଙ୍କୁ ନେଇ ଏକ କବିତା ପାଠ ଉତ୍ସବ ସଂଗ୍ରାମ କେଶରୀ ବଳିୟାରସିଂହ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟଭୂଷଣ ପ୍ରଶାନ୍ତ କୁମାର ରଚିତ ଗୀତିନାଟ୍ୟ ଲକ୍ଷ୍ମଣରେଖା ଉନ୍ମୋଚିତ ହୋଇଥିଲା। ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅଧ୍ୟାପକ ଓ ଔପନାସିକ ସୁନୀଲ ମିଶ୍ର, କବି ଅଧିକାରୀ ସ୍ୱାଇଁ ଯୋଗଦେଇ କବିତାପାଠଗୁଡିକ ସମୀକ୍ଷା କରିଥିଲେ। ଅଞ୍ଚଳର ବରିଷ୍ଠ ସାରସ୍ୱତ ସାଧକ ବିଭୂତି ଭୂଷଣ ପଟ୍ଟନାୟକ, କବି ଅଜୟ ସେଠୀ, ପୁରୁଷୋତ୍ତମ ଜେନା, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ସଚ୍ଚିକାନ୍ତ ପ୍ରଧାନ, ଲିଙ୍ଗରାଜ ମହାପାତ୍ର, ଅକ୍ଷୟ ସାହୁ, ନିରଞ୍ଜନ ଜେନା, ଶରତଚନ୍ଦ୍ର ମହାପାତ୍ର, ରତ୍ନାକର ରାଉତ, ଅନାଦି ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସି ମୃତ୍ୟୁଞ୍ଜୟ ଦକ୍ଷିଣରାୟ ସଂଯୋଜନା କରିଥିବା ବେଳେ ଜିତେନ୍ଦ୍ର ପେଣ୍ଠୋଇ, ସମିତି ସଭ୍ୟ ଲଲାଟକେଶରୀ ନିଶଙ୍କ, ତୁଷାରକାନ୍ତ ଚମ୍ପତିଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ଶିକ୍ଷକ ସୁଶାନ୍ତ ନରେନ୍ଦ୍ର ଧନ୍ୟବାଦ ଦେଇଥିଲେ।

## ନିମାପଡ଼ାରୁ ଅପହୃତା ନାବାଳିକା ପଞ୍ଚାମୁଣ୍ଡାଇରୁ ଉଦ୍ଧାର

ନିମାପଡ଼ା,୧୪।୪(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ବାଳିକାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ସୋମବାର ଚାନ୍ଦବାଲି ଥାନାଅଞ୍ଚଳର ଜଣେ ଯୁବକ ସହଯୋଗୀଙ୍କ ସହ ମିଶି ଏକ କାର୍ ଯୋଗେ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ.୧୩୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ନାବାଳିକାଙ୍କୁ ଅପହରଣ କରି ଯୁବକ ଜଣକ ଚାନ୍ଦବାଲି ନେବା ବେଳେ ପଞ୍ଚାମୁଣ୍ଡାଇ ଥାନା ପୋଲିସ ସନ୍ଦେହରେ କାର୍‌କୁ ଅଟକାଇ ୪ଜଣଙ୍କୁ ଅଟକ ରଖି ପଚରାଉଚରା ପରେ ନିମାପଡ଼ା ପୋଲିସକୁ ଜଣାଇଥିଲା। ଖବରପାଇ ନିମାପଡ଼ା ଥାନା ପୋଲିସ ପଞ୍ଚାମୁଣ୍ଡାଇରେ ପହଞ୍ଚି ଅପହୃତା, ଅପହରଣକାରୀ, ତା'ର ସହଯୋଗୀ ଓ କାର୍ ଚାଳକଙ୍କୁ ନିଜ ହେପାଜତକୁ ନେବା ସହ ନଂ.ଓଡି ୨୨ଏମ ୯୭୪୫ କାର୍‌କୁ ଜବତ କରିଛି। ଅନ୍ୟପଟେ ଅପହୃତା ନାବାଳିକା ଓ ଅପହରଣକାରୀ ଯୁବକ ଉଭୟର ପରିବାର ଲୋକଙ୍କୁ ଡକାଇ ସମାଧାନ ପାଇଁ ଉଦ୍ୟମ ଚଳାଇଛି।

# ଖୋଲା ହୃଦୟର ମଣିଷ ଥିଲେ ଅଜିତ

ପିପିଲି/ଡେଲାଙ୍ଗ, ୧୪।୪ (ସ୍ୱ.ପ୍ର./ଡି.ଏନ.ଏ)

ପିପିଲି ଉପନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ବିୟୋଗରେ ସବୁଠି ଶୋକର ଛାୟା ଖେଳିଯାଇଛି। ଡେଲାଙ୍ଗ ଆଙ୍କୋଇଠାରେ ଥିବା ତାଙ୍କ ବାସଭବନରେ କଂଗ୍ରେସ, ଭାଜପା ଓ ବିଜେଡି ନେତାମାନେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ସ୍ପଷ୍ଟବାଦୀ, ମେଳାପି, ଖୋଲା ହୃଦୟର ବ୍ୟକ୍ତିତ୍ୱ ଥିଲେ କାବୁ ଭାଇ (ଅଜିତ୍ ମଙ୍ଗରାଜ)। କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ବିଧାୟକ ମୋହନ ମାଝୀ, ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ପ୍ରମୁଖ ତାଙ୍କ ବାସଭବନକୁ ଯାଇ ସମବେଦନା ଜଣାଇଛନ୍ତି। ଅଜିତଙ୍କ ବିୟୋଗ ରାଜ୍ୟ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେମାନେ କହିଛନ୍ତି। ସାତଶଙ୍ଖସ୍ଥିତ ଭାଜପା ଦଳୀୟ କାର୍ଯ୍ୟାଳୟରେ ଅଜିତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରାଜ୍ୟ କଂଗ୍ରେସ ମହିଳା ସମ୍ପାଦିକା ନିରୁପମା ପାତ୍ର କହିଛନ୍ତି, ବିକାଶର ପ୍ରସଙ୍ଗ ନେଇ ଅଞ୍ଚଳରେ ସୁଶାସନ କରିବା ପାଇଁ କାବୁ ଭାଇ ମନ ବଳାଇ ଥିଲେ। କିନ୍ତୁ ସମସ୍ତ କଂଗ୍ରେସ କର୍ମୀଙ୍କୁ ଗୋଟିଏ ସୂତାରେ ଆପଣେଇ ଥିବା ବ୍ୟକ୍ତିଙ୍କୁ ଭଗବାନ ନିଜ କୋଳକୁ ନେଇଗଲେ। ଡେଲାଙ୍ଗ ବ୍ଲକ୍ କଂଗ୍ରେସ ସଭାପତି ରବୀନ୍ଦ୍ର ଦାସ, ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର, ସହକର୍ମୀ ନିର୍ମଳ ପରିଡ଼ା, ପୂର୍ଣ୍ଣ ସ୍ୱାଇଁ, ଲକ୍ଷ୍ମୀଧର ପ୍ରଧାନ, ଟିକନ ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ସିପିଏମ୍ ନେତା ଅଶୋକ ପ୍ରଧାନ, ଦୁର୍ଗାଚରଣ ରାଉତରାୟ, ଆଇନଜୀବୀ ଭୀମସେନ ପ୍ରଧାନ, ସତ୍ୟବାଦୀ ସ୍ୱାଇଁ ପ୍ରମୁଖ ଅଜିତ୍‌ଙ୍କ ମୃତ୍ୟୁରେ ଅତ୍ୟନ୍ତ ମର୍ମାହତ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଡେଲାଙ୍ଗ ଥାନା ଅଧୀନ ଆଙ୍କୋଇ ମୋଟରୀ ଅଞ୍ଚଳର ବାଳକୃଷ୍ଣ ମଙ୍ଗରାଜଙ୍କ ପୁତ୍ର ଅଜିତ୍ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ରିଏଲ ଇଷ୍ଟେଟ୍ ବ୍ୟବସାୟରେ ସମ୍ପୃକ୍ତ ଥିଲେ। ସେ ୨୦୧୪ରେ ଭାଜପା ଓ ୨୦୧୯ରେ କଂଗ୍ରେସ ଟିକେଟରେ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ହୋଇଥିଲେ। ଚଳିତ ଉପନିର୍ବାଚନରେ କଂଗ୍ରେସ ପୁଣି ତାଙ୍କୁ ପ୍ରାର୍ଥୀ କରିଥିଲା।

# ନିଆଁରେ ଚାଲିଲେ ପାଟୁଆ, କୁସ୍ତି କଲେ ଆଖଡ଼ା ସଦସ୍ୟ

### ଶ୍ରୀମନ୍ଦିରରେ ବିଷୁବ ସଂକ୍ରାନ୍ତି

ପୁରୀ ଅଫିସ,୧୪।୪

ଶ୍ରୀକ୍ଷେତ୍ରରେ ବୁଧବାର ଶ୍ରୀମନ୍ଦିର ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଘର ଚଉଁରା ମୂଳରେ ନଡ଼ିଆପତ୍ରରେ ଛାମୁଣ୍ଡିଆ ବନ୍ଧାଯାଇ ମା' ବୃନ୍ଦାବତୀଙ୍କୁ ପଣା ଓ ଛତୁଆ ଭୋଗ ଅର୍ପଣ କରାଯାଇଥିଲା। ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ସକାଳଧୂପ ପରେ ପାଳିଆ ପୂଜାପଣ୍ଡା ସାମନ୍ତ ରତ୍ନସିଂହାସନ ପାଖକୁ ଯାଇ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣିଥିଲେ। ଘଣ୍ଟ, ଛତା, କାହାଳୀ ସହ ଆଜ୍ଞାମାଳକୁ ପୂଜାପଣ୍ଡା ସାମନ୍ତ ପ୍ରଥମେ ଶ୍ରୀମନ୍ଦିର ଭିତରବେଢା ପରିସରସ୍ଥ ହନୁମାନଙ୍କ ବିଗ୍ରହରେ ପ୍ରଦାନ କରିଥିଲେ। ପରେ ଜଗନ୍ନାଥବଲ୍ଲଭ ଓ ଚକ୍ରତୀର୍ଥ ରୋଡସ୍ଥିତ ବେଡି ହନୁମାନ ସମେତ ଶ୍ରୀମନ୍ଦିର ସହ ଜଡିତ ଥିବା ସହରର ବିଭିନ୍ନ ମହାବୀରଙ୍କୁ ଏହି ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିରରେ ସର୍ବାଙ୍ଗ ନୀତି ବଢ଼ିବା ପରେ ଦକ୍ଷିଣୀଘରୁ ପ୍ରଭୁ ହନୁମାନଙ୍କୁ ରତ୍ନସିଂହାସନ ନିକଟକୁ ବିଜେ କରାଯାଇଥିଲା। ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ ପରେ ସେବକଙ୍କ ଗହଣରେ ଶ୍ରୀମହାବୀର ପାଲିଙ୍କିରେ ଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ବିଭିନ୍ନ ନୀତି ସମ୍ପନ୍ନ ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସେହିପରି ଶ୍ରୀମନ୍ଦିର ସହ ଜଡ଼ିତ ଜାଗା ଆଖଡ଼ାଗୁଡ଼ିକରୁ ମହାବୀରଙ୍କ ପ୍ରତୀକ ନିଶାମ ବାହାରି ବଡଦେଉଳ ଚାରିପାଖ ପରିକ୍ରମା କରିବାର ବିଧି ରହିଥିବାବେଳେ ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ଜାଗାଘର ପରିସରରେ ନୀତି ଅନୁଷ୍ଠିତ ହୋଇଥିଲା। ମହାବୀରଙ୍କ ନିକଟରେ ସରଞ୍ଜାମ ପୂଜା ଓ ନୂତନ ବସ୍ତ୍ର ଲାଗିକରାଯିବା ପରେ ଜାଗା ଆଖଡ଼ାର ସଦସ୍ୟମାନେ ପରମ୍ପରା ମୁତାବକ କୁସ୍ତି ଖେଳିଥିଲେ। ମା' ଝାଡ଼େଶ୍ୱରୀ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ପାଟୁଆମାନେ ନିଆଁରେ ଚାଲିବା ସହ ହଳଦି ପାଣିରେ ଗୋଡ଼ ଧୋଇ ମା'ଙ୍କ ପ୍ରସାଦ ପାଇ ବ୍ରତ ସମାପନ କରିଥିଲେ।



ମହାବୀର ଜୟନ୍ତୀ ଅବସରରେ ଆଖଡ଼ା ସଦସ୍ୟମାନେ କୁସ୍ତି କରୁଛନ୍ତି।

